R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୨୯
ତିଥି: ଦଶମୀ
୨୫ ମେ ୨୦୨୬, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 229
25 May 2026, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur


## Admissions open for CHSE, CBSE (XI), NEET & JEE -2026-27

# TETRAHEDRON GROUP OF INSTITUTIONS

TANGI, CUTTACK : 8093064522, 8093064525, 7008222977

CONGRATULATIONS

594
BARSHA
R. No. : 321CZ014
M. : 9937812604

## OUR CHSE RESULT -2026

593 SUBHASHREE R. No. : 321CZ052 M. : 8658788702
592 KUMKUM R. No. : 321CZ002 M. : 7749846746
592 SAI SWAROOPA R. No. : 321CZ016 M. : 9658406332
592 PRANGYA R. No. : 321CZ541 M. : 9853131639
590 ARPITA R. No. : 321CZ007 M. : 8144980060
590 ANKITA R. No. : 321CZ036 M. : 8249460797
589 BARSARANI R. No. : 321CZ544 M. : 6372745224
588 RAJALAXMI R. No. : 321CZ012 M. : 8270795476
588 ABHIPSHA R. No. : 321CZ045 M. : 6371397039

588 KAMAL KIRAN R. No. : 312CZ004 M. : 7606902119
588 NIRMALA PRAVAT R. No. : 312CZ028 M. : 9938719292
588 RAJESH R. No. : 312CZ037 M. : 7205415008
587 GURU PRASAD R. No. : 312CZ026 M. : 9668089772
587 GOPIKRISHNA R. No. : 312CZ033 M. : 9348058600
586 GYANTI PRANGYA R. No. : 321CZ010 M. : 9861094501
587 JAHNAVI R. No. : 321CZ028 M. : 9871735028
586 PREETI LAGNA R. No. : 321CZ038 M. : 9437608832
586 TARANJEET R. No. : 321CZ018 M. : 8895124986
586 SOUMYA RANJAN R. No. : 312CZ022 M. : 6372159942

586 SUBHAM R. No. : 312CZ131 M. : 9726267196
585 TANUSHREE R. No. : 321CZ017 M. : 7849056961
585 KALPITA R. No. : 321CZ023 M. : 9437655026
585 IPSITA R. No. : 321CZ027 M. : 8917375068
584 SWAYANSMITA R. No. : 321CZ019 M. : 8457017722
584 SARTHAK R. No. : 312CZ005 M. : 9438308673
582 JINGYASHA R. No. : 321CZ018 M. : 9658280574
582 HANSIKA R. No. : 321CZ024 M. : 8260251210
582 ASSIMA R. No. : 321CZ042 M. : 9237525958
582 SIPRA PRIYADARSINI R. No. : 321CZ128 M. : 9938807694

582 SAI NIBEDITA R. No. : 321CZ317 M. : 9437605001
582 SUBHENDU R. No. : 321CZ135 M. : 9692403471
581 SUSHREE SUBHADARSHINEE R. No. : 321CZ026 M. : 7846811676
581 SWETAPADMA R. No. : 321CZ529 M. : 8144301095
581 SATYAM SUBHADARSHI R. No. : 312CZ002 M. : 9437124945
581 HARA PRASAD R. No. : 312CZ113 M. : 9938020989
580 BHASWATI R. No. : 321CZ005 M. : 9668539462
580 MANISKA R. No. : 321CZ008 M. : 9348911032
580 ANKITA R. No. : 321CZ055 M. : 9178406322
580 NIRLIPTA R. No. : 321CZ092 M. : 8763320310
580 JAYA PRAKASH R. No. : 312CZ016 M. : 9668480067

## OUR CHSE RESULTS -2026

| Above 98% | Above 95% | Above 560 | Above 90% | Above 89% | Above 88% |
|---|---|---|---|---|---|
| 13 STUDENTS | 95 STUDENTS | 163 STUDENTS | 315 STUDENTS | 367 STUDENTS | 412 STUDENTS |

| Above 85% | Above 80% | Above 75% | Above 70% | Above 60% |
|---|---|---|---|---|
| 558 STUDENTS | 774 STUDENTS | 948 STUDENTS | 1066 STUDENTS | 1144 STUDENTS |

## OUR CHSE RESULTS -2025

| Above 95% | Above 560 | Above 90% | Above 89% | Above 88% |
|---|---|---|---|---|
| 14 STUDENTS | 51 STUDENTS | 199 STUDENTS | 236 STUDENTS | 285 STUDENTS |

| Above 500 | Above 80% | Above 75% | Above 70% | Above 60% |
|---|---|---|---|---|
| 536 STUDENTS | 714 STUDENTS | 902 STUDENTS | 1023 STUDENTS | 1120 STUDENTS |

2025 : 127 MBBS ADMISSIONS
2024 : 71 MBBS ADMISSIONS
2023 : 54 MBBS ADMISSIONS

## OUR INCREDIABLE ACHIEVERS IN AIIMS

SUSHREE SANGITA MOB. : 9810975701 AIIMS DELHI (2021)
KAMALAKANTA Mob. : 8249906661 AIIMS BBSR(2024)
RAHUL M. : 6372741832 AIIMS RAIPUR(2024)
OMM PRAKASH M. : 6372521307 AIIMS GORAKHPUR(2024)
SWAGATIKA M. : 7381845430 AIIMS GORAKHPUR(2024)

DEVASIS SAHOO Mob. : 9861492793 AIIMS BBSR(2021)
ASHIRBAD BISWAL Mob. : 7846821473 AIIMS GORAKHPUR(2023)
ANUPAM NAYAK Mob. : 7205755502 AIIMS KALYANI (2023)
ADITYA NARAYAN M. : 8260333635 AIIMS MADURAI(2024)
SATYAJIT NAYAK Mob. : 8260601336 AIIMS RAIPUR(2022)

SOURAV RANJAN Mob. : 9337135920 AIIMS KALYANI(2025)
AMIT ANSUMAN Mob. : 8260552053 AIIMS KALYANI(2025)
G.S. TANISHA Mob. :6370203229 AIIMS KALYANI(2025)
SOUMYA RANJAN Mob. : 9853490176 AIIMS DEOGHAR(2025)
ASHUTOSH Mob. : 9438110102 AIIMS BBSR (2025)

★ One Year NEET Batch start's from 1st June/25th June 2026

★ For NEET Admission Visit Our Website NEET : www.tetrahedroncoaching.com Tetrahedron Tangi Tetrahedrongroup

# ହିଟ୍ ଏଡେମା

ଗ୍ରୀଷ୍ମ ଋତୁରେ ଅନେକ ସମୟରେ ହାତ ଓ ଗୋଡ଼ ଫୁଲିଯାଉଥିବା ବେଳେ ଅଧିକାଂଶ ଲୋକ ଏହାକୁ ସାଧାରଣ ଭାବି ଅଣଦେଖା କରିଦିଅନ୍ତି, ହେଲେ ଏହା 'ହିଟ୍ ଏଡେମା' ର ସଙ୍କେତ ହୋଇପାରେ । ପ୍ରକୃତରେ ଅତ୍ୟଧିକ ଗରମ ଯୋଗୁଁ ଶରୀର ନିଜକୁ ଥଣ୍ଡା ରଖିବା ପାଇଁ ରକ୍ତବାହୀ ନଳୀଗୁଡ଼ିକୁ ପ୍ରସାରିତ କରିଥାଏ , ଯାହାକୁ ଭେସୋଡାଇଲେସନ୍ କୁହାଯାଏ । ଫଳରେ କ୍ୟାପିଲାରୀରୁ କିଛି ତରଳ ପଦାର୍ଥ ବାହାରି ଆଖପାଖର ଟିସୁରେ ଜମା ହୋଇଯାଏ ଏବଂ ମାଧ୍ୟାକର୍ଷଣ ଶକ୍ତି ଯୋଗୁଁ ଗୋଡ଼, ଗୋଡ଼ର ଗଣ୍ଠି କିମ୍ବା ହାତରେ ହାଲୁକା ଫୁଲା ଓ ଭାରୀପଣ ଦେଖାଦେଇଥାଏ । ସାଧାରଣତଃ ଏହି ସମସ୍ୟା ବିପଜ୍ଜନକ ନୁହେଁ ଏବଂ ଥଣ୍ଡା ଜାଗାରେ ବିଶ୍ରାମ ନେଲେ, ଗୋଡ଼କୁ ଉପରକୁ ଟେକି ରଖିଲେ କିମ୍ବା ଲୁଣ ଖାଇବା କମାଇଲେ ଏହା ଆପେ ଆପେ ଠିକ୍ ହୋଇଯାଏ । ମାତ୍ର ଯଦି ଏହି ସମସ୍ୟା ବାରମ୍ବାର ହୁଏ କିମ୍ବା ଗରମ ନଥାଇ ମଧ୍ୟ ଦେଖାଯାଏ, ତେବେ ଏହା ହୃଦ୍‌ରୋଗ, କିଡନୀ ଜନିତ ସମସ୍ୟା, ଲିଭର୍ ରୋଗ କିମ୍ବା ହରମୋନାଲ୍ ଅସନ୍ତୁଳନ ଭଳି କୌଣସି ଗମ୍ଭୀର ଆଭ୍ୟନ୍ତରୀଣ ରୋଗର ସଙ୍କେତ ହୋଇପାରେ । ବିଶେଷ କରି ଗରମ ଓ ଆଦ୍ର ପରିବେଶରେ ରହୁଥିବା ଲୋକ, ଗର୍ଭବତୀ ମହିଳା, ବୃଦ୍ଧବୃଦ୍ଧା ଏବଂ ଅଧିକ ସମୟ ଛିଡ଼ା ହୋଇ କାମ କରୁଥିବା ଲୋକଙ୍କ କ୍ଷେତ୍ରରେ ଏହାର ବିପଦ ଅଧିକ ଥାଏ । ତେଣୁ ଯଦି ଫୁଲା ସହିତ ପ୍ରବଳ ଯନ୍ତ୍ରଣା ହୁଏ, ଚର୍ମ ନାଲି ପଡ଼ିଯାଏ, ନିଶ୍ୱାସ ନେବାରେ କଷ୍ଟ ହୁଏ କିମ୍ବା ପରିସ୍ରା କମ୍ ହୁଏ, ତେବେ ବିଳମ୍ବ ନକରି ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରିବା ଉଚିତ୍ ।



### ଲକ୍ଷଣ

- ପାଦ, ଗୋଡ଼ର ଗଣ୍ଠି , ଗୋଡ଼ର ତଳ ଅଂଶ, ହାତ ଏବଂ ଆଙ୍ଗୁଠିଗୁଡ଼ିକ ଫୁଲିଯାଇଥିବା ଭଳି ଦେଖାଯାଏ ।
- ପ୍ରଭାବିତ ହାତ ଓ ଗୋଡ଼ ଓଜନିଆ ଲାଗେ ଏବଂ ଚାଲିବା ବା ଚଳପ୍ରଚଳ କରିବାରେ ସାମାନ୍ୟ କଷ୍ଟ ହୁଏ ।
- ଫୁଲିଥିବା ସ୍ଥାନର ଚର୍ମ ଅଧିକ ଟାଣି ହେଲା ଭଳି ଲାଗେ ଏବଂ ସେହି ସ୍ଥାନଟି ଚମକିଲା ଭଳି ଦେଖାଯାଏ ।
- ଯଦି ଆପଣ ଫୁଲିଥିବା ସ୍ଥାନକୁ ଆଙ୍ଗୁଠିରେ କିଛି ସେକେଣ୍ଡ ପାଇଁ ଜୋରରେ ଚାପିବେ, ତେବେ ସେଠାରେ ଏକ ଗାତ ବା ଚିହ୍ନ ବସିଯାଏ ଏବଂ ତାହା ଧୀରେ ଧୀରେ ପୂର୍ବ ଅବସ୍ଥାକୁ ଫେରେ ।
- ହଠାତ୍ ଜୋତା, ମୋଜା, ହାତର ମୁଦି କିମ୍ବା ଘଣ୍ଟା ଅଧିକ ଟାଇଟ ହେଲା ଭଳି ଲାଗେ ଏବଂ ଚର୍ମରେ ଗଭୀର ଦାଗ ବସିଯାଏ ।

### ଟିପ୍ସ

- ଗୋଟିଏ ଜାଗାରେ ସ୍ଥିର ହୋଇ ରହିବା ଦ୍ୱାରା ମାଧ୍ୟାକର୍ଷଣ ଯୋଗୁଁ ତରଳ ପଦାର୍ଥ ଗୋଡ଼ରେ ଜମା ହୋଇଯାଏ । ତେଣୁ ଗୋଟିଏ ସ୍ଥାନରେ ଅଧିକ ସମୟ ପାଇଁ ବସନ୍ତୁ ନାହିଁ ।
- ଯଦି ଆପଣଙ୍କର ବସିବା ବା ଛିଡ଼ା ହେବା ଚାକିରି, ତେବେ ପ୍ରତି ଘଣ୍ଟାରେ କିଛି ମିନିଟ୍ ଚାଲନ୍ତୁ ଏବଂ ପାଦର ଗଣ୍ଠିକୁ ଗୋଲ୍ ଗୋଲ୍ ବୁଲାଇ ବ୍ୟାୟାମ କରନ୍ତୁ, ଯାହା ଦ୍ୱାରା ରକ୍ତ ସଞ୍ଚାଳନ ଠିକ୍ ରହିବ ।
- ଯେତେବେଳେ ବି ଆପଣ ବିଶ୍ରାମ ନେଉଛନ୍ତି କିମ୍ବା ଶୋଉଛନ୍ତି, ଗୋଡ଼ ତଳେ ୨-୩ଟି ତକିଆ ରଖି ପାଦକୁ ସାମାନ୍ୟ ଉପରକୁ ଟେକି ରଖନ୍ତୁ । ଏହା ଦ୍ୱାରା ଜମା ହୋଇଥିବା ତରଳ ପଦାର୍ଥ ସହଜରେ ତଳକୁ ଖସିଆସେ ।
- ଶରୀରରେ ପର୍ଯ୍ୟାପ୍ତ ପାଣି ରହିଲେ ତାହା ଶରୀରରୁ ବାହାରେ ଥିବା ଅତିରିକ୍ତ ସୋଡିୟମ୍ ଏବଂ ଫ୍ଲୁଇଡ୍‌କୁ ଫ୍ଲସ୍ ଆଉଟ୍ କରିବାରେ ସାହାଯ୍ୟ କରେ । ତେଣୁ ପାଣି ଅଧିକ ପିଅନ୍ତୁ ଏବଂ ଖାଦ୍ୟରେ ମଧ୍ୟ ଧ୍ୟାନ ଦିଅନ୍ତୁ । ଘରୋଇ ଖାଦ୍ୟ ଖାଆନ୍ତୁ । ଲୁଣ କମ ଖାଆନ୍ତୁ ।
- ପ୍ରବଳ ଖରା ବା ଗରମକୁ ଯାଆନ୍ତୁ ନାହିଁ । ଏସି କିମ୍ବା ଭଲ ପବନ ଆସୁଥିବା ଛାଇ ଜାଗାରେ ସମୟ ବିତାନ୍ତୁ । ଏହାସହ ଅଧିକ ଟାଇଟ୍ ପୋଷାକ, ଜିନ୍ସ କିମ୍ବା ଟାଇଟ ହେଉଥିବା ମୋଜା ପିନ୍ଧନ୍ତୁ ନାହିଁ । ଏହା ରକ୍ତ ସଞ୍ଚାଳନକୁ ବାଧା ପହଞ୍ଚାଏ ।



# ଖରାରେ ରଖନ୍ତୁ ଗ୍ୟାଜେଟ୍ସର ଧ୍ୟାନ

ବର୍ତ୍ତମାନ ପ୍ରଚଣ୍ଡ ରୌଦ୍ରତାପ ଏବଂ ଖରା ଦେଖିବାକୁ ମିଳୁଛି, ଯେଉଁ କାରଣରୁ ବାୟୁମଣ୍ଡଳର ତାପମାତ୍ରା ପ୍ରାୟ ୪୫ ଡିଗ୍ରୀ ଟପୁଥିବା ଦେଖିବାକୁ ମିଳୁଛି । ତେବେ ଏହା କେବଳ ମଣିଷ ନୁହେଁ, ବରଂ ଆମର ନିତ୍ୟବ୍ୟବହାର୍ଯ୍ୟ ଇଲେକ୍ଟ୍ରୋନିକ୍ ଗ୍ୟାଜେଟ୍ସ ଯେପରିକି ମୋବାଇଲ୍, ଲାପଟପ୍, ଇଅରବଡ୍ସ ଏବଂ ପାୱାର ବ୍ୟାଙ୍କ ଉପରେ ମଧ୍ୟ ଗମ୍ଭୀର ପ୍ରଭାବ ପକାଉଛି । ଯାହାଫଳରେ ଏଗୁଡ଼ିକ ଅତିଶୀଘ୍ର ଓଭରହିଟ୍ ବା ଅତ୍ୟଧିକ ଗରମ ହୋଇ ବ୍ୟାଟେରୀ ନଷ୍ଟ ହେବା, କାର୍ଯ୍ୟଦକ୍ଷତା କମିଯିବା କିମ୍ବା ହଠାତ୍ ଡିଭାଇସ୍ ବନ୍ଦ ହୋଇଯିବା ଭଳି ସମସ୍ୟା ଦେଖାଦେଉଛି । ତେବେ ବିଶେଷଜ୍ଞଙ୍କ ମତ ଅନୁସାରେ ଶକ୍ତିର ସଂରକ୍ଷଣ ନିୟମ ଆଧାରରେ ଯେତେବେଳେ ଆମେ ଫୋନ୍ ବ୍ୟବହାର କରୁ, ବ୍ୟାଟେରୀରେ ଗଚ୍ଛିତ ଶକ୍ତି ହିଟ୍‌ରେ ପରିଣତ ହୋଇଥାଏ । କିନ୍ତୁ ଗ୍ରୀଷ୍ମଋତୁରେ ବାହାରର ତାପମାତ୍ରା ଅଧିକ ଥିବାରୁ ଏହି ଉତ୍ତାପ ବାୟୁମଣ୍ଡଳକୁ ସହଜରେ ସ୍ଥାନାନ୍ତରିତ ହୋଇପାରେନାହିଁ । ଯେଉଁଥିପାଇଁ ବିଶେଷ କରି ବ୍ୟାଟେରୀ ଏବଂ ପ୍ରୋସେସର୍‌ର ମିଶ୍ରଣ ଥିବା ଗ୍ୟାଜେଟ୍ସଗୁଡ଼ିକ ଅଧିକ ଗରମ ହେବାର ଆଶଙ୍କା ଥାଏ । ଏହି ଓଭରହିଟିଂ ସମସ୍ୟାରୁ ବର୍ତ୍ତିବା ପାଇଁ ଫୋନ୍‌ର ସେଟିଂସରେ କିଛି ଗୁରୁତ୍ୱପୂର୍ଣ୍ଣ ବଦଳ କରାଯାଇପାରିବ, ଯେପରିକି ସ୍କ୍ରିନ୍ ବ୍ରାଇଟନେସ୍ କମ୍ ରଖିବା, ଆବଶ୍ୟକ ନଥିଲେ ରିଫ୍ରେଶ୍ ରେଟ୍‌କୁ 60Hz ରେ ସେଟ୍ କରିବା, ଜିପିଏସ୍/ଲୋକେସନ, ବ୍ଲୁଟୁଥ୍ ଏବଂ ନିୟରବାଇ ସ୍କାନିଂ ଭଳି ସେବାଗୁଡ଼ିକୁ ବନ୍ଦ ରଖିବା ଏବଂ ବ୍ୟାକଗ୍ରାଉଣ୍ଡ ଆପ୍ସକୁ ସୀମିତ କରିବା । ଏହା ସହିତ ସବୁଠାରୁ ଅଧିକ ଗରମ ଚାର୍ଜିଂ ସମୟରେ ହେଉଥିବାରୁ କେବଳ ଜରୁରୀ ପରିସ୍ଥିତିରେ ହିଁ ଫାଷ୍ଟ ଚାର୍ଜିଂ ବ୍ୟବହାର କରିବା ଉଚିତ । ସେହିଭଳି ସବୁ ସମୟରେ ବ୍ୟାଟେରୀ ସେଭର୍ ଅନ୍ ରଖିବା କିମ୍ବା କୌଣସି ଅଜଣା 'କୁଲିଂ ଆପ୍ସ' ଇନଷ୍ଟଲ୍ କରିବା ଅନୁଚିତ । କାରଣ ଏହା ବ୍ୟାକଗ୍ରାଉଣ୍ଡ ଲୋଡ୍ ବଢ଼ାଇ ଫୋନ୍‌କୁ ଆହୁରି ଗରମ କରିଦିଏ । ସେହିଭଳି ସବୁବେଳେ ଚେଷ୍ଟା କରନ୍ତୁ କିଭଳି ଗ୍ୟାଜଟ୍ସ ଗୁଡ଼ିକୁ ଥଣ୍ଡା ସ୍ଥାନରେ ରଖିବା ସହ ଅପବ୍ୟବହାରରୁ ଦୂରେଇ ରୁହନ୍ତୁ ।

# ନିଜ ଛବି ଚିହ୍ନୁଥିବା ପଶୁ

ମଣିଷ ପାଇଁ ଆଇନା ବା ଦର୍ପଣରେ ନିଜକୁ ଚିହ୍ନିବା ଏକ ଅତି ସ୍ୱାଭାବିକ ପ୍ରକ୍ରିୟା ହୋଇଥିବା ବେଳେ ପ୍ରାଣୀ ଜଗତରେ ଏହି ସାମର୍ଥ୍ୟ ଅତ୍ୟନ୍ତ ବିରଳ । ଏଥିପାଇଁ ଏକ ପ୍ରକାରର ପରୀକ୍ଷା କରାଯାଇଥାଏ, ଏହି ପରୀକ୍ଷାରେ ଜୀବର ଶରୀରରେ ଏଭଳି ଏକ ସ୍ଥାନରେ ଚିହ୍ନ ଦିଆଯାଏ ଯାହାକୁ ସେ କେବଳ ଆଇନାରେ ହିଁ ଦେଖିପାରିବ । ପରେ ଯଦି ପ୍ରାଣୀଟି ନିଜ ପ୍ରତିବିମ୍ବକୁ ଦେଖି ସେହି ଚିହ୍ନକୁ ଛୁଇଁବାକୁ ବା ପରୀକ୍ଷା କରିବାକୁ ଚେଷ୍ଟା କରେ, ତେବେ ସେ ନିଜକୁ ଚିହ୍ନିପାରୁଛି ବୋଲି ଧରାଯାଏ । ନିକଟରେ ବୈଜ୍ଞାନିକମାନଙ୍କ ଦୃଷ୍ଟି ଆକର୍ଷଣ କରିଥିବା 'ବେଲୁଗା ହ୍ୱେଲ୍' ସାମୁଦ୍ରିକ ସ୍ତନ୍ୟପାୟୀ ଜୀବମାନେ ଆଇନା ସାମ୍ନାରେ ସାଧାରଣ ବସ୍ତୁ ତୁଳନାରେ ସମ୍ପୂର୍ଣ୍ଣ ଭିନ୍ନ ପ୍ରତିକ୍ରିୟା ପ୍ରକାଶ କରି ନିଜର ବୁଦ୍ଧିମତାର ପ୍ରମାଣ ଦେଇଛନ୍ତି । ଏହି କ୍ରମରେ 'ସିମ୍ପାଞ୍ଜି' ମାନେ ପ୍ରଥମ ପ୍ରାଣୀ ଭାବେ ଏହି ଦର୍ପଣ ପରୀକ୍ଷାରେ ସଫଳ ହୋଇଥିଲେ ଏବଂ ସେମାନେ ଆଇନା ସାହାଯ୍ୟରେ ଶରୀରର ସେହି ଅଂଶଗୁଡ଼ିକୁ ନିରୀକ୍ଷଣ କରୁଥିବାର ଦେଖାଯାଇଥିଲା ଯାହାକୁ ସେମାନେ ସାଧାରଣତଃ ଦେଖିପାରନ୍ତି ନାହିଁ । ସେହିପରି ପୃଥିବୀର ଅନ୍ୟତମ ବୁଦ୍ଧିମାନ ଜୀବ 'ଡଲଫିନ୍' ମାନେ ଆଇନାରେ ନିଜ ଶରୀରରେ ଲାଗିଥିବା ଚିହ୍ନକୁ ଦେଖି ଅଧିକ ସମୟ ପର୍ଯ୍ୟନ୍ତ ତାହାର ଅନୁଧ୍ୟାନ କରୁଥିବାରୁ ସେମାନେ ମଧ୍ୟ ଏହି ପ୍ରତିବିମ୍ବକୁ ନିଜର ବୋଲି ବୁଝିପାରୁଥିବା ସ୍ପଷ୍ଟ ହୋଇଛି । ଏହା ସହିତ ନିଜର ଭାବନାତ୍ମକ ବୁଦ୍ଧି ଏବଂ ପ୍ରଖର ସ୍ମରଣ ଶକ୍ତି ପାଇଁ ଜଣାଶୁଣା 'ଏସୀୟ ହାତୀ' ମାନେ ଦର୍ପଣ ପରୀକ୍ଷା ସମୟରେ ଆଇନାରେ ନିଜର ପ୍ରତିବିମ୍ବ ଦେଖିବା ପରେ ନିଜ ଶୁଣ୍ଢ ସାହାଯ୍ୟରେ ମୁଣ୍ଡରେ ଥିବା ଚିହ୍ନକୁ ପରୀକ୍ଷା କରୁଥିବାର ଦେଖାଯାଇଛି । ଏହିଭଳି ଆହୁରି ମଧ୍ୟ ପଶୁ ରହିଛନ୍ତି ଯେଉଁମାନେ ନିଜକୁ ଦର୍ପଣରେ ଦେଖି ଚିହ୍ନିବାରେ ସକ୍ଷମ ।



## ଇତିହାସ

**ଅନ୍ତର୍ଜାତୀୟ ଶୁଳ୍କ ଓ ଉତ୍ପାଦ ଦିବସ**

**ରାଷ୍ଟ୍ରୀୟ ମତଦାତା ଦିବସ**

୧୯୭୧: ହିମାଚଳ ପ୍ରଦେଶକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ।

୧୯୯୯: ଭୂକମ୍ପ ଯୋଗୁ କଲମ୍ବିଆରେ ୩୦୦ ମୃତ ଓ ହଜାରରୁ ଉର୍ଦ୍ଧ୍ୱର୍ ଗୁରୁତର ।

୧୦୭୦: ସୁପ୍ରସିଦ୍ଧ ଭରତୀୟ ଲେଖିକା କୃଷ୍ଣା ସୋବତୀଙ୍କ ପରଲୋକ ।

୧୯୫୮: ଭାରତୀୟ ସିନେ ଜଗତର ପ୍ରସିଦ୍ଧ ପାଶ୍ୱର୍ଗାୟିକା କବିତା କୃଷ୍ଣାମୂର୍ତ୍ତିଙ୍କ ଜନ୍ମ ।

୨୦୦୫: ମହାରାଷ୍ଟ୍ରର ସତାରାସ୍ଥିତ ଏକ ଦେବୀ ମନ୍ଦିରରେ ଦଳାଚକଟାରେ ୩୦୦ରୁ ଉର୍ଦ୍ଧ୍ୱର୍ ଲୋକଙ୍କ ମୃତ୍ୟୁ ।

୨୦୦୨: ଭାରତୀୟ ବାୟୁସେନାର ପ୍ରଥମ "ଏୟାର ମାର୍ଶାଲ' ହେଲେ ଅର୍ଜୁନ ସିଂହ ।

୧୯୮୦: ଭାରତ ରନିରେ ସମ୍ମାନିତ ହେଲେ ମଦର ଟେରେସା ।

୧୮୩୯: ଚିଲ୍ଲୀରେ ଭୟଙ୍କର ଭୂକମ୍ପରେ ୧୦ ହଜାର ଲୋକଙ୍କ ମୃତ୍ୟୁ ।

୧୭୫୫: ମସ୍କୋ ବିଶ୍ୱବିଦ୍ୟାଳୟର ସ୍ଥାପନା ।

୧୯୮୩: ବିନୋବା ଭାବେଙ୍କୁ ମରୋଣତ୍ତର ଭାରତ ରନି ପ୍ରଦାନ ।

୨୦୨୧: ଚୀନ୍ ସୁନା ଖଣିରେ ବିସ୍ଫୋରଣରେ ୧୦ ମୃତ ।



# ଲକ୍ଷ୍ମଣ ଭୂମିକା ପାଇଁ ପ୍ରସ୍ତୁତି

ନିତେଶ ତିୱାରୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେବାକୁ ଥିବା ଭାରତୀୟ ସିନେମା ଜଗତର ସବୁଠାରୁ ବଡ଼ ମେଗା ପ୍ରୋଜେକ୍ଟ 'ରାମାୟଣ'କୁ ନେଇ ଦର୍ଶକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ରହିଛି । ଏହି ପୌରାଣିକ ଚଳଚ୍ଚିତ୍ରରେ ଭଗବାନ ଲକ୍ଷ୍ମଣଙ୍କ ଭୂମିକାରେ ଅଭିନୟ କରୁଥିବା ଲୋକପ୍ରିୟ ଅଭିନେତା ରବି ପୁରାପୁରି ପ୍ରସ୍ତୁତ ଥିବାନେଇ ଆଲୋଚନା ହେଉଛି । ତେବେ ଏହି ପ୍ରସ୍ତୁତି ପାଇଁ ରବି ବର୍ତ୍ତମାନ ଏକ ଏଭଳି ପଦକ୍ଷେପ ନେଇଛନ୍ତି ଯାହାକୁ ନେଇ ଖୁବ ଚର୍ଚ୍ଚା ଆରମ୍ଭ ହୋଇଛି । ସୂଚନା ଅନୁସାରେ ସେ ବର୍ତ୍ତମାନ ଏଭଳି ଏକ ଆପାର୍ଟମେଣ୍ଟକୁ ସିଫ୍ଟ କରିଛନ୍ତି, ଯେଉଁଠାରେ ବଲିଉଡର ମିଷ୍ଟର ପରଫେକ୍ଟସନିଷ୍ଟ ଆମିର ଖାନ୍ ନିଜର ବ୍ଲକବଷ୍ଟର ଫିଲ୍ମ 'ଦଙ୍ଗଲ'ର ସୁଟିଂ ଏବଂ ପ୍ରସ୍ତୁତି ସମୟରେ ରହୁଥିଲେ । ଉଲ୍ଲେଖଯୋଗ୍ୟ ଯେ, ସେହି ଆପାର୍ଟମେଣ୍ଟରେ ରହିବା ସମୟଟି ଆମିର ଖାନ୍‌ଙ୍କ କ୍ୟାରିୟରର ସବୁଠାରୁ ସଫଳ ପର୍ଯ୍ୟାୟ ଥିଲା, ତେଣୁ ରବି ଦୁବେଙ୍କ ପାଇଁ ମଧ୍ୟ ଏହି ସ୍ଥାନଟି ପୁଣି ଥରେ ଭାଗ୍ୟଶାଳୀ ପ୍ରମାଣିତ ହେବ ବୋଲି ଆଶା କରାଯାଉଛି । ଏହି ବହୁ ପ୍ରତୀକ୍ଷିତ ସିନେମା 'ରାମାୟଣ: ପାର୍ଟ ୧' ରେ ରଣବୀର କପୁର ପ୍ରଭୁ ଶ୍ରୀରାମ, ସାଇ ପଲ୍ଲବୀ ମାତା ସୀତା, ସୁପରଷ୍ଟାର ଯଶ ରାବଣ ଏବଂ ସନ୍ନି ଦେଓଲ ଭଗବାନ ହନୁମାନଙ୍କ ଭୂମିକାରେ ନଜର ଆସିବେ । ଏହି ମେଗା ପ୍ରୋଜେକ୍ଟଟି ୨୦୨୬ ଦୀପାବଳି ଅବସରରେ ରିଲିଜ ହେବାନେଇ ଯୋଜନା ରହିଛି ।

# ଆଦିମ ମାନବ କରୁଥିଲା ଦାନ୍ତ ଚିକିତ୍ସା

ଆଧୁନିକ ଚିକିତ୍ସା ଉପକରଣ ଏବଂ ନିଶ୍ଚେତକ ଆବିଷ୍କାର ହେବାର ବହୁ ପୂର୍ବରୁ ଆଦିମ ମାନବ ପ୍ରଜାତି 'ନିଆଣ୍ଡରଥାଲ୍' ମାନେ ଦାନ୍ତର ଜଟିଳ ସଂକ୍ରମଣର ଚିକିତ୍ସା କରିବାରେ ସଫଳ ହୋଇଥିଲେ, ଯାହା ବର୍ତ୍ତମାନ ସାରା ବିଶ୍ୱର ବିଜ୍ଞାନ ଜଗତକୁ ଚକିତ କରିଦେଇଛି । 'ନ୍ୟୁୟର୍କ ପୋଷ୍ଟ' ଏବଂ ପ୍ରସିଦ୍ଧ ବୈଜ୍ଞାନିକ ପତ୍ରିକା 'ପ୍ଲସ୍ ୱାନ୍'ରେ ପ୍ରକାଶିତ ଏକ ନୂତନ ଅଧ୍ୟୟନ ଅନୁଯାୟୀ, ରୁଷିଆର ସାଇବେରିଆସ୍ଥିତ 'ଚାଗିରସ୍କାୟା ଗୁମ୍ଫା'ରୁ ମିଳିଥିବା ପ୍ରାୟ ୫୯,୦୦୦ ବର୍ଷ ପୁରୁଣା ଏକ ମାଢ଼ି ଦାନ୍ତରୁ ଏହି ଚାଞ୍ଚଲ୍ୟକର ତଥ୍ୟ ମିଳିଛି । ଯାହା ପୂର୍ବରୁ ଅନୁମାନ କରାଯାଉଥିବା ସମୟଠାରୁ ପ୍ରାୟ ୪୦,୦୦୦ ବର୍ଷ ପୂର୍ବର ଅଟେ । ଏକ ଗବେଷଣାରୁ ମିଳିଥିବା ତଥ୍ୟରୁ ଜଣାପଡ଼ିଛି ଯେ, ଏହି ପ୍ରାଚୀନ ଦାନ୍ତର କେନ୍ଦ୍ର ଭାଗରେ ଏକ ଗଭୀର ଗର୍ତ୍ତ ରହିଛି ଯାହା ଦାନ୍ତର ଭିତର ସ୍ତର ପର୍ଯ୍ୟନ୍ତ ବ୍ୟାପିଛି । ଏହାସହ ଏଥିରେ ଥିବା ସୂକ୍ଷ୍ମ ଗାରଗୁଡ଼ିକ ପ୍ରମାଣ କରୁଛି ଯେ ପଥର ନିର୍ମିତ କ୍ଷୁଦ୍ର ଡ୍ରିଲ୍ ମେସିନ୍ ସାହାଯ୍ୟରେ ଦାନ୍ତକୁ ସଫା କରାଯାଇଥିଲା । ବୈଜ୍ଞାନିକମାନେ ଆଧୁନିକ ମଣିଷର ତିନୋଟି ଦାନ୍ତ ଉପରେ ପଥର ତିଆରି ମୁନିଆ ଉପକରଣ ଦ୍ୱାରା ପରୀକ୍ଷା କରି ଦେଖିଛନ୍ତି ଯେ, ଏହି ପ୍ରକ୍ରିୟାରେ ସୃଷ୍ଟି ହେଉଥିବା ଗାତ ଏବଂ ମାଇକ୍ରୋସ୍କୋପିକ୍ ଚିହ୍ନଗୁଡ଼ିକ ସେହି ପ୍ରାଚୀନ ଦାନ୍ତ ସହ ସମ୍ପୂର୍ଣ୍ଣ ମେଳ ଖାଉଛି । ଏପରିକି ଦାନ୍ତର ପାର୍ଶ୍ୱ ଭାଗରେ ଥିବା ସୂକ୍ଷ୍ମ ଦାଗରୁ ସେମାନେ ଦାନ୍ତକାଠି ବା ଟୁଥ୍‌ପିକ୍ ବ୍ୟବହାର କରୁଥିବାର ସଙ୍କେତ ମଧ୍ୟ ପାଇଛନ୍ତି । ଅତ୍ୟାଧୁନିକ ଇମେଜିଙ୍ଗ୍ ଟେକ୍ନୋଲୋଜି ଦ୍ୱାରା ଜଣାପଡ଼ିଛି ଯେ, ନିଆଣ୍ଡରଥାଲ୍ ବ୍ୟକ୍ତିଜଣକ ଜୀବିତ ଥିବା ସମୟରେ ହିଁ ତାଙ୍କ ଦାନ୍ତରୁ ସଂକ୍ରମିତ ଅଂଶ ବା ପଲ୍ପକୁ କାଢ଼ି ଦିଆଯାଇଥିଲା ଏବଂ ସେଠାରେ ହୋଇଥିବା ପରିବର୍ତ୍ତନଗୁଡ଼ିକ ପ୍ରାକୃତିକ ନୁହେଁ ବରଂ ସୁଚିନ୍ତିତ ଚିକିତ୍ସାର ପରିଣାମ ଥିଲା ।

## ସୋସିଆଲ କୋଟ୍ସ



ମୁଁ ମୋ ବାପାଙ୍କୁ ଜୀବନରେ ଫ୍ୟାଶନ ପାଇଁ ବଞ୍ଚୁଥିବାର ଦେଖିଛି । ମୋତେ ଏତେ କଥା ଶିଖାଇଥିବାରୁ ବାପା ଆପଣଙ୍କୁ ଧନ୍ୟବାଦ । ଯାହା କିଛି ଫ୍ୟାଶନ ଶିଖିଛି ତାଙ୍କଠାରୁ ହିଁ ଶିଖିଛି ।

**ହ୍ରିତିକ୍ ରୋଶନ, ଅଭିନେତା**



ମୋର ଏବେ ବି ମନେଅଛି ଲୋକମାନେ ଯେତେବେଳେ ତାଙ୍କ ଚଏସ୍‌କୁ ନେଇ ସନ୍ଦେହ ପ୍ରକାଶ କରିଥିଲେ । ହେଲେ ଶାହରୁଖଙ୍କ ଷ୍ଟ୍ରଗଲ୍ ସମସ୍ତ ଆର୍ଟିଷ୍ଟଙ୍କ ପାଇଁ ମାଷ୍ଟରକ୍ଲାସ୍ ଯେଉଁମାନେ ଏକ ଲଙ୍ଗ୍ କ୍ୟାରିୟରକୁ ଉପଭୋଗ କରିବାକୁ ଚାହୁଁଛନ୍ତି ।

**କଙ୍ଗନା ରାଣାୱତ୍, ଅଭିନେତ୍ରୀ**



ମୋର ଓ କମଲ ହସନଙ୍କର ବିବାହ ବିଚ୍ଛେଦକୁ ଅନେକ ବର୍ଷ ପୁରିଲାଣି । କେତେବେଳେ ବି ଏ ନେଇ ମୁଁ ସର୍ବସାଧାରଣରେ କଥା ହୁଏ ନାହିଁ, କାରଣ ଏହା ମୋର ପର୍ସନାଲ ମ୍ୟାଟର ।

**ବାଣି ଗଣପଥ୍ୟ, କମଲହସଙ୍କ ପୂର୍ବପତ୍ନୀ**



**ମେଷ:** ମାନସିକ ଶାନ୍ତି, ଗୃହେ ଉତ୍ସବ, ଦୂର ଯାତ୍ରା ସଫଳ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଉଚ୍ଚ ବ୍ୟକ୍ତିଙ୍କ ସହାୟତା, ପାରିବାରିକ ଖୁସି, ଶତ୍ରୁ ସମସ୍ୟା, ଶୁଭ କାର୍ଯ୍ୟରେ ବିଳମ୍ବ, ଶାରୀରିକ ସୁସ୍ଥତା, ନୂତନ କର୍ମନିଯୁକ୍ତି, ଦ୍ରବ୍ୟ ଲାଭ । ଭରଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୮, ଆରାଧନା- ମା' ଭଗବତୀ ।

**ବୃଷ:** ନୂତନ ଦ୍ରବ୍ୟ କ୍ରୟ, କର୍ମକ୍ଷେତ୍ରରେ ଉନ୍ନତି, ପାରିବାରିକ ସୁଖ, ଗୃହନିର୍ମାଣ, ଦୂରଯାତ୍ରା, ନୂତନ ବନ୍ଧୁ ଲାଭ, ଶତ୍ରୁ ପରାଜିତ, ବହୁ ପରିଶ୍ରମ, ଗୃହେ ଆନନ୍ଦ, ସନ୍ତାନ ଖୁସି, ଲୋକସମ୍ପର୍କ ବୃଦ୍ଧି, ଦେବକାର୍ଯ୍ୟରେ ଆନନ୍ଦ । ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୫, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ:** ଆର୍ଥିକ ପ୍ରଗତି, ସାମାନ୍ୟ କଳହ, ସନ୍ତାନ ସମସ୍ୟା, କର୍ମକ୍ଷେତ୍ରରେ ସ୍ୱଳ୍ପ ଖୁସି, ବ୍ୟବସାୟରେ ଅଳ୍ପ ଲାଭ, ଦ୍ରବ୍ୟ କ୍ରୟ, ନୂତନ ନିଯୁକ୍ତି, ପୁରାତନ ସମସ୍ୟାରୁ ମୁକ୍ତି, ଶାରୀରିକ ସୁସ୍ଥ, ଶତ୍ରୁ ସମସ୍ୟା, ଲୋକସମ୍ପର୍କ ବୃଦ୍ଧି । ପୁନର୍ବସୁ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୬, ଆରାଧନା- ଗ୍ରାମଦେବତୀ ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି, ଧନ ଲାଭ, କର୍ମକ୍ଷେତ୍ରରେ ସଫଳ, ନୂତନ କାର୍ଯ୍ୟ ଆରମ୍ଭ, ଅନୁଷ୍ଠାନରୁ ଲାଭ, ଦାମ୍ପତ୍ୟ ଖୁସି, ପାରିବାରିକ ସହଯୋଗ, ବିଦ୍ୟାରେ ସଫଳ, ଉଚ୍ଚ ଆଶାରେ ସଫଳ, ଗୃହେ ଦେବକାର୍ଯ୍ୟ, ନୂତନ ବନ୍ଧୁ ଲାଭ, ଶାରୀରିକ ସୁସ୍ଥ । ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା- ୯, ଆରାଧନା- ପ୍ରଭୁ ହନୁମାନ ।

**ସିଂହ:** ଶୁଭ କାର୍ଯ୍ୟରେ ଧନ ବ୍ୟୟ, ବ୍ୟବସାୟରେ ସ୍ୱଳ୍ପ ଲାଭ, ମାନସିକ ଶାନ୍ତି, କାର୍ଯ୍ୟରେ ସଫଳ, ଲୋକସମ୍ପର୍କ ବୃଦ୍ଧି, ପୁରାତନ ରୋଗ ଦେଖାଦେବ, ଅତିଥି ସତ୍କାର, ଦ୍ରବ୍ୟ ପ୍ରାପ୍ତି, ଶୁଭ ଖବର, ବନ୍ଧୁ ସହଯୋଗ, ବିଦ୍ୟାରେ ସଫଳତା । ପୂର୍ବାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ଆରାଧନା- ଲକ୍ଷ୍ମୀନାରାୟଣ ।

**କନ୍ୟା:** ସମ୍ମାନ ଲାଭ, ଶୁଭ ଖବର, ସୁମିଷ୍ଟ ଭୋଜନ, ଗୃହେ ସହାୟତା, ନିଯୁକ୍ତି ଲାଭ, ସମସ୍ୟା ସମାଧାନ, ଶାରୀରିକ ସୁସ୍ଥତା, ଦୂର ଯାତ୍ରାରେ ଲାଭ, ଦେବ କାର୍ଯ୍ୟରେ ଆନନ୍ଦ, ଶତ୍ରୁ ପରାଜିତ, ବନ୍ଧୁ ଲାଭ, ନୂତନ କାର୍ଯ୍ୟ ଆରମ୍ଭ, ଦାମ୍ପତ୍ୟ ଖୁସି । ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶି, ସଂଖ୍ୟା-୧୦, ଆରାଧନା- ଭଗବାନ ବିଷ୍ଣୁ ।

**ତୁଳା:** ମାନସିକ ଶାନ୍ତି, ଅର୍ଥ ସମସ୍ୟା, ପାରିବାରିକ ସହାୟତା, କର୍ମକ୍ଷେତ୍ରରେ ସମସ୍ୟା, ଉତ୍ସବ ପାଇଁ ଦୂର ଯାତ୍ରା, ଦାମ୍ପତ୍ୟ କଳହ, ବ୍ୟବସାୟରେ ସ୍ୱଳ୍ପ ଲାଭ, ବିଭିନ୍ନ କାର୍ଯ୍ୟରେ ବିଳମ୍ବ, ସନ୍ତାନ ଖୁସି, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା । ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୪, ଆରାଧନା- ଶ୍ରୀଗଣେଶ ।

**ବିଛା:** ବନ୍ଧୁ ଲାଭ, ବିବାଦ ସମାଧାନ, ସୁସମାଚାର, ଭୂସମ୍ପତ୍ତି ଲାଭ, ଶତ୍ରୁ ପରାଜିତ, ଶାରୀରିକ ସୁସ୍ଥ, ଗୃହେ ଶୁଭ କାର୍ଯ୍ୟ, ଭ୍ରାତୃ ଓ ଭଗ୍ନୀଙ୍କ ସହାୟତା, ଦାମ୍ପତ୍ୟ ଖୁସି, ନୂତନ ନିଯୁକ୍ତି, ବିଶିଷ୍ଟ କାର୍ଯ୍ୟରେ ଶାନ୍ତି, ବ୍ୟବସାୟିକ ଖୁସି, ବିଦ୍ୟାରେ ସଫଳତା । ଜ୍ୟେଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା- ୯, ଆରାଧନା- ପ୍ରଭୁ ଜଗନ୍ନାଥ ।

**ଧନୁ:** ଖୁସି ଖବର, ନୂତନ କାର୍ଯ୍ୟ ଆରମ୍ଭ, ଅର୍ଥ ସମସ୍ୟା, ଶାରୀରିକ ଅସୁସ୍ଥ, ଦେବ କାର୍ଯ୍ୟ ପ୍ରତି ଆଗ୍ରହ, ନୂତନ ବନ୍ଧୁ ଲାଭ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଗୁରୁଜନେ ଖୁସି, ଲୋକସମ୍ପର୍କ ହାନୀ, ପରିବାରରେ ବିଦ୍ରୋହ, ଦ୍ରବ୍ୟ କ୍ରୟବିକ୍ରୟ କରିବେ । ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୭, ଆରାଧନା-ପ୍ରଭୁ ନୃସିଂହ ।

**ମକର:** କର୍ମକ୍ଷେତ୍ରେ ଅଶାନ୍ତି, ଆଶାରେ କଷ୍ଟ, ନୂତନ ସମସ୍ୟା, ଗୃହେ ସହଯୋଗ, ଲୋକସମ୍ପର୍କରେ ଉନ୍ନତି, ବ୍ୟବସାୟରେ ମାନ୍ଦା, ଶତ୍ରୁ ସମସ୍ୟା, ହେବା କାର୍ଯ୍ୟରେ ବିଳମ୍ବ, ଯାତ୍ରାରେ ସତର୍କ, ବିଦ୍ୟାରେ ଅସଫଳ । ଶ୍ରବଣା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣୀ, ସଂଖ୍ୟା-୬, ଆରାଧନା- ମା' ଗୌରୀ ।

**କୁମ୍ଭ:** ଅପମାନ ଯୋଗ, କର୍ମେ ଅଶାନ୍ତି, ଶାରୀରିକ ସୁସ୍ଥତା, ମକଦ୍ଦମାରେ କଷ୍ଟ, କର୍ମ କ୍ଷେତ୍ରରେ ସମସ୍ୟା, ବିଦ୍ୟାରେ ଅସଫଳ, ନୂତନ କର୍ମେ ଖୁସି, ବିଶିଷ୍ଟ ବ୍ୟକ୍ତି ସହାୟତା, ଅର୍ଥ ସମସ୍ୟା, ବନ୍ଧୁଗୃହେ ଯାତ୍ରା, ଦ୍ରବ୍ୟ କ୍ରୟ, ଅନୁଷ୍ଠାନରୁ ଲାଭ । ପୂର୍ବଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୪, ଆରାଧନା- ମା' ବଗଳାମୁଖୀ ।

**ମୀନ:** ପ୍ରୀତିଲାଭ, କାର୍ଯ୍ୟ ସଫଳ, ନୂତନ କାର୍ଯ୍ୟରେ ଶାନ୍ତି, ବନ୍ଧୁ ଲାଭ, ଦ୍ରବ୍ୟ ପ୍ରାପ୍ତି, ପାରିବାରିକ ଖୁସି, ବିଶିଷ୍ଟ କାର୍ଯ୍ୟରେ ଲାଭ, ମାନସମ୍ମାନ ପ୍ରାପ୍ତି, ଉଚ୍ଚ ଆଶା ସଫଳ, ଲୋକସମ୍ପର୍କ ବୃଦ୍ଧି, ବାଣିଜ୍ୟରେ ସଫଳତା, ଶତ୍ରୁ ପରାଜିତ, ଦାମ୍ପତ୍ୟ ଖୁସି । ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା- ୯, ଆରାଧନା- ମା' ଦକ୍ଷିଣକାଳୀ ।

**ଜ୍ୟେଷ୍ଠ (ମଳ) ଶୁକ୍ଳପକ୍ଷ ଦଶମୀ**

**୨୫.୫.୨୦୨୬, ସୋମବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୨୯
ତିଥି : ଦଶମୀ
୨୫ ମେ' ୨୦୨୬, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 229
25 May 2026, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଇବୋଲା ପ୍ରକୋପ: ଭାରତରେ ସତର୍କତା

### ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତି ଘୋଷଣା



ନୂଆଦିଲ୍ଲୀ,୨୪।୫: କଙ୍ଗୋ ଗଣତାନ୍ତ୍ରିକ ଗଣରାଜ୍ୟ (ଡିଆରସି) ଏବଂ ଉଗାଣ୍ଡାରେ ଇବୋଲା ରୋଗର ରିପୋର୍ଟ ହୋଇଥିବା ପ୍ରକୋପକୁ ଦୃଷ୍ଟିରେ ରଖି, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚଓ), ଅନ୍ତର୍ଜାତୀୟ ସ୍ୱାସ୍ଥ୍ୟ ନିୟମ (ଆଇଏଚଆର), ୨୦୦୫ ଅନୁଯାୟୀ, ୧୭ ମଇ ୨୦୨୬ ରେ ପରିସ୍ଥିତିକୁ ଅନ୍ତର୍ଜାତୀୟ ଚିନ୍ତାର ଏକ ସାର୍ବଜନୀନ ସ୍ୱାସ୍ଥ୍ୟ ଜରୁରୀକାଳୀନ (ପିଏଚଇଆଇସି) ଭାବରେ ନିରୁପିତ କରିଛି। ଆଫ୍ରିକା ରୋଗ ନିୟନ୍ତ୍ରଣ ଏବଂ ପ୍ରତିରୋଧ କେନ୍ଦ୍ର (ଆଫ୍ରିକା ସିଡିସି) ମଧ୍ୟ କଙ୍ଗୋ ଗଣତାନ୍ତ୍ରିକ ଗଣରାଜ୍ୟ ଏବଂ ଉଗାଣ୍ଡାକୁ ପ୍ରଭାବିତ କରୁଥିବା ବୁଣ୍ଡିବୁଗୟୋ ଷ୍ଟ୍ରେନ ଇବୋଲା ଭାଇରସ ରୋଗର ଚାଲିଥିବା ପ୍ରକୋପକୁ ମହାଦେଶୀୟ ସୁରକ୍ଷାର ଏକ ସାର୍ବଜନୀନ ସ୍ୱାସ୍ଥ୍ୟ ଜରୁରୀକାଳୀନ (ପିଏଚଇସିଏସ୍) ଭାବରେ ଆନୁଷ୍ଠାନିକ ଭାବରେ ଘୋଷଣା କରିଛି।ଏହା ବ୍ୟତୀତ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆଇଏଚଆର ଜରୁରୀକାଳୀନ କମିଟି ୨୨ ମଇ ୨୦୨୬ ରେ ପ୍ରବେଶ ସ୍ଥାନଗୁଡ଼ିକରେ ରୋଗ ନିରୀକ୍ଷଣକୁ ମଜବୁତ କରିବା ପାଇଁ ଅସ୍ଥାୟୀ ସୁପାରିଶ ଜାରି କରିଥିଲା ଯାହା ଦ୍ୱାରା "ବୁଣ୍ଡିବୁଗିଓ ଭାଇରସ୍ ଚିହ୍ନଟ ହୋଇଥିବା ଅଞ୍ଚଳରୁ ଆସୁଥିବା ଅସ୍ପଷ୍ଟ ଜ୍ୱର ରୋଗ ସହିତ ଯାତ୍ରୀମାନଙ୍କୁ ଚିହ୍ନଟ, ମୂଲ୍ୟାଙ୍କନ, ରିପୋର୍ଟ ଏବଂ ପରିଚାଳନା" କରାଯାଇପାରିବ ଏବଂ "ବୁଣ୍ଡିବୁଗିଓ ଭାଇରସ୍ ଚିହ୍ନଟ ହୋଇଥିବା ଅଞ୍ଚଳଗୁଡ଼ିକୁ ଯାତ୍ରା କରିବାକୁ ନିରୁତ୍ସାହିତ କରାଯିବ"। ଦକ୍ଷିଣ ସୁଦାନ ସମେତ କଙ୍ଗୋ ଏବଂ ଉଗାଣ୍ଡା ଦେଶଗୁଡ଼ିକୁ ରୋଗ ସଂକ୍ରମଣର ଉଚ୍ଚ ବିପଦରେ ରହିଥିବା ଆକଳନ କରାଯାଇଛି। ଇବୋଲା ରୋଗ ହେଉଛି ଇବୋଲା ଭାଇରସ୍ ର ବୁଣ୍ଡିବୁଗିଓ ଭାଇରସ୍ ଷ୍ଟ୍ରେନ ସହିତ ସଂକ୍ରମଣ ଯୋଗୁଁ ହେଉଥିବା ଏକ ଭାଇରାଲ୍ ହେମୋରେଜିକ୍ ଜ୍ୱର। ଏହା ଏକ ( ୯ ପୃଷ୍ଠାରେ )

## ଟିଟିଲାଗଡ଼ ଏବେ ତତଲାଗଡ଼

- ଦେଶରେ ଟିଟିଲାଗଡ଼ ଷଷ୍ଠ ଉତ୍ତପ୍ତ
- ୬ ସହରରେ ୪୫° ଉପରେ ପାରଦ
- ସ୍ୱାଭାବିକ ସମୟରେ ମୌସୁମୀ ଆସିବ



ଭୁବନେଶ୍ୱର,୨୪।୫,(ସବ୍ୟୁ): ରାଜ୍ୟରେ ପାରଦ ଉପରମୁହାଁ ହୋଇଛି ଯେ ଆଉ ଖସିବାର ନାଁ ନେଉନି । ପଶ୍ଚିମ ଓଡ଼ିଶାର ୪୪ ଡିଗ୍ରୀ ତଳକୁ ଖସୁନି ତାପମାତ୍ରା । ଆଜି ତତଲାଗଡ଼ କୁହାଯାଉଥିବା ଟିଟିଲାଗଡ଼ରେ ଦେଶର ଷଷ୍ଠ ଉତ୍ତପ୍ତ ସହରରେ ପରିଗଣିତ ହୋଇଛି । ଏଠାରେ ରବିବାର ସର୍ବୋଚ୍ଚ ତାପମାତ୍ରା ୪୫.୮ ଡିଗ୍ରୀ ରେକର୍ଡ କରାଯାଇଛି । ବୌଦ୍ଧରେ ୪୫.୬ ଡିଗ୍ରୀ, ଭବାନୀପାଟଣାରେ ୪୫.୪ ଡିଗ୍ରୀ, ସମ୍ବଲପୁରରେ ୪୫.୩ ଡିଗ୍ରୀ, ସୋନପୁରରେ ୪୫.୨ ଡିଗ୍ରୀ ଓ ବଲାଙ୍ଗୀରରେ ୪୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି । ଆଭ୍ୟନ୍ତରୀଣ ଓଡ଼ିଶାରେ ଆସନ୍ତା ୪ରୁ ୫ ଦିନ ପର୍ଯ୍ୟନ୍ତ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିବ । ପ୍ରଚଣ୍ଡ ସୂର୍ଯ୍ୟ କିରଣ ଏବଂ ଶୁଷ୍କ ଉତ୍ତର-ପଶ୍ଚିମା ପବନ ଯୋଗୁଁ ଝାରସୁଗୁଡ଼ା, ସମ୍ବଲପୁର ଏବଂ ବଲାଙ୍ଗୀର ଭଳି ଜିଲ୍ଲାଗୁଡ଼ିକରେ ସର୍ବୋଚ୍ଚ ତାପମାତ୍ରା କ୍ରମାଗତ ଭାବେ ୪୩° ରୁ ୪୫° ମଧ୍ୟରେ ରହିବ । ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ରନାଥ ପଶୁପାଳକ ବୁଲେଟିନ ଜାରି କରି କହିଛନ୍ତି, ଉପକୂଳବର୍ତ୍ତୀ ଅଞ୍ଚଳ ( ୯ ପୃଷ୍ଠାରେ )

## ଶ୍ରାଦ୍ଧ ଭୋଜି ଖାଇ ୪ ମୃତ, ୪୦ରୁ ଅଧିକ ଅସୁସ୍ଥ

ଝାରସୁଗୁଡ଼ା/ସୁନ୍ଦରଗଡ଼,୨୪।୫(ସବ୍ୟୁ): ସୁନ୍ଦରଗଡ଼ ଜିଲ୍ଲା ହେମଗିରି ବ୍ଲକ ନୂଆଡିହି ଗାଁରେ ଘଟିଛି ଅଘଟଣ । ଏକ ଦଶାହ (ଶ୍ରାଦ୍ଧ) ଭୋଜିରେ ଖାଦ୍ୟ ଖାଇ ପରେ ଖାଦ୍ୟରେ ବିଷକ୍ରିୟା (ଫୁଡ୍ ପଏଜନିଂ) ଘଟି ୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୪୦ ରୁ ଅଧିକ ଲୋକ ଗୁରୁତର ଅସୁସ୍ଥ ହୋଇପଡ଼ିଛନ୍ତି । ଆକ୍ରାନ୍ତଙ୍କ ମଧ୍ୟରେ ଅଛନ୍ତି ଶିଶୁ ଓ ନାବାଳିକା । ପ୍ରଶାସନ ପକ୍ଷରୁ ସହାୟତା ପାଇଁ ଦାବି କରାଯାଇ ଥିଲା ବେଳେ ଏହି ଘଟଣାରେ ଟ୍ୱିଟ କରି ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼.ମୁକେଶ ମହାଲିଙ୍ଗ ଓ ଝାରସୁଗୁଡା ବିଧାୟକ ଟଂକଧର ତ୍ରିପାଠୀ ଦୁଃଖ ପ୍ରକାଶ କରିବା ସହ ଗୁରୁତରଙ୍କୁ ଉତ୍ତମ ଚିକିତ୍ସା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଘଟଣା ପରେ ସ୍ଥାନୀୟ ଅଞ୍ଚଳ ସମେତ ପଡ଼ୋଶୀ ଝାରସୁଗୁଡ଼ା ଜିଲ୍ଲାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଆକ୍ରାନ୍ତଙ୍କ ମଧ୍ୟରୁ ୧୩ ଜଣ ମେଡିକାଲରେ ଭର୍ତ୍ତି ହୋଇଥିବା ବେଳେ ୨୮ ଜଣ ଗାଁରେ ଚିକିତ୍ସିତ ହେଉଛନ୍ତି । ଗାଁ ରେ ମେଡିକାଲ ଟିମ୍ ପହଞ୍ଚି ଚିକିତ୍ସା ( ୯ ପୃଷ୍ଠାରେ)

## ଖୋର୍ଦ୍ଧାରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶିଳ୍ପ ସଂସ୍ଥା ପରିଦର୍ଶନ

### ଯୁବପିଢ଼ି ଜୀବିକା ପାଇଁ ଭିଟାମାଟି ଛାଡ଼ିଯିବାକୁ ପଡ଼ିବନି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୪।୫,(ସବ୍ୟୁ) ଓଡ଼ିଶାରେ ଶିଳ୍ପାୟନର ପ୍ରସାର, ସ୍ଥାନୀୟ ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ । ଏଥିପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ । ଆଜି ଖୋର୍ଦ୍ଧା ଜିଲ୍ଲାର ଦୁଇଟି ପ୍ରମୁଖ ଶିଳ୍ପ ସଂସ୍ଥା ପରିଦର୍ଶନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି । ମୁଖ୍ୟମନ୍ତ୍ରୀ ପ୍ରଥମେ କାଳୀବେଟିସ୍ଥିତ ଏପିକ ଗ୍ରୁପର ଅତ୍ୟାଧୁନିକ ବସ୍ତ୍ର ଉତ୍ପାଦନ କାରଖାନା "ଟ୍ରାଇମେଟ୍ରୋ ଗାର୍ମେଣ୍ଟସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ' ଏବଂ ପରବର୍ତ୍ତୀ ସମୟରେ ମୁଣ୍ଡାଆମ୍ବ ସ୍ଥିତ ପ୍ରତିରକ୍ଷା ଓ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରର ଅଗ୍ରଣୀ ସଂସ୍ଥା "ଆନାଡ୍ରୋନ୍ ସିଷ୍ଟମସ' ପରିସର ପରିଦର୍ଶନ କରିବା ସହ ସେଠାରେ କାର୍ଯ୍ୟରତ ଟିମ୍ ଓ କର୍ମଚାରୀମାନଙ୍କ ସହ ସିଧାସଳଖ ଆଲୋଚନା କରିଛନ୍ତି ।ଏହି ପରିଦର୍ଶନ ଅବସରରେ ମୁଖ୍ୟମନ୍ତ୍ରୀ ପ୍ରଥମେ ଟ୍ରାଇମେଟ୍ରୋ ଗାର୍ମେଣ୍ଟସ କାରଖାନାର ( ୯ ପୃଷ୍ଠାରେ)

BIIT GROUP OF INSTITUTIONS
Campus At : Narsinghpur , Po: Retanga , Bhubaneswar, Khordha
BHUBANESWAR INSTITUTE OF INDUSTRIAL TECHNOLOGY
Under AICTE New Delhi, BPUT, Odisha
Appointment for the following positions:

| POSITION | DEPARTMENT | QUALIFICATION |
|---|---|---|
| Prof / Asso. Prof / Asst. Prof | MINING METALLURGY Comp. Science MECH / CIVIL ENG / CHEM | PHD / M.TECH / B.TECH & As Per AICTE Norms |
| Lab Instructor / Lab Asst. | | Diploma |

Hostel Warden (M/F) : Min. Graduation with 1 -2 years of exp.
Experience : Both Experienced and Freshers can apply for all the above positions
Send your CV within 7 days of this advertisement to : hr.biitgroup@gmail.com. or you may also visit www.biitgroup.org/Degree to apply online.
Corporate Office : HIG-22, Pokhariput, BBSR - 751020
Ph.: 7008174609 Sd/- Chairman

PURNACHANDRA HIGHER SECONDARY SCHOOL
KNOWLEDGE IS POWER ESTD.- 2017
ADMISSION 2026-27 OPEN
AT : RAGHUNATHPUR, KAINFULIA , BARIPADA, MAYURBHANJ, ODISHA

SCIENCE TOPPER ARTS TOPPER COMMERCE TOPPER




SCIENCE 1ST DIVISION :155 OUT OF 166
COMMERCE 1ST DIVISION :23 OUT OF 24
ARTS 1ST DIVISION :36 OUT OF 41
CONGRATULATIONS TO ALL THE STUDENTS OF PCHSS !
Your hard work, dedication, and success have made the school proud.Wishing you a bright future and many more achievements ahead.
Celebrating 8 Years of Outstanding Academic Success & Excellence.

Our Best AHSE (O) Science Performer Students



Our Best AHSE (O) Arts Performer Students



Our Best AHSE (O) Commerce Performer Students



V. V. V. VISHNU VIDYA VIKASH COACHING CLASSES
Competitive entrance tutoring with proficient faculty
NEET,OUAT, JEE MAIN,OJEE, NDA, PHARMACY, B.Arch

CONTACT FOR ADMISSION : 6371805151, 7008311429, 8596812638,Email : pchssbpd@gmail.com
7854913180,9078799080, 7752057823,7978002328 www.pchss.in







ଖୋର୍ଦ୍ଧାସ୍ଥିତ ଟ୍ରାଇମେଟ୍ରୋ ଗାର୍ମେଣ୍ଟସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଏବଂ ପରବର୍ତ୍ତୀ ସମୟରେ ମୁଣ୍ଡାଆମ୍ବସ୍ଥିତ ଆନାଡ୍ରୋନ୍ ସିଷ୍ଟମ୍ସ ପରିଦର୍ଶନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

# ୨୫୮ ଗ୍ରାମ ବ୍ରାଉନ ସୁଗାରଜବତ, ୨ ନିଶା ବେପାରୀ ଗିରଫ

ପୁରୀ, (ସବ୍ୟୁ) : ସରକାରଙ୍କ ପକ୍ଷରୁ ଚାଲି ଥିବା ରାଜ୍ୟରେ ନିଶା ମୁକ୍ତ ଅଭିଯାନ ଆଧାରରେ ପୁରୀ ଜିଲ୍ଲା ପୋଲିସ ପକ୍ଷରୁ ଜିଲ୍ଲାକୁ ନିଶା ମୁକ୍ତ କରିବାକୁ ପ୍ରୟାସ ଜାରି ରହିଛି । ଏହି ଅଭିଯାନରେ ପୁରୀ ପୋଲିସକୁ ବଡ ସଫଳତା ମିଳିଛି । ବେଆଇନ ଭାବେ ବ୍ରାଉନ ସୁଗାର କାରବାର ଅଭିଯୋଗରେ ବାସେଳି ସାହି ଥାନା ପୋଲିସ ରବିବାର ଦିନ ଦୁଇ ଜଣ ବ୍ରାଉନ ସୁଗାରର ବିକ୍ରି କରୁଥିବା ନିଶା ବେପାରୀଙ୍କୁ ସ୍ଥାନୀୟ ମାଟିତୋଟା ଛକ ନିକଟ ଭାଇନା ଖଜା ଦୋକାନ ନିକଟରୁ ଗିରଫ କରି କୋର୍ଟ ଚାଲାଣ କରିଛି ବୋଲି ରବିବାର ଅପରାହ୍ନରେ ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ପୁରୀ ଏସପି ପ୍ରତୀକ ସିଂ । ଅଭିଯୁକ୍ତ ଦ୍ୱୟଙ୍କ ପରିଚୟ ହେଲା ପୁରୀ ଜିଲ୍ଲା ପିପିଲି ଥାନା ଅଧିନ କାକୁଡ଼ିଆ ଗ୍ରାମର ଅଭିନାଶ ସ୍ୱାଇଁ(୨୫) ଓ ଖୋର୍ଦ୍ଧା ଜିଲ୍ଲା ଖୋର୍ଦ୍ଧା ଟାଉନ୍ ଥାନା ଅଧିନ ଖୋର୍ଦ୍ଧାର ଆଶିଷ ପଟ୍ଟନାୟକ (୨୭) ଅଟନ୍ତି । ଘଟଣା ସ୍ଥଳରୁ ପୋଲିସ ଅଭିଯୁକ୍ତଙ୍କ ଠାରୁ ଏକ ଜରି ପୁଡ଼ିଆରେ ଥିବା ୨୫୮ ଗ୍ରାମ ବ୍ରାଉନ ସୁଗାର ଜବତ କରିଛି । ଏଥି ସହିତ ଏକ ଗ୍ରେ ରଙ୍ଗର ମାରୁତି ସୁଇଫ୍ଟ କାର, ନଗଦ ୩୮୦୦ ଟଙ୍କା, ୧ ଗୋଟି ଅପୁଲ ଆଇ ଫୋନ ଓ ୨ ଗୋଟି ସ୍ମାର୍ଟ ଫୋନ ଜବତ କରିଛି । ଏସପି ଶ୍ରୀ ସିଂ କହିଛନ୍ତି ବିଶେଷ ସୂତ୍ରରୁ ପୋଲିସକୁ ଖବର ମିଳିଥିଲା ଯେ ଦୁଇ ଜଣ ନିଶା ବେପାରୀ ଏକ ଗ୍ରେ ରଙ୍ଗର ମାରୁତି ସୁଇଫ୍ଟ କାରରେ ପୁରୀରେ ବ୍ରାଉନ ସୁଗାର ବ୍ୟବସାୟ କରିବା ପାଇଁ ଆସୁଛନ୍ତି । ଏହି ସୂଚନା ଆଧାରରେ ଥାନା ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ନାକାବନ୍ଦୀ କରାଯାଇଥିଲା । ଏହି ସମୟରେ ମାଟିତୋଟା ଛକ ଠାରେ ଏକ ସନ୍ଦିଗ୍ଧ କାରରେ ଦୁଇ ଜଣ ଯୁବକ ବସି ଆସୁ ଥିବା ଦେଖିବାକୁ ପାଇଥିଲା । ପୋଲିସ କାରଟିକୁ ଅଟକାଇ ଥିଲା । ପୋଲିସକୁ ଦେଖି ଅଭିଯୁକ୍ତ ଦ୍ୱୟ ଖସି ପଳାଇବାକୁ ଉଦ୍ୟମ କରିଥିଲେ । ହେଲେ ପୋଲିସ ସେମାନଙ୍କୁ କାବୁ କରି ଥିଲା । ପୋଲିସ ଯୁବକ ଦୁଇ ଜଣ ଓ କାରକୁ ଖାନ୍ ତଲାସି କରିଥିଲା । ଯାଞ୍ଚ ସମୟରେ କାରରୁ ଏକ ଜରି ପୁଡିଆରେ ବ୍ରାଉନ ସୁଗାର ଥିବା ଦେଖିବାକୁ ପାଇ ଥିଲା । ପୋଲିସ ଯୁବକ ଦୁଇ ଜଣଙ୍କୁ ଥାନାକୁ ଆଣି ପଚରା ଉଚରା କରି ଥିଲା । ସେମାନେ ଦୋଷ ସ୍ୱୀକାର କରିଥିଲେ । ଏନେଇ ପୋଲିସ ନିଜ ଆଡୁ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । କୋର୍ଟ ଅଭିଯୁକ୍ତ ଦ୍ୱୟଙ୍କ ଜାମିନ ଆବେଦନ ଖାରଜ କରିବାରୁ ପୋଲିସ ସେମାନଙ୍କୁ ଜେଲକୁ ପଠାଇ ଦେଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ସିଟି ଡିଏସପି ରଶ୍ମି ରଞ୍ଜନ ମହାପାତ୍ର ଓ ବାସେଳି ସାହି ଥାନା ଆଇଆଇସି ଅଭିନାଶ ରାଉତ ଉପସ୍ଥିତ ଥିଲେ ।




## ଟ୍ରେନ୍ ଉପରେ ସେଲ୍ଫି ନେବା ବେଳେ ବିଦ୍ୟୁତ୍ ଆଘାତ, ଯୁବକ ଗୁରୁତର

ଭୁବନେଶ୍ୱର, (ସବ୍ୟୁ) : ସ୍ଥାନୀୟ ମଞ୍ଚେଶ୍ୱର ରେଳ ଷ୍ଟେସନରେ ଏକ ମାଲଗାଡି ବଗି ଉପରେ ଚଢି ସେଲ୍ଫି ନେଉଥିବା ଜଣେ ଯୁବକ ବିଦ୍ୟୁତ୍ ଆଘାତରେ ତଳକୁ ଖସିପଡିଥିଲେ । ତାଙ୍କୁ ସଂଗେ ସଂଗେ ନିକଟସ୍ଥ ରେଲୱେ ହସ୍ପିଟାଲକୁ ନିଆଯାଇଥିବା ବେଳେ ଅବସ୍ଥା ଗୁରୁତର ଦେଖି କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । କ୍ୟାପିଟାଲ ହସ୍ପିଟାଲ ଡାକ୍ତରମାନେ ଯୁବକଙ୍କ ଅବସ୍ଥା ମୁମୂର୍ଷୁ ଥିବା ଦେଖି କଟକ ବଡମେଡିକାଲକୁ ଚିକିତ୍ସା ପାଇଁ ପଠାଇ ଦେଇଛନ୍ତି । ହାୱଡା-ପୁରୀ ଏକ୍ସପ୍ରେସ୍‌ରେ ରାଜସ୍ଥାନର ୧୨ଜଣ ଯୁବକ କଟକକୁ କୌଣସି ଏକ ପରୀକ୍ଷା ଦେବାକୁ ଆସୁଥିଲେ । ମଞ୍ଚେଶ୍ୱର ରେଳ ଷ୍ଟେସନରେ ତାଙ୍କ ଟ୍ରେନ୍ ଅଟକି ଥିବାବେଳେ ଜଣେ ଯୁବକ ହାଓ୍ୱଡା-ପୁରୀରୁ ବାହାରି ପାଖରେ ଲାଗିଥିବା ଏକ ଗୁଡ୍ସ ଟ୍ରେନ୍ ଉପରେ ଚଢି ସେଲ୍ଫି ନେଉଥିବା ବେଳେ ତାଙ୍କ ମୁଣ୍ଡରେ ହାଇଭୋଲ୍‌ଟେଜ୍ ବିଦ୍ୟୁତ୍ ତାର ଲାଗିଥିଲା । ଯାହା ଫଳରେ ସେ ଟ୍ରେନ୍ ଉପରୁ ତଳକୁ ଖସିପଡିଥିଲେ । ସାଙ୍ଗରେ ଆସିଥିବା ଯୁବକ ଓ ଆର୍‌ପିଏଫ୍ ତାଙ୍କୁ ଚିକିତ୍ସା ପାଇଁ ରେଳ ହସ୍ପିଟାଲ ନେଇଥିଲେ ମଧ ତାଙ୍କୁ ସେଠାରୁ ସ୍ଥାନାନ୍ତର କରାଯାଇଛି । ମଞ୍ଚେଶ୍ୱର ଷ୍ଟେସନରେ ଯଦି ଆର୍‌ପିଏଫ୍ ସଜାଗ ଥାଆନ୍ତେ ତେବେ ଏଭଳି ଦୁର୍ଘଟଣା ଘଟିନଥାନ୍ତା ବୋଲି ଚର୍ଚ୍ଚା ହେଉଛି ।

### ଗ୍ୟାସ ସିଲିଣ୍ଡର ଫାଟି ଜଳିଗଲା ଦୋକାନ

## ବାପା ଓ ପୁଅ ଜୀବନ୍ତ ଦଗ୍ଧ , ଅନ୍ୟଜଣେ ଗୁରୁତର

ଚଣ୍ଡିଖୋଲ, (ସବ୍ୟୁ) : ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଦର୍ପଣ ପଞ୍ଚାୟତର ଗୁଲୁଜାର ନଗର ପାଟଣା ଛକରେ ଥିବା ଏକ ଜଳଖିଆ ଦୋକାନରେ ଗ୍ୟାସ ଟାଙ୍କି ଫାଟି ଯିବାରୁ ଭୟଙ୍କର ଅଗ୍ନିକାଣ୍ଡ ଘଟି ଦୋକାନଟି ସମ୍ପୂର୍ଣ୍ଣ ଜଳିଯାଇଛି । ଏହି ଭୟଙ୍କର ଅଗ୍ନିକାଣ୍ଡରେ ଦୋକାନ ମାଲିକ ଓ ତାଙ୍କ ପୁଅ ସମ୍ପୂର୍ଣ୍ଣ ଦଗ୍ଧ ହୋଇ ମୃତ୍ୟୁ ବରଣ କରିଛନ୍ତି । ଏହି ଘଟଣାରେ ଦୋକାନ ମାଲିକଙ୍କ ଅନ୍ୟଜଣେ ସମ୍ପର୍କୀୟ ପୋଡିଯାଇଜନ୍ତି । ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ ଡାକ୍ତର ଖାନାରେ ଭର୍ତ୍ତି କରାଯାଇଛି । ଏପରି ଅପ୍ରତ୍ୟାଶିତ ଓ ଦୁର୍ଭାଗ୍ୟଜନକ ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଦୁଖ ଓ ଶୋକର ଛାୟା ଖେଳିଯାଇଛି । ସୂଚନା ଅନୁସାରେ ଗିରିଜା କାନ୍ତ ସାହାଣୀ (୪୦)ଙ୍କର ଦୀର୍ଘ ବର୍ଷ ଧରି ଗୁଲ୍‌ଯାରନଗର ପାଠଣା ଛକରେ ଭେରାଇଟି ଷ୍ଟୋର ସହିତ ଏକ ଜଳିଖିଆ ଦୋକାନ ରହିଥିଲା । ସେହି ଜଳଖିଆ ଦୋକାନରେ ଶନିବାର ଦିନ ଗିରିଜାଙ୍କ ବାପା ଖଗେଶ୍ୱର ସାହାଣୀ (୭୫) ଓ ତାଙ୍କର ଜଣେ ସମ୍ପର୍କୀୟ ବନ୍ଧୁ ସମୀର ସାମଲ (୩୫) ଜଳଖିଆ ପ୍ରସ୍ତୁତ କରୁଥିଲେ । ସେମାନେ ଜଳଖିଆ ଛଣାଛଣି କରୁଥିଲା ବେଳେ ହଠାତ ଟାଙ୍କିରୁ ଲିକ ହୋଇଥିଲା । ତେବେ ଏ ସମ୍ପର୍କରେ ଖଗେଶ୍ୱର କିଛି କରିବା ପୂର୍ବରୁ ଅପ୍ରତ୍ୟାଶିତ ଭାବେ ଗ୍ୟାସ ଟାଙ୍କି ଫାଟି ଯାଇଥିଲା । ଗ୍ୟାସ ଟାଙ୍କି ଫାଟିବା କ୍ଷଣି ହଠାତ ଦୋକାନରେ ଅଗ୍ନିକାଣ୍ଡ ଘଟିଥିଲା । ନିମିଷକ ମଧ୍ୟରେ ଦୋକାନଟି ଜଳି ଭସ୍ମୀଭୂତ ହୋଇଯିବା ସହିତ ଦୋକାନ ମାଲିକ ଗିରିଜା,ତାଙ୍କ ବାପା ଭାଗ୍ୟଧର ଓ ସମ୍ପର୍କୀୟ ସମୀର ନିଆଁରେ ଜଳିଯାଇଥିଲେ । ସେମାନଙ୍କୁ ସଙ୍ଗେସଙ୍ଗେ ଡାକ୍ତରଖାନା ପଠାଯାଇଥିଲା୍ ହେଲେ ନିଆଁରେ ସମ୍ପୂର୍ଣ୍ଣ ଦଗ୍ଧ ହୋଇଯାଇ ଥିବାରୁ ଭାଗ୍ୟଧର ଓ ତାଙ୍କ ପୁଅ ଗିରିଜାଙ୍କର ଶୋଚନୀୟ ମୃତ୍ୟୁ ଭାବେ ମୃତ୍ୟୁ ଘଟିଥିଲା । ତେବେ ସମୀରଙ୍କର ଅର୍ଦ୍ଧାଧିକ ଶରୀର ପୋଡିହୋଇ ଯାଇଥିବାରୁ ସେ ଡାକ୍ତର ଖାନାରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଜଣାପଡିଛି । ଏହି ଦୁଖଦ ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଏହି ଅଗ୍ନିକାଣ୍ଡରେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡି ଭସ୍ମୀଭୂତ ହୋଇଯାଇଛି । ଚଣ୍ଡିଖୋଲରୁ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ ମଧ ସେତେବେଳକୁ ସବୁ ପୋଡି ପାଉଁଶ ହୋଇଯାଇଥିବା ପ୍ରତ୍ୟକ୍ଷ ଦର୍ଶୀମାନେ କହିଛନ୍ତି ।



### ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଭସ୍ମୀଭୂତ

# ଷଣ୍ଢ କାନ୍ଦୁଛି...

ଭୁବନେଶ୍ୱର, (ସବ୍ୟୁ) : ଷଣ୍ଢ କାନ୍ଦୁଛି ଓ ରାସ୍ତାରେ ଗାଡି ମୋଟର ଚଳାଇ ଦେଉନାହିଁ, ଅବିଶ୍ୱାସ ଲାଗୁଥିଲେ ମଧ ସତ ଘଟଣା । ଚନ୍ଦ୍ରଶେଖରପୁର ଇନ୍‌ଫୋସିଟି ଛକରେ ଗାଈ ଓ ତା'ର ବାଛୁରୀକୁ ଅଜଣା ଗାଡି ଧକ୍କା ଦେବାରୁ ଘଟଣାସ୍ଥଳରେ ତା'ର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପରେ ଗାଈ, ବାଛୁରୀ ପାଖରେ ଗୋଟିଏ ମଧ୍ୟମ ବୟସର ଷଣ୍ଢ କାନ୍ଦିବା ସହ ସେହି ପାର୍ଶ୍ୱ ଦେଇ ଗାଡି ମୋଟର ଚଳାଚଳକୁ ଅଟକାଉଥିଲା ।

ଏହି ଖବର ପାଇବା ପରେ ବିଏମ୍‌ସି, ଇନ୍‌ଫୋସିଟି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ ଗାଈ, ବାଛୁରୀଙ୍କ ପାଖକୁ ଷଣ୍ଢ କାହାରିକୁ ଛାଡିନଥିଲା । ତା'ର ଲୋଚକପୁତ ନିରୀହ ଆଖି ଓ ସମସ୍ତଙ୍କୁ ମ୍ରିୟମାଣ କରିଥିଲା । ଶେଷକୁ ଷଣ୍ଢ ପୋଲିସ ଓ ବିଏମ୍‌ସି କର୍ମଚାରୀଙ୍କୁ ଶବ ନିକଟକୁ ସାଙ୍ଗରେ ନେଇଥିଲା । ଏହିପରି ୬ଘଣ୍ଟା କାଳ ଷଣ୍ଢର କାନ୍ଦ ଓ ରାସ୍ତାରୋକ ହେବା ପରେ ପୋଲିସ ଓ ବିଏମ୍‌ସି କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ ।

ଗାଈ-ବାଛୁରୀଙ୍କ ମୁହଁକୁ ଷଣ୍ଢ ଏଭଳି ଭାବେ ଚାଟୁଥାଏ ଓ କାନ୍ଦୁଥାଏ ତାହା ଦେଖି କେହି ଧୈର୍ଯ୍ୟଧରି ରହିପାରିନଥିଲେ । ରାସ୍ତାରେ ଯାଉଥିବା ପଥଚାରୀମାନେ ଗାଡି ଛାଡି ସେଠାରେ ରୁଣ୍ଡ ହୋଇ ଷଣ୍ଢର ଦୁଃଖଭରା ଦୃଶ୍ୟ ଦେଖୁଥିଲେ । ବିଏମ୍‌ସି କର୍ମଚାରୀ ଓ ସମାଜସେବୀମାନେ ଷଣ୍ଢକୁ ଯାହା ଖାଇବାକୁ ଦେଉଥିଲେ ତାହା ସେ ଖାଉନଥିଲା । କିଛି ସମୟ ଷଣ୍ଢକୁ ବୁଝାସୁଝା କରିବା ପରେ ଜେସିବି ସାହାଯ୍ୟରେ ଗାଈ ଓ ବାଛୁରୀକୁ ଅନ୍ତେଷ୍ଟିକ୍ରିୟା ପାଇଁ ନିଆଯାଇଥିଲା । ହେଲେ ଷଣ୍ଢ କୁଆଡେ ନଯାଇ ଜେସିବି ପଛେ ପଛେ ଅନ୍ତେଷ୍ଟିକ୍ରିୟା ହେଉଥିବା ସ୍ଥାନକୁ ଯାଇ ଠିଆହୋଇ କାନ୍ଦିଥିଲା । ଜେସିବିରେ ଗାତ ଖୋଳାଯାଇ ହିନ୍ଦୁ ରୀତିନୀତି ଅନୁଯାୟୀ ଫୁଲମାଳ, ଧୂପ ପ୍ରଭୃତି ଦିଆଯିବା ପରେ ସେଠାରେ ଷଣ୍ଢର ଶବକୁ ପୋତି ଦିଆଯାଇଥିଲା । ହେଲେ ସେହିଠାରେ ଷଣ୍ଢ ଠିଆହୋଇ ରହିଥିଲା । ଯେତେ ବୁଝାଇଲେ ମଧ କେଉଁଆଡେ ଗଲାନାହିଁ ।

ଏହି ଘଟଣା ସମଗ୍ର ଚନ୍ଦ୍ରଶେଖରପୁର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ଯେଉଁଠି ମଣିଷ ନିଜ ଲୋକଙ୍କୁ ପଚାରୁନାହିଁ, ସେଠି ପଶୁଯନ୍ତୁ ତା'ର ସମ୍ପର୍କୀୟର ମୃତ୍ୟୁ ପାଇଁ କାନ୍ଦିବା ଓ ରାସ୍ତାରୋକ କରିବା ବିରଳ ଘଟଣା । କାନ୍ଦୁଥିବା ଷଣ୍ଢଟି ଦୁର୍ଘଟଣାରେ ମରିଥିବା ଗାଈର ପ୍ରଥମ ପିଲା ବୋଲି ସ୍ଥାନୀୟ କିଛି ଲୋକ କହିଛନ୍ତି ।

# ଏସଓପିକୁ ଫୁ : ରାସ୍ତା ମଝିରେ ବିପଦ

ଭୁବନେଶ୍ୱର, (ପ୍ରଦୀପ୍ତ କୁମାର ଦାସ) : ୱାଟକୋ ପକ୍ଷରୁ ରାସ୍ତା ଖୋଳାଯାଇ ଜଳଯୋଗାଣ ପାଇପ ଲାଇନରେ ଥିବା ଲିକେଜ ତଥା ଜଳକ୍ଷରଣ ମରାମତି କରାଗଲା । ମାତ୍ର ପୂର୍ତ୍ତ ବିଭାଗର ଏସଓପିକୁ ଫୁ କରି ରାସ୍ତାର ପୁନଃରୁଦ୍ଧାର ନକରି ଅତି ବେପରୁଆ ଭାବେ ଅଧାପନ୍ତରିଆ ଅବସ୍ଥାରେ ଛାଡ଼ି ପଳାଇଗଲେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର । ରାସ୍ତା ମଝିରେ ଖୋଳାଯାଇଥିବା ଖାଲକୁ ଖାମଖିଆଲି ଢଙ୍ଗରେ କେବଳ ପୋତିଦେବା ସହିତ ଅସୁରକ୍ଷିତ ଅବସ୍ଥାରେ ଛାଡ଼ି ପଳାଇଲେ ସମ୍ପୃକ୍ତ ଯନ୍ତ୍ରୀ ଓ ଠିକାଦାର । ଏପରିକି ସେଠାରେ ବିପଦ ସଂକୁଳ ଅବସ୍ଥାରେ ଗୋଟିଏ ସୁରକ୍ଷା ବାରିକେଡ଼ ଥୁଆ ହୋଇଥିବା ବେଳେ ଆଉ ଗୋଟିଏ ତଳେ ଚିତପଟାଂଗ ହୋଇ ପଡ଼ିରହିଛି । ମାତ୍ର ଏହି ମରାମତି କାର୍ଯ୍ୟ ଦାୟିତ୍ୱରେ ଥିବା ୱାଟକୋର ଯନ୍ତ୍ରୀ ଓ ଠିକାଦାରଙ୍କ ସମେତ ଉକ୍ତ ରାସ୍ତାର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗର ଯନ୍ତ୍ରୀ ମଧ ବିନ୍ଦାସ ହୋଇ ବସିଛନ୍ତି । ଗତ ପ୍ରାୟ ସପ୍ତାହେରୁ ଉର୍ଦ୍ଧ୍ୱ ହେବ ସ୍ଥାନୀୟ କଟକରୋଡ଼ର ମ୍ୟାଙ୍ଗୋ ଓ ପ୍ରଜ୍ଞା ହୋଟେଲ ସମ୍ମୁଖ ବ୍ୟସ୍ତବହୁଳ ରାସ୍ତା ମଝିରେ ଏପରି ଅଭାବନୀୟ ସ୍ଥିତି ଜାରି ରହିଛି । ଫଳରେ ଉକ୍ତ ରାସ୍ତାରେ ଯାତାୟାତ କ୍ଷେତ୍ରରେ ଘୋର ବାଧା ସୃଷ୍ଟି ହେବା ସହ ଲୋକେ ଦୈନିକ ଟ୍ରାଫିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏଥିସହ ସେଠାରେ ଗାଡ଼ି ଚାଳକମାନେ ଆସନ୍ନ ଓ ଆକସ୍ମିକ ଦୁର୍ଘଟଣାର ଶିକାର ହେବା ଆଶଙ୍କା ମଧ ସୃଷ୍ଟି ହୋଇଛି । ଗତ ପ୍ରାୟ ମାସେ ହେବ ସେଠାରେ ରାସ୍ତା ତଳେ ଯାଇଥିବା ଜଳଯୋଗଣ ପାଇପ ଲାଇନରେ କୌଣସି କାରଣରୁ ପାଣି ଝରି କିଛିଦିନ ରାସ୍ତା ଉପରେ ବୋହିଚାଲିଥିଲା । ପ୍ରଥମେ ୱାଟକୋ ପକ୍ଷରୁ ତାର ମରାମତି ପାଇଁ ପ୍ରୟାସ ହୋଇଥିଲେ ହେଁ ତାହା ସଫଳ ନହେବାରୁ ସେହି ଅବସ୍ଥାରେ କିଛିଦିନ ଏପରି ସମସ୍ୟା ଲାଗିରହିଥିଲା । ଫଳରେ ରାସ୍ତାରେ ଗମନାଗମନରେ ସମସ୍ୟା ଉପୁଜିବାରୁ ଜନସାଧାରଣଙ୍କ ପକ୍ଷରୁ ଦୁଇ ବିଭାଗର ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହେବାପରେ ତାହା ମରାମତି ହେଲା । ମାତ୍ର ପୂର୍ତ୍ତ ବିଭାଗର ଏସଓପି ଅନୁଯାୟୀ ତାକୁ ପୂର୍ବ ସ୍ଥିତିକୁ ଆଣିବାପାଇଁ ଯେଉଁପରି ପୁନଃରୁଦ୍ଧାର କରିବାକଥା ତାହା ଅଦ୍ୟାବଧି ହୋଇପାରିନାହିଁ । ଏଥିଯୋଗୁଁ ସମ୍ପୃକ୍ତ ରାସ୍ତାରେ ଯାତାୟାତ କରୁଥିବା ଲୋକେ ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି । ତେବେ ଏପରି ସ୍ଥିତିରେ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ଏସଓପି ମାର୍ଗଦର୍ଶିକା ଦାୟିତ୍ୱକୁ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର କେତେଦୂର ଯେ ଯତ୍ନସହକାରେ ପାଳନ କରୁଛନ୍ତି, ଏହାକୁ ତାର ଏକ ନିଛକ ନମୁନା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।



### ପ୍ରବଳ ଖରାରେ ଶ୍ରମିକଙ୍କୁ କାମରେ ଲଗାଅନି

## ଦିନ ୧୧-୩ ଯାଏଁ ଶ୍ରମିକ କାର୍ଯ୍ୟ ନକରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର (ସବ୍ୟୁ) : ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ ନକରିବାକୁ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି । ପୂର୍ତ୍ତ ବିଭାଗର ଇଆଇସି ସମସ୍ତ ଜୋନର ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀମାନଙ୍କୁ ଏହି ମର୍ମରେ ଚିଠି ଲେଖିଛନ୍ତି ।

ବିଭାଗ ପକ୍ଷରୁ ପତ୍ରରେ ଉଲ୍ଲେଖ କରାଯାଇଛି ଯେ ଗ୍ରୀଷ୍ମ ପ୍ରବାହ ପରିପ୍ରେକ୍ଷୀରେ ଦିନ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମିକମାନଙ୍କୁ ଖରାରେ କାର୍ଯ୍ୟ ନକରାଇବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି । କିନ୍ତୁ କିଛି ସ୍ଥାନରେ ଏହି ସମୟରେ ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଉଥିବା ଗଣମାଧ୍ୟମ ସୂତ୍ରରୁ ସରକାରଙ୍କ ଦୃଷ୍ଟିକୁ ଆସିଛି । ଏଣୁ ଠିକା ସଂସ୍ଥାମାନେ ପ୍ରତିବନ୍ଧିତ ସମୟରେ କାର୍ଯ୍ୟ ବନ୍ଦ କରିବା ସହ ଶ୍ରମିକମାନଙ୍କ ପାଇଁ ଛାୟାର ବ୍ୟବସ୍ଥା (ରେଷ୍ଟ ସେଡ୍) ସହ ପାନୀୟ ଜଳ ଓ ଫାଷ୍ଟ ଏଡ୍ ଉପଲବ୍ଧ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହାସହ କ୍ଷେତ୍ର କର୍ମଚାରୀମାନେ ଏଥିପ୍ରତି ସଜାଗ ରହିବା ସହ କୌଣସି ଅପ୍ରୀତିକାର ପରିସ୍ଥିତି ଉପୁଜିବା ପୂର୍ବରୁ ସଚେତନତା ସୃଷ୍ଟି କରିବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି ।

# ଅସହ୍ୟ ଗରମ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ଜଟଣୀବାସୀ

### ଅସନ୍ତୋଷ ବଢ଼ାଉଛି ଅଘୋଷିତ ବିଦ୍ୟୁତ କାଟ

ଜଟଣୀ, (ସବ୍ୟୁ) : ବର୍ତ୍ତମାନ ଗ୍ରୀଷ୍ମର ପ୍ରକୋପ ସାରା ରାଜ୍ୟରେ ଜାରି ରହିଥିବା ସମୟରେ ଏହି ପ୍ରଭାବରେ ଜଟଣୀର ଜନସାଧାରଣ ତାତିର ପ୍ରକୋପ ରେ ଛଟପଟ ହେଉଥିବା ପରିଲକ୍ଷିତ ହେଉଛି । ସକାଳ ୧୧ ଘଟିକା ପରେ ସହର ଶୂନଶାନ ହୋଇଯାଉଛି । ସରକାରଙ୍କ ତରଫରୁ ଗ୍ରୀଷ୍ମ ପ୍ରବାହରୁ ଜନସାଧାରଣ ରକ୍ଷା ପାଇବାପାଇଁ ନିୟମ ଜାରି ରଖିଥିବା ବେଳେ ଜଟଣୀରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ନିଦାଘ ଖରାରେ ଅନେକ ସ୍ଥାନରେ ଶ୍ରମିକ ମାନେ କୋଠା ଉପରେ କାମକରୁଥିବା ଦେଖିବାକୁ ମିଳୁଛି । ସେହିପରି ଖରାର ତାତି ସହ ଅସହ୍ୟ ଗୁରୁଗୁଳିରେ ସହର ବାସିନ୍ଦା ଅସ୍ତବ୍ୟସ୍ତ ଥିବା ବେଳେ ବିଦ୍ୟୁତ ବିଭାଗ ତରଫରୁ ଦିନକୁ ଦୁଇ ତିନି ଥର ଅଘୋଷିତ ବିଦ୍ୟୁତ ବିଚ୍ଛିନ୍ନ ହେବା ଦ୍ୱାରା ଲୋକେ ବୋଝ ଉପରେ ଲଳିତା ବିଡା ସଦୃଶ ହୋଇଥାଏ । ସହରରେ ରାତି ହେଲେ ବିଦ୍ୟୁତ ସରବରାହରେ ଲୋଭୋଲ୍ଟେଜ କାରଣରୁ ପଙ୍ଖା ଠିକ ରୂପେ ପବନ ନଦେବା ଫଳରେ ଗରିବ ଶ୍ରେଣୀର ଲୋକେ ଗରମ ଗୁଳୁଗୁଳିରେ ଠିକ ସେ ନିଦ ହୋଇନଥାଏ । ତା ସାଙ୍ଗକୁ ଆହୁରି କଷ୍ଟ ବଢ଼ାଉଛି ଜଳ ଯୋଗାଣ ବିଭାଗ । ଅନେକ ସମୟରେ ବିଭିନ୍ନ ଆଳ ଦେଖାଇ ଜଳ ଯୋଗାଣ ବନ୍ଦ ରଖିଥାନ୍ତି । ସରକାରଙ୍କ ତରଫରୁ ୨୪ ଘଣ୍ଟିଆ ଜଳ ଯୋଗାଣ ବ୍ୟବସ୍ଥାର ଡିଣ୍ଡିମ ପିଟୁଥିବା ବେଳେ ସହରରରେ ଚବିଶ ଘଣ୍ଟାରେ ଥରେ ପାଣି ଯୋଗାଣ ହେଉଛି । ଫଳରେ ଗ୍ରୀଷ୍ମର ପ୍ରକୋପ ଅଘୋଷିତ ବିଦ୍ୟୁତ କାଟ ଯନ୍ତ୍ରଣା ସାଙ୍ଗକୁ ଜଳ କଷ୍ଟ ମଣିଷ ଜୀବନକୁ ଅତ୍ୟଧିକ ମାତ୍ରାରେ ସହିବାକୁ ପଡୁଛି । ସହରରେ ୧୦୦ ରୁ ଉର୍ଦ୍ଧ୍ୱ କୂପ ଅଚଳ ହୋଇ ପଡିଛି । କିଛିମାସ ତଳେ ଭୁବନେଶ୍ୱର ସାଂସଦଙ୍କ ହାତପାଣ୍ଠି ଏବଂ ବିଧାୟକଙ୍କ ହାତ ପାଣ୍ଠିରୁ ଅନୁମୋଦନ କ୍ରମେ ବାଦକୁ ପୁଅ ଜନମ କଲାଭଳି କେତେକ ସ୍ଥାନରେ ଥଣ୍ଡା ପାନୀୟ ଜଳ ମେସିନ ସବୁ ସ୍ଥାପନ କରାଯାଇଥିଲା, ହେଲେ ବର୍ତ୍ତମାନ ପରିସ୍ଥିତିରେ ସେଥିରୁ କେତେକ ଅଚଳ ଅବସ୍ଥାରେ ରହିଥିବା ବେଳେ ତାହା ମଧ ବର୍ତ୍ତମାନ ସୁଧା ମରାମତି ହୋଇପାରୁନାହିଁ । ଏଠି କହିବା କାହାକୁ ଶୁଣିବ କିଏ । ସେହିପରି ପୌର ପ୍ରଶାସନ ପକ୍ଷରୁ ଖୋଲାଯାଇଥିବା ଜଳଛତ୍ର ଗୁଡିକର ପାଣିର ସ୍ୱଚ୍ଛତା ପ୍ରତି ଆଙ୍ଗୁଠି ଉଠାଇ ଅନେକ ସେଥିରୁ ମୁହଁ ଫେରାଉଥିବା ଶୁଣିବାକୁ ମିଳୁଛି ।



### ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜେମେଣ୍ଟ ଟେକ୍ନୋଲୋଜି ପକ୍ଷରୁ

## ଫିଉଚର ସ୍କିଲ୍‌ସ ଫର ହାୟର ଏଜୁକେସନ୍ ଉପରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱରସ୍ଥିତ ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜେମେଣ୍ଟ ଏବଂ ଟେକ୍ନୋଲୋଜି କ୍ୟାମ୍ପସ ପରିସରରେ ଫିଉଚର ସ୍କିଲସ୍ ଫର ହାୟର ଏଜୁକେସନ୍ ଇନ ଦ ଏଜ୍ ଅଫ ଏଆଇ ଫର ବିକଶିତ ଭାରତ@୨୦୪୭ ବିଷୟଉପରେ ଏକ ଦିନିଆ ରାଜ୍ୟସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ଆରମ୍ଭରେ ଅନୁଷ୍ଠାନର ଅଧ୍ୟକ୍ଷ ଡ଼ଃ ଉମାକାନ୍ତ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ଲେସମେଣ୍ଟ ଡିନ ଡ଼ଃ ଗଙ୍ଗାଧର ମିଶ୍ର ସଂସ୍ଥାର ବିଭିନ୍ନ ଶିକ୍ଷାମୂଳକ କାର୍ଯ୍ୟକଳାପ, ପ୍ଲେସମେଣ୍ଟ ସଫଳତା ଓ ସଂସ୍ଥାଗତ ଉନ୍ନତି ସମ୍ପର୍କିତ ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ତଥା ବକ୍ତା ଭାବେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼କ୍ଟର ପ୍ରଶାନ୍ତ କୁମାର ରାଉତ ଯୋଗଦେଇ "ବିକଶିତ ଭାରତ @୨୦୪୭ ଲକ୍ଷ୍ୟ ପୂରଣରେ କୃତ୍ରିମ ବୁଦ୍ଧିମତା (ଏଆଇ) ର ଭୂମିକା ଏବଂ ଭାରତର ଉଚ୍ଚଶିକ୍ଷା କ୍ଷେତ୍ରରେ ଭବିଷ୍ୟତ କୌଶଳର ଆବଶ୍ୟକତା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ସେ ଏଆଇ ଆଧାରିତ ଶିକ୍ଷା ପ୍ରଣାଳୀ, ନୂତନ ଶିକକ୍ଷା ଦାନ ପଦ୍ଧତି ଓ ଶିକ୍ଷକମାନଙ୍କ ଦକ୍ଷତା ବିକାଶ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ଇଂ. ସରୋଜ କୁମାର ସାହୁ ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ଅଂଶ ଗ୍ରହଣ କରିଥିବା ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ମାନଙ୍କୁ ନିଜର ଅଭିନନ୍ଦନ ଜଣାଇଥିଲେ । ଏହି ରାଜ୍ୟସ୍ତରୀୟ ଅଧ୍ୟାପକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସରକାରୀ ଏବଂ ଘରୋଇ ଶିକ୍ଷାନୁଷ୍ଠାନରୁ ୧୫୦ରୁ ଅଧିକ ଅଧ୍ୟାପକ ଓ ଅଧ୍ୟାପିକା ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମର ଶେଷରେ ମ୍ୟାନେଜେମେଣ୍ଟ ବିଭାଗର ମୁଖ୍ୟ ଡ଼ଃ ଜାକି ସମୀର ଖାନ ଧନ୍ୟବାଦ ଅର୍ପଣ କରିଥିଲେ ।



# ମା' ରାମାୟାଣାମ୍ମା ଠାକୁରାଣୀ ଯାତ୍ରା ଆରମ୍ଭ



ଛତ୍ରପୁର ,(ସବ୍ୟୁ) : ଚଳିତ ବର୍ଷ ମା ରାମାୟାଣାମ୍ମା ଠାକୁରାଣୀ ଯାତ୍ରା ଗତ ୪ ତାରିଖ ଠାରୁ ଆରମ୍ଭ ହୋଇଛି ।ମାଙ୍କ ଆଗମନ ରେ ଭକ୍ତ ମାନେ ଅସ୍ଥାୟୀ ମଣ୍ଡପ ଦର୍ଶନ କରି ଆର୍ଶୀବାଦ ସହିତ ମାନସିକ ଧାରୀ ସେମାନଙ୍କ ମାନସିକ ପୂରଣ କରୁଛନ୍ତି । ଏହି ଯାତ୍ରା ଜୁନ ୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଦିନ କୁ ଦିନ ମାଙ୍କ ଯାତ୍ରା ଗହଳି ହେବାରେ ଲାଗିଛି । ରବିବାର ମାଙ୍କ ଯାତ୍ରା ୨୧ ଦିନ ରେ ପହଂଚି । ବରିଷ୍ଠ ସମାଜ ସେୀ ଦୀପକ କୁମାର ମୁଦୁଲିଙ୍କ ପୁତ୍ର ପ୍ରତୀକ ମୁଦୁଲି ରବିବାର ଦିନ ସ୍ୱତନ୍ତ୍ର ଯାତ୍ରା ହୋଇଥିବାରୁ ସକାଳୁ ତାଙ୍କ ପରିବାରଙ୍କ ପକ୍ଷରୁ ମାଙ୍କୁ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇ ନିମନ୍ତ୍ରଣ କରାଯାଇଥିଲା । ଆନ୍ଧ୍ରାକାଳୀ,ବାଘ, ହାତୀ ଘୋଡା, ଠାରୁ ଆରମ୍ଭ ପାଇକ ଆଖଣ୍ଡା, ସିଙ୍ଗବାଜା ଏବଂ ଦେଶର ଆନେକ ରାଜ୍ୟର କଳାକାର ଗ୍ରୁପ ସାମିଲ ୨୫ ଟି ଦଳର ବିରାଟ ପାଟୁଆରରେ ସନ୍ଧ୍ୟା ରେ ମାଙ୍କ ଆଳତି ପରେ ନଗର ପରିକ୍ରମା କରି ଦୀପକ ମୁଦୁଲିଙ୍କ ସ୍ୱତନ୍ତ୍ର ଭୋଗ ଗ୍ରହଣ କରିଥିଲେ । ଏହି ଅବସର ସ୍ଥାନୀୟ ରିକାପଲ୍ଲୀ ଛକ ଠାରେ ଲୋକଙ୍କ ମନୋରଞ୍ଜନ ନିମନ୍ତେ ମେଲୋଡି ଏବଂ ସହରର ଅନ୍ୟ ସ୍ଥାନ ମାନଙ୍କ ରେ ଭଜନ ସମାରୋହରେ ଅନୁଷ୍ଠିତ ହୋଇଥିଲା । ଏହି ଅବସର ହଜାର ହଜାର ଭକ୍ତ ମାନେ ମାଙ୍କ ପ୍ରସାଦ ସେବନ କରିଥିଲେ । ଯାତ୍ରା କମିଟି ର ମ୍ୟାନଜର ସିଏଚ ଦୟାନନ୍ଦ ରେଡ୍ଡୀ ଓ ଆସି ଷ୍ଟାଣ୍ଡ ମ୍ୟାନଜର ଏମ. ସମରେନ୍ଦ୍ର ସେନାପତି, ସମ୍ପାଦକ ପି. ରାଜୁ ରେଡ୍ଡୀଙ୍କ ସମେତ ଅନ୍ୟାନ୍ୟ ସଦସ୍ୟମାନଙ୍କ ସହଯୋଗ ରେ ଚଳିତ ବର୍ଷ ବଡ଼ ବଡ଼ ତୋରଣ ସହିତ ଆଲୋକ ଶଯ୍ୟା ଏବଂ ବିଭିନ୍ନ ଛକରେ କଳାକୁଞ୍ଜ ସ୍ଥାପନ କରାଯାଇଛି ଏହାସହିତ ଦର୍ଶକ ମାନେ ମିନା ବଜାର ଓ ରାମଦୋଳି ର ମଜା ନେଉଛନ୍ତି ।

### ଲୋକଙ୍କୁ ଆଣ୍ଡେଇ ରାସ୍ତା ଉପରେ ଚଲେଇବା ଘଟଣା

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଚନ୍ଦାହାଣ୍ଡି ଥାନା ଘେରାଉ

ନବରଙ୍ଗପୁର,(ସବ୍ୟୁ) : ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ଥାନା ଅଞ୍ଚଳରେ ନିଜ ନିଜର ବଳଦକୁ ନେଇ ଚନ୍ଦାହାଣ୍ଡିରୁ ରାଇଘରକୁ ନେବା ସମୟରେ କିଛି ଲୋକ ଲୋଧୁଆପଡ଼ା ଗ୍ରାମ ନିକଟରେ ଅଟକେଇ ଥିଲେ। ସେମାନଙ୍କୁ ୪୪ ଡିଗ୍ରୀ ଖରାରେ ଆଣ୍ଡେଇ ଚଲେଇବା ସହ ସେମାନଙ୍କୁ ମାଡ଼ ମାରିଥିଲେ। ଏହି ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ଚନ୍ଦାହାଣ୍ଡି ବ୍ଲକର ଅନୁସୂଚିତ ଜାତି ଜନଜାତି, ପଛୁଆ ବର୍ଗ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟର ଶତାଧିକ ବ୍ୟକ୍ତି ଆଜି ସକାଳୁ ଚନ୍ଦାହାଣ୍ଡି ଥାନା ଘେରାଉ କରିଛନ୍ତ। ପୁଲିସ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ନକରିବା ପର୍ଯ୍ୟନ୍ତ ଥାନା ସମ୍ମୁଖରୁ ହଟିବୁ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ପୁଲିସ ଜଣେ ଅଭିଯୁକ୍ତ ଶ୍ରୀମନ୍ତ ରଥଙ୍କୁ ଅଟକ ରଖିଥିବା ସହ ଚନ୍ଦାହାଣ୍ଡି ଥାନାରେ ଏକ ମାମଲା ରୁଜୁ କରିଛି।

ଗତ ୨୧ ତାରିଖ ଗୁରୁବାର ଦିନ ରାଇଘର ଭାର ସୋଣ୍ଡି ଅଞ୍ଚଳର କିଛି ବଙ୍ଗୀୟ, ଆଦିବାସୀ, ଗୌଡ଼ ସମ୍ପ୍ରଦାୟର ଚାଷୀମାନେ ନିଜ ବଳଦଗୁଡ଼ିକୁ ଚନ୍ଦାହାଣ୍ଡି ବ୍ଲକ୍ ର ଡହିମାଲ ଗ୍ରାମରେ ଚରେଇବାକୁ ଦେଇଥିଲେ। ତେବେ ଚାଷ ଋତୁ ପାଖେଇ ଆସିଥିବାରୁ ନିଜ ଗାଁକୁ ବଳଦ ସବୁ ନେଇ କି ଯାଉଥିଲେ। ସେମାନେ ପୀଡ଼ିତ ଚାଷୀମାନଙ୍କୁ ବଳଦ ସହ ଅଟକାଇଥିଲେ ଓ ନିର୍ଦ୍ଧୁମ ମାଡ଼ ମାରିବା ସହ ପ୍ରଚଣ୍ଡ ଖରାରେ ଆଣ୍ଡେଇ ଆଣ୍ଡେଇ ଚଲାଇ ଚଲାଇ ନେଇଥିଲେ ଓ ବିଭିନ୍ନ ପ୍ରକାର ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରି ଏହାର ଭିଡିଓ ଉତ୍ତୋଳନ କରି ସାମାଜିକ ଗଣମାଧ୍ୟମରେ ଛାଡିଥିଲେ। ଏହି ସବୁ ଭିଡିଓ ଭାଇରାଲ ହେବା ପରେ ଚନ୍ଦାହାଣ୍ଡି ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଭିନ୍ନ ମହଲରେ ଏହି ଘଟଣାକୁ ତୀବ୍ର ନିନ୍ଦା କରିଥିବା ବେଳେ ଆଜି ଚନ୍ଦାହାଣ୍ଡି ବ୍ଲକ୍ ଏସ ସି ,ଏସ ଟି ଓବିସି ଓ ସଂଖ୍ୟାଲଘୁ ମହାସଂଘ ତରଫରୁ ଚନ୍ଦାହାଣ୍ଡି ଥାନା ଘେରାଉ କରା ଯାଇଛି। ସଂପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ ନ ହେବା ପର୍ଯ୍ୟନ୍ତ ଥାନା ସାମନାରେ ଧାରଣା ଦେବେ ବୋଲି ଆନ୍ଦୋଳନକାରୀମାନେ ପ୍ରକାଶ କରିଛନ୍ତି।

## ପୋଖରୀରେ ବୁଡ଼ି ଦୁଇ ଜଣଙ୍କ ମୃତ୍ୟୁ

ବ୍ରହ୍ମପୁର, (ସବ୍ୟୁ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି ନୂଆ ସାହି ନିକଟରେ ଥିବା ବଡ ବନ୍ଧରେ ବୁଡ଼ି ଜଣେ ଛାତ୍ର ସମେତ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ଅଗ୍ନିଶମ ବିଭାଗର ଆଗ୍ନିକମାନେ ପୋଖରୀ ଭିତରୁ ଦୁଇଜଣଙ୍କ ମୃତଦେହ ଉଦ୍ଧାର କରି ପୋଲିସକୁ ହସ୍ତାନ୍ତର କରିଛି। ମୃତକ ଦ୍ୱୟ ହେଲେ ଅଯୋଧାନଗର ୨ୟ ଲାଇନରେ ବିଶ୍ୱଜିତ ପଣ୍ଡା (୧୬)। ସେ ନିକଟରେ ମେଟ୍ରିକ ପାସ ହୋଇଥିଲେ ବୋଲି ଜଣାପଡିଛି। ଅନ୍ୟ ଜଣେ ହେଲେ ଖୋଡାସିଂଗ ଅଞ୍ଚଳର ଅଭିଜିତ ମାରାଣ୍ଡି (୧୬)। ପୋଲିସ ଏସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଛେଦ ପାଇଁ ପଠାଇଛି। ଘଟଣାର ତଦନ୍ତ ଜାରି ରଖିଛି। ସୂଚନା ମୁତାବକ ରବିବାର ସକାଳେ ୩ଜଣ ଯୁବକ ଉକ୍ତ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତା ଯୋଗୁଁ ସେମାନେ ପୋଖରୀ ଭିତରେ ବୁଡ଼ି ଯାଇଥିଲେ। ସେଠାରେ ଗାଧୋଉଥିବା ଲୋକମାନେ ଜଣେ ଯୁବକଙ୍କୁ ଉଦ୍ଧାର କରିବା ସହ ଦୁଇଜଣଙ୍କୁ ଖୋଜି ବାହାର କରିପାରିନଥିଲେ। ଅଗ୍ନିଶମ ବିଭାଗକୁ ଖବର କରିଥିଲେ। ପରେ ଆଗ୍ନିକମାନେ ସେଠାରେ ପହଞ୍ଚି ପୋଖରୀ ଭିତରୁ ଉକ୍ତଦୁଇ ମୃତଦେହ ଉଦ୍ଧାର କରିଥିଲେ ।

## ବ୍ରହ୍ମପୁର ପୋଲିସର 'ସଣ୍ଡେ ଅନ ସାଇକେଲ'



ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ପୋଲିସ ପକ୍ଷରୁ 'ସଣ୍ଡେ ଅନ ସାଇକେଲ' କାର୍ଯ୍ୟକ୍ରମରେ ଏକ ବିଶେଷ ସାଇକେଲ ଯାତ୍ରା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏସ୍ପି ଡା.ସର୍ବଣା ବିବେକ ଏମ. , ଅତିରିକ୍ତ ଏସ୍ପି ,ଏସ୍ଡିପିଓ ଆଇଆଇସି, ଇନ୍ସପେକ୍ଟର ସମେତ ବିଭିନ୍ନ ପଦବୀର ୭୫ ଜଣ ପୋଲିସ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ସକାଳ ୬ଟାରେ ବ୍ରହ୍ମପୁର ପୋଲିସ ଜିଲ୍ଲା କାର୍ଯ୍ୟାଳୟ (ଡିପିଓ) ଠାରୁ ଯାତ୍ରା ଆରମ୍ଭ କରି ସେମାନେ ଗୋପାଳପୁର ପର୍ଯ୍ୟନ୍ତ ସୁନ୍ଦର ଉପକୂଳ ରାସ୍ତା ଦେଇ ସାଇକେଲ ଚଢ଼ିଥିଲେ। ଜନସାଧାରଣଙ୍କ ମଧ୍ୟରେ ଶାରୀରିକ ଫିଟନେସ ଓ ସ୍ୱାସ୍ଥ୍ୟକର ଜୀବନଶୈଳୀ ପ୍ରତି ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥି ସହିତ ଅଳ୍ପ ଦୂରତ୍ୱ ପାଇଁ ମୋଟର ଗାଡ଼ି ଉପରେ ନିର୍ଭରଶୀଳତା କମ କରିବା ଏବଂ ପରିବେଶ ସଚେତନତା ବଢ଼ାଇବା ମଧ୍ୟ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ । ପୋଲିସ କର୍ମଚାରୀମାନେ ରବିବାର ସକାଳେ ସାଇକେଲ ବ୍ୟବହାର କରି ନିଜର ଫିଟନେସ ପ୍ରତି ପ୍ରତିବଦ୍ଧତା ଏବଂ ପରିବେଶ ପ୍ରତି ଦାୟିତ୍ୱବୋଧର ଏକ ସୁନ୍ଦର ଉଦାହରଣ ସ୍ଥାପନ କରିଛନ୍ତି। 'ସଣ୍ଡେ ଅନ ସାଇକେଲ'କାର୍ଯ୍ୟକ୍ରମ କୁ ନିୟମିତ ସାପ୍ତାହିକ ଘଟଣା ଭାବେ ଜାରି ରଖାଯିବ ବୋଲି ପୋଲିସ ପକ୍ଷରୁ ଜଣାପଡ଼ିଛି। ଏହା ଦ୍ୱାରା ଯୁବପିଢ଼ି ଓ ସାଧାରଣ ଜନତାଙ୍କୁ ସୱାସ୍ଥ୍ୟକର ଓ ସକ୍ରିୟ ଜୀବନଶୈଳୀ ଗ୍ରହଣ କରିବା ପାଇଁ ପ୍ରେରଣା ମିଳିବ ବୋଲି ଆଶା କରାଯାଉଛି। ବ୍ରହ୍ମପୁର ପୋଲିସ ନିଜ କର୍ମଚାରୀଙ୍କ ସମଗ୍ର କଲ୍ୟାଣ ଏବଂ ସମାଜର ମଙ୍ଗଳ ପାଇଁ ପ୍ରତିବଦ୍ଧ ରହିଛି ଏବଂ ଫିଟ ଇଣ୍ଡିଆ ଅଭିଯାନର ଦର୍ଶନକୁ ବାସ୍ତବରେ ରୂପାୟନ କରୁଛି।

### ପ୍ରେମ ସମ୍ପର୍କ : ଜୀବନ ହାରିଲେ ଯୁବକ

## ଥାନା ଆଗରେ ଶବ ରଖି ବିକ୍ଷୋଭ

ବାରିପଦା, (ସବ୍ୟୁ) : ପ୍ରେମ ସମ୍ପର୍କକୁ ନେଇ ବିଷ ପିଇ ଜୀବନ ହାରିଲେ ଯୁବକ ।ଝିଅର ବିବାହ ଅନ୍ୟତ୍ର ସ୍ଥିର ହୋଇଥିବାର ଜାଣି, ପୁଅ ତାର ବାହାଘର ଭାଙ୍ଗି ଦେଇ ଥିବାର ଥାନାରେ ଅଭିଯୋଗ କରିଥିଲେ ଜୈନିକ ଯୁବତୀ। ଯାହାକୁ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଝିଅ ପରିବାର ପକ୍ଷରୁ ପୁଅ ପରିବାର ଏବଂ ଆତ୍ମହତ୍ୟା କରିଥିବା ପୁଅ ବ୍ରହ୍ମାନନ୍ଦ ଗିରିଙ୍କୁ ବାରମ୍ବାର ଧମକ ଦେଇ ଭୟଭିତ କରିବାରର ଅଭିଯୋଗ କରିଛନ୍ତି ପୁଅ ପରିବାର ଲୋକେ। ଝିଅ ପରିବାର ତାଙ୍କୁ ଆତ୍ମହତ୍ୟା କରିବା ପାଇଁ ବାଧ୍ୟ କରିବାରୁ ଚାପଗ୍ରସ୍ତ ହୋଇ ଲାଇଫ ଭିଡ଼ିଓ କରି ଆତ୍ମହତ୍ୟା କରିଥିଲେ। ଝିଅ ପରିବାର ଏବଂ ଝିଅର ଭାଇ ଜୀବନରୁ ମାରିବା ପାଇଁ ଉଦ୍ୟମ କରିଥିବା ଭିଡିଓ କରି ବିଷ ପିଇଥିଲେ। ଝିଅର ବାପା ଓ ଝିଅ ନାମରେ ମଧ୍ୟ ଅଭିଯୋଗ ଆଣି ବହୁବାର ମାରିବା ପାଇଁ ଉଦ୍ୟମ କରିଥିଲେ ବୋଲି ଭିଡିଓ କରି ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ତେବେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଚିକିସାଧୀନ ଅବସ୍ଥାରେ ଶନିବାରଦିନ ମୃତ୍ୟୁ ହୋଇଛି, ଶବବ୍ୟବଚ୍ଛେଦ ପରେ ଆମ୍ବୁଲାନ୍ସ ଯୋଗେ ଶବକୁ ଆଣି ରାସଗୋବିନ୍ଦପୁର ଥାନା ସମ୍ମୁଖରେ ଶବକୁ ରଖି ନ୍ୟାୟ ଦାବିରେ ବିକ୍ଷୋଭ କରିବା ସହ ଥାନା ଗେଟକୁ ଠେଲି ଥାନାକୁ ଧସେଇ ପଶିବାକୁ ଚେଷ୍ଟା କରିଥିଲେ । ତେବେ ରାସଗୋବିନ୍ଦପୁର ପୋଲିସ ପକ୍ଷରୁ କୁହାଯାଇଥିଲା ପ୍ରଥମେ ଲିଖିତ ଅଭିଯୋଗ କରିବା ପାଇଁ କୁହାଯାଇଥିଲା, ତେବେ ଉତ୍ତେଜନାକୁ ଲକ୍ଷ କରି ଘଟଣା ସ୍ଥଳରେ ଅତିରିକ୍ତ ଏସପି ଦୀପକ ଘୋଛାୟତ, ଏସଡିପିଓ ମିନତୀ ବିଶ୍ୱାଳ ପହଂଚି ପରିବାର ବର୍ଗଙ୍କୁ ବୁଝା ସୁଝା କରିବାର ଦେଖିବାକୁ ମିଳିଛି ।

## ଟ୍ରାକ୍ଟର ଓଲଟି ଚାଳକର ମୃତ୍ୟୁ

କନ୍ଧମାଳ,(ସବ୍ୟୁ) : କନ୍ଧମାଳ ଅଞ୍ଚଳରେ ଟ୍ରାକ୍ଟର ଓଲଟିବାରୁ ଜଣେ ଚାଳକର ମୃତ୍ୟୁ ହୋଇଛି । ସୂଚନା ପ୍ରକାରେ କନ୍ଧମାଳ ଥାନା ଅଧିନ ନୂଆଁପାଲି ଗ୍ରାମର ଚିତ ବନଛୋର(୫୨) ନିଜ ଟ୍ରାକ୍ଟର ଯୋଗେ କୌଣସି କାମରେ ଯାଇଥିଲେ । ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଓଲଟି ପଡିବାରୁ ସେ ଟ୍ରାକ୍ଟର ତଳେ ଚାପିହୋଇ ଯାଇଥିଲେ । ଫଳରେ ଘଟଣା ସ୍ଥଳରେ ତାଙ୍କର ଜୀବନ ଚାଲି ଯାଇଛି । କନ୍ଧମାଳ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିବା ସହିତ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଛି । ଏନେଇ କନ୍ଧମାଳ ଥାନାରେ ଏକ ମାମଲା ରୁଜୁ କରାଯାଇଛି ବୋଲି ଥାନା ଅଧିକାରୀ ବାସୁଦେବ ଭୋଇ ସୂଚନା ଦେଇଛନ୍ତି ।

### ମିଛ ବିଲ କରି ୩୮ ଲକ୍ଷ ଟଙ୍କା ଚଲୁ

## ଏଡିଓ, ପିଇଓ ନିଲମ୍ବିତ

ଭୁବନେଶ୍ୱର, (ସବ୍ୟୁ) : କନ୍ଧମାଳ ଜିଲ୍ଲା କୋଟଗ ବ୍ଲକ ଧରାକୋଟ ପଞ୍ଚାୟତରେ ହୋଇଥିବା ମହାଦୁର୍ନୀତିର ପର୍ଦାଫାସ ହେଇଛି। ବ୍ଲକର ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ସହକାରୀ ଉନ୍ନୟନ ଅଧିକାରୀ (ଏଡିଓ) ଏବଂ ଧରାକୋଟ ପଞ୍ଚାୟତ ପିଇଓ ମିଶି ଏହି ଦୁର୍ନୀତି କରିଛନ୍ତି। ଧରାକୋଟ ପଞ୍ଚାୟତରେ ଏନଆରଜିଏସରେ କୌଣସି କାମ ନକରି ସେମାନେ ମିଳିମିଶି ୩୮ ଲକ୍ଷରୁ ଅଧିକ ଟଙ୍କା ଆତ୍ମସାତ କରିଥିବା ସ୍ପଷ୍ଟ ହୋଇଛି।କନ୍ଧମାଳ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦି ଏହି ଘଟଣାର ତଦନ୍ତ କରି ରିପୋର୍ଟ ଦେବା ପରେ କନ୍ଧମାଳ ଜିଲ୍ଲାପାଳ ବେଦ ଭୂଷଣ ପଞ୍ଚାୟତର ନିର୍ବାହୀ ଅଧିକାରୀ (ପିଇଓ) ସୁତନ୍ୟ ମହାକୁଡ଼ ଓ କୋଟଗଡ଼ ବ୍ଲକର ସହକାରୀ ଉନ୍ନୟନ ଅଧିକାରୀ (ଏଡିଓ) କାଂଶୀରାମ ଦିଗାଲଙ୍କୁ ନିଲମ୍ବନ କରିଛନ୍ତି।କୋଟଗଡ଼ ବ୍ଲକର ସହକାରୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ପାତ୍ର ଓ କନିଷ୍ଠ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ବେହେରାଙ୍କୁ ନିଲମ୍ବନ କରିବା ପାଇଁ ରାଜ୍ୟ ସରକାରଙ୍କୁ ସୁପାରିସ କରାଯାଇଛି ବୋଲି ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦି କହିଛନ୍ତି।ଧରାକୋଟ ପଞ୍ଚାୟତରେ ହୋଇଥିବା କିଛି ପୋଖରୀ କାମରେ ମିଛ ମେଟିରିଆଲ ବିଲ କରି ୩୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ କରିଛନ୍ତି। ଏହି ଟଙ୍କା ସେମାନଙ୍କ ଠାରୁ ଆଦାୟ କରାଯିବ ବୋଲି କନ୍ଧମାଳ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ କହିଛନ୍ତି। ଏହା ସହିତ ଅନ୍ୟ ବ୍ଲକ ଏବଂ ପଞ୍ଚାୟତଗୁଡ଼ିକରୁ ଯଦି ଏଭଳି ଦୁର୍ନୀତି ଅଭିଯୋଗ ଆସେ, ତା'ହେଲେ ନିଶ୍ଚିତ ଭାବେ ତା'ର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

## ବିଦ୍ୟୁତ ଆଘାତରେ ଯୁବକ ମୃତ

ହିଞ୍ଜିଳିକାଟୁ, (ସବ୍ୟୁ): ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ପୌରାଞ୍ଚଳ ଘୋଡାହାଡ ନଦୀ ନିକଟରେ ଚାଲିଥିଲା ଅପେରା ପରିବେଷଣ।ପରିବେଷଣ ସମୟରେ ଅସାବଧାନତା ବଶତଃ ବିଦ୍ୟୁ ଆଘାତରେ ଚାଲିଗଲା ଯୁବକଙ୍କ ଜୀବନ। ମୃତ ଯୁକ ଜଣଙ୍କ ହେଲେ ହିଞ୍ଜିଳି ଥାନା ତଥା ହିଞ୍ଜିଳିକାଟୁ ପୌରାଞ୍ଚଳ ଆଙ୍କୋରଡା ଗ୍ରାମର ବଳିଆ ନାହାକ (୨୩) । ଏଭଳି ଏକ ଘଟଣା ଶନିବାର ବିଳମ୍ବିତ ରାତିରେ ହିଞ୍ଜିଳିକାଟୁ ପୌରାଞ୍ଚଳରେ ଦେଖିବାକୁ ମିଳିଛି। ଅପେରା କମିଟି ଓ କିଛି ଦର୍ଶକ ବଳିଆଙ୍କୁ ଉଦ୍ଧାର କରି ଚିକିସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଆଙ୍କୋରଡା ଗ୍ରାମର ୫ଶହରୁ ଉର୍ଦ୍ଧ୍ୱ ଲୋକ କ୍ଷତିପୂରଣ ଦାବିରେ ହିଞ୍ଜିଳି ଥାନା ଘେରାଉ କରିଥିଲେ। ଖବର ପାଇ ହିଞ୍ଜିଳି ପୁଲିସ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ମୃତଦେହକୁ ଜବତ କରିଛି। ଏ ନେଇ ହିଞ୍ଜିଳି ଥାନାରେ କେସ ନଂ - ୮/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ରବିବାର ସକାଳେ ମୃତଦେହ ବ୍ୟବଚ୍ଛେଦ ସକାଶେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇ ପୁଲିସ ଘଟଣାର ତଦନ୍ତ ଚଳାଇଛି। ଗୋଟିଏ ପଟେ ମୃତଦେହ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ପଡି ରହିଥିବା ବେଳେ, ମୃତଦେହ ନିକଟରେ କେହି ବି ନଥିଲେ ।ବହୁ ବାଦବିବାଦ ପରେ ଅପେରା ପରିଚାଳକ ଓ ମାଲିକ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ସହମତି ପ୍ରକାଶ କରିଛନ୍ତି। ଯାତ୍ରା କଳାକାର ପିୟୁଷ ତ୍ରିପାଠୀ ମୃତକଙ୍କ ପରିବାରକୁ ୫୦ ହଜାର ଟଙ୍କା ପ୍ରଦାନ କରିବା ସହ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି।

## ଦନ୍ତା ହାତୀର ମୃତ୍ୟୁ, କାରଣ ଖୋଜୁଛି ବନବିଭାଗ

ନର୍ଲା,(ସବ୍ୟୁ) : କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ନର୍ଲା ରେଞ୍ଜ କମର୍ଦ୍ଧା ସେକ୍ସନ କମର୍ଦ୍ଧା ବିଟର ଏକ ପୋଖରୀ ହୁଡ଼ା ଉପରେ ଏକ ଦନ୍ତା ହାତୀର ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତ ଦନ୍ତା ହାତୀଟି କେବେଠୁ ମରି ପଡ଼ିଛି କାହାରିକୁ ଜଣାନାହିଁ। ତେବେ ଦୁର୍ଗନ୍ଧ ହେଉଥିବାରୁ ସ୍ଥାନୀୟ ଲୋକ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ସ୍ଥାନୀୟ ବନ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣା ପଡିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାଇ ଆଜିକୁ ଦୁଇରୁ ତିନି ଦିନ ମଧ୍ୟରେ ଦନ୍ତା ହାତୀ ମୃତ୍ୟୁ ବରଣ କରିଥିବ ବୋଲି ମତ ପ୍ରକାଶ କରିଛନ୍ତି । ଦୁଇଦିନ ତଳେ ହାତୀଙ୍କ ଗର୍ଜନ ଶୁଣାଯାଉ ଥିଲା ତେଣୁ ହାତୀ ଓ ହାତୀ ମଧ୍ୟରେ ଲଢ଼େଇ ବା ଅନ୍ୟ କେହି ମାରିଲା ତାହା ସ୍ପଷ୍ଟ ହୋଇ ନାହିଁ। ଛଦନ୍ତା ହାତୀର ସଠିକ ମୃତ୍ୟୁ ଏପର୍ଯ୍ୟନ୍ତ ଜଣା ପଡ଼ିନାହିଁ ତେଣୁ ବନ ବିଭାଗ ଉପସ୍ଥିତ ରହି ତାହାର ତଦନ୍ତ କରୁଛି ।

## କପ୍ତିପଦାର ୬ଟି ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରିବାକୁ ଦାବିପତ୍ର



ବାରିପଦା, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲାର ଉପାନ୍ତ ତଥା ସଂପୂର୍ଣ୍ଣ ଆଦିବାସୀ ଅଧୁଷିତ ଅଞ୍ଚଳ କପ୍ତିପଦା ବ୍ଲକର ଶରତ ଅଞ୍ଚଳ ଅବସ୍ଥିତ ରହିଛି। ଅଞ୍ଚଳବାସୀ ଗମନାଗମନ ଭଳି ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ରାସ୍ତା ସମସଯା ରହିଥିବା କାରଣରୁ ଶରତ ଅଞ୍ଚଳରେ ଅନେକ ସମୟରେ ଖଟିଆରେ ରୋଗୀଙ୍କୁ ବୋହା ଯାଉଥିବା ଭଳି ଦୃଶ୍ୟମନକୁ ବ୍ୟଥିତ କରେ। ଚିର ଅବହେଳିତ ଅବସ୍ଥାରେ ରହିଥିବା ଶରତ ଅଞ୍ଚଳରେ ଗମନାଗମନର ସୁବିଧା କରାଯିବା ନିମନ୍ତେ ୬ଗୋଟି ଗୁରୁତ୍ୱପୂର୍ଣ୍ଣ ରାସ୍ତା ଗୁଡିକ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରାଯିବା ଦାବିରେ ଜିଲ୍ଲାପାଳ ହେମକାନ୍ତ ସୟ ଏବଂ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କୁ ଶୁକ୍ରବାର ଦିନ ଭେଟି ଶରତ ବିକାଶ ମଞ୍ଚ ଦ୍ୱାରା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ପୃଥକ ପୃଥକ ଭାବରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ଶରତ ବିକାଶ ମଞ୍ଚ ସଭାପତି ଗାମାଏ ରିମିଲ ସିଂ ଗୋଇପାଇ ଏବଂ ଯୁଗ୍ମ ସମ୍ପାଦକ ଜାମାଦାର ବାଲମୁଚୁଙ୍କ ନେତୃତ୍ୱରେ ଆଜି ଦିଆ ଯାଇଥିବା ଜଣାଯାଇଛି। ୬ଗୋଟି ମାଟି(ମୋରମ) ରାସ୍ତା ଉପରେ ମୁଖଯମନ୍ତ୍ରୀ ସଡକ ଯୋଜନାରେ ସାମିଲ କରାଯିବା ଦାବିରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ରାସ୍ତା ପ୍ରକଳ୍ପ ଗୁଡିକ ମଧ୍ୟରେ ଯଥାକ୍ରମେ ରାଣୀପୋଖରୀ ଗ୍ରାମ ପଞ୍ଚାୟତର ଲାମ୍ବୁଆସାହି ଛକଠାରୁ ସରଡିହା ପଞ୍ଚାୟତର ଭଣ୍ଡାର ଗ୍ରାମ ଛକ(୧୦କିଲୋ ମିଟର) ଭାୟା ପେଚାଦର ଗ୍ରାମ ପର୍ଯ୍ୟନ୍ତ ପିଚ ରାସ୍ତା ନିର୍ମାଣ, କଳମଗୋଡିଆ ଗ୍ରାମ ପଞ୍ଚାୟତର ବାମୁଣୀ ଗ୍ରାମ ଛକଠାରୁ କେନ୍ଦୁଝର ଜିଲ୍ଲାର ପାଲବଣୀ ଗ୍ରାମ ଛକ(ହାଟଡିହି ବ୍ଲକ), ୧୦କିଲୋମିଟର ପର୍ଯ୍ୟନ୍ତ ପିଚ ରାସ୍ତା ନିର୍ମାଣ, ମଝିଗୋଡିଆ ଗ୍ରାମ ପଞ୍ଚୟତର ସାପଘର ଛକଠାରୁ ପଦ୍ମପୋଖରୀ ଗ୍ରାମ ପଞ୍ଚାୟତର ଧପଡା ଗ୍ରାମ ଛକ ରାସ୍ତା(୧୦କିଲୋ ମିଟର) ପର୍ଯ୍ୟନ୍ତ ପିଚ ରାସ୍ତା ନିର୍ମାଣ କଳମଗୋଡିଆ ଗ୍ରାମ ପଞ୍ଚାୟତର ଝାଉଁରୀ ଛକଠାରୁ ସୁଡ଼ଙ୍ଗ ଗ୍ରାମ(୧୦ କିଲୋମିଟର ରାସ୍ତା) ପର୍ଯ୍ୟନ୍ତ ପିଚ୍ ରାସ୍ତା ନିର୍ମାଣ, ସରଡିହା ଗ୍ରାମ ପଞ୍ଚାୟତର ସରଡିହା ଗ୍ରାମ ଛକଠାରୁ ସୁଡ଼ଙ୍ଗ ଗ୍ରାମ(୧୦କିଲୋମିଟର) ପର୍ଯ୍ୟନ୍ତ ପିଚ ରାସ୍ତା ନିର୍ମାଣ, ରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତର କେନ୍ଦୁଗୋଠ ଛକଠାରୁ କଳମଗୋଡିଆ ଗ୍ରାମ ପଞ୍ଚାୟତର କଳମଗୋଡିଆ ହାଇସ୍କୁଲ ଛକ(୧୦କିଲୋମିଟର) ପର୍ଯ୍ୟନ୍ତ ପିଚ୍ ରାସ୍ତା ନିର୍ମାଣ ଦାବିପତ୍ର ପ୍ରଦାନ ସମୟରେ ମଞ୍ଚର ସଭାପତି ଗାମାଏ ରିମିଲ ସିଂ ଗୋଇପାଇ, ଯୁଗ୍ମ ସମ୍ପାଦକ ଜାମାଦାର ବାଲମୁଚୁ, ନବୀନ ମୁଣ୍ଡୁରୀ, ଗୁଲୁରାମ ଲାମାଏ, ଦୁଲମୁ ଆଲଡା ଏବଂ ଦୟାନନ୍ଦ ମୁଣ୍ଡୁରୀ ପ୍ରମୁଖ ଉପସ୍ଥିତ ଥିଲେ।

### ହୋଟେଲରୁ ସେକ୍ସ ରାକେଟ ଠାବ

## ୫ ରୂପଜୀବୀ ଉଦ୍ଧାର, ୭ ଗ୍ରାହକ ଅଟକ

ସୋନପୁର,(ସବ୍ୟୁ) : ସୋନପୁର ସହରର ବିନିକା ରାସ୍ତାରେ ଥିବା ଏକ ହୋଟେଲରୁ ପୁଲିସ ସେକ୍ସ ରାକେଟ୍ ଠାବ କରିଛି। ଚଢ଼ଉ ବେଳେ ବିଭିନ୍ନ କୋଠରୀରୁ ୫ ଜଣ ରୂପଜୀବୀ ଓ ୭ ଜଣ ଗ୍ରାହକଙ୍କୁ ଉଠାଇ ଆଣିଛି। ଦେହ ବ୍ୟବସାୟରେ ଲିପ୍ତ ଥିବା ଯୁବତୀମାନେ କେଉଁ ଅଞ୍ଚଳର, କେବେଠାରୁ ହୋଟେଲରେ ଦେହ ବ୍ୟବସାୟ ଚାଲିଥିଲା ଏହାକୁ ନେଇ ପୁଲିସ ତନଘନା ଆରମ୍ଭ କରିଛି। ସମସ୍ତଙ୍କୁ ସୋନପୁର ଥାନାରେ ଅଟକ ରଖି ପଚରାଉଚରା ଚାଲିଥିବା ଜଣାପଡ଼ିଛି । ସୂଚନା ଅନୁସାରେ, ସଂପୃକ୍ତ ହୋଟେଲରେ ଦେହ ବ୍ୟବସାୟ ଚାଲିଥିବା ପୁଲିସ ଗୁପ୍ତ ସୂଚନା ପାଇଥିଲା। ଶନିବାର ବିଦ୍ୟୁତ ବିଭ୍ରାଟ ଲାଗି ରହିଥିବା ବେଳେ ବିଳମ୍ବିତ ରାତିରେ ପୁଲିସ ହୋଟେଲ ଉପରେ ଅତର୍କିତ ଚଢ଼ଉ କରିଥିଲା। ରୂପଜୀବୀଙ୍କ ସହ ବିଭିନ୍ନ ଆପତ୍ତିଜନକ ଜିନିଷ ଜବତ ହୋଇଛି। ଘଟଣା ସଂପର୍କରେ ଏସପି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେବେ ବୋଲି ଜଣାଯାଇଛି।

## ବ୍ରହ୍ମପୁରରେ ପିଡବ୍ଲ୍ୟୁର ନୂଆ ଅଫ୍‌ଲାଇନ ସେଣ୍ଟର

ବ୍ରହ୍ମପୁର(ସବ୍ୟୁ): ଶିକ୍ଷା କମ୍ପାନୀ ଫିଜିକ୍ସୱାଲା (ପିଡବ୍ଲ୍ୟୁ)ର ସରକାରୀ ପରୀକ୍ଷା ପ୍ରସ୍ତୁତି ଶାଖା, ଗଭର୍ଣ୍ଣମେଣ୍ଟ ଏଗଜାମୱାଲା ପକ୍ଷରୁ ବ୍ରହ୍ମପୁରଠାରେ ଏକ ନୂତନ ଅଫ୍ଲାଇନ ସେଣ୍ଟର ଆରମ୍ଭ କରାଯାଇଛି । ଉକ୍ତ ଅଞ୍ଚଳରେ କମ୍ପିଟିଟିଭ ପରୀକ୍ଷାଗୁଡିକ ପାଇଁ ପ୍ରସ୍ତୁତି ମାର୍ଗଦର୍ଶନ ବୃଦ୍ଧି କରିଛି ।ଏହି ନୂଆ ସେଣ୍ଟର ଏକ ବିସ୍ତୃତ ଶୃଙ୍ଖଳାର କମ୍ପିଟିଟିଭ ପରୀକ୍ଷା ପାଇଁ କ୍ଲାସରୁମ ପ୍ରୋଗ୍ରାମ ପ୍ରଦାନ କରିବ । ଏଥିରେ ଏସଏସସି ପରୀକ୍ଷା (ସିଜିଏଲ, ସିଏଚଏସଏଲ, ଏମଟିଏସ, ଜିଡି), ଆଇବିପିଏସ ଓ ଏସବିଆଇ (ପିଓ, କ୍ଲର୍କ, ଏସଓ) ଭଳି ବ୍ୟାଙ୍କିଙ୍ଗ ପରୀକ୍ଷା, ରେଲୱେ ରିକ୍ରୁଇଟମେଂଟ ବୋର୍ଡ (ଆରଆରବି) ପରୀକ୍ଷା ଏବଂ ଏମପିଇଏସବି (ଏମପିଏସଆଇ, ଏମପି ପୋଲିସ-କନେଷ୍ଟବଳ/ଏସଆଇ) ଭଳି ରାଜ୍ୟସ୍ତରୀୟ ପରୀକ୍ଷା ଆଦି ସାମିଲ ରହିଛି । ଏହି ଅବସରରେ ପିଡବ୍ଲ୍ୟୁ ଅନଲାଇନର ସିଇଓ, ଅତୁଲ କୁମାର କହିଛନ୍ତି, ବ୍ରହ୍ମପୁରରେ ବିଭିନ୍ନ ସରକାରୀ ପରୀକ୍ଷା ପାଇଁ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କର ଏକ ବର୍ଦ୍ଧିତ ସମୁଦାୟ ରହିଛି । ଏହି ନୂଆ ସେଣ୍ଟର ମାଧ୍ୟମରେ ଆମେ ଏଭଳି ଛାତ୍ରଛାତ୍ରୀଙ୍କ ପାଇଁ ପ୍ରସ୍ତୁତି ସହଯୋଗକୁ ଅଧିକ ପହଞ୍ଚଯୋଗ୍ୟ କରିବାକୁ ଲକ୍ଷ୍ୟ ରଖିଛୁ । ଆମର ପ୍ରୟାସ ହେଉଛି ସବୁବେଳେ ସେମାନଙ୍କ ପାଇଁ ଏକ ମଜବୁତ ଏକାଡେମିକ ସପୋର୍ଟ ଇକୋସିଷ୍ଟମ ନିର୍ମାଣ କରିବା ଯାହାଫଳରେ ସେମାନେ ଆତ୍ମବିଶ୍ୱାସର ସହ ନିଜ ଲକ୍ଷ୍ୟ ଆଡକୁ ଅଗ୍ରସର ହୋଇପାରିବେ । ଏହି ସେଂଟର ଛାତ୍ରଛାତ୍ରୀଙ୍କୁ ଏକ ଅଧିକ ସଂଗଠିତ ଶିକ୍ଷା ପଦ୍ଧତି ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି । ଛାତ୍ରଛାତ୍ରୀଙ୍କ ନିକଟରେ ଦକ୍ଷ ଶିକ୍ଷାବିତ, ଅଧ୍ୟୟନ ସାମଗ୍ରୀ, ନିୟମିତ ମୂଲ୍ୟାୟନ ଓ ଉତ୍ସର୍ଗୀକୃତ ସନ୍ଦେହ-ସମାଧାନ ସହଯୋଗ ପାଇଁ ପହଂଚ ରହିବ ଯାହା ସେମାନଙ୍କୁ ସ୍ଥିରତା, ସ୍ପଷ୍ଟତା ଓ ପରୀକ୍ଷା ପାଇଁ ପ୍ରସ୍ତୁତିରେ ଅଧିକ ସାହାଯ୍ୟ କରିବ ।

## ଲାୟନ୍ସ ଆଇ ହସ୍ପିଟାଲରେ ଆଧୁନିକ ରେଟିନା କ୍ଲିନିକ୍ ଉଦ୍‌ଘାଟିତ




ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ଲାୟନ୍ସ ଆଇ ହସ୍ପିଟାଲରେ ଏକ ଆଧୁନିକ ଓ ସୁସଜ୍ଜିତ ରେଟିନା କ୍ଲିନିକ୍ ଶୁଭଉଦ୍ଘାଟନ ରବିବାର ଦିନ ଅନୁଷ୍ଠିତ ହୋଇଛି।ଏହି କ୍ଲିନିକ୍ ଉଦ୍ଘାଟନ ପ୍ରସିଦ୍ଧ ଚକ୍ଷୁ ଚିକିତ୍ସକ ଓ ମୁଖ୍ୟଅତିଥି ଡାକ୍ତର ଦିବେୟଶ ସାହାଙ୍କ ଦ୍ୱାରା କରାଯାଇଥିଲା। ଏହିରେଟିନା କ୍ଲିନିକ୍ ସ୍ଥାପନା ସହିତ ବାଲେଶ୍ୱର ଓ ପାର୍ଶ୍ୱର୍ତୀ ଅଞ୍ଚଳର ରେ ।ଗ ୀମ ।ନେ ଏବେଡାୟାବେଟିକ୍ରେଟିନୋପଥି, ମାକ୍ୟୁଲାରଡିଜେନେରେସନ୍, ରେଟିନା ଡିଟାଚମେଣ୍ଟ ଇତଯାଦି ଜଟିଳ ଚକ୍ଷୁରୋଗର ନିର୍ଣ୍ଣୟ ଓ ଉନ୍ନତ ଚିକିତ୍ସା ସୁବିଧା ସ୍ଥାନୀୟ ଭାବରେ ପାଇପାରିବେ।ଏହା ଅଞ୍ଚଳର ଚକ୍ଷୁ ସ୍ୱାସ୍ଥ୍ୟ ସେବାକୁ ଆହୁରି ସୁଦୃଢ଼ କରିବ। ଉଦ୍ଘାଟନ ଅବସରରେ ଲାୟନ୍ସକ୍ଲବର ଜିଲ୍ଲାପ୍ରଶାସକ ଲାୟନ ମମତା ଦାସ , ହସ୍ପିଟାଲର ଅଧକ୍ଷ ଲାୟନ ଗୋପାଳ ଖଣ୍ଡେଲୱାଲ, ସଚିବ ଏଲ୍.ଏନ୍. ରାଜେଶ ଖଣ୍ଡେଲୱାଲ, ବାଲେଶ୍ୱର ଲାୟନ୍ସ କ୍ଲବର ଅଧକ୍ଷ ଲାୟନ ଶିବ ପୋଦାର, ହସ୍ପିଟାଲର ଯୁକ୍ତ ଅଧକ୍ଷ ଲାୟନ ସଞ୍ଜୟ ଦାସ, ପୂର୍ବତନ ଅଧକ୍ଷମାନେ ଲାୟନ ଏସ୍.ବି. ଗୁପ୍ତା,ଲାୟନ ରମେଶ ଗୁପ୍ତା,ଲାୟନ ସୁନୀଲ ମୋଦି ଏବଂ ଲାୟନ ରାଜେଶ ଖଣ୍ଡେଲୱାଲ ସହ ଅନଯାନଯ ସମ୍ମାନୀତ ସଦସ୍ୟମାନେ ଉପସ୍ଥିତ ଥିଲେ। ଅତିଥିମାନେ ଏହି ପ୍ରୟାସକୁ ସମାଜସେବା ମାର୍ଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲ କହିଥିଲେ ଏବଂ ଏହା ଦ୍ୱାରା ଗ୍ରାମୀଣ ଓ ସହରଅଂଚଳର ଲୋକମାନେ ବିଶେଷଲାଭାନ୍ୱିତ ହେବେ ବୋଲି ଆଶାବ୍ୟକ୍ତ କରିଥିଲେ। ହସ୍ପିଟାଲପକ୍ଷରୁ ଜଣାଯାଇଛି ଯେ, ଏହି କ୍ଲିନିକ୍ ଉନ୍ନତ ପ୍ରଯୁକ୍ତି ସହିତ ଅନୁଭବୀ ଡାକ୍ତରମାନେସେବା ଯୋଗାଇବେ ଏବଂ ସୁଲଭ ମୂଲ୍ୟରେ ଉଚ୍ଚମାନର ଚକ୍ଷୁଚିକିତ୍ସା ଦେବାକୁ ପ୍ରତିବଦ୍ଧ ଅଛନ୍ତି। ଅନୁଭବୀ ରେଟିନା ବିଶେଷଜ୍ଞ ଡାକ୍ତର ସୁନୀଲ ଦାସ ପ୍ରତିଦିନ କାର୍ଯ୍ୟଦିନରେ ରୋଗୀମାନଙ୍କ ପରାମର୍ଶ ଓ ରେଟିନା ସର୍ଜେରୀ ପାଇଁ ଉପଲବ୍ଧ ରହିବେ। ଏହି ରେଟିନା କ୍ଲିନିକ୍ ଆରମ୍ଭ ହେବା ସହିତ ବାଲେଶ୍ୱର ଅଂଚଳରେ ଚକ୍ଷୁ ସ୍ୱାସ୍ଥ୍ୟସେବାରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହେବ ବୋଲି ଆଶା କରାଯାଉଛି।

# ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ, ଶୁଭାରମ୍ଭ

ବାରିପଦା, (ସବ୍ୟୁ) : ରାଜ୍ୟସରକାରଙ୍କ ସହରାଞ୍ଚଳ ଭିତିଭୂମି ବିକାଶ ଏବଂ ଜନସାଧାରଣଙ୍କୁ ଉନ୍ନତ ନାଗରିକ ସୁବିଧା ଯୋଗାଇଦେବା ଲକ୍ଷ୍ୟରେ ବାରିପଦା ପୌରାଞ୍ଚଳରେ ୨୫କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି । ରାଜ୍ୟ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ପ୍ରକଳ୍ପଗୁଡ଼ିକର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି । ରଘୁନାଥପୁର ଠାରେ ଗୋଶାଳା ନିମନ୍ତେ ୬,୭୯,୮୮,୦୦୦ଟଙ୍କା, ଝିଞ୍ଜିରି ବନ୍ଧ ସନ୍ନିକଟ ଅଞ୍ଚଳରେ ସହରାଞ୍ଚଳ ଜଳ ନିଷ୍କାସନ ନିମନ୍ତେ ନାଳ ସମୂହ ନିର୍ମାଣର ଭିତ୍ତି ପ୍ରସ୍ତର ସ୍ଥାପନ ନିମନ୍ତେ ୨,୬୦,୨୯,୪୦୦ଟଙ୍କା, ଦୁର୍ଗା ହୋଟେଲ ସନ୍ନିକଟ ଅଞ୍ଚଳରେ ସହରାଞ୍ଚଳ ଜଳ ନିଷ୍କାସନ ନିମନ୍ତେ ନାଳ ସମୂହ ନିର୍ମାଣର ଭିତ୍ତି ପ୍ରସ୍ତର ସ୍ଥାପନ ନିମନ୍ତେ ୨,୫୪,୭୦,୨୦୦ଟଙ୍କା, ଉଦଳା ରୋଡ୍ ଏବଂ ବଗିଚାସାହି ମଧ୍ୟରେ ସହରାଞ୍ଚଳ ଜଳ ନିଷ୍କାସନ ନିମନ୍ତେ ନାଳ ସମୂହ ନିର୍ମାଣର ଭିତ୍ତି ପ୍ରସ୍ତର ସ୍ଥାପନ ୪,୧୨,୫୩,୩୦୦ଟଙ୍କା, ବାରୁଣୀ ଘାଟ ସନ୍ନିକଟ ଅଞ୍ଚଳରେ ସହରାଞ୍ଚଳ ଜଳ ନିଷ୍କାସନ ନିମନ୍ତେ ନାଳ ସମୂହ ନିର୍ମାଣର ଭିତ୍ତି ପ୍ରସ୍ତର ସ୍ଥାପନ ନିମନ୍ତେ ୫,୭୦,୦୬,୩୦୦ଟଙ୍କା, ଷ୍ଟେସନ ରୋଡ୍ ସନ୍ନିକଟ ଅଞ୍ଚଳରେ ସହରାଞ୍ଚଳ ଜଳ ନିଷ୍କାସନ ନିମନ୍ତେ ନାଳ ସମୂହ ନିର୍ମାଣର ଭିତ୍ତି ପ୍ରସ୍ତର ସ୍ଥାପନ ନିମନ୍ତେ ୨,୬୦,୨୩,୭୦୦ଟଙ୍କା, ଆୟୁର୍ବେଦିକ କଲେଜକୁ ରାସ୍ତା ଏବଂ ଡ୍ରେନ୍ ନିର୍ମାଣ ନିମନ୍ତେ ୧,୦୦,୦୦,୦୦୦ଟଙ୍କା । ଏହି ପ୍ରକଳ୍ପ ଗୁଡ଼ିକ ମାଧ୍ୟମରେ ସହରାଞ୍ଚଳର



ଜଳ ନିଷ୍କାସନ ବ୍ୟବସ୍ଥାର ସୁଦୃଢ଼ିକରଣ, ଉନ୍ନତି ଏବଂ ଡ୍ରେନେଜ୍ ବ୍ୟବସ୍ଥାର ବିକାଶ ହେବା ସହିତ ସାଧାରଣ ଲୋକଙ୍କ ଅସୁବିଧାକୁ ଦୂର କରିବାରେ ସହାୟକ ହୋଇ ପାରିବ ବୋଲି କୁହାଯାଉଛି।ଏହି ଅବସରରେ ରଘୁନାଥପୁର ଠାରେ ଗୋଶାଳା ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ କରାଯାଇଥିବା ବେଳେ ଝିଞ୍ଜିରି ବନ୍ଧ ସନ୍ନିକଟ ଅଞ୍ଚଳ, ଦୁର୍ଗା ହୋଟେଲ ସନ୍ନିକଟ ଅଞ୍ଚଳ, ଉଦଳା ରୋଡ୍ ଓ ବଗିଚାସାହି ମଧ୍ୟବର୍ତ୍ତୀ ଅଞ୍ଚଳ, ବାରୁଣୀ ଘାଟ ସନ୍ନିକଟ ଅଞ୍ଚଳ ଏବଂ ଷ୍ଟେସନ ରୋଡ୍ ସନ୍ନିକଟ ଅଞ୍ଚଳରେ ସହରାଞ୍ଚଳ ଜଳ ନିଷ୍କାସନ ପାଇଁ ନାଳ ସମୂହ ନିର୍ମାଣ କାର୍ଯ୍ୟର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା। ସେହିପରି ଆୟୁର୍ବେଦିକ କଲେଜକୁ ସଂଯୋଗ କରୁଥିବା ରାସ୍ତା ଓ ଡ୍ରେନ୍ ନିର୍ମାଣ କାର୍ଯ୍ୟର ମଧ୍ୟ ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାରିପଦା ପୌରପାଳିକାର ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପ-ନଗରପାଳ ସୀମା ଦାସ, ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତଙ୍କ ସମେତ ସଂପୃକ୍ତ ୱାର୍ଡର ପାରିଷଦଗଣ, ବିଭାଗୀୟ ଅଧିକାରୀ ଏବଂ ବହୁ ସଂଖ୍ୟକ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ଦନ୍ତାହାତୀର ଗଳିତ ମୃତଦେହ ଉଦ୍ଧାର



ଢେଙ୍କାନାଳ,(ସବ୍ୟୁ) : ଢେଙ୍କାନାଳ ବନଖଣ୍ଡ ସଦରରେଞ୍ଜ ଗଦାଶିଳା ଫରେଷ୍ଟ ସେକ୍ସନ ଅନ୍ତର୍ଗତ କାଶିଆଡିହ ଗ୍ରାମ ଜଙ୍ଗଲରେ ଏକ ଦନ୍ତାହାତୀର ଗଳିତ ମୃତଦେହକୁ ଉଦ୍ଧାର କରାଯାଇଛି।ହାତୀଟି କିପରି ମୃତ୍ୟୁ ବରଣ କଲା ତାର ସଠିତ ତଥ୍ୟ ଜଣାପଡିନାହିଁ।

ସଦର ରେଞ୍ଜ ଅନ୍ତର୍ଗତ ଗଦାଶିଳା ବିଟ୍ କାଶିଆଡିହି ଗ୍ରାମ ନିକଟସ୍ଥ ଜଙ୍ଗଲରେ ଏକ ବିରାଟକାୟ ଦନ୍ତାହାତୀର ମୃତ ଦେହକୁ ଠାବ କରାଯାଇଛି । ହାତୀଟି ୩/୪ ଦିନ ପୂର୍ବରୁ ମରିଥିବା ଅନୁମାନ କରାଯାଉଛି। । ଆଜି ସକାଳୁ କାଶିଆଡିହି ଗାଁର କିଛି ଲୋକ ନିକଟସ୍ଥ ଗ୍ରାମ୍ୟ ଜଙ୍ଗଲକୁ ଯାଉଥିବା ବେଳେ ହାତୀଟିର ଗଳିତ ମୃତଦେହ ଦେଖିବାକୁ ପାଇଥିଲେ । ପରେ ସେମାନେ ବନବିଭାଗକୁ ଖବର ଦେବା ପରେ ଘଟଣାସ୍ଥଳରେ ବନ କର୍ମଚାରୀ ପହଞ୍ଚି ହାତୀଟିକୁ ଜଗି ରହିଥିଲେ।ହାତୀଟି ୩/୪ଦିନହେବ ମରିପଡିଥିବା ବେଳେ କିପରି ବନବିଭାଗ ଜାଣିପାରିଲା ନାହିଁ ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ପ୍ରତିଦିନ ହାତୀ ସ୍କାର୍ଡ ଗାଡି ଧରି ପାଟ୍ରୋଲିଂ କରୁଥିବା ବେଳେ ଆମ୍ବଖାଇବା ପାଇଁ ହାତୀ ଗୁଡିକ ଆମ୍ବ ବଗିଚା ନିକଟକୁ ଚାଲି ଆସୁଛନ୍ତି। ବନବିଭାଗର ଅବହେଳା ଯୋଗୁ ଏତେ ଦିନ ହେବ ହାତୀଟି ମରି ପଡ଼ିଥିବା ବେଳେ ବନବିଭାଗ ଏ ସମ୍ପର୍କରେ ଖବର ନପାଇବା ବନବିଭାଗର ପାରିବାପଣିଆକୁ ପଦାରେ ପକାଇଛି । ହାତୀ ବୟସ ଜଣାପଡିନଥିବା ବେଳେ ମୃତ୍ୟୁର କାରଣ ଖୋଜା ଚାଲିଛି।

# ଠିକାଦାର ନେଲା ଟଙ୍କା, ପାଣି ପାଇପ ଫାଟିବାରୁ ହିତାଧିକାରୀ ଥାନାରେ

ଗୋଡ଼ିବନ୍ଧ, (ସବ୍ୟୁ ) : ଅନୁଗୁଳ ଜିଲ୍ଲା ସମଲ ଥାନାର ଡ଼ଙ୍ଗରବେଡା ଗ୍ରାମରେ ଡ୍ରେନ ନିର୍ମାଣ କାର୍ଯ୍ୟ ଠିକାଦାର କରୁଥିଲା। ଦେଢ଼ ମାସ ହେବ ଡ୍ରେନ ଖୋଳାରେ ନିୟୋଜିତ ପିସି ମେସିନ ଦ୍ଵାରା ସେହି ଗ୍ରାମର ଶାନ୍ତିଲତା ଭୁକ୍ତାଙ୍କ ଗ୍ରାମିଣ ଜଳ ଯୋଗାଣ ସଂସ୍ଥା ଦ୍ଵାରା ଦିଆଯାଇଥିବା ପାଇପ ଫାଟି ଯାଇଛି। କାର୍ଯ୍ୟ ଶେଷ ପରେ ବାରମ୍ବାର ଠିକାଦାର ଦୀପକ ଦଣ୍ଡିଆ ଓ ପ୍ରଦୀପ ବେହେରାଙ୍କୁ ପାଇପ ଲଗେଇ ଦେବାକୁ ପରିବାର ତରଫରୁ ଅନୁରୋଧ କରାଯାଇଥିଲେ ମଧ୍ୟ ଓଲଟା ଗାଳି ଗୁଲଜ କରିଥିଲେ ବୋଲି ସମଲ ଥାନାରେ ଅଭିଯୋଗ ହେଇଛି। ଅପରପକ୍ଷେ ସରକାରଙ୍କ ବିଭାଗୀୟ ଅଧିକାରୀ ସରୋଜ କୁମାର ପ୍ରଧାନ କହିଛନ୍ତି ସମ୍ପୃକ୍ତ ଠିକାଦାର ଡ୍ରେନ ପାଇଁ କୌଣସି ଅନୁମତି ପତ୍ର ନେଇ ନଥିବାରୁ ଠିକାଦାର ପାଇପ ମରାମତି କରିବାକୁ ବାଧ୍ୟ । ଅନୁମତି ନେଇ ଯଦି ଠିକାଦାର କାର୍ଯ୍ୟ କରି ଥାଆନ୍ତା ତାହେଲେ ବସୁଧା ଯୋଜନା କିମ୍ବା ବିଭାଗ ତରଫରୁ ମରାମତି ହେଇଥାନ୍ତା।ତେଣୁ ଥାନାରେ ଅଭିଯୋଗ କରିବାକୁ ବିଭାଗ ହିତାଧିକାରିଙ୍କୁ ପରାମର୍ଶ ଦେଲା। ଫଳରେ ହିତାଧିକାରୀ ସମଲ ଥାନର ଦ୍ଵାରସ୍ଥ ହେଇଛନ୍ତି। ସରକାର ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ପାଇଁ ସାରା ଓଡ଼ିଶାରେ ସତର୍କ ନିର୍ଦ୍ଦେଶ ଦେଇଥିବା ସମୟରେ ଠିକାଦାର ଦ୍ଵୟଙ୍କ ବିରୁଦ୍ଧରେ ଡିସିଓ ତଥା ଏସଆଇ ବିଚିତ୍ରାନନ୍ଦ ସାହୁ ଅଭିଯୋଗକୁ ଗ୍ରହଣ କରି ପଦକ୍ଷେପ ନେଇଥିବା ଜଣାପଡିଛି। ୨୪ଘଣ୍ଟା ମଧ୍ୟରେ ପାଇପ ମରାମତି ନକଲେ ଠିକାଦାରଙ୍କୁ ଜେଲ ଯିବାକୁ ପଡିବ ବୋଲି ଶ୍ରୀ ସାହୁ କହିଛନ୍ତି।

# ବୟସ୍କ ହାତୀର ମୃତଦେହ ଠାବ



ଆଠମଲ୍ଲିକ, (ସବ୍ୟୁ) : ମାଧପୁର ରେଞ୍ଜ ଅନ୍ତର୍ଗତ ମନରବେଡା ଜଙ୍ଗଲ ଭିତରେ ଏକ ମୃତ ମାଖନା ହାତୀର ମୃତଦେହ ଠାବ କରାଯାଇଛି । ଜଙ୍ଗଲ ବିଭାଗର ମୋବାଇଲ ଟିମ ମୃତ ହାତୀକୁ ପାଟ୍ରୋଲିଙ୍ଗ ସମୟ ରେ ଦେଖିବାକୁ ପାଇଥିଲେ । ସେମାନେ ଖବର ଦେଲା ପରେ ଘଟଣା ସ୍ଥଳକୁ ଆର ସି ସି ଏଫ କାର୍ଯ୍ୟାଳୟ ର ଡ଼ି ସି ଏଫ କନ୍ଦନ ସିଂ, ଆଠମଲ୍ଲିକ ବନଖଣ୍ଡ ର ଏ ସି ଏଫ ସଚ୍ଚିଦାନନ୍ଦ ସେଠୀ ,ରେଞ୍ଜ ଅଧିକାରୀ ସ୍ଵାଧୀନ ସାମଲ, ଫରେଷ୍ଟର ସନ୍ତୋଷ ନାୟକ, ଫରେଷ୍ଟର ଦୀପକ ମିଶ୍ର, ଫରେଷ୍ଟର ଆଲୋକ ନାଥ ମିଶ୍ର ଙ୍କ ସମେତ ବନ କର୍ମଚାରୀ ପହଁଚି ଥିଲେ । ହାତୀ ର ପୋଷ୍ଟ ମର୍ଟମ କରା ଯାଇ ଜେସିବି ରେ ମାଟି ଖୋଳି ଲୁଣ ଓ ଫିନାଇଲ ଦେଇ ଗାତ କରି ହାତୀ କୁ ପୋତି ଦିଆ ଯାଇଥିବା ବେଳେ ହାତୀର ବୟସ ୬୦ ବର୍ଷ ରୁ ଉର୍ଦ୍ଧ୍ୱ ହୋଇଥିବା ବିଭାଗୀୟ ରେଞ୍ଜର ସ୍ଵାଧୀନ ସାମଲ ସୂଚନା ଦେଇଛନ୍ତି ।

# ଏବିଭିପିର ମେଧାବୀ ବିଦ୍ୟାର୍ଥୀ ଅଭିନନ୍ଦନ କାର୍ଯ୍ୟକ୍ରମ

ଅନୁଗୋଳ,(ସବ୍ୟୁ) :ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ,ଅନୁଗୋଳ ଜିଲ୍ଲା ତରଫରୁ ମେଧାବୀ ବିଦ୍ୟାର୍ଥୀ ଅଭିନନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଅଞ୍ଚଳର ଅନୁଗୋଳ ବ୍ଲକ, ବଅଁରପାଳ ବ୍ଲକ ର ପାଖାପାଖି ୭୬ଟି ଉଚ୍ଚ ବିଦ୍ୟାଳୟ ଏବଂ ୨୦ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରର ଛାତ୍ର-ଛାତ୍ରୀ ଓ ଅବିଭାବକଗଣ ଉପସ୍ଥିତ ଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ରନାରାୟଣ ପାଣି ଯୋଗ ଦେଇ ବିଦ୍ୟାର୍ଥୀ ପରିଷଦର କାର୍ଯ୍ୟପଦ୍ଧତି ସମ୍ବନ୍ଧରେ ମତାମତ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବରେ ରାଷ୍ଟ୍ରୀୟ ସମ୍ପାଦକ ଶ୍ରୀମାନ ଶ୍ରବଣ ବି.ରାଜ ପରିଷଦର ବର୍ତ୍ତମାନ ସ୍ଥିତି,ସମାଜ ଓ ରାଷ୍ଟ୍ର ପ୍ରତି ଏବିଭିପିର କର୍ତ୍ତବ୍ୟ ସମ୍ବନ୍ଧରେ ଦୀକ୍ଷାନ୍ତ ବୌଦ୍ଧିକ ପ୍ରଦାନ କରିଥିଲେ । ବିଶିଷ୍ଟ ଅତିଥିଭାବେ ରାଜ୍ୟ ସଭାପତି ଡ଼. ଦେବେଶ ଶଙ୍କର ହୋତା, ସମ୍ମାନିତ ଅତିଥି ଭାବରେ ଅନୁଗୋଳ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼. ବସନ୍ତ ସାହୁ , ଶ୍ରୀବିନାୟକ ବିଜ୍ଞାନ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅବିନାଶ ଦୁବେ,ଅନୁଗୋଳ ନଗର ସଭାପତି ଅଧ୍ୟାପକ ଡ଼ ରଞ୍ଜନ ଭୂୟାଁ ପ୍ରମୁଖ ଉପସ୍ଥିତ ରହି ସାଙ୍ଗଠନିକ ଗତିବିଧି ତଥା ଏବିଭିପିର ଲକ୍ଷ୍ୟ - ଆଦର୍ଶ - ମୂଳମନ୍ତ୍ର ସମ୍ବନ୍ଧରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏ ମେଧାବୀ ଅଭିନନ୍ଦନ କାର୍ଯ୍ୟକ୍ରମରେ ୪୪୦ ରୁ ଉର୍ଦ୍ଧ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏବିଭିପିର ରାଜ୍ୟ ସହ - ସମ୍ପାଦକ ଆଶିଷ କୁମାର ବେହେରା, ଜିଲ୍ଲା ସଂଯୋଜକ ଉମେଶ ବାଘ, ବିଭାଗ ସଂଗଠନ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ,ଜିଲ୍ଲା ସହ - ସଂଯୋଜକ ଯୋଗେଶ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଂଗ୍ରାମ କର୍ଣ୍ଣ, ପ୍ରିୟାଂଶୁ ପ୍ରିୟଦର୍ଶୀ ସାହୁ, କ୍ରିଷ୍ଣା ବାଘ, ସୌମ୍ୟ ରଞ୍ଜନ ପେରା, ଜଗନ୍ନାଥ ସାହୁ, ସତ୍ୟବ୍ରତ ପ୍ରଧାନ, ଅଭିଷେକ ସାମଲ, ପ୍ରମୁଖ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନା କରିଥିଲେ । ଢେଙ୍କାନାଳ ବିଭାଗ ସହ ପ୍ରମୁଖ ଅଧ୍ୟାପକ ଶଶାଙ୍କ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପକ ରଞ୍ଜନ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ୬୦୦ ରୁ ଉର୍ଦ୍ଧ ଛାତ୍ର, ଛାତ୍ରି, ଅଧ୍ୟାପକ, ଅଭିଭାବକ, ଶୁଭେଚ୍ଛୁ, ବୁଦ୍ଧିଜୀବି ଉପସ୍ଥିତ ଥିଲେ ।

# ରୋଢ଼ାସରରେ ଜିଲ୍ଲାସ୍ତରୀୟ ନାମ ସଂକୀର୍ତ୍ତନ ମହୋତ୍ସବ



ତାଳଚେର,(ସବ୍ୟୁ) :ତାଳଚେର ବ୍ଲକ ଘପଡ଼ା ପଂଚାୟତ ଅନ୍ତର୍ଗତ ରୋଢ଼ାସର ଗ୍ରାମରେ ଜିଲ୍ଲାସ୍ତରୀୟ ନାମ ସଂକୀର୍ତନ ମହୋତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ମହାସମାରୋହରେ ପାଳିତ ହୋଇ ଯାଇଛି । ଏଥିରେ ସମଗ୍ର ଅନୁଗୋଳ ଜିଲ୍ଲାର ବିଭିନ୍ନ ବ୍ଲକରୁ ଷାଠିଏରୁ ଉର୍ଦ୍ଧ୍ୱ ସଂକୀର୍ତନ ମଣ୍ଡଳୀ ଯୋଗ ଦେଇ ନାମ ପରିବେଷଣ କରିଥିଲେ । ଗ୍ରାମର ପ୍ରତ୍ୟେକ ଘର ସମ୍ମୁଖରେ ଗ୍ରାମର ମହିଳାମାନେ ଧୂପ, ଦୀପ ପ୍ରଜ୍ଜଳନ କରି ସମସ୍ତ ସଂକୀର୍ତନ ଦଳଙ୍କୁ ଅକ୍ଷତ, ପୁଷ୍ପ ଦେଇ ବନ୍ଦାପନା କରିଥିଲେ । ଏହି ଅବସରରେ ଏକ ବିଶ୍ୱଶାନ୍ତ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା । ଗ୍ରାମ ସଭାପତି ସୁରେଶ ଚନ୍ଦ୍ର ବେହେରା ଓ ସଂପାଦକ ଶ୍ରୀକାନ୍ତ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅନାଦି ସାହୁ, ଗୁରୁବାରିଆ ସାହୁ, କ୍ଷୀରୋଦ କୁମାର ସାହୁ, ଗିରିଶ ଚନ୍ଦ୍ର ସାହୁ, ଭାସ୍କର ସାହୁ, ନିତ୍ୟାନନ୍ଦ ସାହୁ, ଦାଶରଥୀ ସାହୁଙ୍କ ସମେତ ସମସ୍ତ ଗ୍ରାମବାସୀ ସକ୍ରିୟ ସହଯୋଗ କରିଥିଲେ ।

# ପଥରରେ ଛେଚି ମରଣାନ୍ତକ ଆକ୍ରମଣ ଘଟଣା, ଅଭିଯୁକ୍ତ ଗିରଫ

ଢେଙ୍କାନାଳ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ସଦରଥାନା ଭାପୁର ଫାଣ୍ଡି ଅଞ୍ଚଳରେ ଜନୈକ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବାର ଜଣାପଡିଛି। ସୂଚନା ଅନୁସାରେ ଗତ ଏପ୍ରିଲ ୨୭ତାରିଖରେ ଭାପୁରର ସୁକାନ୍ତ ନାଏକ ଜନୈକ ପିଡିତାଙ୍କୁ ପ୍ଥରରେ ମୁହଁକୁ ଛେଚି ମରଣାନ୍ତକ ଆକ୍ରମଣ କରିଥିଲା। ସେହି ଦିନ ଠାରୁ ଅଭିଯୁକ୍ତ ଫେରାରହୋଇ ଯାଇଥିବା ବେଳେ ବିଭିନ୍ନ ତଥ୍ୟ,ପ୍ରମାଣକୁ ଭିତ୍ତିକରି ପୋଲିସ ଅଭିଯୁକ୍ତକୁ ଗିରଫ କରିବା ପରେ ତାକୁ ଆଜି କୋର୍ଟ ଚାଲାଣ କରାଯାଇଛି।ଆକ୍ରମଣରେ ବ୍ୟବହାରକରାଯାଇଥିବା ଅସ୍ତ୍ରକୁ ଜବତ କରାଯାଇଛି।ସଦରଥାନାରେ ୩୬୨/୨୬ରେଏକ ମାମଲା ହୋଇ ତଦନ୍ତ ଜାରି ରହିଛି।

# ତାଳଚେରରେ ଚହଳ ପକାଉଚି କୋକ୍ରଜ୍ ଜନତାପାର୍ଟି

ତାଳଚେର,(ସବ୍ୟୁ) : ଉତ୍କଟ ବେକାରୀ ସମସ୍ୟା, ମହିଳା ସଂରକ୍ଷଣ, ଚାଷୀ ଏପରିକି ବିଭିନ୍ନ ସମସ୍ୟା ନେଇ ଏବେ ତାଳଚେରରେ ଚହଳ ପକାଇଛି କୋକ୍ରଜ୍ ଜନତା ପାର୍ଟି। ସୋସିଆଲ ମିଡ଼ିଆରେ ଏହି ଦଳ ଅଧିକ ଭିୟୁରର୍ସ, ଫାଲରର୍ସ ଏବଂ କୋକ୍ରଜ୍ ଜନତାପାଟି ପେଜ୍‌କୁ ତାଳଚେର ଅଂଚଳରେ ଯୁବପିଢ଼ୀ ଆକର୍ଷିତ ହେବା ସହ ଲାଇକ ଖବର ଏବେ ସାମ୍ନାକୁ ଆସିଛି। ବଜାରଘାଟ, ଛକସ୍ଥାନ, ଚା' ଦୋକାନ ସବୁଠି ଚର୍ଚ୍ଚା। ଅନୁମାନ କରାଯାଏ କି ଯଦି ଏହି ସଂଗଠନଟି ଜାତୀୟ ସ୍ତରରେ ଉଭା ହୁଏ ତେବେ ପ୍ରତ୍ୟେକ ଦଳପାଇଁ ଏହା ମହଙ୍ଗା ସାବ୍ୟସ୍ତ ହେବ ବୋଲି ଯୁବପିଢ଼ୀମାନେ ପ୍ରକାଶ କରୁଛନ୍ତି। ନିଟର ପ୍ରଶ୍ନପତ୍ର ବାରମ୍ବାର ଲିକ୍ ହେବା ଘଟଣା ଓ ବେକାରୀ ସମସ୍ୟାରୁ ଦଳ ଏବେ ଭାରତ ସମେତ ଓଡ଼ିଶାରେ ମଧ୍ୟ ହଡ଼କମ୍ପ ସୃଷ୍ଟି କରିଛି। ଭାରତବର୍ଷର ରାଜନୀତି ଠାରୁ ଆରମ୍ଭ କରି ପ୍ରଶାସନ କ୍ଷେତ୍ରରେ ଯେଉଁପ୍ରକାର ଶାସନ ଚାଲିଛି ତାହା ବାସ୍ତବ ପକ୍ଷେ ସଠିକ୍ ଢ଼ଙ୍ଗରେ ଚାଲୁନାହିଁ ବୋଲି ଏହି ସଂଗଠନ ଅଭିଯୋଗ କରି ଯେଉଁ ୫ଟି ମୁଦା ଉପସ୍ଥାପନା କରିଛି ତାହା ବାସ୍ତବ ପକ୍ଷେ ସ୍ୱାଗତ ଯୋଗ୍ୟ ବୋଲି ବୁଦ୍ଧିଜିବୀ ତଥା ଶିକ୍ଷିତ ବେକାର ଯୁବକ, ଯୁବତୀମାନେ ଏହା ଉପରେ ଆସ୍ଥା ପ୍ରକଟ କରୁଛନ୍ତି ବୋଲି ଚର୍ଚ୍ଚା ଯୋରଧରିଛି। ତେବେ ଏହାର ସମ୍ପୂର୍ଣ୍ଣ ରୂପରେଖ ବର୍ତମାନ ସୁଦ୍ଧା ନିରୁପଣ ହୋଇଥିଲେ ହେଁ ଆଗାମୀ ଦିନରେ ଏହି ସଂଗଠନ କି ପ୍ରକାର ରୂପ ନେଉଛି ତାହା ଦେଖିବାକୁ କେବଳ ବାକି ରହିଛି।

# ଜଳି ଗଲା ଦୁଇ ବଖରା

ସୋର, (ସବ୍ୟୁ):ସୋର ପୌରାପାଳିକା ଅନ୍ତର୍ଗତ କାଜିମହଲା ଗ୍ରାମରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ସୁଚନା ଅନୁସାରେ ରବିବାର ମଧ୍ୟାହ୍ନରେ କାଜିମହଲା ଗ୍ରାମର ଶେଖ ସଲାଲଉଦ୍ଦିନଙ୍କ ଘରେ କୌଣସି କାରଣରୁ ହଠାତ ଅଗ୍ନିକାଣ୍ଡ ଘଟିଥିଲା। ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣା ସ୍ଥଳରେ ପହଁଚି ନିଆଁକୁ ଆୟତ୍ତ କରିଥିବା ବେଳେ ସେତେବେଳକୁ ଶେଖ ସଲାଲଉଦ୍ଦିନଙ୍କର ୧ବଖରା ଓ ଶେଖ ସାଏବଙ୍କ ୧ବଖରା ଘର ପୋଡି ପାଉଁଶ ହୋଇଯାଇଥିଲା। ଉଭୟ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇବାକୁ ଗ୍ରମାବାସୀମାନେ ଦାବି କରିଛନ୍ତି। ଅଗ୍ନିକାଣ୍ଡର କାରଣ ଅସ୍ୱଷ୍ଟ ଅଛି।

# ବନ୍ତ ପଞ୍ଚାୟତ ସମିତି ସାଧାରଣ ଅଧିବେଶନ

ବନ୍ତ,(ସବ୍ୟୁ): ଶୁକ୍ରବାର ଭଦ୍ରକ ଜିଲା ବନ୍ତ ବ୍ଲକ ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତିର ୭ମ ସାଧାରାଣ ଅଧିବେଶନ ଶୁକ୍ରବାରଦିନ ଅନୁଷ୍ଠିତ ହୋଇଯାଇଛି । ବିଡିଓ ସୀତାକାନ୍ତ ରାଉତଙ୍କ ପରିଚାଳନାରେ ବୈଠକ ଆରମ୍ଭ ହୋଇଥିଲା । ବୈଠକ ଆରମ୍ଭର କିଛି ସମୟ ପରେ ବିଧାୟକ ପ୍ରତିନିଧି ସ୍ମୃତି ରଞ୍ଜନ ସ୍ୱାଇଁ ଦେଢ ବର୍ଷ ପରେ ବୈଠକ ଡକା ଯିବାକୁ ନେଇ ପ୍ରଶ୍ନ ଉଠାଇଥିଲେ । ନିୟମ ଅନୁଯାୟୀ ପ୍ରତି ୨ ମାସରେ ଥରେ ବୈଠକ ଡକା ଯିବାର ନିୟମ ରହିଛି । ଏଥିପୂର୍ବରୁ ଗତ ୨୦୨୫ ମସିହା ଫେବୃଆରୀ ୨୫ରେ ଅନୁଷ୍ଠିତ ୬ଷ୍ଠ ବୈଠକରେ ଖୋଦ୍ ସାଂସଦ ଅଭିମନ୍ୟୁ ସେଠୀ ବୈଠକ ଡକା ଯିବା ବିଳମ୍ବ ନେଇ ପ୍ରଶ୍ନ ଉଠାଇଥିଲେ । ସେତେବେଳେ ପ୍ରତି ୩ ମାସରେ ଥରେ ବୈଠକ ଡକା ଯିବା ନେଇ ନିଷ୍ପତ୍ତି ହୋଇଥିଲା । ମାତ୍ର ଏହା ମଧ୍ୟରେ ଦେଢ ବର୍ଷ ବିତି ଯିବା ପରେ ବୈଠକ ଡକା ଯିବାକୁ ନେଇ ବିଧାୟକ ପ୍ରତିନିଧି ଶ୍ରୀ ସ୍ୱାଇଁ ପ୍ରଶ୍ନ ଉଠାଇବା ସହ ଅସନ୍ତୋଷ ପ୍ରକାଶ କରିଥିଲେ । ଏହି କଥାକୁ ନେଇ କିଛି ସମୟ ବନ୍ତ ସମିତି ସଭ୍ୟ ପରମେଶ୍ୱର ବାରିକଙ୍କ ସହିତ ବିଧାୟକ ପ୍ରତିନିଧିଙ୍କ ବାକବିତଣ୍ଡା ହୋଇଥିଲା । ଏହାରି ଭିତରେ ସାଂସଦ ଅଭିମନ୍ୟୁ ସେଠୀ ବୈଠକରେ ଉପସ୍ଥିତ ହେବା ପରେ ଏସମ୍ପର୍କରେ ବିଧାୟକ ପ୍ରତିନିଧି ଶ୍ରୀ ସ୍ୱାଇଁ ଦୃଷ୍ଟି ଆକର୍ଷଣ କରି ବୈଠକରୁ ପଳାଇ ଯାଇଥିଲେ । ତାଙ୍କ ସହିତ ବ୍ଲକ ଉପାଧ୍ୟକ୍ଷା ପ୍ରଗତିବାଳା ସ୍ୱାଇଁଙ୍କ ସମେତ ବିଜେଡି ସମର୍ଥୀତ ସମିତି ସଭ୍ୟ ଓ ସରପଞ୍ଚ ମାନେ କକ୍ଷ ତ୍ୟାଗ କରିଥିଲେ । ଏହାରି ମଧ୍ୟରେ ଟିଲୋ ସରପଞ୍ଚ ସଂଗ୍ରାମ କେଶରୀ ଜେନା, ସେଣ୍ଡତୀରା ସରପଞ୍ଚ ପ୍ରେମାନନ୍ଦ ନାୟକ, ବସନ୍ତିଆ ସରପଞ୍ଚ ଅଶୋକ କୁମାର ସାହୁ, ରାମକୃଷ୍ଣପୁର ସରପଞ୍ଚ ହିରେନ୍ଦ୍ର ଖିଲାର, ରାମପୁର ସରପଞ୍ଚ ଗିରିଧାରୀ ସାହୁ, କେନ୍ଦୁଆପଦା ସରପଞ୍ଚ ଇଂ.ପ୍ରମୋଦ କୁମାର ଜେନା, ପଧାନପଡା ସରପଞ୍ଚ ଗଜେନ୍ଦ୍ର କୁମାର ସେଠୀ, ପୁରୁଷଣ୍ଡ ସରପଞ୍ଚ ପ୍ରକାଶ ବିଶ୍ୱାଳ, ନିଳୋକ ସମିତି ସଭ୍ୟ ଉଦ୍ଧବ ଚରଣ ସେଠୀ, ଚାରିଗାଁ ସମିତି ସଭ୍ୟ ଧରଣୀଧର କର ପ୍ରମୁଖ ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରଶ୍ନ ପଚାରିଥିଲେ । ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡେଇ, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଶ୍ରଦ୍ଧା ସୁମନ ନାଥ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ସୂଚୀସ୍ମିତା ବାରିକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଏବଂ ୨୫ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଏବଂ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଯୁକ୍ତ୨ ପରୀକ୍ଷାରେ ୯୫ ପ୍ରତିଶତ ମାର୍କ ରଖି ଅର୍ପିତାଙ୍କ ସଫଳତା



କଣିହା, (ସବ୍ୟୁ) : ଚଳିତ ବର୍ଷ ଯୁକ୍ତ୨ପରୀକ୍ଷାରେ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟ, ଟାଙ୍ଗୀରେ ଅଧ୍ୟୟନ କରୁଥିବା ଛାତ୍ରୀ ଅର୍ପିତା ପ୍ରିୟଦର୍ଶିନୀ ୯୫ ପ୍ରତିଶତ ନମ୍ବର ରଖି କୃତିତ୍ୱ ଅର୍ଜନ କରିଛନ୍ତି । ସେ ୬୦୦ ରୁ ୫୭୦ ନମ୍ବର ରଖି ସଫଳତା ହାସଲ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ବାପା ପଙ୍କଜ କୁମାର ପ୍ରଧାନ ଓ ମାଆ ମମତା ସାହୁଙ୍କ ସମେତ ପରିବାର, ଶିକ୍ଷକ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

କଠିନ ପରିଶ୍ରମ, ନିଷ୍ଠା ଓ ଅଧ୍ୟବସାୟ ଦ୍ୱାରା ସେ ଏହି ସଫଳତା ହାସଲ କରିଥିବା ବେଳେ ଭବିଷ୍ୟତରେ ଆହୁରି ବଡ଼ ସଫଳତା ଅର୍ଜନ କରିବେ ବୋଲି ସମସ୍ତେ ଆଶା ପ୍ରକାଶ କରିଛନ୍ତି । ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି। କଣିହାଁ ବିଜେପି ମଣ୍ଡଳ ସଭାପତି ସୁଶାନ୍ତ କୁମାର ସମଲ ଅର୍ପିତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଓଲା ଗ୍ରାମରେ ଫିଜିବିଲିଟି ଜମିରେ ହେଉନି ପ୍ରକଳ୍ପ , ଜିଲ୍ଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ

ଭଣ୍ଡାରିପୋଖରୀ,(ସବ୍ୟୁ):ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ତେସିଙ୍ଗା ପଞ୍ଚାୟତର ଓଲା ଗ୍ରାମରେ ବିକଶିତ ଗାଁ, ବିକଶିତ ଓଡିଶା ଯୋଜନାରେ କମ୍ୟୁନିଟି ସେଂଟର ତଦସିଲଦାରଙ୍କ ପ୍ରଦତ୍ତ ଫିଜିବିଲିଟି ଜମିରେ ନିର୍ମାଣ ହେଉନଥିବା ଅଭିଯୋଗ ଜିଲ୍ଲାପାଳଙ୍କ ନିକଟରେ ହୋଇଛି। ୨୦୨୫-୨୬ ଆର୍ଥୀକ ବର୍ଷରେ ଗ୍ରାମର ୪ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କମ୍ୟୁନିଟି ସେଂଟର ନିର୍ମାଣ ପାଇଁ ବିଡିଓଙ୍କ ଅନୁରୋଧ କ୍ରମେ ତହସିଲଦାର ଗ୍ରାମର ୪୬୮ ଖାତା (ରକ୍ଷିତ) ଅନ୍ତର୍ଗତ ୧୩୮୫ ଖସଡାରେ ଥିବା ଏ.୦.୦୫ ଡେସିମିଲ ଦେବସ୍ଥଳୀ କିସମ ଜମିରେ ନିର୍ମାଣ ପାଇଁ ସୁପାରିଶ କରିଥିଲେ। ମାତ୍ର ସୁପାରିଶ ହୋଇଥିବା ଜମିକୁ ଏଡାଇ ଗ୍ରାମର ୪୬୮ ଖାତା (ରକ୍ଷିତ) ଅନ୍ତର୍ଗତ ୧୪୫୧ ଖସଡାରେ ଥିବା ଏ.୦.୪୭ ଡେସିମିଲ ରାସ୍ତା କିସମ ଜମିରେ ବିଭାଗୀୟ ନିର୍ମାଣ କାର୍ଯ୍ୟ ମନମୁଖି ଭାବେ କରାଯାଉଛି। ଦାଇତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ଏଭଳି ବେଆଇନ ନିର୍ମାଣ କାର୍ଯ୍ୟକୁ ସହଯୋଗ କରୁଛନ୍ତି ବୋଲି ୱାର୍ଡ ସଦସ୍ୟା ଦ୍ରୋପଦୀ ନାଏକ, ନିରଞ୍ଜନ ନାଏକ, ଦୁଃଶାସନ ନାଏକ, ମନୋରଞ୍ଜନ ନାଏକ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରି ତଦନ୍ତ ଦାବି କରିଛନ୍ତି। ଏହି ଅଭିଯୋଗ ପ୍ରଥମେ ବିଡିଓଙ୍କ ନିକଟରେ କରାଯାଇଥିଲା। ବିଡିଓ କର୍ଣ୍ଣପାତ ନକରିବାରୁ ଜିଲ୍ଲାପାଳଙ୍କୁ ଅଭିଯୋଗ ହୋଇଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଜିଲ୍ଲାପାଳ ଏହାର ତଦନ୍ତ ପାଇଁ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

# ରଥ ନିର୍ମାଣ ପାଇଁ କାଠ ଅନୁକୂଳ

ଠାକୁରଗଡ, (ସବ୍ୟୁ) : ଆଠମଲ୍ଲିକ ବ୍ଲକ ଠାକୁରଗଡ ଠାରେ ହେଉଥିବା ରଥଯାତ୍ରା ପାଇଁ ଶନିବାର ଦିନ କାଠ ଅନୁକୂଳ କରାଯାଇଛି । ଉକ୍ତ ପଞ୍ଚାୟତର ରାଣିବନ୍ଧ ଜଙ୍ଗଲ ରୁ ୨ ଟି ଶାଳ ଗଛ ଚିହ୍ନଟ କରିବା ପରେ ପୂଜା କରାଯାଇଥିଲା । ପୂଜକ ବିଶଜିତ ମିଶ୍ର ଯଥା ରୀତି ନୀତି ନିୟମ ଅନୁସାରେ ପୂଜା କରିବା ପରେ ଦୁଇଟି ଗଛ କଟାଯାଇଥିଲା । ଉକ୍ତ ପୂଜାରେ ରାଣିବନ୍ଧ ଗ୍ରାମର ସଭାପତି ଅଜିତ ମିଶ୍ର ପୂଜା ର କର୍ତ୍ତା ଭାବରେ ବସିଥିବା ବେଳେ ଠାକୁରଗଡ ଗ୍ରାମର ବସନ୍ତ ସାହୁ , ଦୁଷ୍ମନ୍ତ କୁମାର ପ୍ରଧାନ , ନିତ୍ୟାନନ୍ଦ ସାହୁ , ଶତ୍ରୁଘ୍ନ ସାହୁ , ଲିଟୁ ରାଉତଙ୍କ ସମେତ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ।

# ଅଂଶୁଘାତରେ ବ୍ୟବସାୟୀଙ୍କ ମୃତ୍ୟୁ

ବାଲେଶ୍ୱର,(ସବ୍ୟୁ): ଖଇରା ବ୍ଲକ୍ ଅଧୀନ ରାଇକୁଳା ଅଂଚଳର ଅମିଦି ମାଝୀ (୪୯) ଅଂଶୁଘାତରେ ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି। ରାଇକୁଳା ବଜାରରେ ଏକ ସାଇକେଲ ଦୋକାନ କରିଥିଲେ ଅମିଦି। ରବିବାର ମଧ୍ୟାହ୍ନରେ ଦୋକାନ ବନ୍ଦ କରି ନିଜ ସାଇକେଲ୍‌ରେ ଘରକୁ ଯାଉଥିବା ବେଳେ ଟାଣ ଖରାରେ ମୁଣ୍ଡ ବୁଲାଇବାରୁ ତଳେ ପଡ଼ି ମୁର୍ଚ୍ଛା ଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ବି ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଅମିଦି ଅଂଶୁଘାତରେ ପ୍ରାଣ ହରାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି ।

# ମହାବୀର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସଫଳତା




ଅନୁଗୋଳ,(ସବ୍ୟୁ) :ଚଳିତ ୨୦୨୫-୨୬ ମସିହାରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଆୟୋଜିତ ପରୀକ୍ଷା ଫଳ ପ୍ରକାଶ ପାଇଛି। ପ୍ରଥମ ଥର ପାଇଁ ମହାବୀର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ରନ୍ତଲେଇ, ଅନୁଗୋଳ ପକ୍ଷରୁ ପରୀକ୍ଷା ଦେଇଥିବା ୯୨ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଶତକଡା ୯୦ ରେ ୫ଜଣ, ଶତକଡା ୮୦ ରୁ ଉର୍ଦ୍ଧ ୧୨ ଜଣ ଏବଂ ସର୍ବମୋଟ ପ୍ରଥମ ଶ୍ରେଣୀରେ ୭୫ ଜଣ ଛାତ୍ର ଛାତ୍ରୀ ସଫଳତା ପାଇଛନ୍ତି। ଛାତ୍ର ସୁପିନ କୁମାର ସାହୁ ସର୍ବାଧିକ ୫୭୫ ଜଣ ନମ୍ବର ରଖି ଅନୁଷ୍ଠାନ ପାଇଁ ସୁନାମ ଆଣିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ଚେୟାରମ୍ୟାନ ପ୍ରିୟବ୍ରତ ସାହୁ ବିଦ୍ୟାଳୟର ଅଧକ୍ଷ, ଅଧ୍ୟାପକ, ଅଧ୍ୟାପିକା ଏବଂ ପରିଚାଳନା ସମିତିଙ୍କୁ ସାଧୁବାଦ ଜଣାଇଛନ୍ତି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା. ଅନୁଗୋଳ ଓକିଲ ସଂଘର ସଭାପତି ଦିଲ୍ଲୀପ କୁମାର ସାହୁ, ଅନୁଗୋଳ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଦ୍ୱାରିକା ପ୍ରସାଦ ନନ୍ଦ, ଅଧ୍ୟାପକ ରାଜ କିଶୋର ଧର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସଫଳତା ପାଇ ଥିବା ଛାତ୍ରଛାତ୍ରୀ ସୁପିନ କୁମାର ସାହୁ, ଓମସ୍ମିତା ସାହୁ,ଡଲି ସାହୁ, ଲିପ୍ସାମୟୀ ପ୍ରଧାନ ଓ ସାଇସ୍ମୃତି ସାଗର ମହାଖୁଡ଼ଙ୍କୁ ଉତ୍ତୋରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।ଏହି ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ଅଧକ୍ଷ ଡ଼ଃ ଅଜୟ କୁମାର ପ୍ରଧାନ, ଅଧ୍ୟାପକ, ଅଧ୍ୟାପିକା, ପରିଚାଳନା କମିଟିର ସଦସ୍ୟ, ସଦସ୍ୟା, କର୍ମଚାରୀ, ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ।

# ରାସ୍ତା ମଝିରୁ ହଟୁନି ବିଦ୍ୟୁତ ଖୁଣ୍ଟ, ଦୁର୍ଘଟଣା ବଢୁଛି



ଠାକୁରଗଡ, (ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଜାମୁନାଳୀ ପୂର୍ତ୍ତ ବିଭାଗ ରାସ୍ତା ଠାରୁ ନାଗାଝରଣ ଭାୟା ଅସୃବାହାଳ ଦେଇ ମଧପୁର ପର୍ଯ୍ୟନ୍ତ ଆରଡି ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ପିଚୁ ରାସ୍ତା ରେ ଏବେ ବିଦ୍ୟୁତ ଖୁଣ୍ଟ ସମସ୍ୟା ଦେଖା ଦେଇଛି । ଉକ୍ତ ରାସ୍ତା ର ଅସୃବାହାଳ ଠାରେ ଏକ ୧୧ କେଭି ବିଦ୍ୟୁତ ଖୁଣ୍ଟ ରାସ୍ତା ମଝିରେ ରହିଥିଲେ ମଧ୍ୟ ହଟା ଯାଉନଥିବା ଯୋଗୁଁ ଦୁର୍ଘଟଣା ବୃଦ୍ଧି ପାଉଛି । ଯାହା ଫଳରେ ସାଧାରଣ ରେ ଅସନ୍ତୋଷ ଦେଖା ଦେବା ସହ ତୁରନ୍ତ ରାସ୍ତା ମଝିରୁ ବିଦ୍ୟୁତ ଖୁଣ୍ଟ କୁ ହଟାଇବା ପାଇଁ ଶନିବାର ଦିନ ଅସୃବାହାଳ ଗ୍ରାମବାସୀ ମାନେ ଅନୁଗୋଳ ଜିଲ୍ଲାପାଳ ଙ୍କ ନିକଟରେ ଏକ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ପତ୍ର ରେ ଉଲେଖ କରିଛନ୍ତି ଯେ ଆରଡି ବିଭାଗ ପକ୍ଷରୁ ୧୦ କୋଟି ଟଙ୍କା ଅଟକଳ ରେ ଉକ୍ତ ରାସ୍ତା ନିର୍ମାଣ ହୋଇଥିଲେ ମଧ୍ୟ ଅସୃବାହାଳ ଅଞ୍ଚଳ ରେ ୧୧ କେଭି ବିଦୁତ ଖୁଣ୍ଟ ରହିଛି । ଉକ୍ତ ବିଦ୍ୟୁତ ଖୁଣ୍ଟ ଟି ହଟାଯାଉ ନଥିବା ଯୋଗୁଁ ଯିବା ଆସିବାରେ ଅସୁବିଧା ସୃଷ୍ଟି ହେବା ସହ ଅନେକ ସମୟ ରେ ଦୁର୍ଘଟଣା ଘଟୁଛି । ଏ ନେଇ ଅଞ୍ଚଳବାସୀ ବହୁବାର ଆରଡି ବିଭାଗ ଠାରୁ ଆରମ୍ଭ କରି ବିଦ୍ୟୁତ ବିଭାଗ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହି । ତୁରନ୍ତ ବିଦ୍ୟୁତ ଖୁଣ୍ଟ କୁ ହଟାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ଏ ନେଇ ଆରଡି ବିଭାଗ ର ଏସଡିଓ ସଂଜୀବ ଘୋସ କୁହନ୍ତି ଉକ୍ତ ବିଦ୍ୟୁତ ଖୁଣ୍ଟ ହଟାଇବା ପାଇଁ ବିଭାଗ ପକ୍ଷରୁ ବିଭାଗ ଠାରେ ଅର୍ଥ ଡିପୋଜିଟ ହୋଇଥିଲେ ମଧ୍ୟ ବିଦ୍ୟୁତ ବିଭାଗ ହଟାଇବା ରେ ବିଳମ୍ବ କରୁଛି । ଏ ନେଇ ବିଦ୍ୟୁତ ବିଭାଗ ର ଏସଡିଓ ଅକ୍ଷୟ କୁମାର ସାହୁ କୁହନ୍ତି ଉକ୍ତ କାମ ରାସ୍ତା ବିଭାଗ ର ଦେଇଥିବା ଠିକାସଂସ୍ଥା କରିବେ ।

# କେନ୍ଦ୍ରୀୟ ବିଦ୍ୟାଳୟରେ ଭାରତୀୟ ଭାଷା ଗ୍ରୀଷ୍ମ ଶିବିର



ଆନନ୍ଦପୁର ,(ସବ୍ୟୁ): କେନ୍ଦ୍ରୀୟ ବିଦ୍ୟାଳୟ ଆନନ୍ଦପୁରରେ ଗତ ୧୪ ଠାରୁ ୨୧ ତାରିଖ ପର୍ଯ୍ୟନ୍ତ ଭାରତୀୟ ଭାଷା ଗ୍ରୀଷ୍ମ ଶିବିର୨୦୨୬ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି ଶିବିରଟି ଏନସିଇଆରଟିପକ୍ଷରୁ ପ୍ରାରମ୍ଭ ହୋଇଥିବା ବେଳେ କେଭିଏସ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ତତ୍ତ୍ୱାବଧାନ ଏବଂ ବିଦ୍ୟାଳୟର ପ୍ରାଚାର୍ଯ୍ୟ ସର୍ବେଶ୍ୱର ସାହୁଙ୍କ ମାର୍ଗଦର୍ଶନରେ ଏହାର ଆୟୋଜନ କରାଯାଇଥିଲା। ଶିକ୍ଷାର୍ଥୀମାନଙ୍କ ମନରେ ଭାରତୀୟ ଭାଷା ପ୍ରତି ଆଗ୍ରହ ସୃଷ୍ଟି କରିବା ସହ ଭାଷାଗତ ଏକତାକୁ ସୁଦୃଢ଼ କରିବା ଥିଲା ଏହି ଶିବିରର ମୂଳ ଉଦ୍ଦେଶ୍ୟ।ଏହି ଶିବିରରେ ୩୦ରୁ ଅଧିକ ଶିକ୍ଷାର୍ଥୀ ଯୋଗଦେଇ ଭାରତୀୟ ସାଙ୍କେତିକ ଭାଷା ଏବଂ ବଙ୍ଗଳା ଭାଷା ସମ୍ପର୍କରେ ନୂତନ ଜ୍ଞାନ ଅର୍ଜନ କରିଥିଲେ। ଶିବିରକୁ ଶିକ୍ଷକ ଅଭିଲାଷ ସାହୁ ସମନ୍ୱୟ କରିଥିବା ବେଳେ ଶିକ୍ଷକ ଭୋଜରାଜ ମହାନ୍ତ ଓ ଶିକ୍ଷୟିତ୍ରୀ ଅନିସା ରାଉତ ଶିକ୍ଷାର୍ଥୀମାନଙ୍କୁ ନୂତନ ଭାଷା ଶିକ୍ଷାଦାନ କରିଥିଲେ।ଶିବିରର ଶେଷ ଦିନରେ ସମନ୍ୱୟକର୍ତ୍ତାଙ୍କ ପକ୍ଷରୁ ପ୍ରେରଣାଦାୟକ ଉଦ୍‌ବୋଧନ ପ୍ରଦାନ କରାଯାଇଥିଲା। ପରେ ସମସ୍ତ ଅଂଶଗ୍ରାହୀଙ୍କୁ ଏନସିଇଆରଟି ପକ୍ଷରୁ ଅଂଶଗ୍ରହଣ ପ୍ରମାଣପତ୍ର ବିତରଣ କରାଯାଇଥିଲା।ଏପରି ଶିକ୍ଷାମୂଳକ କାର୍ଯ୍ୟକ୍ରମ ଶିକ୍ଷାର୍ଥୀମାନଙ୍କ ଭାଷାଦକ୍ଷତା ବୃଦ୍ଧି ସହ ସାମାଜିକ ସଚେତନତା ଓ ଭାରତୀୟ ସଂସ୍କୃତି ପ୍ରତି ଆଦରଭାବ ଗଢ଼ି ତୋଳିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭାଉଛି।

# ପେଟ୍ରୋଲ ଢାଳି ଦମ୍ପତିଙ୍କୁ ହତ୍ୟା ଉଦ୍ୟମ : ମୁଖ୍ୟ ଅଭିଯୁକ୍ତକୁ ଗିରଫ

ବାଲେଶ୍ୱର,(ସବ୍ୟୁ): ବସ୍ତା ଥାନା ଚକରଡ଼ା ଗ୍ରାମର ଦମ୍ପତିଙ୍କୁ ରାତିରେ ଶୋଇଥିବା ବେଳେ ପେଟ୍ରୋଲ ଢାଳି ନିଆଁ ଲଗାଇ ହତ୍ୟା ଉଦ୍ୟମ ଘଟଣାରେ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି ପୁଲିସ। ତ୍ରିକୋଣୀୟ ପ୍ରେମକୁ ନେଇ ଅଭିଯୁକ୍ତ ଏହି କାଣ୍ଡ ଭିଆଇଥିବା ବେଳେ ପୁଲିସ ତାକୁ ଗିରଫ କରିବାରେ ସଫଳ ହୋଇଛି। ସୂଚନା ଅନୁସାରେ ଏହି ଗ୍ରାମର ବିଜୟ ବେହେରାଙ୍କ ପୁଅ ଶ୍ରୀରାମପୁର ଅଞ୍ଚଳର ଏକ ନାବାଳିକାଙ୍କୁ ଅପହରଣ କରି ଫେରାର ହୋଇଥିଲେ। ଏହି ଘଟଣାରେ ନାବାଳିକାଙ୍କ ପରିବାର ଲୋକେ ବସ୍ତା ଥାନାରେ ଏତଲା ଦେଇଥିଲେ ଓ ପୁଲିସ ଘଟଣାର ତଦନ୍ତ ଚଳାଇଛି। ତେବେ ଗତ ୨୦ ତାରିଖ ବିଳମ୍ବିତ ରାତିରେ ବିଜୟ ଓ ତାଙ୍କ ସ୍ତ୍ରୀ ଘରେ ଶୋଇଥିବା ବେଳେ କେହି ଦୁର୍ବୃତ୍ତ ଘରର କବାଟ ଭାଙ୍ଗି ଶୋଇଥିବା ବିଛଣାରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲା। ଏହି ଘଟଣାରେ ଦମ୍ପତି ୭୦ ପ୍ରତିଶତ ପୋଡ଼ିଯାଇ ବର୍ତ୍ତମାନ ଚିକିତ୍ସାଧୀନ ଅଛନ୍ତି। ଏନେଇ ପୁଲିସ ୨୭୬।୨୬ରେ ମାମଲା ରୁଜୁ କରି ଘଟଣାସ୍ଥଳରୁ ପେଟ୍ରୋଲ, ମାରଣାସ୍ତ୍ର ଓ ଏକ ମୋବାଇଲ ଫୋନ୍ ଜବତ କରି ତଦନ୍ତ ଚଳାଇଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଆମର ଦଳାଇ (୩୧)କୁ ପୁଲିସ ଗିରଫ କରିଛି।

# ସାପ କାମୁଡ଼ାରେ ମହିଳା ମୃତ

ଭଣ୍ଡାରିପୋଖରୀ,(ସବ୍ୟୁ)ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ମଣିନାଥପୁର ଗ୍ରାମ ସୁରେନ୍ଦ୍ର ସାମଲଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ସାମଲ(୪୯) ରବିବାର ସର୍ପ ଦଂଶନରେ ମୃତ୍ୟୁବରଣ କରିଥିବା ଜଣାଯାଇଛି। ପିଲାଙ୍କ ଖରାଛୁଟି ଥିବାରୁ ଅନ୍ନପୂର୍ଣ୍ଣା ନପଙ୍ଗ ପଞ୍ଚାୟତ ଜୋରାଗଡିଆ ଗ୍ରାମ ବାପଘରକୁ ଗତ ଶନିବାର ଯାଇଥିଲେ। ରବିବାର ସକାଳେ ଦାନ୍ତକାଠି ଆଣିବା ପାଇଁ ବାଡିକୁ ଯାଇଥିବା ବେଳେ ବିଷଧର ସର୍ପ ଦଂଶନ କରିଥିଲା। ଅନ୍ନପୂର୍ଣ୍ଣା ଚିତ୍କାର କରିବାରୁ ବାପଘର ଲୋକେ ତାଙ୍କୁ ଯାଜପୁର ମୁଖ୍ୟଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେଉଥିବା ବେଳେ ବାଟରେ ପ୍ରାଣବାୟୁ ଉଡିଯାଇଥିଲା। ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରି ଶବ ବ୍ୟବଚ୍ଛେଦ କରାଯାଇଥିଲା। ମଧ୍ୟାହ୍ନରେ ଶବକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଦଶାଶ୍ୱମେଧ ଘାଟରେ ଶୋକାକୂଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଥିଲା। ଏକମାତ୍ର ପୁତ୍ର ପ୍ରଣବ ମୁଖାଗ୍ନି ଦେଇଥିଲା। ମା'ର ଅକାଳ ମୃତ୍ୟୁ ପରେ ଛୋଟ ୩ ଶିଶୁ ବେସାହାରା ହୋଇ ପଡିଥିବାରୁ ଗ୍ରାମବାସୀ ସ୍ତବ୍ଧ ହୋଇଛନ୍ତି। ପ୍ରଶାସନ ପକ୍ଷରୁ ଆବଶ୍ୟକୀୟ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି।

# ଦୁଇ ପୁତୁରାଙ୍କ କୋଦାଳ ଆକ୍ରମଣରେ କକାଖୁଡ଼ି ଗୁରୁତର

ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନା ଅନ୍ତର୍ଗତ କାଳାହି ଗାଁ ରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଅପରିଷ୍କାର ପାଣି ଛଡ଼ା ଯିବାକୁ ବାରଣ କରି ଦୁଇ ସମ୍ପର୍କୀୟ ପୁତୁରାଙ୍କ କୋଦାଳରେ ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି କକା ଏବଂ ଖୁଡ଼ୀ।ଭୋଗରାଇ ଥାନା ଅନ୍ତର୍ଗତ କାଳାହି ଗାଁ ର ସପନ ମହାନ୍ତି ଙ୍କ ଜାଗାରେ ତାଙ୍କର ସମ୍ପର୍କୀୟ ଭାଇ ଏବଂ ଦୁଇ ପୁତୁରା ବାରମ୍ବାର ଅପରିଷ୍କାର ପାଣି ଛାଡୁଥିଲେ। ସପନ ଏହାକୁ ବାରଣ କରିବା ସହ ଗ୍ରାମର ଭଦ୍ରବ୍ୟକ୍ତିମାନଙ୍କୁ ଏକାଧିକ ଥର ଜଣାଇଥିଲେ। ଶୁକ୍ରବାର ପୁଣି ଅପରିଷ୍କାର ପାଣି ସପନଙ୍କ ଜାଗାରେ ଛାଡ଼ିବାରୁ ସପନ ବିରୋଧ କରିଥିଲେ। ସପନଙ୍କ ସହ ଯୁକ୍ତି ତର୍କ ଚାଲିଥିବା ବେଳେ କୋଦାଳରେ ଦୁଇ ପୁତୁରା ଏବଂ ଭାଇ ସପନଙ୍କ ମୁଣ୍ଡରେ ମରଣାନ୍ତକ ଆକ୍ରମଣ କରିବା ସହ ଧାରୁଆ ଅସ୍ତ୍ରରେ ବାମ ହାତର ଏକ ଆଙ୍ଗୁଳି କାଟି ଦେଇଛନ୍ତି ବୋଲି ଅଭିଯୋଗ ହୋଇଛି। ସପନ ଙ୍କ ପତ୍ନି ଗୀତାରାଣୀ ତାଙ୍କୁ ଉଦ୍ଧାର କରିବାକୁ ଯାଇ ସେ ମଧ୍ୟ ଆକ୍ରମଣର ଶୀକାର ହୋଇଥିବା କହିଛନ୍ତି। ସପନ ଏବଂ ଗୀତାରାଣୀଙ୍କୁ ପ୍ରଥମେ ସ୍ଥାନୀୟ ଜଳେଶ୍ୱର ପୁର ହସ୍ପିଟାଲ୍ ଏବଂ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୀତାରାଣୀଙ୍କ ଲିଖିତ ଅଭିଯୋଗ କ୍ରମେ ଭୋଗରାଇ ଥାନା ରେ ପୋଲିସ ପକ୍ଷରୁ ଥାନାରେ କେଶ୍ ନମ୍ବର ୧୫୬ ମୂଳେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବା ସହ ସେମାନଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଉଭୟ ସ୍ୱାମୀ ଏବଂ ସ୍ତ୍ରୀ ଦାବି କରିଛନ୍ତି ।

# ଜଗନ୍ନାଥପ୍ରସାଦ ଗ୍ରାମରୁ ଚୋରି : ୩ ଅଟକ

ଭଣ୍ଡାରିପୋଖରୀ,(ସବ୍ୟୁ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଜଗନ୍ନାଥପ୍ରସାଦ ଗ୍ରାମର ପ୍ରଭାତ କୁମାର ବେହେରାଙ୍କ ଘରୁ ବଡ ଧରଣର ଚୋରି ହୋଇଛି। ପ୍ରଭାତଙ୍କ ପରିବାର ଲୋକେ ଶନିବାର ରାତ୍ର ୧୧.୩୦ମି. ସମୟରେ ଶୋଇଥିଲେ। ରାତ୍ର ୩ଟା ବେଳେ ପ୍ରଭାତ ଶୌଚ ପାଇଁ ଉଠି ଘର ଇନର୍ଭଟର ବନ୍ଦ ଥିବା ଦେଖି ସନ୍ଦେହ କରିଥିଲେ। ଘର ପଛ ଦ୍ୱାର କବାଟ ଭଙ୍ଗା ଯାଇଥିବା ଓ ପ୍ରଭାତଙ୍କ ପତ୍ନୀ ଶୋଇଥିବା କୋଠରୀ ଡ୍ରେସିଂ ଟେବୁଲ ଉପରେ ଥିବା ଆଲମିରା ଚାବିକାଠି ଦ୍ୱାରା ଆଲମିରା ଖୋଲି ଚୋରି ହୋଇଥିବା ଦେଖିଥିଲେ। ଆଲମିରାରେ ଥିବା ଗୋଟିଏ ସୁନା ଚିକ ହାର, ୨ଟି ସୁନା ଚେନ, ୫ଟି ସୁନା ମୁଦି, ସୁନା କାନଫୁଲ ୨ ହଳ, ୨ଟି ମଙ୍ଗଳ ସୂତ୍ର, ବାହୁଟି ୪ ହଳ, ସୁନା ଲକେଟ ଗୋଟିଏ, ରୂପା ପାଉଁଜି ୨ ହଳ, ରୂପା ଫରୁଆ ୨ଟା, ରୂପା ମୁଦି ୩ଟା ଓ ନଗଦ ଏକ ଲକ୍ଷ ୪୦ ହଜାର ଟଙ୍କା ଚୋରି ହୋଇଛି ବୋଲି ଥାନାରେ ପ୍ରଭାତ ରବିବାର ଅଭିଯୋଗ କରିଛନ୍ତି। ଗହଣା ଖୋଳଗୁଡିକୁ ବାଡି ପଟେ ପକାଇ ଦିଆଯାଇଛି। ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇ ସନ୍ଧାନୀ କୁକୁର ଓ ପୁଲିସ ବୈଜ୍ଞାନିକ ଅନୁସନ୍ଧାନକାରୀଙ୍କ ସହାୟତାରେ ପୁଲିସ ତଦନ୍ତ ଚଳାଇଛି। ଏହି ଘଟଣାରେ ପୁଲିସ ୩ ଜଣଙ୍କୁ ଅଟକ ରଖିଥିବା ସୂଚନା ମିଳିଛି।

# ଗାଡ଼ି ଧକ୍କାରେ ଯୁବକ ମୃତ

ବାଲେଶ୍ୱର, (ସବ୍ୟୁ): ୧୬ ନମ୍ବର ଜାତୀୟ ରାଜପଥ ଏବେ ମରଣଯନ୍ତା ପାଲଟିଛି। ଶନିବାରି ମଧ ରାତିରେ ଅଜଣା ଗାଡ଼ି ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଛି। ଓଡ଼ି-୦୧ବିଏଫ୍-୩୪୬୩ ନମ୍ବର ବିଶିଷ୍ଟ ବାଇକ୍‌ରେ ଯାଉଥିବା ରାଜା ନାମକ ଯୁବକଙ୍କୁ ପଛପଟୁ ଆସୁଥିବା ଏକ ଅଜଣା ଗାଡ଼ି ଧକ୍କା ଦେଇ ଚମ୍ପଟ ମାରିଥିଲା। ରାଜଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭଦ୍ରକ ମେଡିକାଲ୍‌କୁ ପଠାଇଥିଲେ । କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତକଙ୍କ ବାବଦରେ ଅଧିକ ସୂଚନା ମିଳିପାରିନି।

# କଳା ପଲସର ଆତଙ୍କ ଝାମ୍ପି ନେଲେ ସୁନା ଚେନ

ସୋର,(ସବ୍ୟୁ): କିଛି ଦିନର ବ୍ୟବଧାନ ପରେ ସୋରରେ ପୁଣି କଳା ପଲସର ଆତଙ୍କ ଦେଖିବାକୁ ମିଳିଛି। ରବିବାରି ସକାଳେ କଳା ପଲସରରେ ଦୁଇ ଜଣ ଦୁର୍ବୃତ୍ତ ଆସି ଘର ସମ୍ମାରୁ ମହିଳାଙ୍କ ବେକରୁ ସୁନା ଚେନ ଝାମ୍ପି ନେଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ସୋର ପୌର ପାଳିକା ଅନ୍ତର୍ଗତ ୨ ନମ୍ବର ୱାର୍ଡ କମରପୁର ଗ୍ରାମର ଗାୟତ୍ରୀ ପୁହାଣ ରବିବାର ସକାଳେ ଘର ସାମ୍ନାରେ ଗଛରେ ପାଣି ଦେଉଥିଲେ। ଏହି ସମୟରେ ଦୁଇଜଣ ହେଲମେଟ ପିନ୍ଧା ଦୁର୍ବୃତ୍ତ ଏକ କଳାରଙ୍ଗର ପଲସରରେ ଆସି ତାଙ୍କ ବେକରେ ପିନ୍ଧିଥିବା ୧୪ ଗ୍ରାମର ସୁନାଚେନ ଟିକୁ ଝାମ୍ପି ନେଇ ଫେରାର ହୋଇଯାଇଥିଲେ।ତେବେ ଏ ବାବଦରେ ଗାୟତ୍ରୀ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳକୁ ଆସି ସିସିଟିଭି ଫୁଟେଜ ଆଧାରରେ ଘଟଣାର ତଦନ୍ତ ଆରମ୍ଭ କରିଛି ।

# ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣୀ ରାଉତରାୟଙ୍କ ଜୟନ୍ତୀ ପାଳିତ

ବାସୁଦେବପୁର,(ସବ୍ୟୁ): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ସ୍ୱାଧିନତା ସଂଗ୍ରାମୀ ତଥା ବାସୁଦେବପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ନୀଳମଣୀ ରାଉତରାୟଙ୍କର ୧୦୬ ତମ ଜୟନ୍ତୀ ପାଳିତ ହୋଇ ଯାଇଛି। ବାସୁଦେବପୁର ପୌରପାଳିକାର ନୀଳମଣୀ ମାର୍କେଟ କମ୍ପ୍ଲେକ୍ସର ପରିସର ମଧରେ ନୀଳମଣୀ ରାଉତରାୟଙ୍କ ପ୍ରତିମୂର୍ତ୍ତିରେ ବ୍ଲକ ବିଜେଡିର ସଭାପତି ଦୀନବନ୍ଧୁ ଦାସ,ପୌରପାଳିକାର ଉପାଧ୍ୟକ୍ଷ ଉତ୍ତମ କୁମାର ବାରିକ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଚିନ୍ମୟ କୁମାର ବାରିକ,ଶ୍ୟାମସୁନ୍ଦର ମହାନ୍ତି,ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ବିଶ୍ୱାଳ,ଗୌତମ ସେଠୀ,କାଉଁସିଲର ଶୁଭେନ୍ଦୁ ପୃଷ୍ଟି,ଗୌତମ ବେହେରା,ସାରଦା ପ୍ରସାଦ ମହାନ୍ତି,ଖଗେନ୍ଦ୍ର ଦାସ,ବାଲିମେଦ ପଂଚାୟତର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ପଳିତା,ପୂର୍ବତନ କାଉନସିଲର ମାନସ ରଞ୍ଜନ ସାହୁ,ମାନସ ରଞ୍ଜନ ପଟ୍ଟନାୟକ,କମଳାକାନ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ବାଇକ୍ ସହ ଟଙ୍କା ଲୁଟ୍

ବାଲେଶ୍ୱର ,(ସବ୍ୟୁ): ବାଲିଆପାଳ ଥାନା ଅନ୍ତର୍ଗତ କେଶୁଡିହା ଗ୍ରାମରେ ଦିନ ଦ୍ୱିପ୍ରହରେ ହୋଇଛି ଚୋରି । ଗ୍ରାମର ଲକ୍ଷ୍ମଣ ବିଶ୍ୱାଳଙ୍କ ଘରୁ ଏକ ପ୍ଲାଟିନା ବାଇକ୍ ଓ ନଗଦ ୧୦ ହଜାର ଟଙ୍କା ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ଗତ ୨୧ ତାରିଖ ଭୋର ୫ଟା ସମୟରେ ଶ୍ରୀ ବିଶ୍ୱାଳ ପ୍ରତିଦିନ ପରି ଘରେ ତାଲା ପକାଇ କାମରେ ବାହାରି ଯାଇଥିଲେ। ପରିବାରର ଅନ୍ୟ ସଦସ୍ୟମାନେ ପାଖ ଗାଁ ବାଇଟିଙ୍ଗିରିରେ ଥିବା ଅନ୍ୟ ଘରକୁ ଯାଇଥିବାରୁ କେଶୁଡିହାସ୍ଥିତ ଘରଟି ଖାଲି ଥିଲା। ଏହି ସୁଯୋଗରେ ଦୁର୍ବୃତ୍ତମାନେ ଘରର କବାଟ ଖୋଲି ଓଡି-୦୧ଜେଡି-୨୧୫୧ ନମ୍ବର ବିଶିଷ୍ଟ ପ୍ଲାଟିନା ବାଇକ ଓ ନଗଦ ୧୦ହଜାର ଟଙ୍କା ସହ କିଛି ଆସବାବପତ୍ର ଚୋରି କରି ନେଇଥିବା ଜଣାପଡ଼ିଛି। ବାଲିଆପାଳ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ବିକୁଥିଲେ ଅଇଁଠା ଦହିବରା, ଛେଚିଲେ ଲୋକେ

ଯୋଡ଼ା ,(ସବ୍ୟୁ): କେନ୍ଦୁଝର ଜିଲ୍ଲା ଚମ୍ପୁଆରେ ଜଣେ ଦହିବରା ଦୋକାନୀଙ୍କ ଏକ ଘୃଣ୍ୟ କାରନାମା ସାମ୍ନାକୁ ଆସିଛି। ଗ୍ରାହକମାନେ ଖାଇସାରି ଛାଡ଼ି ଦେଉଥିବା ଅଇଁଠା ଦହିବରାକୁ ସେ ଅନ୍ୟମାନଙ୍କୁ ବିକ୍ରି କରୁଥିବାର ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହୋଇଛି। ଏହା ଜଣାପ ପରେ ରବିବାରି ସକାଳେ ଚମ୍ପୁଆରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକମାନେ ଉକ୍ତ ଦହିବରା ଦୋକାନୀଙ୍କୁ ପିଟିଥିବା ବେଳେ ପୁଲିସ ତାଙ୍କୁ ଉଠାଇ ନେଇ ଅଟକ ରଖି ପଚରାଉଚରା କରୁଛି।ଚମ୍ପୁଆ ବସଷ୍ଟାଣ୍ଡ ସାମ୍ନା ରାସ୍ତାକଡ଼ରେ ଦହିବରା ବେପାର କରନ୍ତି ରମାକାନ୍ତ ଖୁଣ୍ଟିଆ। ଭାଇରାଲ ଭିଡିଓରେ ଦେଖିବାକୁ ମିଳିଛି ଯେ ଗ୍ରାହକମାନେ ଖାଇସାରିବା ପରେ ତଳେ ରଖି ଦେଇଥିବା ପ୍ଲେଟ୍ରୁ ସେ ଏକ ପ୍ଲାଷ୍ଟିକ ଟ୍ରେରେ ରଖିବା ପୂର୍ବରୁ ସେଗୁ ଥିବା ଦହିବରାଗୁ ସଂଗ୍ରହ କରି ଏକାଠି କରିଛନ୍ତି ଓ ସେଗୁ ପୁଣି ତାଙ୍କର ଦହିବରା ପାତ୍ରରେ ମିଶାଇ ଦେଇଛନ୍ତି। ଶନିବାରଦିନ ଏହି ଭିଡିଓଟି ଭାଇରାଲ ହେବା ପରେ ରବିବାର ସକାଳେ ଲୋକେ ଏକାଠି ହୋଇ ଉକ୍ତ ଦହିବରା ଦୋକାନୀଙ୍କୁ ଘେରାଉ କରିଥିଲେ। ଉତ୍ତ୍ୟକ୍ତ ଲୋକେ ତାଙ୍କୁ ମାରପିଟ କରିଥିଲେ। ଖବର ପାଇ ଚମ୍ପୁଆ ପୁଲିସ ଓ ଏନଏସିର କର୍ମଚାରୀମାନେ ପହଞ୍ଚିଥିଲେ। ପୁଲିସ ଦହିବାରା ଦୋକାନୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅନ୍ୟପକ୍ଷରେ ସେ ଆଜି ବିକ୍ରି କରିବାକୁ ଆଣିଥିବା ଦହିବରା ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀକୁ ଏନଏସି ପକ୍ଷରୁ ଜବତ କରାଯିବା ପରେ ନଷ୍ଟ କରିଦିଆଯାଇଛି।ଏହି ଘଟଣା ପରେ ବାହାରେ ମିଳୁଥିବା ଖାଦ୍ୟ ସାମଗ୍ରୀଗୁ ଲୋକଙ୍କ ପାଇଁ କେତେ ସୁରକ୍ଷିତ, ତା' ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ।

# ବେପରୁଆ ମଦ୍ୟପ ଚାଳକଙ୍କ ବାଇକ୍ ଜବତ

ଠାକୁମରମୁଣ୍ଡା,(ସବ୍ୟୁ): : ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଥାନା ଅନ୍ତର୍ଗତ ଠାକୁରମୁଣ୍ଡା - ଆନନ୍ଦପୁର ୫୩ ନମ୍ବର ରାଜ୍ୟ ରାଜପଥ ଚିଆଁବେଡା ଛକ ନିକଟରେ ଶନିବାରସନ୍ଧ୍ୟାରେ ଦ୍ରୁତଗତିରେ ବେପରୁଆ ମଦ୍ୟପ ଚାଳକଙ୍କ ବାଇକ ଜବତ କରିଛି ମହୁଲଡିହା ଥାନା ପୁଲିସ। ସୂଚନା ଅନୁସାରେ ଶନିବାର ମହୁଲଡିହା ଥାନା ଆଇଆଇସି ତୁଷାର ନାୟକଙ୍କ ନିର୍ଦ୍ଦେଶରେ ଏଏସଆଇ ବିଜୟକୃଷ୍ଣ ସାନ୍ତରା ରାଜପଥରେ ପେଟ୍ରୋଲିଙ୍ଗ କରୁଥିବା ବେଳେ ଜଣେ ବେପରୁଆ ବାଇକ ଚାଳକଙ୍କୁ ଅଟକାଇ ଥିଲେ।ଏହି ସମୟରେ ମଦ ପିଇ ବେପରୁଆ ବାଇକ ଚାଳକ ଟୁଙ୍ଗା ଫୁଙ୍କି ପାରିନଥିଲେ। ଫଳରେ ଓଡି ୩୪ ଇଉ ୭୫୦୪ ନମ୍ବର ବିଶିଷ୍ଟ ପଲସର ବାଇକଟି ଜବତ କରି ଚାଳକଙ୍କ ନାମରେ କେଶ ରୁଜୁ ହୋଇଥିବା ଥାନାଧିକାରୀଙ୍କ ପକ୍ଷରୁ ସୂଚନା ମିଳିଛି।


## ଓଡିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

****

**ଅଧିସୂଚନା**

**No. RDM-LAB-GM-0038-2025- 49157 / R&DM, Dated. 30.12.2025**

**24001/178/2627:** ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଗଞ୍ଜାମ ଜିଲ୍ଲାରେ ଛେଳିଗଡ଼ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା- ମୌଳାଭଞ୍ଜା, ଥାନା- ପାଟପୁର, ତହସିଲ- ସାନଖେମୁଣ୍ଡି, ଜିଲ୍ଲା- ଗଞ୍ଜାମରେ ନିମ୍ନ ତଫସିଲ ମତେ ପ୍ରାୟ **ଏ, ୨.୭୯୦** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥାଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସତ୍ତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

**୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୁପ-** ଛେଳିଗଡ଼ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ ।

**୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-** ଅଧିକ୍ଷଣ ଯନ୍ତ୍ରୀ, ଛେଳିଗଡ଼ କେନାଲ ବିଭାଜନ, ଦିଗପହଣ୍ଡି ଗଞ୍ଜାମ, ଗଞ୍ଜାମ ।

**୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-** ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା । (ଉକ୍ତ ପ୍ରକଳ୍ପ ଯୋଗୁଁ କୌଣସି ଲୋକ ବିସ୍ଥାପିତ ହେଉନାହାନ୍ତି) ।

**୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-** ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ସଂଖ୍ୟା 21054 dated 11.06.2025 ପ୍ରକାରେ ଭୂମି ଅଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି ।

**୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-** ଉପଜିଲ୍ଲାପାଳ, ବ୍ରହ୍ମପୁର, ଗଞ୍ଜାମ ।

୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଗଞ୍ଜାମ | ସାନଖେମୁଣ୍ଡି | ମୌଳାଭଞ୍ଜା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧୧.୦୦୫ | ଏ. ୨.୭୯୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଜିଲ୍ଲାପାଳ, ଗଞ୍ଜାମ ଓ ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ଥଇଥାନ ଓ ପୁନର୍ବସତି ଅଧିକାରୀ, (ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡ଼ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଶ) କିମ୍ବା ଦାୟ ସୃଷ୍ଟି ଜିଲ୍ଲାପାଳ, ଗଞ୍ଜାମଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

| ଖାତା ନମ୍ବର | ପ୍ଲଟ ନମ୍ବର | ରୟତଙ୍କ ନାମ | ମୋଟ ରକବା | ଶ୍ରେଣୀ ବିଭାଜନ | ଅଧିଗ୍ରହଣ ହେବାକୁ ଥିବା ରକବା | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୨୨୪ | ୩୬୯୯ | ଶ୍ରୀ ଚୈତନ୍ୟ ମହାପ୍ରଭୁ ବିଜେ ପୋଡ଼ାମାରୀ ମାର୍ଫତ ମହନ୍ତ ବା:, ଗୋପାଳ କୃଷ୍ଣ ଦାଶ ବାବାଜି ଗୁରୁ ମହନ୍ତ କୃଷ୍ଣ ଚରଣ ଦାଶ ବାବାଜି ଜା: ବୈଷ୍ଣବ ବା: ପୋଡ଼ାମାରୀ ଥାନା- ପାଟପୁର | ୦.୪୨୦ | ବିଲ ଅଣଜଳସେଚିତ ଏକ | ୦.୧୨୦ | |
| | ୩୭୦୦ | | ୦.୬୮୮ | | ୦.୨୫୦ | |
| | ୩୭୧୮ | | ୦.୩୪୫ | | ୦.୦୩୦ | |
| | ୩୭୧୯ | | ୦.୨୬୮ | | ୦.୧୭୫ | |
| | ୩୭୨୦ | | ୦.୭୨୫ | | ୦.୨୪୦ | |
| | ୩୭୨୧ | | ୦.୯୮୦ | | ୦.୨୭୦ | |
| | ୩୭୨୨ | | ୦.୩୪୫ | | ୦.୧୨୫ | |
| | ୩୭୨୩ | | ୦.୩୭୦ | | ୦.୧୨୦ | |
| | ୩୭୨୬ | | ୦.୨୮୮ | | ୦.୦୩୦ | |
| ୨୮୯ | ୩୫୬୧ | ଶ୍ରୀ ସାନ ସାହି ବୃନ୍ଦାବତୀ ଦେବୀ ବିଜେ ନିଜଗାଁ, ପଢ଼ା ପୁରୁଣା ମୌଳାଭଞ୍ଜା ସେବାୟତ, ଜାଗିଲି ସାହୁ, ଦେବରାଜ ସାହୁ, ସୁରେନ୍ଦ୍ର ସାହୁ, ପି: ଗନ୍ତେଇ ସାହୁ, ସୌରୀ ସାହୁ, ବାବୁଲା ସାହୁ ପି: ରାମ ସାହୁ, ବା: ମଙ୍ଗୁଳି ସାହୁ ସ୍ୱା: ହରି ସାହୁ ଜା: କାଳଞ୍ଜି ବା: ନିଜଗାଁ | ୦.୭୪୦ | ବିଲ ଜଳସେଚିତ ଦୋଫସଲି | ୦.୨୦୫ | |
| ୩୧୦ | ୩୬୨୪ | ଶ୍ରୀ ମଦନ ମୋହନ ସ୍ୱାମୀ ବିଜେ ନିଜଗାଁ ଦେବୋତ୍ତର ବିଭାଗ ଦ୍ୱାରା ନିଯୁକ୍ତ ଟ୍ରଷ୍ଟି ବୋର୍ଡ଼ | ୨.୬୬୦ | ବିଲ ଅଣଜଳସେଚିତ ଏକ | ୦.୪୭୦ | |
| ୪୦୦ | ୩୭୦୧ | ନଟବର ବିଷୋଇ ପି: ଅର୍ଜୁନ ବିଷୋଇ ଜା: ଶୁଦ୍ଧ ବା: ଛଣମେରି, ଥାନା- ପାଟପୁର | ୦.୬୭୨ | ବିଲ ଜଳସେଚିତ ଦୋଫସଲି | ୦.୩୧୫ | |
| ୪୫୨ | ୩୭୧୯/୫୧୩୪ | ଶ୍ରୀ ରାଧାଦାମୋଦର ସ୍ୱାମୀ ବିଜେ ବାଙ୍ଗରଡ଼ା ମାର୍ଫତ ମନ୍ଦିର ପରିଚାଳନା କମିଟି ବା: ଥାନା - ପାଟପୁର | ୦.୧୨୦ | ବିଲ ଅଣଜଳସେଚିତ ଏକ | ୦.୦୮୦ | |
| | ୩୭୧୨ | | ୧.୩୨୩ | | ୦.୦୬୦ | |
| ୮୬୨ | ୩୭୦୧/୫୮୮୭ | ସାରଦା ପାତ୍ର ସ୍ୱା: ସରୋଜ କୁମାର ପାତ୍ର ଜା: ବ୍ରାହ୍ମଣ ବା: ଦିଗପହଣ୍ଡି | ୦.୫୨୦ | ବିଲ ଜଳସେଚିତ ଦୋଫସଲି | ୦.୦୦୫ | |
| ୯୨୮ | ୩୫୬୭ | ସୁବେନ ସାମନ୍ତରା ସ୍ୱା: ଭରତ ସାମନ୍ତରା ବା: ଛଣମେରି, ନନ୍ଦିଆ ରାଉତ ପି: ଭୀମ ରାଉତ ବା: ତୋଳବ, କୁନ୍ତଳା ଚୌଧୁରି ସ୍ୱା:ଧୋବା ଚୌଧୁରି ଜା: କୁଡୁମ ବା: ବାଙ୍ଗରଡ଼ା | ୦.୧୩୦ | ବିଲ ଜଳସେଚିତ ଦୋଫସଲି | ୦.୦୨୦ | |
| ୯୨୯ | ୩୫୫୬ | ସୁବେନ ସାମନ୍ତରା ପି: ଭରତ ସାମନ୍ତରା ବା: ଛଣମେରି, ନନ୍ଦିଆ ରାଉତ, ପି: ଭୀମ ରାଉତ ବା: ରଘୁନାଥ ରାଉତ ପି: ଭୀମ ରାଉତ ବା: ତୋଳବ, କୁନ୍ତଳା ଚୌଧୁରି ସ୍ୱା: ଧୋବା ଚୌଧୁରି ବା: ବାଙ୍ଗରଡ଼ା, ଲକ୍ଷ୍ମଣ ପ୍ରଧାନ ପି: ଦଣ୍ଡପାଣି ପ୍ରଧାନ ଜା:କୁଡୁମ ବା:ଛଣମେରି ଥାନା-ପାଟପୁର | ୦.୦୬୮ | ବିଲ ଜଳସେଚିତ ଦୋଫସଲି | ୦.୦୦୫ | |
| ୯୯୨/୩୪ | ୩୫୬୨ | ସୁଦର୍ଶନ ପ୍ରଧାନ ପି: ଲକ୍ଷ୍ମଣ ପ୍ରଧାନ ଜା:କୁଡୁମ ବା:ଛଣମେରି | ୦.୧୨୫ | ବିଲ ଜଳସେଚିତ ଦୋଫସଲି | ୦.୧୨୫ | |
| ୯୯୨/୧୩୫ | ୩୫୬୩ | ସରୋଜ କୁମାର ସାହୁ ପି: ବିଜୁଳି ସାହୁ ଜା:କାଳଞ୍ଜି ବା:ମୌଳାଭଞ୍ଜା | ୦.୨୧୮ | ବିଲ ଜଳସେଚିତ ଦୋଫସଲି | ୦.୧୪୫ | |
| | | | | ମୋଟ | ୨.୭୯୦ | ଏକର |

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା/- (ମଧୁସ୍ମିତା ସାହୁ)**
**ଅତିରିକ୍ତ ଶାସନ ସଚିବ**

OIPR : 24001/24001/3/26-27/0048

## ଓଡିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

****

**ଅଧିସୂଚନା**

**No. RDM-LAB-GM-0044-2025- 49240 / R&DM, Dated. 30.12.2025**

**24001/170/2627:** ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଗଞ୍ଜାମ ଜିଲ୍ଲାରେ ଛେଳିଗଡ଼ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା- ବରମୁଣ୍ଡଳି, ଥାନା- ପାଟପୁର, ତହସିଲ- ସାନଖେମୁଣ୍ଡି, ଜିଲ୍ଲା- ଗଞ୍ଜାମରେ ନିମ୍ନ ତଫସିଲ ମତେ ପ୍ରାୟ **ଏ, ୧,୪୧୫** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥାଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସତ୍ତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୁପ- ଛେଳିଗଡ଼ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ ।

**୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-** ଅଧିକ୍ଷଣ ଯନ୍ତ୍ରୀ, ଛେଳିଗଡ଼ କେନାଲ ବିଭାଜନ, ଦିଗପହଣ୍ଡି ଗଞ୍ଜାମ ।

**୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-** ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା । (ଉକ୍ତ ପ୍ରକଳ୍ପ ଯୋଗୁଁ କୌଣସି ଲୋକ ବିସ୍ଥାପିତ ହେଉନାହାନ୍ତି) ।

**୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-** ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ସଂଖ୍ୟା ୨୧୦୫୪ dated ୧୧.୦୬.୨୦୨୫ ପ୍ରକାରେ ଭୂମି ଅଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି ।

**୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-** ଉପଜିଲ୍ଲାପାଳ, ବ୍ରହ୍ମପୁର, ଗଞ୍ଜାମ ।

୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଗଞ୍ଜାମ | ସାନଖେମୁଣ୍ଡି | ବରମୁଣ୍ଡଳି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୪.୪୦୭ | ଏ. ୧.୪୧୫ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଜିଲ୍ଲାପାଳ, ଗଞ୍ଜାମ ଓ ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ଥଇଥାନ ଓ ପୁନର୍ବସତି ଅଧିକାରୀ, (ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡ଼ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଶ) କିମ୍ବା ଦାୟ ସୃଷ୍ଟି ଜିଲ୍ଲାପାଳ, ଗଞ୍ଜାମଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

| ଖାତା ନମ୍ବର | ପ୍ଲଟ ନମ୍ବର | ରୟତଙ୍କ ନାମ | ମୋଟ ରକବା | ଶ୍ରେଣୀ ବିଭାଜନ | ଅଧିଗ୍ରହଣ ହେବାକୁ ଥିବା ରକବା | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧୭ | ୨୧୪ | ଉଲା ଗୌଡ଼, କଇରି ଗୌଡ଼ ପି: ସନ୍ୟା ଗୌଡ଼ ଜା: ଗଉଡ଼ ବା: ନିଜଗାଁ | ୦.୧୭୦ | ପଦର | ୦.୦୬୦ | |
| | ୨୧୩ | | ୦.୧୧୫ | | ୦.୦୫୦ | |
| ୩୫ | ୨୦୬ | କାଳି ଚରଣ ବିଶୋଇ, ଚୈତନ୍ୟ ବିଶୋଇ, ସୂର୍ଯ୍ୟ ବିଶୋଇ, କୁମୁଦ ବିଶୋଇ, ପଦ୍ମା ବିଶୋଇ, ପି: ଭାତୃହରି ବିଶୋଇ, ଲେମ୍ବୁ ବିଶୋଇ ସ୍ୱା: ଭାତୃହରି ବିଶୋଇ ଜା: କାଳଞ୍ଜି ବା: ନିଜଗାଁ | ୦.୧୨୫ | ପଦର | ୦.୦୫୫ | |
| | ୧୦୪୩ | | ୦.୩୪୦ | | ୦.୧୦୫ | |
| | ୯୩୫ | | ୦.୧୮୦ | | ୦.୦୪୫ | |
| ୬୨ | ୯୩୬ | ଶ୍ରୀ ଲକ୍ଷ୍ମୀନାରାଣ ମହାପ୍ରଭୁ ବିଜେ: ନିଜଗାଁ ମାର୍ଫତ: ଗ୍ରାମ୍ୟ କମିଟି | ୦.୦୩୫ | ବିଲ ଅଣ ଜଳ ସେଚିତ ଦୁଇ | ୦.୦୧୫ | |
| ୮୩ | ୨୧୨ | ଟିଣା ବିଶେଇ, ସହଦେବ ବିଶେଇ, ନକୁଳ ବିଶେଇ ଲଡୁ ବିଶେଇ, ପଙ୍କଜ ବିଶେଇ ପି: ଗଙ୍ଗା ବିଶେଇ ହେମ ବିଶେଇ ସ୍ୱା: ଗଙ୍ଗା ବିଶେଇ ଜା:କାଳଞ୍ଜି ବା: ନିଜଗାଁ | ୦.୦୪୦ | ପଦର | ୦.୦୦୫ | |
| | ୨୦୯ | | ୦.୧୫୫ | | ୦.୦୮୫ | |
| ୯୨ | ୨୦୪ | ତ୍ରିନାଥ ବିଶୋଇ ପି: ଗୁନା ବିଶୋଇ ଜା: କାଳଞ୍ଜି ବା: ନିଜଗାଁ | ୦.୩୦୦ | ପଦର | ୦.୦୪ | |
| | ୨୩୨ | | ୦.୦୯୫ | | ୦.୦୮୦ | |
| | ୨୩୩ | | ୦.୦୪୦ | | ୦.୦୪୦ | |
| | ୨୩୪ | | ୦.୦୩୦ | | ୦.୦୩୦ | |
| | ୧୦୪୫ | | ୦.୧୨୫ | ବିଲ ଅଣଜଳସେଚିତ ଦୁଇ | ୦.୦୨୦ | |
| ୧୦୦ | ୨୩୫ | ଦୁଃଖିଶ୍ୟାମ ଗୌଡ଼ ପି: ଅର୍ଜୁନ ଗୌଡ଼ ଜା: ଗଉଡ଼ ବା: ନିଜଗାଁ | ୦.୦୫୫ | ପଦର | ୦.୦୫୫ | |
| ୧୧୫ | ୨୦୮ | ପଞ୍ଚାନନ ବିସେଇ ପି: ଅଗାଧୁ ଫତେସିଙ୍ଗ ଜା: କାଳଞ୍ଜି ବା: ନିଜଗାଁ | ୦.୧୬୫ | ପଦର | ୦.୦୮୦ | |
| ୧୩୭ | ୨୩୬ | ବିପ୍ର ବିଶେଇ, ନାରାୟଣ ବିଶେଇ ପି: ଜଗନ୍ନାଥ ବିଶେଇ ଚନ୍ଦ୍ରମା ବିଶେଇ ସ୍ୱା:ଜଗନ୍ନାଥ ବିଶେଇ ଜା:ବ୍ରାହ୍ମଣ ବା:ନିଜଗାଁ | ୦.୨୦୫ | ପଦର | ୦.୦୭୫ | |
| ୧୬୧ | ୨୦୫ | ରଙ୍କ ବିଶେଇ, ସୁରେନ୍ଦ୍ର ବିଶେଇ, ଗୌରା ବିଶେଇ, ଚଞ୍ଚଳା ବିଶେଇ, ବାସିନି ବିଶେଇ, ପରି ବିଶେଇ, ବଙ୍ଗାଳି ବିଶେଇ, ଜୟନ୍ତି ବିଶେଇ, ପି: ଗଣପତି ବିଶେଇ, କୁନ୍ଦନ ବିଶେଇ ସ୍ୱା: ଗଣପତି ବିଶେଇ ଜା: କାଳଞ୍ଜି ବା: ନିଜଗାଁ | ୦.୩୨୦ | ପଦର | ୦.୧୨୫ | |
| ୧୮୪ | ୯୩୪ | ଶଶି ଜେନା ସ୍ୱା: ହନୁ ଜେନା, ସନ୍ତୋଷ କୁମାର ଜେନା, ମୂଷା ଜେନା ପି: ହନୁ ଜେନା ଜା: କାଳଞ୍ଜି ବା: ନିଜଗାଁ | ୦.୪୩୫ | ବିଲ ଅଣ ଜଳ ସେଚିତ ଦୁଇ | ୦.୦୪୦ | |
| ୧୯୭ | ୯୩୯ | ସୀମାଞ୍ଚଳ ଜେନା, ଅରକ୍ଷିତ ଜେନା, ଶଶୀ ଜେନା ପି: ଭିମ ଜେନା ଚନ୍ଦ୍ରମା ଜେନା ସ୍ୱା: ଭିମ ଜେନା ଜା: କାଳଞ୍ଜି ବା: ନିଜଗାଁ | ୦.୦୮୦ | ବିଲ ଅଣ ଜଳ ସେଚିତ ଦୁଇ | ୦.୦୨୫ | |
| ୨୦୫ | ୨୧୫ | ସୁମା ଗୌଡ଼ ପି: ରଇବାରି ଗୌଡ଼ ଜା: ଗଉଡ଼ ବା: ନିଜଗାଁ | ୦.୨୫୦ | ପଦର | ୦.୦୭୫ | |
| ୨୧୦ | ୧୦୪୪ | ସୋମନାଥ ଗୌଡ଼ ପି: ରଇବାରି ଗୌଡ଼ ଜା: ଗଉଡ଼ ବା: ନିଜଗାଁ | ୦.୧୪୦ | ବିଲ ଅଣଜଳ ସେଚିତ ଦୁଇ | ୦.୦୪୫ | |
| ୨୧୧ | ୨୧୭ | ସୋମନାଥ ଗୌଡ଼ ପି: ରଇବାରି ଗୌଡ଼ ମଲ୍ଲୀ ଗୌଡ଼ ପି: ବରଜ ଗୌଡ଼ ଜା: ଗଉଡ଼ ବା: ନିଜଗାଁ | ୦.୨୧୦ | ପଦର | ୦.୦୧୫ | |
| | ୨୧୯ | | ୦.୧୯୦ | | ୦.୧୦୫ | |
| | ୨୧୬ | | ୦.୧୬୦ | | ୦.୦୪୫ | |
| ୨୧୪/୨୪ | ୨୩୭ | ଶଶି ଜେନା ସ୍ୱା: ହନୁ ଜେନା ଜା: କାଳଞ୍ଜି ବା: ବରମୁଣ୍ଡିଳି | ୦.୨୬୫ | ପଦର | ୦.୦୧୫ | |
| ୨୧୪/୬୭ | ୯୪୦ | ପୋଲି ବିଷୋୟୀ ପି: କହ୍ନେଇ ବିଷୋୟୀ ଜା: କାଳଞ୍ଜି ବା: ନିଜଗାଁ | ୦.୧୨୦ | ବିଲ ଅଣଜଳ ସେଚିତ ଦୁଇ | ୦.୦୩୦ | |
| ୨୧୪/୧୭୭ | ୨୦୭ | ନିଳମାଧବ ବିଷୋୟୀ ପି: ଲକ୍ଷ୍ମୀ ଚନ୍ଦ୍ର ବିଷୋୟୀ ଜା: ବ୍ରାହ୍ମଣ ବା: ବରମୁଣ୍ଡଳୀ | ୦.୦୬୨ | ପଦର | ୦.୦୫୫ | |
| | | | | ମୋଟ | ୧.୪୧୫ | ଏକର |

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା/- (ମଧୁସ୍ମିତା ସାହୁ)**
**ଅତିରିକ୍ତ ଶାସନ ସଚିବ**

OIPR : 24001/24001/3/26-27/0040

## ସମ୍ପାଦକୀୟ

# ରାଜ୍ୟସଭାରେ ବିଶିଷ୍ଟ ଓଡ଼ିଆଙ୍କ ପ୍ରତିନିଧିତ୍ୱ

ଭାରତର ନିର୍ବାଚନ କମିଶନର ଆସନ୍ତା ଜୁନ୍ ୧୮(୨୦୨୬)ରେ ରାଜ୍ୟସଭାର ଆଉ ୨୪ଟି ଆସନ ପାଇଁ ନିର୍ବାଚନ ହେବ ବୋଲି ଘୋଷଣା କରିଛନ୍ତି । ଉଲ୍ଲେଖନୀୟ ଯେ ଆନ୍ଧ୍ରପ୍ରଦେଶରୁ ୪ଟି, ଗୁଜରାଟରୁ ୪ଟି,କର୍ଣ୍ଣାଟକରୁ ୪ଟି, ମଧ୍ୟପ୍ରଦେଶରୁ ୩ଟି, ରାଜସ୍ଥାନରୁ ୩ଟି ଓ ଝାଡଖଣ୍ଡରୁ ୨ଟି ଏବଂ ଉତ୍ତରପୂର୍ବାଞ୍ଚଳର ଚାରିଗୋଟି ରାଜ୍ୟ ଯଥା ଅରୁଣାଞ୍ଚଳ ପ୍ରଦେଶ, ମଣିପୁର, ମେଘାଳୟ ଓ ମିଜୋରାମରୁ ପ୍ରତ୍ୟେକ ଗୋଟିଏ ଆସନ ହେଲେ ୨୪ଟି ଆସନ ରାଜ୍ୟସଭା ପାଇଁ ଖାଲି ପଡୁଛି । ଓଡ଼ିଶାରୁ ରାଜ୍ୟସଭା ନିର୍ବାଚନରେ ଗତ ଥର ବିଜେପିରୁ ମନମୋହନ ସାମଲ, ସୁଜିତ କୁମାର ଓ ବିଜେପି ସମର୍ଥିତ ପ୍ରାର୍ଥୀ ଦୀଲିପ ରାୟ ଏବଂ ବିଜେଡିର ସଂତୃପ୍ତ ମିଶ୍ର ନିର୍ବାଚିତ ହୋଇଥିଲେ । ଏଥିରେ କ୍ରସ ଭୋଟିଂ ହୋଇଥିଲା ଓ ବିଭିନ୍ନ ରାଜନୀତିକ ଦଳରୁ ମଧ ବିପୁଳ ଅର୍ଥ ଖର୍ଚ୍ଚ କରାଯାଇ ଘୋଡା ବେପାର କରାଯାଇଥିଲା ବୋଲି ଅଭିଯୋଗ ହୋଇଥିଲା । ଏ କଥାକୁ କୌଣସି ରାଜନୀତିକ ଦଳ ଅସ୍ୱୀକାର କରୁଥିଲେ ମଧ ଏହା ହିଁ ସତ୍ୟ ବୋଲି ଓଡ଼ିଶାର ସଚେତନ ଲୋକେ ଅନୁଭବ କରିଛନ୍ତି । ମାତ୍ର ଅଣ ରାଜନୀତିକ କୌଣସି ବିଶିଷ୍ଟ ସାହିତ୍ୟିକ, କଳାକାର, ଶିକ୍ଷାବିତ୍, କ୍ରୀଡାବିତ୍ ବା ସମାଜସେବୀ ଓଡ଼ିଆ ରାଜ୍ୟସଭାକୁ ରାଷ୍ଟ୍ରପତିଙ୍କଦ୍ୱାରା ମନୋନୀତ ହୋଇ ଯାଇ ପାରିଲେ ନାହିଁ । ତାହା ହିଁ ଦୁଃଖ । ଅଥଚ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଣେ ଓଡ଼ିଆ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱତନ୍ତ୍ର ଦୃଷ୍ଟି ମଧ ଓଡ଼ିଶା ଉପରେ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଜଣେ ସଚ୍ଚୋଟ ଆଦିବାସୀ ନେତା ମୋହନ ଚରଣ ମାଝୀ । କେନ୍ଦ୍ରରେ ଓଡ଼ିଶାରୁ ତିନିଜଣ ସାଂସଦ ଜୁଏଲ ଓରାମ, ଧର୍ମେନ୍ଦ୍ର ପ୍ରଧାନ ଓ ଅଶ୍ୱିନୀ ବୈଷ୍ଣବ କେନ୍ଦ୍ରରେ ଗୁରୁତ୍ୱପୂର୍ଣ୍ଣ ବିଭାଗରେ କ୍ୟାବିନେଟ ପାହ୍ୟାର ମନ୍ତ୍ରୀ । ପୁଣି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପ୍ରମୋଦ କୁମାର ମିଶ୍ର, ଶକ୍ତିକାନ୍ତ ଦାସ ଓ ଶ୍ରୀ ପଣ୍ଡାଙ୍କ ପରି ସୁଦକ୍ଷ ଓଡ଼ିଆ ଅଧିକାରୀମାନେ ଅବସ୍ଥାପିତ ଅଛନ୍ତି । ଏହା ସତ୍ତ୍ୱେ କୌଣସି ଅଣ ରାଜନୀତିକ ବିଶିଷ୍ଟ ଓଡ଼ିଆ ବ୍ୟକ୍ତିଙ୍କୁ ଓଡ଼ିଶା ବା ଭାରତ ସରକାରଙ୍କଦ୍ୱାରା ସୁପାରିଶ କରାଯାଇ ରାଷ୍ଟ୍ରପତିଙ୍କ ନିକଟକୁ ମନୋନୀତ ହେବା ଲାଗି ପଠା ନଯିବା ଦୁର୍ଭାଗ୍ୟଜନକ ବୋଲି ମନେ ହୋଇଥାଏ ।

**ଓଡ଼ିଶାରେ ପଦ୍ମ ପୁରସ୍କାର ଲାଭ କରିଥିବା କେତେକ ଲେଖକ ମଧ ରାଷ୍ଟ୍ରପତିଙ୍କଦ୍ୱାରା ମନୋନୀତ ହୋଇ ରାଜ୍ୟସଭାକୁ ଯିବା ଦୌଡ଼ରେ ଅଛନ୍ତି । ଆଉ କେତେକ ଲେଖକ ଓ କଳାକାର ମଧ ପଇସା ଖର୍ଚ୍ଚ କରି ପଦ୍ମ ପୁରସ୍କାର ଲାଭ ଚେଷ୍ଟାରେ ଅଛନ୍ତି ବୋଲି ଅଭିଯୋଗ ହେଉଛି । ଓଡ଼ିଶାରେ ଏପରି ହୀନ ପରମ୍ପରା ହେବ ବୋଲି କେହି କେବେ କଳ୍ପନା କରି ନଥିଲେ । ନୂତନ ସରକାର ଆସିଲା, ପରିବର୍ତ୍ତନ ହେଉ ଓ ଏପରି ହୀନ ପ୍ରଥାକୁ ଓଡ଼ିଆ ଲୋକେ ପରିହାର କରନ୍ତୁ । ଜଗନ୍ନାଥ ଆମମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ ।**

କଂଗ୍ରେସ ପରେ ଆଞ୍ଚଳିକ ଦଳର ବିଜେଡି ଶାସନରେ ଏହା ଉପରେ ଆଦୌ ଗୁରୁତ୍ୱ ଦିଆ ଯାଇ ନଥିଲା । ଅବଶ୍ୟ ସ୍ୱାଧୀନତାର ୭୨ ବର୍ଷରେ ସମ୍ଭବତଃ ଏକ ଘରୋଇ ଟିଭି କାର୍ଯ୍ୟକ୍ରମରେ ଏ ଲେଖକ ଭାଗ ନେଇଥିବାବେଳେ ଏ ବିଷୟରେ ସ୍ୱର ଉତ୍ତୋଳନ କରିଥିଲା । ଏହା ପରେ ଜଣେ କେନ୍ଦ୍ରମନ୍ତ୍ରୀଙ୍କ ସୁପାରିଶ କ୍ରମେ ପଥର ଶିଳ୍ପୀ ରଘୁନାଥ ମହାପାତ୍ରଙ୍କୁ ରାଷ୍ଟ୍ରପତିଙ୍କଦ୍ୱାରା ମନୋନୀତ କରାଯାଇ ରାଜ୍ୟସଭାକୁ ପଠାଯାଇ ପାରିଥିଲା । ମାତ୍ର ତାଙ୍କର ଦୁର୍ଭାଗ୍ୟ ଯେ ସେ ରାଜ୍ୟସଭା ସାଂସଦ ହେବାର କିଛି ମାସ ପରେ ମୃତ୍ୟୁବରଣ କଲେ । ତା' ପରେ କୌଣସି ଓଡ଼ିଆଙ୍କ କଥା ବିଚାରକୁ ନିଆ ଯାଇ ନାହିଁ । ଏଥିରୁ ଜଣାପଡୁଛି, ଓଡ଼ିଆମାନେ ପୂର୍ବକାଳର ଆଉ ବୀର ଜାତି ନୁହନ୍ତି । ଏବେ ଓଡ଼ିଆମାନେ ଭୀରୁ ଜାତି ବୋଲି କେହି କେହି ଅଭିଯୋଗ ମଧ କରୁଛନ୍ତି ।

କଂଗ୍ରେସ ପ୍ରଧାନମନ୍ତ୍ରୀ ମନମୋହନ ସିଂ ମଧ ଆସାମରୁ ରାଜ୍ୟସଭାକୁ ନିର୍ବାଚିତ ହୋଇ ପ୍ରଧାନମନ୍ତ୍ରୀ ହୋଇଥିଲେ । କଂଗ୍ରେସ ଦଳର ଅର୍ଥ ଓ ବୈଦେଶିକ ବ୍ୟାପର ପ୍ରଭୃତି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଥିବା ପ୍ରଣବ ମୁଖାର୍ଜୀ ମଧ ପଶ୍ଚିମବଙ୍ଗରୁ ରାଜ୍ୟସଭାକୁ ନିର୍ବାଚିତ ହୋଇ ଆସୁଥିଲେ । ଅବଶ୍ୟ ପ୍ରତ୍ୟକ୍ଷ ନିର୍ବାଚନରେ ଭାଗ ନେଇ ଲୋକସଭା ଆସନରୁ ଜିତିବାରେ ମର୍ଯ୍ୟାଦା ଭିନ୍ନ ଧରଣର ବୋଲି ମନେ ହୋଇଥାଏ ।

ଏବେ ଯେଉଁ ପରିସ୍ଥିତି, ଭାରତ ସରକାର ଓଡ଼ିଶା ଅପେକ୍ଷା ପଶ୍ଚିମବଙ୍ଗ ରାଜ୍ୟରୁ ରାଜ୍ୟସଭା ପ୍ରାର୍ଥୀ ରାଷ୍ଟ୍ରପତିଙ୍କଦ୍ୱାରା ମନୋନୀତ ହେବାର ସମ୍ଭାବନା ଅଧିକ ବୋଲି କୁହାଯାଉଛି । ଏହି ଅନୁମାନ ଠିକ୍ ବା ଭୁଲ ହୋଇପାରେ । ସେ ଯାହା ହେଉ, ଏଥର କଂଗ୍ରେସର ସଭାପତି ମଲ୍ଲିକାର୍ଜୁନ ଖାଡ୍‌ଗେ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଦେବେ ଗୌଡା ରାଜ୍ୟସଭା ଆସନରୁ ବାଦ ପଡ଼ିବେ । ସେମାନଙ୍କୁ ଆସନ୍ତା ଜୁନ୍ ୧୮ ରାଜ୍ୟସଭା ଆସନରୁ ରାଜ୍ୟସଭାକୁ ନିର୍ବାଚିତ କରାଯିବାର ସମ୍ଭାବନା ପ୍ରାୟ ନାହିଁ । ପ୍ରଶ୍ନ ଉଠେ, କଂଗ୍ରେସ ବା ଅଣ କଂଗ୍ରେସ ଦଳ ଏପରି ବ୍ୟକ୍ତିଙ୍କୁ ରାଜ୍ୟସଭାକୁ ପଠାଇବା ପରିବର୍ତ୍ତେ ଯୁବ ପ୍ରାର୍ଥୀଙ୍କୁ ମଧ ରାଜ୍ୟସଭାକୁ ପଠାଇ ପାରନ୍ତେ । ଆସନ୍ତା ରାଜ୍ୟସଭା ନିର୍ବାଚନରେ ଆନ୍ଧ୍ର ପ୍ରଦେଶରୁ କଂଗ୍ରେସ ଗୋଟିଏ ଆସନ ହାତେଇବାର ସମ୍ଭାବନା ରହିଛି ।

ଓଡ଼ିଶାରେ ପଦ୍ମ ପୁରସ୍କାର ଲାଭ କରିଥିବା କେତେକ ଲେଖକ ମଧ ରାଷ୍ଟ୍ରପତିଙ୍କଦ୍ୱାରା ମନୋନୀତ ହୋଇ ରାଜ୍ୟସଭାକୁ ଯିବା ଦୌଡ଼ରେ ଅଛନ୍ତି । ଆଉ କେତେକ ଲେଖକ ଓ କଳାକାର ମଧ ପଇସା ଖର୍ଚ୍ଚ କରି ପଦ୍ମ ପୁରସ୍କାର ଲାଭ ଚେଷ୍ଟାରେ ଅଛନ୍ତି ବୋଲି ଅଭିଯୋଗ ହେଉଛି। ଓଡ଼ିଶାରେ ଏପରି ହୀନ ପରମ୍ପରା ହେବ ବୋଲି କେହି କେବେ କଳ୍ପନା କରି ନଥିଲେ । ନୂତନ ସରକାର ଆସିଲା, ପରିବର୍ତ୍ତନ ହେଉ ଓ ଏପରି ହୀନ ପ୍ରଥାକୁ ଓଡ଼ିଆ ଲୋକେ ପରିହାର କରନ୍ତୁ । ଜଗନ୍ନାଥ ଆମମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ନ୍ୟାୟିକ ଜୟଯାତ୍ରାରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ



ଅଭୟ ଦ୍ୱିବେଦୀ

ଆମ ସମ୍ବିଧାନର ଧାରା ୧୨୪ (୧)ରେ ଉଲ୍ଲେଖ ଅଛି – 'ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଜଣେ ପ୍ରଧାନ ବିଚାରପତିଙ୍କୁ ନେଇ ଗଠିତ ହେବ ଏବଂ ସଂସଦ ଆଇନ ଦ୍ୱାରା ଅଧିକ ବିଚାରପତିଙ୍କ ସଂଖ୍ୟା ଧାର୍ଯ୍ୟ ନ ହେବା ପର୍ଯ୍ୟନ୍ତ ଏଥିରେ ସାତ ଜଣ ବିଚାରପତି ରହିବେ ।' ୧୯୫୦ ମସିହା ଜାନୁୟାରୀ ୨୬ ତାରିଖରେ ସମ୍ବିଧାନ ଲାଗୁ ହେବା ଦିନ ହିଁ ସୁପ୍ରିମକୋର୍ଟ କାର୍ଯ୍ୟକ୍ଷମ ହେଲା । ଯେହେତୁ ସର୍ବୋଚ୍ଚ ନ୍ୟାୟାଳୟର ନିଷ୍ପତ୍ତି ସାଧାରଣତଃ ଅନ୍ତିମ ଶବ୍ଦ ଭାବେ ବିବେଚନା କରାଯାଇଥାଏ, ଏହି କ୍ରମରେ ଆମେରିକା ସୁପ୍ରିମକୋର୍ଟର ଜଷ୍ଟିସ୍ ରବର୍ଟ ଜାକସନ୍‌ଙ୍କର ଗୋଟିଏ ମନ୍ତବ୍ୟ ସ୍ମରଣକୁ ଆସେ–ଉଚ୍ଚ ନ୍ୟାୟାଳୟରେ ରାୟ ପରିବର୍ତ୍ତନ ହେଲେ ଏହା ପ୍ରମାଣିତ ହୁଏ ନାହିଁ ଯେ ଅଧିକ ନ୍ୟାୟ ମିଳିବ । କିନ୍ତୁ ଏଥିରେ ଆଦୌ ସନ୍ଦେହ ନାହିଁ ଯଦି ଗୋଟିଏ ସୁପର–ସୁପ୍ରିମକୋର୍ଟ ଥାଆନ୍ତା, ତେବେ ତଳ କୋର୍ଟର ରାୟ ପରିବର୍ତ୍ତନ ଭଳି ସୁପ୍ରିମକୋର୍ଟର ରାୟରେ ମଧ୍ୟ ପରିବର୍ତ୍ତନ ଘଟନ୍ତା । ସୁପ୍ରିମ କୋର୍ଟ ଅଭ୍ରାନ୍ତ ହୋଇଥିବାରୁ ଅନ୍ତିମ ନୁହେଁ, ଅନ୍ତିମ ହୋଇଥିବାରୁ ଅଭ୍ରାନ୍ତ ଅଟେ । ସର୍ବୋଚ୍ଚ ନ୍ୟାୟାଳୟ କୌଣସି ମାମଲା ଗ୍ରହଣ କରିବା ପୂର୍ବରୁ ସେଥିରେ ଯାହା କିଛି ଦ୍ୱନ୍ଦ୍ୱ ବା ବିରୋଧ ଥାଏ, ରାୟ ପ୍ରକାଶ ପାଇବା ପରେ ତାହାର ଅନ୍ତ ଘଟେ । ଆମ ସମ୍ବିଧାନରେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସର୍ବୋଚ୍ଚ ସମ୍ମାନ ପ୍ରଦର୍ଶନ କରାଯାଇଛି ଏବଂ 'ଆଇନର ଶାସନ' ହେଉଛି ତାହାରି ସର୍ବଶ୍ରେଷ୍ଠ ଦୃଷ୍ଟାନ୍ତ । ସୁପ୍ରିମକୋର୍ଟ ଆଇନର ପରିଭାଷା ନିରୂପଣ କରୁଥିବାରୁ ସେ ହେଉଛନ୍ତି ଅନ୍ତିମ ଓ ଅଭ୍ରାନ୍ତ ।

ଆମ ସମ୍ବିଧାନରେ ସୁପ୍ରିମକୋର୍ଟଙ୍କ ରାୟକୁ ବିରୋଧ କରିବାର କ୍ଷମତା କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ, କାହାରିକୁ ପ୍ରଦାନ କରାଯାଇ ନାହିଁ । ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଚୂଡାନ୍ତ ହୋଇଥିବାରୁ, ଦେଶର ଆଇନ ବ୍ୟବସ୍ଥାରେ ଏବଂ ନିର୍ଦ୍ଦିଷ୍ଟ ପ୍ରକ୍ରିୟା ମାଧ୍ୟମରେ, ରିଭ୍ୟୁ ପିଟିସନ ଏବଂ କ୍ୟୁରେଟିଭ୍ ପିଟିସନ ଆଧାରରେ, ତାହାର ସମୀକ୍ଷା ଓ ପୁନର୍ବିଚାରର ବ୍ୟବସ୍ଥା ରହିଛି । ଅପରାଧିକ ଦୋଷୀ ସାବ୍ୟସ୍ତ ମାମଲାରେ, କେବଳ ରାଷ୍ଟ୍ରପତି ନିଜସ୍ୱ କ୍ଷମତା ଆଧାରରେ ସୁପ୍ରିମକୋର୍ଟଙ୍କ ଦଣ୍ଡାଦେଶକୁ କ୍ଷମା ଅଥବା ରିହାତି ଦେଇ ପାରିବେ । ଆଉ କିଛି କ୍ଷେତ୍ରରେ ସୁପ୍ରିମକୋର୍ଟଙ୍କ ରାୟରୁ ଉପୁଜିଥିବା ସମସ୍ୟାର ସମାଧାନ ନିମନ୍ତେ ସଂସଦ ଆଇନ ପ୍ରଣୟନ କରିପାରିବେ । ତେବେ ସେହି ଆଇନ ନିର୍ଦ୍ଦିଷ୍ଟ ମାମଲାର ନିର୍ଦ୍ଦିଷ୍ଟ ରାୟକୁ ସିଧାସଳଖ ପ୍ରତ୍ୟାଖାନ କରିପାରିବ ନାହିଁ ।

ପ୍ରତିଷ୍ଠା ପରଠାରୁ ମାନ୍ୟବର ସୁପ୍ରିମକୋର୍ଟ ଏପରି ଅନେକ ନିର୍ଣ୍ଣାୟକ ରାୟ ପ୍ରଦାନ କରିଛନ୍ତି, ଯାହା ଆମ ସମାଜ ଓ ଜୀବନର ଗୁଣାତ୍ମକ ମାନ ବୃଦ୍ଧିରେ ସହାୟକ ହୋଇଛି । ଏ ତାଲିକା ବହୁ ଦୀର୍ଘ । କିନ୍ତୁ ସେଥି ମଧ୍ୟରୁ ପ୍ରମୁଖ ହେଉଛି : କେଶବାନନ୍ଦ ଭାରତୀ କେଶ୍ (୧୯୭୩), ଯାହା ସମ୍ବିଧାନର 'ମୌଳିକ ଢ଼ାଞ୍ଚା ସିଦ୍ଧାନ୍ତ' ପ୍ରତିଷ୍ଠା କରିଥିଲା । ଅର୍ଥାତ ସଂସଦ ସମ୍ବିଧାନରେ ସଂଶୋଧନ ଆଣିପାରିବ, କିନ୍ତୁ ଏହାର ମୌଳିକ ଢ଼ାଞ୍ଚାରେ ପରିବର୍ତ୍ତନ ଆଣିପାରିବ ନାହିଁ । ଏହି ରାୟକୁ ଭାରତୀୟ ସାମ୍ବିଧାନିକ ଆଇନର ମୂଳଦୁଆ ଭାବେ ବିବେଚନା କରାଯାଏ । ୧୯୯୨ ମସିହାରେ(ଇନ୍ଦିରା ସାହନୀ କେଶ୍) ଜାତି ଆଧାରରେ ସରକାରୀ ଚାକିରିରେ ସଂରକ୍ଷଣ ପାଇଁ ମଣ୍ଡଳ କମିଶନ ସୁପାରିଶକୁ ସୁପ୍ରିମକୋର୍ଟ କାଏମ ରଖିଥିବାବେଳେ ସମୁଦାୟ ସଂରକ୍ଷଣ ୫୦ ପ୍ରତିଶତରୁ ଅଧିକ ହେବ ନାହିଁ ବୋଲି ସ୍ପଷ୍ଟ କରିଥିଲେ । ଗୋପନୀୟତାର ଅଧିକାର, ତିନି ତଲାକ୍ ବିଲୋପ, ସମଲିଙ୍ଗୀ ଯୌନ ଅଧିକାର, ଆସାମ ନାଗରିକ ପଞ୍ଜୀକରଣ ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗର ସଂପର୍କରେ ରାୟ ଦେଇଛନ୍ତି । ୨୦୨୩ ମସିହାରେ ସୁପ୍ରିମକୋର୍ଟର ପାଞ୍ଚ ଜଣ ବରିଷ୍ଠ ବିଚାରପତି ଜମ୍ମୁ କାଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ଧାରା ୩୭୦ ଉଚ୍ଛେଦ ପାଇଁ କେନ୍ଦ୍ର ସରକାରଙ୍କ ପଦକ୍ଷେପକୁ ସମର୍ଥନ କରିଥିବାବେଳେ ୨୦୨୪ ମସିହାରେ କେନ୍ଦ୍ର ସରକାରଙ୍କର ଇଲେକ୍‌ଟୋରାଲ ବଣ୍ଡ ମାଧ୍ୟମରେ ଅଜ୍ଞାତ ଉତ୍ସରୁ ରାଜନୈତିକ ଦଳକୁ ଆସୁଥିବା ପାଣ୍ଠି ଯୋଜନାକୁ ଅସାମ୍ବିଧାନିକ ଘୋଷଣା କରିଥିଲେ ।

**ରାଜନୈତିକ ବିଚାରଧାରେ ପ୍ରଭାବିତ ସୁପ୍ରିମକୋର୍ଟର କିଛି ନିଷ୍ପତ୍ତି ଅନେକ ସମୟରେ ମନରେ ଆଲୋଡନ ସୃଷ୍ଟି କରିଛି । ଯେହେତୁ ତାହା ଅନ୍ତିମ ଓ ଅଭ୍ରାନ୍ତ , ସମସ୍ତେ ତାହା ଗ୍ରହଣ କରିନେଇଛନ୍ତି । କିନ୍ତୁ ପରବର୍ତ୍ତୀ ସମୟରେ ସେହି ରାୟ ଶୁଣାଇଥିବା ବିଚାରପତି ଭୁଲ ନିଷ୍ପତ୍ତି ପାଇଁ ସର୍ବ ସାଧାରଣରେ କ୍ଷମା ପ୍ରାର୍ଥନା କରିଛନ୍ତି । ଏପରି ଏକ ଦୃଷ୍ଟାନ୍ତ ହେଉଛନ୍ତି ମୁଖ୍ୟ ବିଚାରପତି ପ୍ରଫୁଲ୍ଲଚନ୍ଦ୍ର ନଟବରଲାଲ ଭଗବତୀ ।**

ଏହିଭଳି ଅନେକ ଦୃଷ୍ଟାନ୍ତ ରହିଛି । ଫଳରେ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥା ସମ୍ମାନ ପୂର୍ବକ ସୁଦୃଢ଼ ହେବା ସହିତ 'ଆଇନର ଶାସନ' ପ୍ରତିଷ୍ଠାରେ ସହାୟକ ହୋଇଛି ।

ସୁପ୍ରିମକୋର୍ଟର ନ୍ୟାୟିକ ଜୟଯାତ୍ରା ଅବ୍ୟାହତ ରହିଛି । କିନ୍ତୁ ଏଥିରେ ଯେ ପ୍ରତିବନ୍ଧକ ଆସିନାହିଁ, ତାହା ନୁହେଁ । ୨୦୧୦ ମସିହାରେ ପୂର୍ବତନ ଆଇନମନ୍ତ୍ରୀ ତଥା ବରିଷ୍ଠ ଓକିଲ ଶାନ୍ତିଭୂଷଣ ସୁପ୍ରିମକୋର୍ଟରେ ଆବେଦନପତ୍ର ସହିତ ଏକ ଜଉମୁଦ ଲଫାପା ଦାଖଲ କରିଥିଲେ । ଆବେଦନପତ୍ରରେ ସେ ଅଭିଯୋଗ ଆଣିଥିଲେ – ସୁପ୍ରିମକୋର୍ଟର ୧୬ ଜଣ ପୂର୍ବତନ ମୁଖ୍ୟ ବିଚାରପତିଙ୍କ ମଧ୍ୟରୁ ୮ ଜଣ 'ନିଶ୍ଚିତ ଭାବେ ଦୁର୍ନୀତିଗ୍ରସ୍ତ' ୬ ଜଣ 'ନିଶ୍ଚିତ ଭାବେ ସଚ୍ଚୋଟ' ଏବଂ ଅନ୍ୟ ଦୁଇ ଜଣଙ୍କ ସଂପର୍କରେ ନିର୍ଦ୍ଦିଷ୍ଟ ଭାବେ କିଛି କହିହେବ ନାହିଁ । ସେମାନଙ୍କ ନାମ ଯଉମୁଦ ଲଫାପାରେ ଉଲ୍ଲେଖ ଥିଲା । ଆବେଦନପତ୍ରରେ ସେ ଆହୁରି ମଧ୍ୟ ଉଲ୍ଲେଖ କରିଥିଲେ – 'ଭାବମୂର୍ତ୍ତି ସ୍ୱଚ୍ଛ ରଖିବା ନିମନ୍ତେ ନିଜ ବିରୋଧରେ ଆସୁଥିବା ଦୁର୍ନୀତି ଅଭିଯୋଗକୁ, ନ୍ୟାୟପାଳିକା ଢ଼ାଙ୍କି ରଖିବା ପାଇଁ ପ୍ରୟାସ କରୁଛି । ଏହା ଫଳରେ ଦୁର୍ନୀତିର ମାତ୍ରା ଯେ ବୃଦ୍ଧି ପାଉଛି, ଏହା ହୃଦୟଙ୍ଗମ କରିବା ପାଇଁ ନ୍ୟାୟପାଳିକା ଅସମର୍ଥ । ଏପରି ଏକ ଅବଧାରଣା ସୃଷ୍ଟି ହୋଇଛି ଯେ ଯେଉଁମାନେ ଏଭଳି ଅଭିଯୋଗ ଆଣୁଛନ୍ତି, ସେମାନଙ୍କୁ ଅବଦାଲତ ଅବମାନନା ଅଭିଯୋଗରେ ସଂପୃକ୍ତ କରାଯାଉଛି ।' ସେ ଯଉମୁଦ ଲଫାପା ଏଯାବତ୍ ସୁପ୍ରିମକୋର୍ଟରେ ସାଇତା ହୋଇ ରହିଛି । ଭବିଷ୍ୟତରେ କେହି ବିଚାରପତି ତାକୁ ଖୋଲିବେ ଏ ଆଶା ଆଉ ନାହିଁ । ୨୦୧୮ ମସିହାରେ ସୁପ୍ରିମକୋର୍ଟର ଚାରିଜଣ ବରିଷ୍ଠ ବିଚାରପତି, ଗୋଟିଏ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ବଚାରପତିଙ୍କ ବିରୋଧରେ ସ୍ୱେଚ୍ଛାଚାରିତା ଅଭିଯୋଗ ଆଣିଥିଲେ ଏବଂ ତାହାର ନିର୍ଯ୍ୟାସ ଗୋଟିଏ ପତ୍ରରେ ଉଲ୍ଲେଖ କରି ତାଙ୍କ ନିକଟକୁ ପଠାଇଥିଲେ । ଏ ସଂପର୍କରେ ସୁପ୍ରିମକୋର୍ଟର ସମ୍ମାନାସ୍ପଦ ବରିଷ୍ଠ ଆଡଭୋକେଟ୍ ଫଲି ସାମ୍ ନରିମାନ ତାଙ୍କ ପୁସ୍ତକ 'ଗଡ୍ ସେଭ୍ ଦ ଅନରେବଲ୍ ସୁପ୍ରିମକୋର୍ଟ'ରେ ସ୍ପଷ୍ଟ କରିଛନ୍ତି – 'ସାଧାରଣରେ ଏ ବିଶ୍ୱାସ ପ୍ରଚଳିତ ଯେ ନ୍ୟାୟମୂର୍ତ୍ତି ଚାଲେମେଶ୍ୱର, ନ୍ୟାୟମୂର୍ତ୍ତି ଦୀପକ ମିଶ୍ରଙ୍କ ପରେ ଶପଥ ଗ୍ରହଣ କରିବା ଘଟଣାକୁ ଉଦାରତାର ସହିତ ଗ୍ରହଣ କରି ନ ଥିଲେ । ଏବେ ଏହା ସ୍ପଷ୍ଟ, ଏହି କାରଣରୁ ଦୁହିଁଙ୍କ ମଧ୍ୟରେ ସଂପର୍କ ଏତେ ତିକ୍ତ ହେଲା ଯେ ଏପର୍ଯ୍ୟନ୍ତ ଅବିଭାଜିତ ଅଦାଲତକୁ ଦୁଇ ଭାଗରେ ବିଭକ୍ତ କରିଦେଲା ।'

ରାଜନୈତିକ ବିଚାରଧାରେ ପ୍ରଭାବିତ ସୁପ୍ରିମକୋର୍ଟର କିଛି ନିଷ୍ପତ୍ତି ଅନେକ ସମୟରେ ମନରେ ଆଲୋଡନ ସୃଷ୍ଟି କରିଛି । ଯେହେତୁ ତାହା ଅନ୍ତିମ ଓ ଅଭ୍ରାନ୍ତ , ସମସ୍ତେ ତାହା ଗ୍ରହଣ କରିନେଇଛନ୍ତି । କିନ୍ତୁ ପରବର୍ତ୍ତୀ ସମୟରେ ସେହି ରାୟ ଶୁଣାଇଥିବା ବିଚାରପତି ଭୁଲ ନିଷ୍ପତ୍ତି ପାଇଁ ସର୍ବ ସାଧାରଣରେ କ୍ଷମା ପ୍ରାର୍ଥନା କରିଛନ୍ତି । ଏପରି ଏକ ଦୃଷ୍ଟାନ୍ତ ହେଉଛନ୍ତି ମୁଖ୍ୟ ବିଚାରପତି ପ୍ରଫୁଲ୍ଲଚନ୍ଦ୍ର ନଟବରଲାଲ ଭଗବତୀ । ୧୯୭୩ ମସିହାରେ ଭଗବତୀ ମହାଶୟ ସୁପ୍ରିମକୋର୍ଟର ବିଚାରପତି ନିଯୁକ୍ତ ହେଲେ । ୧୯୭୫–୭୭ ଜରୁରୀକାଳୀନ ପରିସ୍ଥିତି ସମୟରେ ହେବିୟସ୍ କର୍ପସ କେଶ୍ (ଏଡିଏମ ଜବଲପୁର କେଶ ନାମରେ ପରିଚିତ)ରେ ପାଞ୍ଚ ଜଣ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ୪–୧ ଭୋଟରେ ରାୟ ଦେଇଥିଲେ– 'ଜରୁରୀକାଳୀନ ପରିସ୍ଥିତିରେ ବ୍ୟକ୍ତି ସ୍ୱାଧୀନତା ମୂଲ୍ୟହୀନ ଏବଂ ଏହା ନିଲମ୍ବିତ ରହିବ ।' ଏକମାତ୍ର ବିଚାରପତି ହଂସ ରାଜ ଖାନ୍ନା ଏହି ରାୟ ବିରୋଧରେ ମତ ପୋଷଣ କରିଥିଲେ । ଏହି ସଂପର୍କରେ ଆମେରିକାର 'ନିଉୟର୍କ ଟାଇମସ୍'ଖବରକାଗଜ ୧୯୭୬ ଏପ୍ରିଲ ୩୦ ତାରିଖ ସଂପାଦକୀୟରେ ଉଲ୍ଲେଖ କରିଥିଲେ – 'ଭବିଷ୍ୟତରେ ଭାରତରେ ଗଣତନ୍ତ୍ର ଓ ସ୍ୱାଧୀନତାର ପୂର୍ବ ଗରିମା ଫେରି ଆସିଲେ, କେହି ଜଣେ ବ୍ୟକ୍ତି ନିଶ୍ଚିତ ଭାବେ ସୁପ୍ରିମକୋର୍ଟ ପରିସରରେ ଏଚ.ଆର୍ ଖାନ୍ନାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବେ । କାରଣ ଇନ୍ଦିରା ଗାନ୍ଧି ସରକାର ଆଇନର ଉର୍ଦ୍ଧ୍ୱକୁ ଉଠି ବିରୋଧୀମାନଙ୍କୁ ଜେଲରେ ଭରୁଥିବାବେଳେ ସେ ହେଉଛନ୍ତି ଏକମାତ୍ର ବ୍ୟକ୍ତି ଯିଏ ଭୟଶୂନ୍ୟ ହୋଇ ଉଚ୍ଚସ୍ୱରରେ ତାହାର ବିରୋଧ କରିଛନ୍ତି ।' ପରଂପରା ଅନୁଯାୟୀ ବରିଷ୍ଠତା ଆଧାରରେ ୧୯୭୭ ମସିହାରେ ବିଚାପତି ଖାନ୍ନା ମୁଖ୍ୟ ବିଚାରପତି ହେବା ସୁନିଶ୍ଚିତ ଥିବାବେଳେ, ସରକାରଙ୍କୁ ବିରୋଧ କରିଥିବାରୁ ତାଙ୍କୁ ପଦୋନ୍ନତି ଦିଆ ଯାଇ ନ ଥିଲା । ତେଣୁ ସେ ବିଚାରପତି ପଦବୀରୁ ଇସ୍ତଫା ଦେଇଥିଲେ । ୧୯୮୦ ମସିହାରେ ଇନ୍ଦିରା ଗାନ୍ଧି ପୁନଶ୍ଚ ପ୍ରଧାନମନ୍ତ୍ରୀ ହେବାପରେ ବିଚାରପତି ପି.ଏନ.ଭଗବତୀ ତାଙ୍କୁ ଅଭିନନ୍ଦନ ଜଣାଇ ପତ୍ର ଲେଖିଥିଲେ – ' ଆପଣ ନିର୍ବାଚନରେ ଅଭୂତପୂର୍ବ ସଫଳତା ହାସଲ କରି ପୁନଶ୍ଚ ପ୍ରଧାନମନ୍ତ୍ରୀ ପଦବୀ ଅଳଙ୍କୃତ କରିଥିବାରୁ ମୁଁ ଆପଣଙ୍କୁ ଅଭିନନ୍ଦନ ଜଣାଉଛି । .... ମୁଁ ଦୃଢ଼ ନିଶ୍ଚିତ ଆପଣଙ୍କର ଲୌହ ସଂକଳ୍ପ ଓ ଦୃଢ଼ ଇଚ୍ଛାଶକ୍ତି, ଅଲୌକିକ ଅନ୍ତର୍ଦୃଷ୍ଟି ଓ ଅପରିମିତ ଦୃଷ୍ଟିଶକ୍ତି , ମହାନ ପ୍ରଶାସନିକ ଦକ୍ଷତା ଓ ବିଶାଳ ଅନୁଭୂତି, ଜନତାଙ୍କ ଅତୁଟ ଶ୍ରଦ୍ଧା ଏବଂ ସର୍ବୋପରି ଅସହାୟ ଦରିଦ୍ରଙ୍କ ଦୁଃଖ ଓ ଯନ୍ତ୍ରଣାରେ ଜର୍ଜରିତ ଆପଣଙ୍କ ସମ୍ବେଦନଶୀଳ ହୃଦୟ ଓ ବଳିଷ୍ଠ ନେତୃତ୍ୱରେ ଆପଣ ଏହି ବିଶାଳ ଦେଶକୁ ଆକାଂକ୍ଷିତ ଲକ୍ଷ୍ୟ ସ୍ଥଳରେ ଉପନୀତ କରିପାରିବେ ।' ସୁପ୍ରିମକୋର୍ଟର ବିଚାରପତିଙ୍କ ପକ୍ଷେ ଜଣେ କ୍ଷମତାଲିପ୍ସୁ ପ୍ରଧାନମନ୍ତ୍ରୀଙ୍କୁ ଏପରି ପତ୍ର ଲେଖିବା କେତେ ସମୀଚୀନ, ପାଠକବନ୍ଧୁମାନେ ବିଚାର କରିବେ । ୧୯୮୫ ମସିହା ଅଗଷ୍ଟ ମାସରେ ସେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ପଦ ମଣ୍ଡନ କଲେ । ୨୦୦୬ ମସିହାରେ ୮୯ ବର୍ଷ ବୟସରେ ଜଷ୍ଟିସ୍ ଭଗବତୀ ଏକ ସାକ୍ଷାତକାରରେ ଏଡିଏମ ଜବଲପୁର କେଶରେ ନିଜ ନିଷ୍ପତ୍ତିକୁ 'ତ୍ରୁଟିପୂର୍ଣ୍ଣ' ଅଭିହିତ କରିବା ସହିତ ସେଥି ନିମନ୍ତେ ସେ 'କ୍ଷମାପ୍ରାର୍ଥୀ' ବୋଲି ଅନୁତାପ କରିଥିଲେ । ସେ ଆହୁରି ମଧ୍ୟ କହିଥିଲେ – ' ଏହି ରାୟ ନିମନ୍ତେ ସୁପ୍ରିମ କୋର୍ଟ ଲଜ୍ଜିତ ହେବା ଉଚିତ । ବିଚାରପତି ଭାବେ ମୁଁ ନିଜର ଦୋଷ ସ୍ୱୀକାର କରୁଛି ।' ୨୦୧୭ ମସିହାରେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ନଅ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ହେବିୟସ୍ କର୍ପସ ରାୟକୁ ଅବୈଧ ଘୋଷଣା କରିବା ସହିତ ବିଚାରପତି ଖାନ୍ନାଙ୍କୁ 'ବ୍ୟକ୍ତି ସ୍ୱାଧୀନତାର କିମ୍ବଦନ୍ତୀ ନାୟକ' ଭାବେ ଘୋଷଣା କରିଥିଲେ । ସାମୟିକ ଆଲୋଡନ ଓ ଉତ୍ତେଜନା ସତ୍ତ୍ୱେ , ସୁପ୍ରିମକୋର୍ଟ ହେଉଛନ୍ତି ଦେଶର ଆଇନଗତ ଢ଼ାଞ୍ଚା ମଧ୍ୟରେ ନ୍ୟାୟର ଅନ୍ତିମ ଶବ୍ଦ ଏବଂ ମୌଳିକ ଅଧିକାରର ରକ୍ଷକ 'ଆଇନର ଶାସନ'ର ପ୍ରତୀକ ଓ କ୍ଷମତାର ସମ୍ଭାବ୍ୟ ଅପବ୍ୟବହାର ବିରୋଧରେ ସୁରକ୍ଷା କବଚ ତେଣୁ ସମସ୍ତ ନାଗରିକଙ୍କ ଆଶା ଓ ଅଭିଳାଷର ଆଲୋକ ବର୍ତ୍ତିକା ।

**(ଶ୍ରୀ ଦ୍ୱିବେଦୀ ଜଣେ ସ୍ତମ୍ଭକାର ଓ ସୁଲେଖକ)**
**ଭଦ୍ରାଣୀ, ସାଳନ୍ଦୀ ନଗର,**
**ଭଦ୍ରକ–୭୫୬୧୦୦**
**ସେଲ୍–୯୪୩୭୧ ୯୧୩୫୦**

# ଭଞ୍ଜନଗରର ପ୍ରସିଦ୍ଧ ଠାକୁରାଣୀ ଯାତ୍ରା–୨



ଦିଲୀପ ଚାୱ୍ଡ଼ା

**ଯାତ୍ରା ସମ୍ପର୍କିତ କିମ୍ବଦନ୍ତୀ–** ଠାକୁରାଣୀ ବେହେରାଙ୍କ ପରିବାରରେ ଝିଅ ହୋଇ ରହିବା ସମ୍ପର୍କରେ ଏକ କୌତୂହଳ କିମ୍ବଦନ୍ତୀ ଲୋକମୁଖରୁ ଶୁଣାଯାଏ । ଦିନେ ଅର୍ଦ୍ଧରାତ୍ରିରେ ବେହେରାଙ୍କ ଘର ସାମ୍ନାରେ କୌଣସି ଜଣେ ତରୁଣୀର କ୍ରନ୍ଦନ ଶବ୍ଦ ଶୁଣାଗଲା । ସେ କବାଟ ଖୋଲି ଦେଖିଲେ ସୁନ୍ଦରୀ ଝିଅଟିଏ କାନ୍ଦୁଛି । କାନ୍ଦିବାର କାରଣ ପଚାରିବାରେ ଝିଅଟି କହିଲା ମୋ ବାପାଘରକୁ ଯାଉ ଯାଉ ରାତି ହୋଇଗଲା । କେଉଁଠି ରହିବି ଭାବି କାନ୍ଦୁଛି । ସେ କହିଲେ ଝିଅ ମୁଁ ତୋ ବାପା ପରି । ଆ ମୋ ଘରେ ରହି ଯା । କାଲି ସକାଳେ ମୁଁ ତୋତେ ତୋ ବାପା ଘର ଛାଡ଼ି ଆସିବି । ଏତକ କହୁ କହୁ ଝିଅଟି କୁଆଡ଼େ ଉଭେଇ ଗଲା । ବ୍ୟସ୍ତ ହୋଇ ବେହେରା ତାକୁ ଝିଅ କୁଆଡ଼େ ଗଲୁ ସମ୍ବୋଧନ କରି ଚାରିଆଡ଼େ ବହୁତ ଖୋଜିଲେ କିନ୍ତୁ ପାଇଲେ ନାହିଁ । ସକାଳ ହେଲା । ପ୍ରତିଦିନ ପରି ସେହିଦିନ ମଧ ଫୁଲ ନେଇ ସେ ଠାକୁରାଣୀଙ୍କ ମଥାରେ ଦେଲେ । କି ଆଶ୍ଚର୍ଯ୍ୟ ଫୁଲତକ ମୁଣ୍ଡ ଉପରେ ନରହି ତଳେ ପଡ଼ିଯାଉଛି । ଦେବୀ କଣ ଫୁଲ ଗ୍ରହଣ କରୁନାହାନ୍ତି ? ବାରମ୍ବାର ଏପରି ହେବାରୁ ସେ ବିଚଳିତ ହୋଇଗଲେ । ଏଥର ହଠାତ ଶୂନ୍ୟବାଣୀ ହେଲା ବାପା ମୁଁ କାଲିଠାରୁ ତୁମ ଝିଅ ହୋଇ ସାରିଛି । ତେଣୁ ତୁମ ପୂଜା କେମିତି ଗ୍ରହଣ କରିବି ? କାଲି ତୁମେ ମତେ ଝିଅ ବୋଲି ସମ୍ବୋଧନ କରିଛ । ବେହେରା କହିଲେ ଝିଅ ତା ହେଲେ ଯାତ୍ରା କାଳରେ ତୁ ଅପୂଜା ରହିଯିବୁ ? ଆଉ କଣ ମୋ ଘରୁ ଭୋଗ ଖାଇବା ବନ୍ଦ କରିଦେବୁ ? ଦେବୀ କହିଲେ ବ୍ୟସ୍ତ ହୁଅ ନାହିଁ, ତୁମେ ମନ୍ଦିରରୁ ବାହାରକୁ ଗଲାବେଳେ ଯାହାକୁ ପ୍ରଥମେ ଦେଖିବ ସେ ହେବ ମୋର ପୂଜକ ଏବଂ ଯାତ୍ରା କାଳରେ ତୁମ ଘରେ ତିଆରି ଅନ୍ନଭୋଗ ହିଁ ମୁଁ ଗ୍ରହଣ କରିବି । ତତ୍ ସଙ୍ଗେ ସଙ୍ଗେ ମୁଁ ବିଜେ କରିଥିବା ମୁଖ୍ୟ ଘଟକଳସକୁ ତୁମ ବଂଶର କୌଣସି ସ୍ତ୍ରୀ ଲୋକ ଯାତ୍ରାବେଳେ ମୁଣ୍ଡରେ ଧରିବାର ଏକାଚାଟିଆ ଅଧିକାର ପାଇବେ ।

ବେହେରା ମନ୍ଦିରରୁ ବାହାରକୁ ଆସିବାବେଳେ ପ୍ରଥମେ ଜଣେ ଭଣ୍ଡାରିକୁ ଦେଖି ତାଙ୍କୁ ଦେବୀଙ୍କ ଶୂନ୍ୟବାଣୀ ବିଷୟରେ କହିଲେ । ଭଣ୍ଡାରି ଦେବୀଙ୍କ ଆଜ୍ଞା ଖୁସିରେ ମାନିନେଲେ । ସେହି ଦିନଠାରୁ ଯାତ୍ରାକାଳରେ ଭଣ୍ଡାରି ସମ୍ପ୍ରଦାୟର ଲୋକେ ଠାକୁରାଣୀଙ୍କୁ ପୂଜା କରନ୍ତି । ଏହି ଭଣ୍ଡାରି ପୂଜକମାନଙ୍କୁ 'ଦାମଲା' କୁହାଯାଏ । ଦାମଲା ପରିବାର ଗଞ୍ଜାମ ଜିଲ୍ଲାର ପିତଳ ଗ୍ରାମରେ ବାସ କରୁଥିବାରୁ ତାଙ୍କୁ ପିତଳରୁ ଆମନ୍ତ୍ରଣ କରାଯାଏ ।

**ଯାତ୍ରା ଲାଗି ଠାକୁରାଣୀଙ୍କୁ ଆମନ୍ତ୍ରଣ ପଦ୍ଧତି:–** ଯାତ୍ରା ପୂର୍ବଦିନ ପିତଳ ଗ୍ରାମରୁ ଆମନ୍ତ୍ରିତ ହୋଇଥିବା ଦାମଲାମାନେ ଭଞ୍ଜନଗରର ଡ଼େରା ସାହିରେ ଥିବା ଦେଶ ବେହେରାଙ୍କ ପରିବାରର ଜଣଙ୍କ ଘରୁ ମୁଗଜାଇ, ହଳଦି ଦିଆ ଭାତ ନେଇ ସହରର ଚର୍ତ୍ତୁଦିଗରେ ରଖି ପୂଜା କରନ୍ତି । ଚାରି ଦିଗରେ ପୂଜା କରି ଦିଗ ବନ୍ଧେଇ ଦିଆଯାଏ । ଏମିତି ଠାକୁରାଣୀଙ୍କ ଆମନ୍ତ୍ରଣର ପ୍ରଥମ ପର୍ବ ଆରମ୍ଭ ହୁଏ । ଠାକୁରାଣୀଙ୍କୁ ଆମନ୍ତ୍ରଣ ପାଇଁ ଡ଼େରା ସମ୍ପ୍ରଦାୟର ଜଣେ ଦୁଇଜଣ ସ୍ତ୍ରୀ ଲୋକ ଉପବାସ କରି ପୂଜା ସାମଗ୍ରୀ ଯୋଗାଡ଼ରେ ଲାଗିପଡ଼ନ୍ତି । ସେମାନେ ଗୋଟିଏ ନୂଆ ବାଉଁଶ ତାଟରେ ଅରୁଆ ଚାଉଳ, ଗୁଆ, ହରିଡ଼ା, ଦୀପ, ଧୂପକାଠି, ନୂଆ ଶାଢ଼ି, କଳାଚୂଡ଼ି, କଜ୍ଜଳ, ସିନ୍ଦୂର, ଗୋଟିଏ ଇଟମଳା ଫୁଲ ମାଳ(ଯାହାକି ଆଜ୍ଞାମାଳ ନାମରେ ନାମିତ) ନେଇ ଅର୍ଦ୍ଧରାତ୍ରିରେ ଠାକୁରାଣୀଙ୍କ ମନ୍ଦିରକୁ ଯାଇ ଦେବୀଙ୍କୁ ଆମନ୍ତ୍ରଣ କରନ୍ତି । ଆମନ୍ତ୍ରଣର ବିଧି ହେଲା ଉପବାସ କରି ପୂଜା ସାମଗ୍ରୀ ନେଇଥିବା ସ୍ତ୍ରୀ ଲୋକ ଜଣକ ଇଟମଳା ଫୁଲମାଳ ଦେବୀଙ୍କ ମୁଣ୍ଡ ଉପରେ ରଖି ପୂଜାସାରି ଶାଢ଼ି କାନି ପାତି ଦେବୀଙ୍କୁ ଯାତ୍ରା ଉଦ୍ଦେଶ୍ୟରେ ଆମନ୍ତ୍ରଣ କରିବେ । ସେହି ସମୟରେ ହଜାର ହଜାର ଭକ୍ତ ହୁଳହୁଳି ପକାଇ ଥାଆନ୍ତି ଓ ବାଜା ବାଜୁଥାଏ । ଯେତେବେଳେ ଫୁଲମାଳଟି ଦେବୀଙ୍କ ମସ୍ତକ ଉପରୁ ଆପେ ଆପେ ଶାଢ଼ି କାନିରେ ପଡ଼େ ସେତେବେଳେ ଜଣା ପଡ଼େ ଦେବୀ ଫୁଲ ମାଳରେ



ବିଜେ କରି ଯାତ୍ରାରେ ଯିବା ଲାଗି ସମ୍ମତି ଜଣାଇଲେ । ସେହି ଫୁଲ ମାଳକୁ ଅନ୍ୟ ପୂଜା ସାମଗ୍ରୀ ସଙ୍ଗରେ ତାଟରେ ଅଣାଯାଇ ଗୋଟିଏ ସୁନ୍ଦର ଚିତ୍ରିତ ବଡ଼ ହାଣ୍ଡି ମଧରେ ରଖାଯାଏ । ଦେବୀ ଫୁଲ ମାଳରେ ବିଜେ ଥିବାରୁ ସେହି ଆଜ୍ଞାମାଳ ରଖାଯାଇଥିବା ହାଣ୍ଡିକୁ ଦେବୀଙ୍କ ଆକାରରେ ସଜାଯାଏ । ବଡ଼ ହାଣ୍ଡିକୁ ବାଦ୍ ଦେଲେ ଆହୁରି ଚାରୋଟି ହାଣ୍ଡିରେ ପୂଜା ଜିନିଷ ରଖାଯାଇ ପୂଜା କରାଯାଏ । ସେହି ହାଣ୍ଡିରେ ଫୁଲମାଳ ନଥାଏ । ଅନ୍ୟ ଚାରୋଟି ହାଣ୍ଡି ଯେକୌଣସି ସମ୍ପ୍ରଦାୟର ମହିଳା ଧରିପାରିବେ ଅଥଚ ମୁଖ୍ୟହାଣ୍ଡିଟି କୌଣସି ପରିସ୍ଥିତିରେ ଅନ୍ୟ ସମ୍ପ୍ରଦାୟର ମହିଳା ଧରିପାରିବେ ନାହିଁ । ଠାକୁରାଣୀଙ୍କ ଆଜ୍ଞାମାଳ ମିଳିବା ପରେ ତାଙ୍କୁ ବିରାଟ ପଟୁଆରରେ ସହରର ଠାକୁରାଣୀ ପଡ଼ିଆରେ ନୂଆରେ ତିଆରି ହୋଇଥିବା ଅସ୍ଥାୟୀ ମନ୍ଦିରକୁ ଅଣାଯାଏ । ସେଠାରେ ତାଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନରେ ସେ ବିଜେ କରନ୍ତି । ଯାତ୍ରା ଶେଷ ପରେ ଦେବୀ ଯେତେବେଳେ ନିଜ ସ୍ଥାୟୀ ମନ୍ଦିରକୁ ଯାଆନ୍ତି ସେତେବେଳେ ମୁଖ୍ୟ ହାଣ୍ଡିରୁ ଦେବୀ ବିଜେ କରିଥିବା ସତେଜ ଇଟମଳା ଫୁଲମାଳଟି ବାହାର କରି ଠାକୁରାଣୀଙ୍କ ପାଖରେ ରଖାଯାଏ । ଏଠାରେ ସ୍ମରଣ କରାଇ ଦିଆଯାଇପାରେ ଯେ, ଆଜ୍ଞାମାଳଟି ଯାତ୍ରା ଚାଲିଥିବା ପର୍ଯ୍ୟନ୍ତ ସେହି ମୁଖ୍ୟ ହାଣ୍ଡି ଭିତରେ ସମ୍ପୂର୍ଣ୍ଣ ସତେଜ ରହେ ।

**ବାଗ୍‌ଦେବୀଙ୍କ ଆମନ୍ତ୍ରଣ ବିଧି –**ଠାକୁରାଣୀଙ୍କୁ ଆମନ୍ତ୍ରଣ କରାଯିବା ପୂର୍ବରୁ ପ୍ରଥମେ ବାଗ୍‌ଦେବୀଙ୍କୁ ଆମନ୍ତ୍ରଣ କରାଯାଏ । ବାଗ୍‌ଦେବୀ ଗମ୍ଭୀରାରେ ବିଜେ କରିବା ପରେ ଠାକୁରାଣୀଙ୍କୁ ଆମନ୍ତ୍ରଣ କରାଯାଏ । ଭଞ୍ଜନଗରରେ ଆୟୋଜିତ ଠାକୁରାଣୀ ଯାତ୍ରାରେ ଭଞ୍ଜ ବଂଶର ଆରାଧ୍ୟଦେବୀ ବାଗ୍‌ଦେବୀଙ୍କୁ ଆମନ୍ତ୍ରଣ କରାଯିବା ଘଟଣା ଏଇ ଶତାବ୍ଦୀର । ଶୁଣାଯାଏ ବ୍ରିଟିଶ ସରକାରଙ୍କ ଜଣେ ଡ଼େପୁଟି କଲେକ୍ଟର ଠାକୁରାଣୀ ଯାତ୍ରାରେ କୁଲାଡ଼ର ବାଗ୍‌ଦେବୀଙ୍କୁ ଆମନ୍ତ୍ରଣ କରିବା ପାଇଁ ତତ୍‌କାଳୀନ ଯାତ୍ରା କମିଟିକୁ ପ୍ରସ୍ତାବ ଦେଇଥିଲେ । ଏହି ପ୍ରସ୍ତାବକୁ ଯାତ୍ରା କମିଟି ଗ୍ରହଣ କରିନେଇଥିଲେ । ସେହିଦିନରୁ ଭଞ୍ଜନଗର ଠାକୁରାଣୀ ଯାତ୍ରାରେ ବାଗ୍‌ଦେବୀଙ୍କୁ ଆମନ୍ତ୍ରଣ କରି ପୂଜା କରାଯାଉଛି । ଯାତ୍ରା ଆରମ୍ଭର ପୂର୍ବଦିନ ବାଗ୍‌ଦେବୀଙ୍କ ମନ୍ଦିରର ପୂଜକ ଗୋଟିଏ ପୂର୍ଣ୍ଣ କୁମ୍ଭରେ ଚାଉଳ, ତମ୍ବା ପଇସା, କଉଡ଼ି ପକାଇ ତାହାରି ଉପରେ ପଇଡ଼ଟିଏ ରଖି ଦୌଡ଼ିରେ ବାନ୍ଧି ଦିଅନ୍ତି ଏହା ଉପରେ ଝୁଣା ଓ ଅଠାରେ ଏକ ଲେପ ତିଆରି କରି କୁମ୍ଭ ଉପରେ ଦେବୀଙ୍କ ମୂର୍ତ୍ତି ତିଆରି ପରେ ସିନ୍ଦୂର ପ୍ରଲେପ ଦେଇ ମଣ୍ଡନ କାର୍ଯ୍ୟ ଶେଷ କରି ସମ୍ପୂର୍ଣ୍ଣ ଦେବୀ ମୂର୍ତ୍ତି ନିର୍ମାଣ କରି ବିଜେ ପ୍ରତିମା ତିଆରିର କାର୍ଯ୍ୟ ସମ୍ପନ୍ନ କରନ୍ତି । ବିଜେ ପ୍ରତିମାରେ ଦେବୀଙ୍କୁ ଆମନ୍ତ୍ରଣ କରାଯାଏ । ତାପରେ ବାଗ୍‌ଦେବୀଙ୍କୁ ଭଞ୍ଜନଗର ଅଣାଯାଏ । ବାଗ୍‌ଦେବୀଙ୍କୁ ଭଞ୍ଜନଗର ଅଣାଯିବା ପୂର୍ବରୁ ବିମାନରେ ବସାଇ କୁଲାଡ଼ ଗ୍ରାମ ବୁଲାଯାଏ । ଭଞ୍ଜନଗର ନିକଟସ୍ଥ ବାଉଁଶଲୁଣ୍ଡି ଗ୍ରାମରୁ ଯାଇଥିବା ଏକ ରଙ୍ଗ ବେରଙ୍ଗ ଶଗଡ଼–କୁଲାଡ଼ ପହଞ୍ଚିବା ପରେ ସେଥିରେ ଦେବୀଙ୍କୁ ବସାଇ ଭଞ୍ଜନଗର ଅଭିମୁଖେ ଶୋଭା ଯାତ୍ରାରେ ଅଣାଯାଏ । ଭଞ୍ଜନଗର ସହରର କଇଁୟା ବାକ୍‌ଦେବୀଙ୍କ ମନ୍ଦିରରେ ମା'ଙ୍କୁ ବିଶ୍ରାମ ନିମନ୍ତେ ରଖାଯାଏ । କିଛି ସମୟ ବିଶ୍ରାମ ପରେ ବାଗ୍‌ଦେବୀ ସେଠାରେ ଅଧର ପଣା ସେବନ କରନ୍ତି । ଅଧର ପଣାରେ ନବାତ, ନଡ଼ିଆ, କଦଳୀ, କର୍ପୂର, ଗୋଲମରିଚ ଆଦି ପଡ଼ିଥାଏ । ଯାତ୍ରାର ଶୁଭ ମୁହୂର୍ତ୍ତ ଦେଖି ଭଞ୍ଜନଗରର ହଜାର ହଜାର ବାସିନ୍ଦା ବାଗ୍‌ଦେବୀଙ୍କୁ ଆମନ୍ତ୍ରଣ କରନ୍ତି । ଦେବୀଙ୍କ ପୂଜକ ନିଜେ ହାତରେ ବାଗ୍‌ଦେବୀଙ୍କ ପ୍ରତିମାକୁ ଧରି ଗମ୍ଭୀରା ଅଭିମୁଖେ ଚାଲନ୍ତି । ଦେବୀ ଆସିବା ବେଳେ ରାସ୍ତାରେ ଶାଢ଼ି ବିଛାଇ ବିଛାଇ ଅଣାଯାଏ । ଶୋଭାଯାତ୍ରା ସମୟରେ ଘଣ୍ଟ, ମୃଦଙ୍ଗ, ବାଜା, ଆଲୁଅ, ଆତସବାଜିରେ ସମଗ୍ର ସହର ଉତ୍ସବ ମୁଖରେ ହୋଇଯାଏ । ଶେଷରେ ଦେବୀଙ୍କୁ ଉଦ୍ଦିଷ୍ଟ ଗମ୍ଭୀରା ଘରେ ବିଜେ କରାଯାଏ । ସେଠାରେ ସେ ବିଶ୍ରାମ ନିଅନ୍ତି ।

**ସର୍ବପ୍ରଥମ ଶୁଭାରମ୍ଭ ଶୁଭଖୁଣ୍ଟି ସ୍ଥାପନ–**ଶୁଭ ଦିନ, ତିଥି ଦେଖି ଯାତ୍ରାର ସର୍ବପ୍ରଥମ ପର୍ବ ଶୁଭଖୁଣ୍ଟି ସ୍ଥାପନ ବିଧି ଶେଷ କରାଯାଏ । ସହରର ମୁଖ୍ୟ ସଡ଼କରେ ଥିବା ଠାକୁରାଣୀ ପଡ଼ିଆଠାରେ ଯାତ୍ରା ଆରମ୍ଭର କିଛି ଦିନ ପୂର୍ବରୁ ଶୁଭଖୁଣ୍ଟି ସ୍ଥାପନ କରାଯାଏ । ଶୁଭଖୁଣ୍ଟି ସ୍ଥାପନ ହେଲେ ଯାତ୍ରା ନିଶ୍ଚିତ ବୋଲି ଧରିନେବାକୁ ହେବ ।

**ଯାତ୍ରାର ପ୍ରଥମ ଦିନ–**ଉଭୟ ଦେବୀ ଆସିବାର ପରଦିନ ବିଶ୍ରାମ ନେଇ ତାହାର ପରଦିନ ନଗର ଭ୍ରମଣ କରନ୍ତି । ପ୍ରଥମ ଦିନ ବାଗ୍‌ଦେବୀ ଭଞ୍ଜ ବଂଶର ଦାୟାଦ ଭଞ୍ଜଦେଓଙ୍କ ଘରେ ଭୋଗ ଖାଆନ୍ତି, ଠାକୁରାଣୀ ଡ଼େରା ସାହିରେ ରହୁଥିବା ନିଜବାପାଘରର ସଦସ୍ୟ ଏବଂ ସଦସ୍ୟାଙ୍କ ଘରେ ଭୋଗ ଖାଆନ୍ତି । ଯାତ୍ରା ପଚିଶି ଦିନ ପର୍ଯ୍ୟନ୍ତ ଚାଲେ । ଗୁରୁବାର ସଂକ୍ରାନ୍ତି ବ୍ୟତୀତ ଅନ୍ୟ ଦିନଗୁଡ଼ିକରେ ଦେବୀ ବିଭିନ୍ନ ସାହି ବୁଲି ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ଯାତ୍ରା କାଳରେ ସୁସଜ୍ଜିତ ରଥ ବେଶ, ବାଘବେଶ, ଶଗଡ଼ ବେଶ ସମେତ ଅନେକ ବେଶର ସମାହାରରେ ସମଗ୍ର ଭଞ୍ଜନଗର ସହର ଜନସମୁଦ୍ର ପରି ଦିଶୁଥାଏ ।

**ଦୁର୍ଲଭ ସିଂହବାହିନୀ –**ଯାତ୍ରା ଶେଷ ହେବାର ପୂର୍ବଦିନ କେବଳ ବାଗ୍‌ଦେବୀ ସିଂହ ଉପରେ ବସି ସହରର ମୁଖ୍ୟ ସଡ଼କ ଭ୍ରମଣ କରନ୍ତି । ଯାତ୍ରା କାଳରେ ବାଗ୍‌ଦେବୀ ସିଂହ ଉପରେ ବସିଥିବା ବେଳେ ଠାକୁରାଣୀ କଳସ ରୂପରେ ମହିଳାଙ୍କ ମୁଣ୍ଡରେ ବସିଥାଆନ୍ତି । ପୂର୍ବେ ବାଗ୍‌ଦେବୀ ସିଂହ ବାହିନୀରେ ବସି ମୁଖ୍ୟ ରାସ୍ତା ପରିକ୍ରମା କରି ସିଂହ ଉପରେ ବସି ମୁଖ୍ୟ ରାସ୍ତାରେ ହେଉଥିବା ରାଧାପ୍ରେମ ଲୀଳା ସମେତ ଅନ୍ୟାନ୍ୟ ନାଚ ଦେଖୁଥିଲେ ଏବଂ ପରଦିନ ତାଙ୍କୁ ନଗରବାସୀ ବିଦାୟ ଜଣାଉଥିଲେ ଅଥଚ ଆଜିକାଲି ସିଂହ ଉପରୁ ଠାକୁରଙ୍କୁ ଓହ୍ଲାଇ ପରଦିନ ବିଦାୟ ଦିଆଯାଉଛି । ଏହା ଯାତ୍ରାର ଏକ ବ୍ୟତିକ୍ରମ ।

**ସିଂହବାହିନୀର ଅନ୍ୟାନ୍ୟ ବିଶେଷତ୍ୱ –** ସିଂହ ଉପରେ ବିରାଜମାନ କରିଥିବା ଦେବୀଙ୍କୁ ଦର୍ଶନ କଲେ ସାତଜନ୍ମର ପାପ କ୍ଷୟ ହୁଏ ବୋଲି ଭକ୍ତମାନେ ବିଶ୍ୱାସ କରନ୍ତି । ସିଂହବାହିନୀର ଅନ୍ୟ ଏକ ବିଶେଷତ୍ୱ ହେଲା ଦେବୀ ଉତ୍ତରାଭିମୁଖୀ ହୋଇ ଆଳତି ଗ୍ରହଣ କରିବେ । ଶାସ୍ତ୍ରାନୁଯାୟୀ ଦେବୀ ପୂଜା ଦକ୍ଷଣାଭିମୁଖୀ ହେଲେ ସିଦ୍ଧି ଲାଭ ହୁଏ ପରନ୍ତୁ ସୂର୍ଯ୍ୟଙ୍କ ଗତିକୁ ଲକ୍ଷ୍ୟ ରଖି ଏହି ବିଧି ରଖାଯାଇଛି । ଯାତ୍ରା କାଳରେ ସୂର୍ଯ୍ୟ ଉତ୍ତରାୟଣରେ ରହୁଥିବାରୁ ବୋଧହୁଏ ଉତ୍ତରାଭିମୁଖୀ ଆଳତି କରାଯାଏ ।

**ପୂଜାର କେତୋଟି ବ୍ୟତିକ୍ରମ**–ସିଂହବାହିନୀରେ ଦେବୀ ରହିଲେ ତାଙ୍କୁ ଅନ୍ନଭୋଗ ଲାଗୁନଥିଲା । ସେ ସମ୍ପୂର୍ଣ୍ଣ ଉପବାସରେ ରହୁଥିଲେ । ବାଗ୍‌ଦେବୀ ଅନ୍ନ ଖାଉନଥିବାରୁ ସହରରେ କୌଣସି ପରିବାର ଅନ୍ନ ରାନ୍ଧୁ ନଥିଲେ । ବାଗ୍‌ଦେବୀ ଓ ଠାକୁରାଣୀ ରାସ୍ତାରେ ଯାତ୍ରା କଲାବେଳେ ପୂର୍ବେ କେବଳ ଠାକୁରାଣୀ ରାସ୍ତାରେ ଭକ୍ତଙ୍କଠାରୁ ଭୋଗ ଖାଉଥିଲେ । ବାଗ୍‌ଦେବୀ ରାଜାଙ୍କ ଇଷ୍ଟଦେବୀ ହୋଇଥିବାରୁ ରାସ୍ତାରେ ତାଙ୍କ ନିକଟରେ ଭୋଗ ଲାଗୁ ନଥିଲା । ଆଜିକାଲି ରାସ୍ତାର ଅନେକ ସ୍ଥାନରେ ବାଗ୍‌ଦେବୀଙ୍କ ନିକଟରେ ଭୋଗ ଲାଗୁଥିବା ଦେଖାଯାଉଛି ।

**ବିଦାୟ ପର୍ବ–**ଯାତ୍ରା ଶେଷଦିନ ହଜାର ହଜାର ଭକ୍ତ ଉଭୟ ଦେବୀଙ୍କୁ ବିଦାୟ ଦିଅନ୍ତି । ଠାକୁରାଣୀଙ୍କ କଳସ ଧରିବା ପାଇଁ ମାନସିକ କରିଥିବା ସ୍ତ୍ରୀ ଲୋକମାନେ ଯେଉଁ କଳସ ଧରିଥାନ୍ତି ତାଙ୍କୁ ଶୀତଳ ହାଣ୍ଡି କୁହାଯାଏ । ଦେବୀ ସମ୍ପୂର୍ଣ୍ଣ ସହର ବୁଲିସାରିବା ପରେ ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରଥମ ଓ ଶେଷଥର ପାଇଁ ଉଭୟେ ସାମ୍ନା ସାମ୍ନି ହୁଅନ୍ତି ତାକୁ ଭେଟ କୁହାଯାଏ । ଭେଟ କାର୍ଯ୍ୟ ଯାତ୍ରାର ସର୍ବଶେଷ ପର୍ଯ୍ୟାୟ । ଭେଟ କାର୍ଯ୍ୟ ସମାପନ ହେଲେ ଉଭୟ ଦେବୀ ନିଜ ନିଜ ମନ୍ଦିରକୁ ପ୍ରସ୍ଥାନ କରନ୍ତି । ଚଳିତ ବର୍ଷ ଅପ୍ରେଲ ମାସ ୨୬ ତାରିଖ ଠାରୁ ଠାକୁରାଣୀ ଯାତ୍ରା ଆରମ୍ଭ ହୋଇ ମଇ ମାସ ୨୦ ତାରିଖ ପର୍ଯ୍ୟନ୍ତ ଚାଲିଥିଲା ।

**ଭଞ୍ଜନଗର(ଗଞ୍ଜାମ)**
**ମୋ– ୯୩୩୭୬୨୧୦୧୭**

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ଇବୋଲା ପ୍ରକୋପ...

ଗମ୍ଭୀର ରୋଗ ଯାହାର ମୃତ୍ୟୁ ହାର ଅଧିକ । ବର୍ତ୍ତମାନ, ବୁଣ୍ଡିବୁଗିଓ ଭାଇରସ୍ ଷ୍ଟ୍ରେନ ଦ୍ୱାରା ହେଉଥିବା ଇବୋଲା ରୋଗକୁ ରୋକିବା କିମ୍ବା ଚିକିତ୍ସା କରିବା ପାଇଁ କୌଣସି ଟିକା କିମ୍ବା ନିର୍ଦ୍ଦିଷ୍ଟ ଚିକିତ୍ସା ଅନୁମୋଦିତ ହୋଇନାହିଁ। ଭାରତରେ ବୁଣ୍ଡିବୁଗିଓ ଭାଇରସ୍ ଷ୍ଟ୍ରେନ ଦ୍ୱାରା ହେଉଥିବା ଇବୋଲା ରୋଗର କୌଣସି ମାମଲା ରିପୋର୍ଟ କରିନାହିଁ। କଙ୍ଗୋ ଗଣତାନ୍ତ୍ରିକ ଗଣରାଜ୍ୟ ଏବଂ ଅନ୍ୟାନ୍ୟ ପ୍ରଭାବିତ ଦେଶଗୁଡ଼ିକରେ ବଢୁଥିବା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ର ସୁପାରିଶ ଅନୁଯାୟୀ, ଭାରତ ସରକାର ସମସ୍ତ ଭାରତୀୟ ନାଗରିକଙ୍କୁ ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ କଙ୍ଗୋ ଗଣତାନ୍ତ୍ରିକ ଗଣରାଜ୍ୟ, ଉଗାଣ୍ଡା ଏବଂ ଦକ୍ଷିଣ ସୁଡାନକୁ ଅଣ-ଅତ୍ୟାବଶ୍ୟକୀୟ ଯାତ୍ରା ଏଡାଇବାକୁ ପରାମର୍ଶ ଦେଉଛନ୍ତି।
ବର୍ତ୍ତମାନ ଏହି ଦେଶଗୁଡ଼ିକରେ ରହୁଥିବା କିମ୍ବା ଯାତ୍ରା କରୁଥିବା ଭାରତୀୟ ନାଗରିକମାନଙ୍କୁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ଜନସ୍ୱାସ୍ଥ୍ୟ ମାର୍ଗଦର୍ଶିକାକୁ କଡ଼ାକଡ଼ି ପାଳନ କରିବାକୁ ଏବଂ ଉଚ୍ଚ ସତର୍କତା ବଜାୟ ରଖିବାକୁ ପରାମର୍ଶ ଦିଆଯାଉଛି।

## ଖୋର୍ଦ୍ଧାରେ...



କର୍ମଚାରୀମାନଙ୍କ ସହିତ ଆଲୋଚନା କରି ସେମାନଙ୍କର କାର୍ଯ୍ୟ ପ୍ରଣାଳୀ ଓ କାର୍ଯ୍ୟ ପରିବେଶ ସମ୍ପର୍କରେ ପଚାରି ବୁଝିଥିଲେ । ମୁଖ୍ୟମନ୍ତ୍ରୀଙ୍କୁ ନିଜ ଗହଣରେ ପାଇ କର୍ମଚାରୀମାନେ ଅତ୍ୟନ୍ତ ଆନନ୍ଦିତ ହେବା ସହ ନିଜର ଅନୁଭୂତି ବାଣ୍ଟି କହିଥିଲେ ଯେ, ରାଜ୍ୟ ସରକାରଙ୍କ ଶିଳ୍ପାନୁକୂଳ ଓ ନିଯୁକ୍ତିଭିତ୍ତିକ ପଦକ୍ଷେପ ଯୋଗୁଁ ସେମାନଙ୍କୁ ଆଉ ଜୀବିକା ଅନ୍ୱେଷଣରେ ବାହାର ରାଜ୍ୟକୁ ଯିବାକୁ ପଡୁନାହିଁ ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, କାର୍ଯ୍ୟରତ ମହିଳା କର୍ମଚାରୀମାନଙ୍କ ସୁରକ୍ଷା ଓ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯିବ । କର୍ମଚାରୀଙ୍କ ରହିବା ନିମନ୍ତେ ଅତ୍ୟାଧୁନିକ ହଷ୍ଟେଲ ନିର୍ମାଣ କରାଯିବା ସହ ସେମାନଙ୍କ ଦୈନନ୍ଦିନ ଯାତାୟାତକୁ ସହଜ, ସୁରକ୍ଷିତ ଓ ପରିବେଶ ଅନୁକୂଳ କରିବା ପାଇଁ ଇଭି ବସ୍ ସେବା ପ୍ରଦାନ କରାଯିବ । ଆଗାମୀ ଦିନରେ ଏହି ଅଞ୍ଚଳରେ ଏଭଳି ଆହୁରି ଅନେକ ନୂତନ ଶିଳ୍ପ ୟୁନିଟ୍ ପ୍ରତିଷ୍ଠା କରାଯିବ, ଯାହା ସ୍ଥାନୀୟ ଯୁବପିଢ଼ିଙ୍କ ପାଇଁ ନୂତନ ନିଯୁକ୍ତିର ଦ୍ୱାର ଉନ୍ମୁକ୍ତ କରିବ ଏବଂ ସ୍ଥାନୀୟ ଅର୍ଥନୀତିକୁ ଅଧିକ କ୍ରିୟାଶୀଳ କରିବ । ଏହି ବୃହତ ଶିଳ୍ପଗୁଡ଼ିକୁ ଆଧାର କରି ଏଠାରେ ଏକାଧିକ ଆନୁଷଙ୍ଗିକ ଶିଳ୍ପ ମଧ୍ୟ ଗଢ଼ିଉଠିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ

ଆନାଡ୍ରୋନ୍ ସିଷ୍ଟମସ'ର ସିଇଓ ଅନନ୍ତ ଭାଲୋଟିଆଙ୍କ ସହ ଆଲୋଚନା କରି ଅପରେସନ୍ ସିନ୍ଦୂରରେ ଡ୍ରୋନ୍ ଟେକ୍ନୋଲୋଜିର ସଫଳ ବ୍ୟବହାର ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏହି ଅଭିଯାନରେ କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଇଥିବା ଡ୍ରୋନ୍ ଟେକ୍ନୋଲୋଜି ୧୦୦ ପ୍ରତିଶତ ସଫଳତା ହାସଲ କରିଥିବାରୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ । ଭବିଷ୍ୟତରେ ଏହି ସବୁ ପ୍ରକଳ୍ପର ସମ୍ପ୍ରସାରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକ ସମସ୍ତ ପ୍ରକାରର ସହଯୋଗ ପ୍ରଦାନ କରାଯିବ ବୋଲି ସେ କହିଥିଲେ । ଏହି ପରିଦର୍ଶନ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ସମେତ ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀ ଏବଂ ଅନ୍ୟାନ୍ୟ ବିଭାଗୀୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

## ଶ୍ରାଦ୍ଧ ଭୋଜି...

ଆରମ୍ଭ କରିବା ସହ ଗାଁ ପୋଖରୀ, କୂଅ ଏବଂ ନଳକୂଅ ଗୁଡ଼ିକୁ ସାନିଟାଇଜ କରୁଛନ୍ତି । ଝାଡ଼ାବାନ୍ତି ବ୍ୟାପିବାର କାରଣ ଖୋଜା ଚାଲିଛି । ସେପଟେ ଗାଁରେ ପାଣି ନମୁନା ପରୀକ୍ଷା କରାଯିବା ସହ ଗାଁରେ ମେଡିକାଲ ଟିମ ପହଞ୍ଚି ଲୋକଙ୍କ ରକ୍ତ ନମୁନା ପରୀକ୍ଷା କରୁଛି । ସେହିପରି ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକ ଅତାବିରା ପଂଚାୟତ ସୁନାଖାଏନ ଗାଁରେ ଝାଡାବାନ୍ତିରେ ୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୫ ଜଣ ଆକ୍ରାନ୍ତ ହୋଇଛନ୍ତି । ଏହି ବ୍ୟକ୍ତି ମାନେ ସୁନ୍ଦରଗଡ ଜିଲ୍ଲା ହେମଗିରିକୁ ଶ୍ରାଦ୍ଧ ଭୋଜି ଖାଇବାକୁ ଯାଇଥିଲେ । ମୃତକ ମାନେ ସୁନାଖାଏନ ଗାଁର ଉଲ୍ଲାସ ଖଡିଆ ଓ ସୁକାନ୍ତି ଖଡିଆ । ୫ ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ଜଣେ ଚିକିତ୍ସା ପରେ ସୁସ୍ଥ ହୋଇଥିବାବେଳେ ୪ ଜଣ ଚିକିତ୍ସାଧୀନ ଅଛନ୍ତି । ଆକ୍ରାନ୍ତମାନେ ଫକିର ଖଡିଆ, ମଞ୍ଜରୀ ଖଡିଆ, ଏଞ୍ଜେଲିନା ଖଡିଆ, ରଶ୍ମି ଖଡିଆ ବୋଲି ଜଣା ପଡିଛି । ଗତ ଗୁରୁବାର ସୁନାଖାଏନ ଗାଁର ପ୍ରାୟ ୨୫ ଜଣ ସୁନ୍ଦରଗଡ଼ ଜିଲ୍ଲା ହେମଗିର ବ୍ଲକ ନୁଆଁଡ଼ିହି ଗାଁକୁ ଏକ ଶୁଦ୍ଧିକ୍ରିୟା ରେ ଯୋଗ ଦେବାକୁ ଯାଇଥିଲେ । ସେଠାରେ ଭୋଜି ଖାଇ ଘରକୁ ଫେରିଲା ପରେ ପ୍ରଥମେ ୭ ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ । ସେମାନଂକୁ ଝାରସୁଗୁଡା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ହେଲେ ଉଲ୍ଲାସ ଖଡିଆ ଓ ସୁକାନ୍ତି ଖଡିଆଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ଭୀମସାର ମେଡିକାଲ ପଠାଯାଇଥିବା ବେଳେ ସେଠାରେ ଆଇସିୟୁ ବେଡ଼ ନ ମିଳିବାରୁ ଏକ ଘୋରୋଇ ହସ୍ପିଟାଲ ନେବା ବାଟରେ ଉଭୟଙ୍କ ମୃତ୍ୟୁ ହୋଇଥିଲା । ଅନ୍ୟ ୫ ଜଣଙ୍କ ମଧ୍ୟରୁ ଜଣେ ଚିକିତ୍ସାପରେ ଜଣେ ସୁସ୍ଥ ହୋଇଛନ୍ତି ଏବଂ ୪ ଜଣ ଚିକିତ୍ସାଧୀନ ଅଛନ୍ତି । ଡାକ୍ତରୀ ଦଳ ସୁନାଖାଏନ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛି । ଝାଡା ବାନ୍ତିରେ ଆକ୍ରାନ୍ତ ଥିବା ଲୋକଙ୍କ ଖାଦ୍ୟ ପାଣି ଆଦିର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛି । ଗାଁରେ ହେମଗିର ଡାକ୍ତରଖାନାର ଏକ ସ୍ୱାସ୍ଥ୍ୟଦଳ ଯାଇ ଡେରା ପକାଇଥିବାବେଳେ ରବିବାର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ଦଳ ଗାଁକୁ ଯାଉଥିବା ସୂଚନା ଦେଇଛନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁରେଶଚନ୍ଦ୍ର ମହାନ୍ତି । ଗାଁରେ ଏକ ଶୁଦ୍ଧିକ୍ରିୟା ଭୋଜି ଖାଇ ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ପ୍ରାଥମିକ ଭାବେ ସୂଚନା ମିଳିଥିବା କହିଛନ୍ତି ଡା. ମହାନ୍ତି । ଗାଁର ସମସ୍ତ ଜଳ ଉତ୍ସକୁ ବିଶୋଧିତ କରାଯାଇଥିବାବେଳେ ଗାଁକୁ କେହି ଆସିବା ଓ ଗାଁରୁ କେହି ଅନ୍ୟତ୍ର ଯିବା ଉପରେ ପ୍ରତିବନ୍ଧକ ଲଗାଯିବା ସହ ସତର୍କତା ଜାରି କରା ଯାଇଛି ।

## ଟିଟିଲାଗଡ଼ ଏବେ...

ଯେପରିକି ଭୁବନେଶ୍ୱର, କଟକ ଏବଂ ପୁରୀରେ ବାୟୁମଣ୍ଡଳର ତାପମାତ୍ରା ସାମାନ୍ୟ କମ୍ ରହିଲେ ମଧ୍ୟ ଶାରୀରିକ ଅସ୍ୱାଭାବିକତା ଓ ଗୁଳୁଗୁଳି ବହୁତ ଅଧିକ ହେଉଛି । ବଙ୍ଗୋପସାଗରରୁ ପ୍ରଚୁର ପରିମାଣରେ ଆର୍ଦ୍ରତା ପ୍ରବେଶ କରୁଥିବାରୁ ଏହା ରିଅଲ୍-ଫିଲ୍ ବା ଗରମର ପ୍ରକୃତ ଅନୁଭୂତିକୁ ବହୁତ ବଢ଼ାଇଦେଉଛି । ସ୍ଥାନୀୟ କାରଣରୁ ଅପରାହ୍ନ କିମ୍ବା ସନ୍ଧ୍ୟା ସମୟରେ କାଳବୈଶାଖୀ ଜନିତ ସୀମିତ ବର୍ଷା ହୋଇପାରେ । କିନ୍ତୁ ଏହାଦ୍ୱାରା ମୂଳ ଗ୍ରୀଷ୍ମ ପ୍ରବାହର ସ୍ଥିତିରେ କୌଣସି ବଡ଼ ପରିବର୍ତ୍ତନ ହେବନାହିଁ ।

ବିସ୍ତାରିତ ପରିସର ପୂର୍ବାନୁମାନ ମଡେଲ୍ ଅନୁସାରେ, ଆସନ୍ତା ୨୮-୨୯ ପରେ ଏହି ପ୍ରବଳ ଗ୍ରୀଷ୍ମ ପ୍ରବାହ ଧୀରେ ଧୀରେ ଦୁର୍ବଳ ହେବ । ଆଭ୍ୟନ୍ତରୀଣ ଓଡ଼ିଶାରେ ସର୍ବୋଚ୍ଚ ତାପମାତ୍ରା ପ୍ରାୟ ୨ଡିଗ୍ରୀରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ । ତଥାପି ପାଗ ଗରମ ଓ ଗୁଳୁଗୁଳିପୂର୍ଣ୍ଣ ରହିବ । ଏହି ସମୟରେ ବାୟୁମଣ୍ଡଳୀୟ ଅସ୍ଥିରତା ବଢ଼ିବା ଯୋଗୁଁ ପୂର୍ବ ଭାରତରେ ମେଘୁଆ ପାଗ, ଝଡ଼ ପବନ ଏବଂ ସଂଗଠିତ ସନ୍ଧ୍ୟାକାଳୀନ କାଳବୈଶାଖୀର ପ୍ରଭାବ ବୃଦ୍ଧି ପାଇବ । ବିଭିନ୍ନ ପାଣିପାଗ ମଡେଲର ସୂଚନା ଅନୁଯାୟୀ, ମାସର ଶେଷ ଆଡ଼କୁ କିମ୍ବା ପ୍ରାରମ୍ଭରେ ପଶ୍ଚିମ-କେନ୍ଦ୍ରୀୟ କିମ୍ବା ସଂଲଗ୍ନ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ତୀବ୍ରତାକୁ ନେଇ ଏବେ ସୀମିତ ସ୍ପଷ୍ଟତା ଥିଲେ ମଧ୍ୟ, ଏହି ସିଷ୍ଟମ୍ ସକ୍ରିୟ ହେଲେ ଉପକୂଳ ଏବଂ ଉତ୍ତର ଓଡ଼ିଶାରେ ବର୍ଷାର ପରିମାଣ ବହୁତ ବଢ଼ିଯିବ ।

ବର୍ତ୍ତମାନର ଗତିପଥ ଅନୁସାରେ, ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଜୁନ ୭ରୁ ୧୧ ମଧ୍ୟରେ ଓଡ଼ିଶାର କେତେକ ଅଞ୍ଚଳକୁ ପ୍ରବେଶ କରିବାର ସମ୍ଭାବନା ରହିଛି । ଯାହାକି ଏହାର ସ୍ୱାଭାବିକ ସମୟ ସହ ସମାନ କିମ୍ବା ସାମାନ୍ୟ ଆଗୁଆ । ମୌସୁମୀ ଆଗମନର ଠିକ୍ ପୂର୍ବରୁ ସ୍ଥଳଭାଗକୁ ଦକ୍ଷିଣୀ ପବନର ପ୍ରବାହ ଶକ୍ତିଶାଳୀ ହେବ, ବାୟୁମଣ୍ଡଳରେ ଜଳୀୟବାଷ୍ପର ମାତ୍ରା ତୀବ୍ର ଗତିରେ ବଢ଼ିବ ଏବଂ କ୍ରମାଗତ ଭାବେ ଘନ ମେଘ ସୃଷ୍ଟି ହେବା ସହ ବିସ୍ତୃତ ଅଞ୍ଚଳରେ ବିଜୁଳି ଓ ଘଡ଼ଘଡ଼ି ସହ ବର୍ଷା ହେବ । ଏହି ପର୍ଯ୍ୟାୟରେ ବର୍ଷାର ଆଞ୍ଚଳିକ ବିତରଣ ସାଧାରଣତଃ ଅସମାନ ଏବଂ ରହି ରହି ହୋଇପାରେ ।

ମୌସୁମୀ ବାୟୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସଫଳତାର ସହ ପ୍ରବେଶ କରିବା ପରେ, ଜୁନ ଦ୍ୱିତୀୟ ସପ୍ତାହରେ ସାରା ରାଜ୍ୟରେ ସମ୍ପୂର୍ଣ୍ଣ ମୌସୁମୀ ଜଳବାୟୁ ସକ୍ରିୟ ହୋଇଯିବ । ଏହାଦ୍ୱାରା ଦିନର ତାପମାତ୍ରା ଆହୁରି କମିଯିବ । ବର୍ଷାର ପ୍ରଭାବକୁ ନେଇ ସାଧାରଣତଃ ଉପକୂଳ ଜିଲ୍ଲାଗୁଡ଼ିକରେ ୩୨ ଡିଗ୍ରୀରୁ ୩୫ ଡିଗ୍ରୀ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ୩୪ ଡିଗ୍ରୀରୁ ୩୭ ଡିଗ୍ରୀ ମଧ୍ୟରେ ସ୍ଥିର ରହିବ । ଓଡ଼ିଶାର ପାଣିପାଗ ସମ୍ପୂର୍ଣ୍ଣ ଭାବେ ଏକ ପ୍ରଚଣ୍ଡ ଗ୍ରୀଷ୍ମଋତୁରୁ ମୁକ୍ତ ହୋଇ ଅଧିକ ଆର୍ଦ୍ରତା, ବ୍ୟାପକ ମେଘୁଆ ଆକାଶ ଏବଂ ସମୟାନୁବର୍ତ୍ତୀ ସଂଗଠିତ ମୌସୁମୀ ବର୍ଷାର ପର୍ଯ୍ୟାୟକୁ ଗତି କରିବ ।

# ସୌମ୍ୟ ହତ୍ୟା ମାମଲା:ସତ ମିଛ ପରୀକ୍ଷାରେ ଧରାପଡିଲେ ଓମ୍, ଯୁବତୀ

ଭୁବନେଶ୍ୱର,୨୪।୫,(ସବ୍ୟୁ) : ରାଜଧାନୀ ଉପକଣ୍ଠ ବାଲିଅନ୍ତା ଥାନା ଅଞ୍ଚଳରେ ଘଟିଥିବା ସୌମ୍ୟ ହତ୍ୟା ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚ କରୁଛି। ସୌମ୍ୟଙ୍କ ସାଙ୍ଗ ଓମ୍ ଓ ଦୁଷ୍କର୍ମ ଉଦ୍ୟମ ଅଭିଯୋଗ କରିଥିବା ଦୁଇ ଯୁବତୀଙ୍କୁ ପୋଲିସ ପଚରା ଉଚରା କରିଥିଲା। କ୍ରାଇମବ୍ରାଞ୍ଚ ତଦନ୍ତ ଭାର ହାତକୁ ନେବା ପରେ ତାଙ୍କୁ ପଚରା ଉଚରା କରି ବୟାନ ରେକର୍ଡ କରିଛି। ହେଲେ ସେମାନଙ୍କ ବୟାନ ସତ କି ମିଛ ଜାଣିବା ପାଇଁ ଷ୍ଟେଟ୍ ଫୋରେନସିକ ଲ୍ୟାବରେ ଓମ୍, ଦୁଇ ଯୁବତୀଙ୍କ ସତ ମିଛ ପରୀକ୍ଷା (ପଲିଗ୍ରାଫ ଟେଷ୍ଟ) ହୋଇଥିଲା। ସତ ମିଛ ପରୀକ୍ଷା ରିପୋର୍ଟ ମିଳିବା ପରେ ୩ ଜଣ ଯାକ ଅଧାରୁ ଅଧିକ ମିଛ କହୁଥିବା ଜଣାପଡିଛି। ସତ ମିଛ ପରୀକ୍ଷାରୁ ଓମ୍ ଓ ଦୁଇ ଯୁବତୀ ଧରାପଡିଯାଇଛନ୍ତି। ଏହି ରିପୋର୍ଟ ପାଇବା ପରେ କ୍ରାଇମବ୍ରାଞ୍ଚ ସେମାନଙ୍କ ବୟାନ ଓ ପରୀକ୍ଷା ରିପୋର୍ଟରେ ତର୍ଜମା କରୁଛି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ।

ମେ ୭ ତାରିଖ ଦିନ ଜିଆରପି କନେଷ୍ଟବଳ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କୁ ବାଲିଅନ୍ତା ଥାନା ଅଞ୍ଚଳରେ ଦୁର୍ଘଟଣାକୁ କେନ୍ଦ୍ର କରି ଲୋକମାନେ ପିଟି ପିଟି ହତ୍ୟା କରିଥିଲେ। ସୌମ୍ୟଙ୍କୁ ବାଇକରେ ବସାଇ ଡ୍ରାଇଭିଂ କରୁଥିବା ସାଙ୍ଗ ଓମକୁ ଉତ୍ତେଜିତ ଲୋକେ ମାର ପିଟ କରିନଥିଲେ। ଦୁଇ ଯୁବତୀଙ୍କ ସ୍କୁଟର ସହ ଦୁର୍ଘଟଣା ହେବା ପରେ ସୌମ୍ୟ ସେମାନଙ୍କୁ ମାଡମାରି ଦୁଷ୍କର୍ମ ଉଦ୍ୟମ କରୁଥିବା ଦୁହେଁ ବାଲିଅନ୍ତା ଥାନରେ ଅଭିଯୋଗ କରିଥିଲେ। ଯାହାକୁ କ୍ରାଇମବ୍ରାଞ୍ଚ ହାତକୁ ନେଇଛି। ବାଇକ ଚଲାଇବା ବେଳେ ବାତ ମାରିବାରୁ ସୌମ୍ୟ ଓମଙ୍କ ବେକକୁ ଚାପି ଧରିଥିବା ସେ କହିଥିଲେ। ଯୁବତୀଙ୍କ ସହ ଗଣ୍ଡୋଗଳ ହେବା ପରେ ତାଙ୍କ ଗାଁ ଲୋକମାନେ ଘଟଣାସ୍ଥଳକୁ ଆସି ସୌମ୍ୟଙ୍କୁ ମାଡ଼ ମାରି ହତ୍ୟା କରୁଥିବା ସୌମ୍ୟଙ୍କ ମା ବାଲିଅନ୍ତା ଥାନାରେ ଅଭିଯୋଗ ହୋଇଥିଲେ। କ୍ରାଇମବ୍ରାଞ୍ଚ ଚିନୁଙ୍କୁ ଗିରଫ କରିବା ପରେ ଘଟଣାର ରହସ୍ୟ ଭିନ୍ନ ମୋଡ ନେଇଥିଲା। କାରଣ ଓମ୍ କଟକ ସଦର ଅଞ୍ଚଳରୁ ଚିନୁ, କୁନାଲ ଓ ଅନ୍ୟ ୮ରୁ ୧୦ ଜଣଙ୍କୁ ଘଟଣାସ୍ଥଳକୁ ଡାକି ଥିଲେ। ସେହିମାନେ ସୌମ୍ୟଙ୍କୁ ନିଷ୍ଠୁର ମାଡ଼ ମାରି ହତ୍ୟା କରିଥିବା କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି। କୁନାଲଙ୍କୁ ଏବେ ବି କ୍ରାଇମବ୍ରାଞ୍ଚ ଖୋଜୁଛି।

କ୍ରାଇମବ୍ରାଞ୍ଚ ସତ ମିଛ ପରୀକ୍ଷା ବେଳେ ୨୩୦ ପ୍ରଶ୍ନ ସେମାନଙ୍କୁ ପଚାରି ଥିବା ବେଳେ ଅଧାରୁ ଅଧିକ ମିଛ କହିଥିବା ଜଣାପଡିଛି। ମେସିନ ସାମ୍ନାରେ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଚାଲିଥିବା ବେଳେ ୩ ଜଣଙ୍କ ବଡି ଲାଙ୍ଗୁଏଜ, ପ୍ଲସରେଟ, ହାର୍ଟବିଟ ପ୍ରଭୃତିକୁ ମେସିନ ନିରୀକ୍ଷଣ କରିଥାଏ। ପ୍ରଶ୍ନର ଉତ୍ତର ଓମ୍ ବହୁ ସନ୍ଦେହଜନକ ଭାବେ ମେସିନ ସାମ୍ନାରେ କହିଥିବା ଜଣାପଡିଛି। କାରଣ ପ୍ରଶ୍ନର ଉତ୍ତର ଠିକ୍ ହେଲେ ପଜିଟିଭ ରିପୋର୍ଟ ଆସିଥାଏ। ଉତ୍ତର ଭୁଲ ହେଲେ ନେଗେଟିଭ ରିପୋର୍ଟ ଆସେ। ପୂର୍ବରୁ ଓମର ବୟାନ, ପିଡିତାଙ୍କ ଦୁଷ୍କର୍ମ ଅଭିଯୋଗ ଓ ବୟାନ ସହ ମଧ୍ୟ ସତ ମିଛ ପରୀକ୍ଷା ରିପୋର୍ଟ ମିଶୁ ନାହିଁ। ଯେଉଁ ପ୍ରଶ୍ନ କ୍ରାଉମବ୍ରାଞ୍ଚ ପୂର୍ବରୁ ପଚାରି ଥିଲା ସେହିପରି ସମାନ ପ୍ରଶ୍ନ ମେସିନ ସାମ୍ନାରେ ପଚରା ଯାଇଥିଲା। ୨୩୦ ପ୍ରଶ୍ନ ପଚାର ଯାଇଥିବା ବେଳେ ଅଧାରୁ ଅଧିକ ସେ ମିଛ କହିଥିବା ଜଣାପଡିଛି। ସତ ମିଛ ପରୀକ୍ଷା ରିପୋର୍ଟ ମିଳିବା ପରେ କ୍ରାଇମବ୍ରାଞ୍ଚ ତଦନ୍ତକାରୀ ଟିମ ଅଡୁଆରେ ପଡିଛି।

ସତ ମିଛ ରିପୋର୍ଟ ସହ ପୋଲିସ ୪ ଜଣ ନିରିହଙ୍କୁ ବାନ୍ଧି କୋର୍ଟ ଚାଲାଣ କରିଥିବା ତାଙ୍କ ପରିବାର ଲୋକେ କ୍ରାଇମବ୍ରାଞ୍ଚକୁ ଯାଇ ଅଭିଯୋଗ କରିଛନ୍ତି। ପରୀକ୍ଷା ରିପୋର୍ଟ ଓ ନିରିହ ଲୋକଙ୍କୁ ବାନ୍ଧିବା ଅଭିଯୋଗ ହେବା ପରେ କ୍ରାଇମବ୍ରାଞ୍ଚ ତଦନ୍ତକାରୀ ଟିମ ଅଡୁଆରେ ପଡିଛି। ୧୫ ଜଣ ଗିରଫ ହୋଇସାରିଥିବା ବେଳେ ଆଉ ୧୦ରୁ ଊର୍ଦ୍ଧ୍ୱ ଗିରଫ ହେବାର ଅଛି। ମିଳିଥିବା ସୂଚନା ଅନୁଯାୟୀ କ୍ରାଇମବ୍ରାଞ୍ଚ ୨୫ ଜଣଙ୍କୁ ଚିହ୍ନଟ କରୁଥିବା ବେଳେ ସେମାନଙ୍କ ମଧ୍ୟରୁ କେତେକ ଗିରଫ ହୋଇସାରିଛନ୍ତି। କୁନାଲ ସମେତ ଅନ୍ୟ ଫେରାର ଆସମୀମାନଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିବା ପରେ ଚଢ଼ାଉ ଜାରି ରଖିଛି। ହେଲେ ସତ ମିଛ ପରୀକ୍ଷା ରିପୋର୍ଟ ମିଳିବା ପରେ ତଦନ୍ତ କେଉଁ ଦିଗରେ କିପରି ଗତି କରିବ ସେଥି ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମିଛ କହିଥିବା ଓମ୍ ଓ ଦୁଇ ଯୁବତୀଙ୍କ ଉପରେ କଣ ପଦକ୍ଷେପ ନିଆଯିବ ତାହା ଜାଣିବା ପାଇଁ ସୌମ୍ୟଙ୍କ ବାପା ମା ଅପେକ୍ଷା କରିଛନ୍ତି।

## ରାହାଞ୍ଚି ସମବାୟ ସମିତିକୁ ଆଦର୍ଶ ସମିତିର ମାନ୍ୟତା

ଭଦ୍ରକ,(ସବ୍ୟୁ):ଭଦ୍ରକ ବ୍ଲକ ଅନ୍ତର୍ଗତ ରାହାଞ୍ଚି ସମବାୟ ସମିତି ଆଦର୍ଶ ସମବାୟ ସମିତିର ମାନ୍ୟତା ପାଇଛି । ପରିଚାଳନାଗତ ଶୃଙ୍ଖଳା,କାର୍ଯ୍ୟଦକ୍ଷତା ସହ ବିଭିନ୍ନ ଦୃଷ୍ଟି କୋଣରୁ ବିଚାର କରି ଆଦର୍ଶ ସମବାୟ ସମିତିର ମାନ୍ୟତା ମିଳିଛି । ଏହି କ୍ରମରେ ଓଡିଶା ସରକାରଙ୍କ ଦ୍ୱାରା ମନୋନୀତ ହୋଇ ରାହାଞ୍ଚି ସମବାୟ ସମିତିର ସଭାପତି ତପନ କୁମାର ପଣ୍ଡା ଓ ସମ୍ପାଦକ ଅନିରୁଦ୍ଧ ଧୀଦା ମହାରାଷ୍ଟ୍ରର ପୁଣେ ସ୍ଥିତ ବୈକୁ= ନାଥ ମେହେଟା ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ କୋ-ଅପରେଟିଭ୍ ମ୍ୟାନେଜମେଣ୍ଟରେ ଆୟୋଜିତ ପାଂଚ ଦିନିଆ ଦକ୍ଷତା ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ଫେରିଥିବା ଜଣାପଡିଛି । ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଶୁଭକାନ୍ତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରକୁ ପ୍ରକଳ୍ପ ସଂଯୋଜିକା ବିଜୟଶ୍ରୀ ଏମ ଭଗବତୀ,ଯୁଗ୍ମ ନିବନ୍ଧକ ମହାରାଷ୍ଟ୍ର ସମବାୟ ବିଭାଗ ତାନଜୀ ତାଉଡେନୂତନ,ପ୍ରାଧ୍ୟାପକ ଡ଼.ଋଷିକେଶ କଲମକାର,ବିଜୟ ଗାୟକଓ୍ୱାଡେଙ୍କ ପରିଚାଳନାରେ ଓଡିଶାରୁ ଯୋଗ ଦେଇଥିବା ୧୦ଟି ସମବାୟ ସମିତିର ୧୯ ଜଣକୁ ସମବାୟ ସମିତିର ଆଗାମୀ ପ୍ରକଳ୍ପ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ । ତା ଛଡା ମହାରାଷ୍ଟ୍ରର ପୁଣେର ରେହେତାରେ,ସରିଡି ଓ କାଷ୍ଟି ସମବାୟ ସମିତି ପରିଦର୍ଶନରେ ନେଇ ସେମାନଙ୍କର ସମବାୟ ସମିତିର ପରିଚାଳନା ଓ ଉନ୍ନତି କରଣ ବିଷୟରେ ଅବଗତ କରାଇ ଥିଲେ । ଓଡିଶାର ଲୋକମାନଂକୁ କିପରି ସମବାୟ ସମିତି ସହ ଯୋଡା ଯାଇ ପାରିବ ସେ ବିଷୟରେ ତାଲିମ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ଜିଲ୍ଲାରୁ ପୁରୁଷଣ୍ଡ ସମବାୟ ସମିତିର ସଭାପତି ପ୍ରଶାନ୍ତ କୁମାର ଦାଶ,ସମ୍ପାଦକ ରାଜେନ୍ଦ୍ର ବେଜ,ନେରଡ଼ା ସଭାପତି ସତ୍ୟ ନାରାୟଣ ମିଶ୍ର,ସମ୍ପାଦକ ସୌମ୍ୟରଞ୍ଜନ ପଣ୍ଡା,ବରଗଡାର ସମ୍ପାଦକ ରାମଚନ୍ଦ୍ର କର ଯୋଗ ଦେଇଥିଲେ ।

## ସିଅନ ଶ୍ରମିକ ବସ୍ତି ଉନ୍ନୟନ ପରିଷଦର ନୂଆ କର୍ମକର୍ତ୍ତା

ଭୁବନେଶ୍ୱର(ସବ୍ୟୁ):ସିଅନ ଶ୍ରମିକ ବସ୍ତି ପ୍ରାଙ୍ଗଣରେ ରାଜୀବ ଆବାସ ଯୋଜନାର ଅନ୍ତର୍ଭୁକ୍ତ ଉପସ୍ଥିତ ସଭ୍ୟ ଓ ସଭ୍ୟାମାନଙ୍କର ସମର୍ଥନରେ ରୁଷିଆ ଦିଗଲଙ୍କୁ ସଭାପତି ଓ ରମେଶ ଚନ୍ଦ୍ର ସାହୁଙ୍କୁ ସମ୍ପାଦକ ରୁପେ ଚୟନକରି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ । ନୂତନରୂପେ ଚୟନ ହୋଇଥିବା ସଭାପତି ଓ ସମ୍ପାଦକ ତାଙ୍କ ଅଭିଭାଷଣରେ ମୈତ୍ରୀ ବିହାର ଥାନା ଅଧିକାରୀଙ୍କୁ ଆଇନ ଶୃଙ୍ଖଳା ରକ୍ଷା କରିଥିବାରୁ ପରିଷଦ ତରଫରୁ ଅଶେଷ ଧନ୍ୟବାଦ ଅର୍ପଣ କରିଥିଲେ ।ଏଥି ସହିତ ଯୁବ ସାମ୍ବାଦିକ ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ଦୃଢ଼ ସମର୍ଥନ ଥିବାରୁ ପରିଷଦ ତରଫରୁ ଅଶେଷ ଧନ୍ୟବାଦ ଅର୍ପଣ କରାଯାଇଥିଲା । ଏହି ସଭାରେ ପଞ୍ଚାନନ ସାହୁ, ପ୍ରଶାନ୍ତ ପ୍ରଧାନ, ଜିଗର ଦିଗଲ, ବିଜେପି ନେତା ଅନିରୁଧ ମଲ୍ଲିକ, ସୁବ୍ରତ ନାୟକ, କ୍ରୀଷ୍ଣା ସାମନ୍ତରାୟ, ଓ୍ୱାର୍ଡ ନଂ-୧୩ ଯୁବ ନେତା ଚନ୍ଦ୍ରଜିତ ରାଉତରାୟ(ଜଟା) ନିମନ୍ତ୍ରିତ ଅତିଥି ଉପସ୍ଥିତ ଥିଲେ । ସର୍ବଶେଷରେ ଉପଦେଷ୍ଟା ଅଶୋକ ପାଲଟାସିଂ ଧନ୍ୟବାଦ ଅର୍ପଣ କରିଥିଲେ ।




ବିଜ୍ଞାପନ

ଏତଦ୍ୱାରା ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ନିମନ୍ତେ ଆଗ୍ରହୀ ସମସ୍ତ ଛାତ୍ରଛାତ୍ରୀଙ୍କ ଅଭିଭାବକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଶିକ୍ଷା ଅଧିକାର ଅଧିନିୟମ-୨୦୦୯ ଅନୁଯାୟୀ ଶତକଡ଼ା ୨୫ ଭାଗ ପିଲାଙ୍କର ଯଥା- ଅନୁସୂଚିତ ଜାତି/ ଅନୁସୂଚିତ ଜନଜାତି/ ବିପିଏଲ/ ନିମ୍ନ ଆୟକାରୀ (ବାର୍ଷିକ ୫୦ ହଜାରରୁ କମ୍) ମାଗଣାରେ ଶିକ୍ଷା ପାଇବା ପାଇଁ ସୁଯୋଗ ଥିବାରୁ ଆପଣମାନେ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିବା ପାଇଁ ଅନୁରୋଧ ।

(ବି.ଦ୍ର:- ଆବେଦନ ତା.୧୦.୦୨.୨୦୨୬ ଠାରୁ ଚାଲୁରହିବ)

ଜ୍ଞାନ ବିଜ୍ଞାନ ବିଦ୍ୟାଳୟ, ଅରିଲୋ
ସୁଦର୍ଶନ, ତିର୍ତ୍ତୋଲ, ଜଗତସିଂହପୁର



E-mail ID: eepwd765017@gmail.com
Phone-(06856)233066

34001/245/2627

**Government of Odisha**
**"E" Procurement Notice**

**OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO -II**

**Short Bid Identification No: RC (RANDB) RGD No-II 03/2026-27 (Online tender)**

**No 2322** **Dated 15.05.2026**

1. Total No. of the works :- 01 no Civil & 04 no's Electrical Work (Single cover System)
2. Approximate estimated Cost :- Rs 4.63 to 10.87 Lakhs
3. Period of completion :- 01 (One) to 02 (Two) Calendar months
4. Date & Time of availability of bid document in the portal :- **11.00 Hrs. of dated 28.05.2026 to 17.00 Hrs. of dated 04.06.2026 for online bidding.**
5. Last date/Time for receipt of bids in the portal :- Up to 17.00 Hrs. of dated 04.06.2026
6. Name and address of the officer inviting BID :- **Superintending Engineer, Rayagada (R&B) Division No-II**
7. **Date of opening of Technical Bid at 11.00 Hours on dated 05.06.2026**
8. Further details can be seen from the e-Procurement portal: **www.tendersodisha.gov.in.**
9. Further Addendum/Corrigendum if any will be hosted in the above website only.

**Sd/- Superintending Engineer Rayagada (R&B) Division No-II**

OIPR : 34001/34139/1/26-27/0002


## ଆମାଜନ ଗ୍ରେଟ୍ ସମର ସେଲରେ ଅଭିବୃଦ୍ଧି

ଭଦ୍ରକ,(ସବ୍ୟୁ): ଆମାଜନ ଇଣ୍ଡିଆ ଏହାର ଏକ ପ୍ରମୁଖ ସଫି ଇଭେଣ୍ଟ ଆମାଜନ ଗ୍ରେଟ୍ ସମର ସେଲ୍ ସମୟରେ ପ୍ରବଳ ଗ୍ରାହକ ଚାହିଦା ଦେଖିବାକୁ ପାଇଛି । ଏହି ସମୟରେ ଦେଶବ୍ୟାପୀ ଗ୍ରାହକମାନେ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ, ବୃହତ ଆପ୍ଲାଏନ୍ସ,ଫ୍ୟାଶନ ଓ ବିୟୁଟି, ଗ୍ରୋସରୀ, ହୋମ୍, କିଚେନ ଓ ଆଉଟଡୋର ବର୍ଗରେ ବହୁମାତ୍ରାରେ ସଫି କରିଥିଲେ । ଏହି ଇଭେଣ୍ଟ ବର୍ଷ ପରେ ବର୍ଷ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାସଲ କରିଆସୁଛି କାରଣ ଫ୍ୟାଶନ୍ ଓ ବିୟୁଟି ସହିତ ସ୍ମାର୍ଟଫୋନ୍, ବଡ଼ ଆପ୍ଲାଏନ୍ସ ଏବଂ ଘରୋଇ ମନୋରଞ୍ଜନରେ ପ୍ରିମିୟମାଇଜେସନ୍ ଦ୍ରୁତ ଗତିରେ ଜାରି ରହିଛି । ଗ୍ରାହକମାନେ ଫ୍ୟାଶନ୍, ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ, ଘର ଏବଂ ରୋଷେଇ ଘର ବର୍ଗରେ ବଜେଟ୍-ଅନୁକୂଳ, ଟ୍ରେଣ୍ଡ-ଫରଓ୍ୱାର୍ଡ ଉତ୍ପାଦର ଏକ ବିସ୍ତୃତ ଚୟନରୁ କ୍ରୟ କରିଥିଲେ, ଯାହା ନୋ-କଷ୍ଟ ଇଏମଆଇ, ଏକ୍ସଚେଞ୍ଜ ଅଫର୍ ଏବଂ ଦ୍ରୁତ, ନିର୍ଭରଯୋଗ୍ୟ ବିତରଣ ଭଳି ସୁଲଭ ବିକଳ୍ପ ଦ୍ୱାରା ସମର୍ଥୀତ । ଏହି ସମୟରେ ଟାୟାର ୨ ଓ ଟାୟାର ୩ ସହରଗୁଡିକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଚଣ୍ଡିଗଡ଼, କୋଏମ୍ବାଟୁର, ସହାରନପୁର, ଥାନେ ଏବଂ ଅନ୍ୟାନ୍ୟ ସହରରେ ପ୍ରାୟ ୧.୨ଗୁଣ ଅଭିବୃଦ୍ଧି ଦେଖିବାକୁ ମିଳିଥିଲା ।


**AFFIDAVIT**

I **Harishchandra Pradhan,** S/o: Shyamaghan Pradhan , Resident At/Po-Maisanpur, Pin-761004, P.S.: Nuagaon, Dist.: Ganjam, Odisha declare by this Affidavit No.: 298, Dt.: 22.05.2026. that now on wards I shall be known as **Harischandra Pradhan** for all features purposes


## ଓଡଗାଁ ସହ ଶ୍ରମ ଅଧିକାରୀଙ୍କୁ ତୁରନ୍ତ ହଟାଇବାକୁ ଦାବି

ଶରଣକୁଳ, (ସବ୍ୟୁ): ଓଡଗାଁ ଅଞ୍ଚଳର ଶ୍ରମିକ ମାନଙ୍କ କଲ୍ୟାଣ ପାଇଁ ନିୟୋଜିତ ସହଶ୍ରମ ଅଧିକାରୀ ଶ୍ରମିକ ମାନଙ୍କୁ ବହୁ ହଇରାଣ କରୁଥିବାରୁ ତାର ପ୍ରତିବାଦରେ ଶରଣକୁଳ ଶ୍ରମିକମାନେ ଏକତ୍ରିତ ହୋଇ ଜିଲାରୁ ଏପରି ଅପାରଗ ଅଯୋଗ୍ୟ ସହଶ୍ରମ ଅଧିକାରୀଙ୍କୁ ବିତାଡିତ କରିବାକୁ ଦାବି କରିଛନ୍ତି । । ପ୍ରକୃତ ଶ୍ରମିକଙ୍କୁ ପଞ୍ଜୀକରଣ ନକରି ଦଲାଲମାନଙ୍କୁ ପ୍ରୋତ୍ସାହିତ କରାଇ ଅନୀତି କରୁଥିବା ପ୍ରତିବାଦରେ ନୟାଗଡ ଜିଲା ଶ୍ରମିକ ମହାସଂଘ ଆନୁକୂଲ୍ୟରେ ଏହାକୁ ବିରୋଧ କରିଥିଲେ । ନୟାଗଡ ଜିଲା ଶ୍ରମିକ ମହାସଂଘ ସଭାପତି ଶୂନ୍ୟଜୟୀ ମିଶ୍ର, ସମ୍ପାଦକକୁମାର ବୈରୀଗଞ୍ଜନ, ଓଡଗାଁ ବ୍ଲକ ସଦସ୍ୟ ରବୀନ୍ଦ୍ର ମହାପାତ୍ର, ଦିଗାମ୍ବର ମହାପାତ୍ର, ରତିକାନ୍ତ ମହାପାତ୍ର, ହରିହର ଦଳବେହେରା ଆଦି ଏହାର ନେତୃତ୍ୱ ନେଇଥିଲେ ।

## "ହ୍ୟାକ୍ ଟୁ ଦି ଫ୍ୟୁଚର ୩.୦' ଟେକ୍ନୋଲୋଜି ମାଧ୍ୟମରେ ସମସ୍ୟାର ସମାଧାନ

ଭୁବନେଶ୍ୱର:(ସବ୍ୟୁ): କେ୍ୱଷ୍ଟ ଆଲାଏନ୍ସର ଏକ ଉଦ୍ଭାବନ-କେନ୍ଦ୍ରିତ ହ୍ୟାକାଥନ " ହ୍ୟାକ୍ ଟୁ ଦି ଫ୍ୟୁଚର ୩.୦'ର ଓଡ଼ିଶା ସଂସ୍କରଣ ଆଇଆଇଟି ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ଅଧୀନରେ ପଞ୍ଚସଖା ଶିକ୍ଷା ସେତୁ ସଂଗଠନ (ପିଏସଏସଏସ) ପକ୍ଷରୁ କେ୍ୱଷ୍ଟ ଆଲାଏନ୍ସ ଏବଂ ଆଇଆଇଟି ଭୁବନେଶ୍ୱର ସହ ସହଯୋଗରେ ଅନୁଷ୍ଠିତ ହୋଇଥିଲା । ଯୁବପିଢି ସମାଧାନ, ଶିକ୍ଷା ଏବଂ ଉଦୀୟମାନ ଟେକ୍ନୋଲୋଜିଗୁଡିକର ଅନୁସନ୍ଧାନ କରୁଛନ୍ତି' । ଗଞ୍ଜାମର ଏକ ଟିମ ବାଲ୍ୟବିବାହ ଏବଂ ଝିଅମାନଙ୍କ ଆଇନଗତ ଅଧିକାର ବିଷୟରେ ସଚେତନତା ବୃଦ୍ଧି କରିବା ପାଇଁ ଏକ ମୋବାଇଲ୍ ଆପ୍ ନିର୍ମାଣ କରିଛି । ଛାତ୍ରଛାତ୍ରୀଙ୍କର ଅନ୍ୟ ଏକ ଗ୍ରୁପ ଓଡିଶାର ଗ୍ରାମାଞ୍ଚଳରେ ଗୁଣିଗାରେଡି ଏବଂ ମହିଳାମାନଙ୍କ ବିରୁଦ୍ଧରେ ହିଂସା ପ୍ରତିକ୍ରିୟାରେ ଏକ ଓ୍ୱେୟାରେବୁଲ ସେଫଟି ଡିଭାଇସର ନିର୍ମାଣ କରିଛନ୍ତି । ଏହି ହାକାଥନ୍ ହେଉଛି କେ୍ୱଷ୍ଟ ଆଲାଏନ୍ସର ଓଡ଼ିଶାରେ ବ୍ୟାପକ କାର୍ଯ୍ୟର ଏକ ଅଂଶ, ଯାହାକୁ ଗତ ଚାରି ବର୍ଷ ହେବ ଆମାଜନ ଫ୍ୟୁଚର୍ ଇଞ୍ଜିନିୟର ପ୍ରୋଗ୍ରାମ ସମର୍ଥନ କରିଆସୁଛି ।


ଓଡିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
****

ଅଧିସୂଚନା

No. RDM-LAB-GM-0046-2025- 49181 / R&DM, Dated. 30.12.2025

**24001/177/2627:** ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଗଞ୍ଜାମ ଜିଲ୍ଲାରେ ଛେଳିଗଡ଼ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା- ବଡାଗଡ଼, ଥାନା- ପାଟପୁର, ତହସିଲ- ସାନଖେମୁଣ୍ଡି, ଜିଲ୍ଲା- ଗଞ୍ଜାମରେ ନିମ୍ନ ତଫସିଲ ମତେ ପ୍ରାୟ ଏ, ୦.୧୮୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥାଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସତ୍ତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଛେଳିଗଡ଼ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ ।
୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧିକ୍ଷଣ ଯନ୍ତ୍ରୀ, ଛେଳିଗଡ଼ କେନାଲ ବିଭାଜନ, ଦିଗପହଣ୍ଡି ଗଞ୍ଜାମ, ଗଞ୍ଜାମ ।
୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା । (ଉକ୍ତ ପ୍ରକଳ୍ପ ଯୋଗୁଁ କୌଣସି ଲୋକ ବିସ୍ଥାପିତ ହେଉନାହାନ୍ତି) ।
୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ସଂଖ୍ୟା ୨୦୯୬୫ dated ୧୧.୦୬.୨୦୨୫ ପ୍ରକାରେ ଭୂମି ଅଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି ।
୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପଜିଲ୍ଲାପାଳ, ବ୍ରହ୍ମପୁର, ଗଞ୍ଜାମ ।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଗଞ୍ଜାମ | ସାନଖେମୁଣ୍ଡି | ମୌଳାଭଞ୍ଜା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧୧.୦୦୫ | ଏ. ୨.୭୯୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଜିଲ୍ଲାପାଳ, ଗଞ୍ଜାମ ଓ ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ଥଇଥାନ ଓ ପୁନର୍ବସତି ଅଧିକାରୀ, (ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡ଼ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ । ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଜିଲ୍ଲାପାଳ, ଗଞ୍ଜାମଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ବଡାଗଡ଼ ଗ୍ରାମର ଜମିର ବିବରଣୀ
ତହସିଲ : ସାନଖେମୁଣ୍ଡି ଜିଲ୍ଲା : ଗଞ୍ଜାମ

| ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ରକବା | କିସମ | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୭୦ | ୫୬୦ | ୦.୯୧୫ | ୦.୧୪୫ | ବିଲ ଅଣଜଳସେଚିତ ଏକ | ଦଣ୍ଡପାଣି ପାଣିଗ୍ରାହୀ ପି: କୃଷ୍ଣ ପାଣିଗ୍ରାହି ଜା: ବ୍ରାହ୍ମଣ ବା: ପୋଡ଼ାମାରି | |
| ୧୧୧ | ୫୬୬ | ୦.୨୧୫ | ୦.୦୨୫ | ବିଲ ଅଣଜଳସେଚିତ ଏକ | ବୃନ୍ଦାବନ ଗଉଡ଼, ନାଥ ଗଉଡ଼ ଚନ୍ଦ୍ରମା ଗଉଡ଼ ଶାରି ଗଉଡ଼ ସ୍ୱା ତବତିଆ ଗଉଡ଼ ସୁବୁଧି ଗଉଡ଼ ପି: ସୁବୁଧି ଗଉଡ଼ ପି: କନ୍ତାରୁ ଗଉଡ଼ ଜା:ଗଉଡ଼ ବା: ନିଜଗାଁ | |
| ୧୩୭ | ୫୬୭ | ୦.୧୧୦ | ୦.୦୧୦ | ବିଲ ଅଣଜଳସେଚିତ ଏକ | ରାହାସ ନାଇକ ପି: ଭିକା ନାଇକ ଜା: ଶୁଦ୍ଧ ଶବର ବା: ନିଜଗାଁ | |
| | | ମୋଟ | | | ୨.୭୯୦ | ଏକର |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- (ମଧୁସ୍ମିତା ସାହୁ)
ଅତିରିକ୍ତ ଶାସନ ସଚିବ

OIPR : 24001/24001/3/26-27/0047



ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭ ୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣ ରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବ ନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ସିରିଜ୍ ଦୁର୍ଘଟଣା, ୬ ଆହତ

ଭୁବନେଶ୍ୱର, (ସବ୍ୟୁ) : ପୁରୀ ବାଇପାସ୍ ପାଖ ଜାତୀୟ ରାଜପଥରେ ଦ୍ରୁତ ଗତିରେ ଏକ ଟ୍ରକ୍ ଆସି ସିରିଜ୍ ଦୁର୍ଘଟଣା ଘଟାଇବାରୁ ୬ଜଣ ଆହତ ହୋଇଛନ୍ତି । ଟ୍ରକ୍ ପ୍ରଥମେ ଗୋଟିଏ ପାସେଞ୍ଜର ଅଟୋକୁ ଧକ୍କା ଦେବାରୁ ସେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଖସି ଦୋକାନ ଭିତରକୁ ପଶିଯାଇଥିଲା । ପରେ ଟ୍ରକ୍ ସେଠାରୁ ଖସିଯିବାକୁ ଉଦ୍ୟମ କରି ସାମ୍ନାରେ ଯାଉଥିବା ଏକ ବାଇକ୍‌କୁ ଧକ୍କା ଦେବାରୁ ସେ ପଡିଯାଇ ଗୁରୁତର ହୋଇଛନ୍ତି । ଅଟୋ ଡ୍ରାଇଭର, ପାସେଞ୍ଜର, ବାଇକ୍ ଆରୋହୀଙ୍କ ସମେତ ୬ଜଣ ଆହତ ହୋଇଥିବା ବେଳେ ପୋଲିସ ସେମାନଙ୍କୁ ଚିକିତ୍ସା ପାଇଁ ଏକ ଘରୋଇ ହସ୍ପିଟାଲକୁ ପଠାଇଛି । ଉତ୍ୟକ୍ତ ଲୋକେ ଟ୍ରକ୍ ଡ୍ରାଇଭରକୁ ଗୋଡାଇ ଗୋଡାଇ ଧରିବା ସହ ନିସ୍ତୁକ ମାଡ ମାରି ପୋଲିସ ଜିମା ଦେଇଛନ୍ତି । ଲୋକଙ୍କ କହିବା କଥା ଅଟୋକୁ ଟ୍ରକ୍ ୫୦/୬୦ମିଟର ପର୍ଯ୍ୟନ୍ତ ଘୋଷାରି ନେବା ପରେ ବାଇକ୍‌କୁ ଧକ୍କା ଦେଲା । ଲୋକଙ୍କ ମାଡରେ ଆହତ ହୋଇଥିବା ଡ୍ରାଇଭରକୁ ପୋଲିସ ଚିକିତ୍ସା ହସ୍ପିଟାଲକୁ ପଠାଇ ତଦନ୍ତ କରୁଛି । ଜଖମ ହୋଇଥିବା ଅଟୋ, ବାଇକ୍ ଓ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୋଲିସ ଜବତ କରିଛି ।

# ମନ୍ଦିରରୁ ଚୋରି : ୨ଗିରଫ

ନିମାପଡା,(ସବ୍ୟୁ) :ଶନିବାର ରାତିରେ ନିମାପଡା ଥାନା ଅନ୍ତର୍ଗତ ଧଳେଶ୍ୱର ଗ୍ରାମରେ ଥିବା ଧବଳେଶ୍ୱର ମନ୍ଦିରର ଦାନ ହୁଣ୍ଡି ବାକ୍ସ ଭାଙ୍ଗି ଟଙ୍କା ଚୋରୀ ହୋଇଥିଲା। ଏସଂପର୍କରେ ମନ୍ଦିର କମିଟୀର ମୁଖ୍ୟ ଧନଞ୍ଜୟ ମହାପାତ୍ର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଉକ୍ତ ଚୋରୀ ଘଟଣାରେ ସଂପୃକ୍ତ ଥିବା ବଳଙ୍ଗା ବେରବୋଇ ଗ୍ରାମର ଯୁଧିଷ୍ଠିର ଲେଙ୍କା ଓ ଅନୀଲ କୁମାର ମୁଦୁଲି ଦୁଇ ଚୋରଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ପୁଲିସ ଏହି ଦୁଇ ଚୋରଙ୍କ ଠାରୁ ୪ହଜାର ଟଙ୍କା,ପିତଳ ଡାଲ,ପିତଳ ଗ୍ଲାସ ଆଦି ଅନ୍ୟାନ୍ୟ ବାସନ କୁସନ ଜବତ କରିଛି। ଗିରଫ ଦୁହେଁ ବିଭିନ୍ନ ମନ୍ଦିର ଚୋରୀରେ ସଂପୃକ୍ତ ଥିବା ନେଇ ପୁଲିସ ସୂଚନା ଦେଇଛି।

### 'ଉତ୍କଳ ଆସୋସିଏସନ ଅଫ୍ ମାଡ୍ରାସର ୯୦ତମ ଉତ୍କଳ ଦିବସ ସମାରୋହ

# ଭବିଷ୍ୟତର ଓଡ଼ିଶା ପାଇଁ ସେତୁବନ୍ଧ ତିଆରି କରିବା - ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ) : ଇତିହାସ ହେଉଛି ଭବିଷ୍ୟତ ପଥରେ ଆଗକୁ ବଢ଼ିବାର ଏକ ଦର୍ପଣ । ତେଣୁ କଳିଙ୍ଗର ସମୃଦ୍ଧ ନୌବାଣିଜ୍ୟ ପରମ୍ପରା ଓ ଗୌରବୋଜ୍ଜ୍ୱଳ ଅତୀତରୁ ପ୍ରେରଣା ନେଇ ଆମକୁ ଭବିଷ୍ୟତର ଓଡ଼ିଶା ଗଠନ ପାଇଁ ଏକ ସ୍ୱତନ୍ତ୍ର ସେତୁବନ୍ଧ ନିର୍ମାଣ କରିବାକୁ ହେବ ବୋଲି ରବିବାର ତାମିଲନାଡୁର ସାଂସ୍କୃତିକ ପ୍ରାଣକେନ୍ଦ୍ର ଚେନ୍ନାଇ ଠାରେ 'ଉତ୍କଳ ଆସୋସିଏସନ ଅଫ୍ ମାଡ୍ରାସର ୯୦ତମ ଉତ୍କଳ ଦିବସ ସମାରୋହ ଓ ବାର୍ଷିକ ଉତ୍ସବରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କାର୍ଯ୍ୟକ୍ରମରେ ଅଭିଭାଷଣ ଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ତାମିଲନାଡୁର ତାମିଲ ଏବଂ ଓଡ଼ିଶାର ଓଡ଼ିଆ - ଉଭୟ ଭାଷା ଭାରତର ଅତି ସମୃଦ୍ଧ ଶାସ୍ତ୍ରୀୟ ଭାଷା । ତାମିଲନାଡୁ ଯେପରି ଜ୍ଞାନ, ବିଜ୍ଞାନ, ଭାଷା ଓ ପ୍ରାଚୀନ ସଭ୍ୟତାର ଏକ



ଅନନ୍ୟ ଭଣ୍ଡାର, ଆମ ଓଡ଼ିଶା ମଧ୍ୟ ସେହିପରି ସଂସ୍କୃତି, ଅଧ୍ୟାତ୍ମ ଓ କଳା-ଭାସ୍କର୍ଯ୍ୟର ଏକ ସମୃଦ୍ଧ କେନ୍ଦ୍ରସ୍ଥଳୀ । ଚେନ୍ନାଇ ସହରରେ ବସବାସ କରୁଥିବା ପ୍ରିୟ ପ୍ରବାସୀ ଓଡ଼ିଆ ଭାଇ ଓ ଭଉଣୀମାନଙ୍କ ଜରିଆରେ ଏହି ସମ୍ପର୍କ ଅଧିକ ଉଜାଗର ହୋଇଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ, ୧୯୩୬ ମସିହାରେ ଓଡ଼ିଶା ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଗଠିତ ହୋଇଥିଲା । ଆଉ ୧୦ ବର୍ଷ ପରେ ଅର୍ଥାତ୍ ୨୦୩୬ରେ ଆମେ ଏହାର ୧୦୦ ବର୍ଷ ପାଳନ କରିବାକୁ ଯାଉଛୁ । ଆଗାମୀ ୧୦ ବର୍ଷ ଆମ ଜାତି ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଏହି ସମୟରେ ଓଡ଼ିଆ ଭାଷା, ଜାତି, ଅସ୍ମିତା ଓ ସ୍ୱାଭିମାନକୁ ନୂତନ ଉଚ୍ଚତାକୁ ନେବା ପାଇଁ ଆମର ଦାୟିତ୍ୱ ଆହୁରି ବଢ଼ିଯାଇଛି । ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ହେଲେ ମହାପ୍ରଭୁଙ୍କ ଆଶୀର୍ବାଦରେ ଓଡ଼ିଶାକୁ ଦେଶର ସବୁଠାରୁ ପ୍ରଭାବଶାଳୀ ଅର୍ଥନୀତି ଭାବେ ଗଢ଼ିବାକୁ ହେବ । ଏହି ଗସ୍ତ କାଳରେ କେନ୍ଦ୍ରମନ୍ତ୍ରୀ 'ଉତ୍କଳ ସେବା ସଦନ'ର ଭୂମିପୂଜନ କରିବା ସହ ଏହି ଅନୁଷ୍ଠାନ ଓଡ଼ିଆ ଜାତି ପାଇଁ ସମାଜ ବିକାଶର ଏକ ପ୍ରୟୋଗଶାଳା ହେବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି ।

# ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ



କଟକ,(ସବ୍ୟୁ): ସ୍ଥାନୀୟ ଡଗରପଡ଼ା ଅଞ୍ଚଳରେ ସର୍ବସାଧାରଣଙ୍କ ସୁବିଧା ପାଇଁ ଏକ ସ୍ୱଚ୍ଛ ଓ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି । ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ଏହି ପ୍ରକଳ୍ପକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ବିଧାୟିକାଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ନିର୍ମିତ ଏହି ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ବସଷ୍ଟପ୍‌କୁ ଆସୁଥିବା ଯାତ୍ରୀ ଏବଂ ନିକଟସ୍ଥ ପ୍ରସିଦ୍ଧ ହନୁମାନ ମନ୍ଦିରକୁ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁମାନେ ବିଶେଷ ଭାବେ ଉପକୃତ ହୋଇପାରିବେ । ପ୍ରଖର ଗ୍ରୀଷ୍ମ ପ୍ରବାହ ସମୟରେ ଏହି ଜଳ ପ୍ରକଳ୍ପଟି ସାଧାରଣ ପଥଚାରୀ ଓ ସ୍ଥାନୀୟ ଲୋକଙ୍କ ତୃଷା ମେଣ୍ଟାଇବାରେ ଏକ ପ୍ରମୁଖ ମାଧ୍ୟମ ସାଜିବ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ବ୍ୟକ୍ତି ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ରହି ବିଧାୟିକାଙ୍କ ଏଭଳି ପ୍ରୟାସକୁ ସାଧୁବାଦ ଜଣାଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ମହାବୀର ଅନୁଷ୍ଠାନର ସଭାପତି ଆଲୋକ କୁମାର ଦାସ, ସଂପାଦକ ଅଭୟ କୁମାର ବେହେରା, ମେନକା ଦାସ, ସନ୍ତୋଷ ମାଳିଆ, ଅଲେଖ ପରିଡା, ସୂରଜିତ ସାହୁ, ସେକ ବାବଜାନି, ବିଶ୍ୱ ରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ ।

### ଏସ୍‌ବିଆଇ ଲାଇଫ୍ ପକ୍ଷରୁ

# 'ବିନ ସମଝାୟେ, ସିର୍ଫ ମା'ସମଝତିହେଁ' ଅଭିଯାନର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ) : ଏସବିଆଇ ଲାଇଫ ଇନସ୍ୟୁରାନ୍ସ ପକ୍ଷରୁ ଏହି ମାତୃତ୍ୱ ଦିବସରେ ଏକ ବିଜ୍ଞାପନ ସିନେମା'ବିନ ସମଝାୟେ, ସିର୍ଫ ମା' ସମଝତିହେଁ' ଅଭିଯାନର ଶୁଭାରମ୍ଭ କରାଯାଇଛି ।ଏହା ହେଉଛି ସେହି ମହିଳା ପ୍ରତି ସମ୍ମାନ ଯିଏ ହେଉଛନ୍ତି ସବୁ ପରିବାରରେ ବିଶ୍ୱାସ, ପ୍ରତିଶ୍ରୁତି ଓ ଭରସାର ପ୍ରଥମ ଉତ୍ସ । ଏ ସମ୍ପର୍କରେ ଏସବିଆଇ ଲାଇଫ ଇନସ୍ୟୁରାନ୍ସର ବ୍ରାଣ୍ଡ, କର୍ପୋରେଟ ଯୋଗାଯୋଗ ଓ ସିଏସଆର ମୁଖ୍ୟ ରବିନ୍ଦ୍ର ଶର୍ମା କହିଛନ୍ତି ଯେ, "ମାଆଙ୍କ ଭାବ ବିଷୟରେ ଅନେକ ସମୟରେ ଆଲୋଚନା ହୁଏ, କିନ୍ତୁ ବାସ୍ତବ ଗଭୀରତା ସହିତ ତାହାକୁ କ୍ୱଚିତ



ବୁଝାଯାଏ । ଏସବିଆଇ ଲାଇଫରେ ଆମେ ସେହି ଭାବକୁ ଏକ ପ୍ରକୃତ ମାନବ ସତ୍ୟଭାବେ ଗ୍ରହଣ କରୁଛୁ ଯାହା ମାଙ୍କୁ ତାଙ୍କ ପାଖଲୋକଙ୍କୁ ବୁଝିବାରେ ମାର୍ଗଦର୍ଶନ କରେ। ଆମ ମାତୃତ୍ୱ ଦିବସ ସିନେମା 'ବିନ ସମଝାୟେ, ସିର୍ଫ ମା' ସମଝତୀହେଁ' ଜରିଆରେ ଆମେ ମାଆମାନଙ୍କ ନିରବ ଭାଷାକୁ ସମ୍ମାନ ଜଣାଉଛୁ ଏବଂ ପ୍ରତି ପରିବାରର ଯାତ୍ରାରେ ବିଶ୍ୱସନୀୟ ସହଯୋଗୀଭାବେ ଆମ ପ୍ରତିବଦ୍ଧତାକୁ ଦୋହରାଉଛୁ ।" ଏହି ସିନେମାରେ ମା'ଙ୍କ ଆବେଗିକ ବୁଦ୍ଧିମତା ଉପରେ ଆଲୋକପାତ କରାଯାଇଛି ଯାହା ତାଙ୍କୁ ପରିବାରରେ ବିଶ୍ୱାସ, ପ୍ରତିଶ୍ରୁତି ଓ ଭରସାର ଅସଲି ସ୍ତମ୍ଭରେ ପରିଣତ କରିଛି । ତଥ୍ୟ ଆଧାରିତ କାହାଣୀ ବର୍ଣ୍ଣନା ଜରିଆରେ ଏହି ସିନେମା ସେହି ବ୍ୟକ୍ତିତ୍ୱ ଉପରେ ବ୍ରାଣ୍ଡର ବିଶ୍ୱାସକୁ ଦୃଢ଼ କରିଛି । ଏହି ସିନେମାର ଦୃଶ୍ୟ ଦୁଇ ଜଣ ମାଙ୍କୁ ନେଇ ଆରମ୍ଭ ହେଉଛି । ଜଣେ ଯୁବ ମା ନିଜ ମାତୃତ୍ୱ ଛୁଟି ଶେଷକରିବା ପରେ କାର୍ଯ୍ୟ କ୍ଷେତ୍ରକୁ ଫେରୁଛନ୍ତି ଏବଂ ଏଭଳି କିଛି ଆବେଗସହ ସଂଘର୍ଷ କରୁଛନ୍ତି ଯାହା ସହ ସେ ପରିଚିତ ନଥିଲେ । ନିଜ ଅଭିଳାଷ ଓ ଅକୁହା ଦ୍ୱନ୍ଦ୍ୱ ମଧ୍ୟରେ ସନ୍ତୁଳନ ପାଇଁ ସେ କଥ ଅନୁଭବ କରୁଛନ୍ତି ତାହାକୁ କଥାରେ କହି ପାରୁନାହାନ୍ତି ।କିନ୍ତୁ ପଦୁଟିଏ ନ କହି ମଧ୍ୟ ସେହି କଥା ତାଙ୍କ ମା'ବୁଝି ପାରୁଛନ୍ତି ଏବଂ ତାଙ୍କୁ ବୁଝାଉଛନ୍ତି ଯେ ନିଜ ପଥ ଚୟନ କରିବା ଦ୍ୱାରା ପରିବାର ପ୍ରତି ତାଙ୍କ ଭଲ ପାଇବା କିମ୍ବା ପ୍ରତିବଦ୍ଧତା କେବେ କମ ହେବ ନାହିଁ, ବରଂ ତାହା ତାଙ୍କୁ ନିଜ ଆକାଂକ୍ଷାକୁ ପୂରଣ କରିବା ଏବଂ ସେ ଭଲ ପାଉଥିବା ଲୋକଙ୍କ ନିଜକୁ ସମୃଦ୍ଧ କରିବାରେ ତାଙ୍କୁ ସଶକ୍ତକରିବ ।

### +୨ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାରେ

# ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା

ଭୁବନେଶ୍ୱର, (ସବ୍ୟୁ) : ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଭୁବନେଶ୍ୱର, ଓଡ଼ିଶା ଦ୍ୱାରା ଆୟୋଜିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳାଫଳକୁ ନେଇ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼ ଶାଖାରେ ଏକ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଯାଇଛି । କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମେନ୍ ଦାଶରୀ ମୂରଲୀ କ୍ରୀଷ୍ଣା, ଚଳିତ ବର୍ଷ ଛାତ୍ରଛାତ୍ରୀମାନେ ଉତ୍ତମ ପ୍ରଦର୍ଶନ କରିବା ସହିତ ବିଦ୍ୟାଳୟକୁ ଗୌରବାନ୍ୱିତ କରିବା ସହିତ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,




- ବାଣିଜ୍ୟରେ ସତ୍ୟସୁନ୍ଦର ପଣ୍ଡା ୫୯୨ ମାର୍କ ସହ ଓଡ଼ିଶା ରାଜ୍ୟ ଟପ୍ପର୍!
- ବିଜ୍ଞାନରେ ସମର୍ପିତା ଦେହେରୀ ୫୯୧ ମାର୍କ ସହ କଲେଜ ଟପ୍ପର୍
- ୫୭ ଜଣ ଛାତ୍ରଛାତ୍ରୀ ୯୦% ରୁ ଉର୍ଦ୍ଧ୍ୱରେ ଓ ୧୧୭ଜଣ ଛାତ୍ରଛାତ୍ରୀ ୮୦% ଉର୍ଦ୍ଧ୍ୱରେ

ବରଗଡ଼ର ପାସ୍ ହାର ୧୦୦ ପ୍ରତିଶତ ଥିବାବେଳେ ପ୍ରଥମ ଶ୍ରେଣୀର ପାସ୍ ହାର ୯୯% ରଖି ବିକାଶକୁ ପଶ୍ଚିମ ଓଡ଼ିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବରେ ପ୍ରତିଷ୍ଠିତ କରିପାରିଛି ବୋଲି ମତବ୍ୟକ୍ତ କରିଛନ୍ତି । ତତ୍ ସଙ୍ଗେ ଫଳାଫଳର ସୂଚନା ପ୍ରଦାନ କରି କହିଛନ୍ତି ଯେ, ଆମେ ପାଇଥିବା ସୂଚନା ଅନୁଯାୟୀ ବାଣିଜ୍ୟରେ ସତ୍ୟସୁନ୍ଦର ପଣ୍ଡା ୫୯୨ ମାର୍କ ରଖି ରାଜ୍ୟ ଟପ୍ପର୍ ହୋଇଥିବା ବେଳେ ବିଜ୍ଞାନରେ ସମର୍ପିତା ଦେହେରୀ ୫୯୧ ମାର୍କ ସହ କଲେଜ ଟପ୍ପର୍ ହୋଇଛନ୍ତି । ବିଜ୍ଞାନରେ ସମୁଦାୟ ୫୧ ଜଣ ଏବଂ ବାଣିଜ୍ୟରେ ସମୁଦାୟ ୬ ଜଣଙ୍କ ସହ ସର୍ବମୋଟ ୫୭ ଜଣ ଛାତ୍ରଛାତ୍ରୀ ୯୦%ରୁ ଉର୍ଦ୍ଧ୍ୱ ରଖିଛନ୍ତି ଓ ସେମାନଙ୍କ ମଧ୍ୟରୁ ୨୩ ଜଣ ଛାତ୍ରଛାତ୍ରୀ ୯୫%ରୁ ଉର୍ଦ୍ଧ୍ୱ ନମ୍ବର ହାସଲ କରିଛନ୍ତି ।

# ଆନ୍ତର୍ଜାତୀୟ କ୍ଲିନିକାଲ୍ ପରୀକ୍ଷଣ ଦିବସରେ ରକ୍ତଦାନ ଶିବିର

ଭୁବନେଶ୍ୱର, (ସବ୍ୟୁ) : ଆନ୍ତର୍ଜାତୀୟ କ୍ଲିନିକାଲ୍ ପରୀକ୍ଷଣ ଦିବସ ଅବସରରେ, ସିଆରଓ ଫାର୍ମାଟ୍ରେଣ୍ଡଜ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଇଣ୍ଡିଭର୍ଟସ୍ ଗ୍ଲୋବାଲ୍ ସିଆରଓ ର ମିଳିତ ଉଦ୍ୟମରେ ଏମ୍ସ ନଗରର ଲତା ଭବନରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଗ୍ରୀଷ୍ମ ଋତୁର ତୀବ୍ର ସମୟରେ ହସ୍ପିଟାଲଗୁଡ଼ିକରେ ରକ୍ତର ଅଭାବ ସାଧାରଣତଃ ଦେଖାଯାଇଥିବା ବେଳେ, ରକ୍ତାବଶ୍ୟକ ରୋଗୀମାନଙ୍କୁ ସହାୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ



ସାମାଜିକ ସଚେତନତା ଓ ମାନବିକ ପଦକ୍ଷେପର ଏକ ଅଂଶ ଭାବେ ଏହି ଶିବିର ଆୟୋଜିତ ହୋଇଥିଲା । ଏହି ରକ୍ତଦାନ ଶିବିରରେ ସ୍ୱାସ୍ଥ୍ୟସେବା ପେଶାଜୀବୀ, ଗବେଷଣା କର୍ମଚାରୀ, ସ୍ୱେଚ୍ଛାସେବକ ଏବଂ ସ୍ଥାନୀୟ ନାଗରିକମାନେ ଉତ୍ସାହର ସହିତ ଅଂଶଗ୍ରହଣ କରି ଏକ ମହତ୍ କାର୍ଯ୍ୟ ପାଇଁ ରକ୍ତଦାନ କରିଥିଲେ । ଆୟୋଜକମାନେ ନିୟମିତ ସ୍ୱେଚ୍ଛାକୃତ ରକ୍ତଦାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ ଗୁରୁତ୍ୱାରୋପ କରିଥିଲେ ଯେ ଚିକିତ୍ସା ଜରୁରୀକାଳୀନ ପରିସ୍ଥିତିରେ ଏକ ୟୁନିଟ୍ ରକ୍ତ ମଧ୍ୟ ଅନେକ ଜୀବନ ବଞ୍ଚାଇପାରେ । ଉଭୟ ସଂଗଠନର ପ୍ରତିନିଧିମାନେ ସମସ୍ତ ଦାତା ଏବଂ ସ୍ୱେଚ୍ଛାସେବକଙ୍କଠାରୁ ପ୍ରାପ୍ତ ସମର୍ଥନ ଏବଂ ସହଯୋଗକୁ କୃତଜ୍ଞତା ଜଣାଇଥିଲେ । ଏହି ପଦକ୍ଷେପ ସ୍ୱାସ୍ଥ୍ୟସେବା ଓ ଗବେଷଣା କାର୍ଯ୍ୟକଳାପ ସୀମାକୁ ଅଟକି ନ ରହି, ସାମାଜିକ ଦାୟିତ୍ୱ ଓ ଜନକଲ୍ୟାଣ ପ୍ରତି କ୍ଲିନିକାଲ୍ ଗବେଷଣା ସମୁଦାୟର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା ।

### ପ୍ରବଳ ଗ୍ରୀଷ୍ମ ପ୍ରବାହ ମୁକାବିଲା

# ଟିପି ଓଡ଼ିଶା ଡିସକମ୍ ପକ୍ଷରୁ ଜରୁରୀ ପଦକ୍ଷେପ

ଭୁବନେଶ୍ୱର,(ସବ୍ୟୁ): ପ୍ରବଳ ଗ୍ରୀଷ୍ମ ପ୍ରବାହ ପରିସ୍ଥିତିକୁ ଦୃଷ୍ଟିରେ ରଖି ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍ ଗୁଡ଼ିକ ପକ୍ଷରୁ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଏବଂ ଦ୍ରୁତ ମରାମତି ସେବା ନିଶ୍ଚିତ କରିବା ପାଇଁ ଏକ ବ୍ୟାପକ ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥା ସହିତ ୨୪ ଘଣ୍ଟିଆ ନେଟୱର୍କ ନିରୀକ୍ଷଣ ଏବଂ ଗ୍ରାହକ ସହାୟତା ବ୍ୟବସ୍ଥାକୁ ସକ୍ରିୟ କରାଯାଇଛି । ଡିସକମ୍ ଗୁଡ଼ିକ ବର୍ତ୍ତମାନ ସାରା ଓଡ଼ିଶାରେ ୬,୭୩୯ ମେଗାୱାଟ୍‌ର ସର୍ବାଧିକ ଚାହିଦା ପରିଚାଳନା କରୁଛନ୍ତି, ଯାହା ଗତ ବର୍ଷର ସର୍ବାଧିକ ଚାହିଦା ୬,୪୪୭ ମେଗାୱାଟ୍ ଅପେକ୍ଷା ପ୍ରାୟ ୩୦୦ ମେଗାୱାଟ୍ ଅଧିକ । କେବଳ ଭୁବନେଶ୍ୱରରେ ହିଁ ସର୍ବାଧିକ ବିଦ୍ୟୁତ ଚାହିଦା ୧୭% ବୃଦ୍ଧି ପାଇଛି, ଯାହା ଗତ ଆର୍ଥିକ ବର୍ଷର ୬୪୧ ମେଗାୱାଟ୍‌ରୁ ବଢି ଏହି ଗ୍ରୀଷ୍ମ ଋତୁରେ ୭୫୦ ମେଗାୱାଟ୍‌ରେ ପହଞ୍ଚିଛି । ପିକ ଗ୍ରୀଷ୍ମ ଋତୁରେ ଉପଭୋକ୍ତା ମାନଙ୍କ ସହାୟତାକୁ ଅଧିକ ସୁଦୃଢ଼ କରିବା ପାଇଁ ଡିସକମ୍ ଗୁଡ଼ିକ ୨୦୦ ଆସନ ବିଶିଷ୍ଟ ଏକ ୨୪ ଘଣ୍ଟିଆ ସମନ୍ୱିତ ଗ୍ରାହକ ସେବା କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିଛନ୍ତି । ଉପଭୋକ୍ତା ମାନେ ଆଇଭିଆରଏସ, ମୋବାଇଲ ଆପ୍, ୱେବସାଇଟ୍, ହ୍ୱାଟ୍ସଆପ୍ ଏବଂ ମିସଡ୍-କଲ୍ ସୁବିଧା ଭଳି ବିଭିନ୍ନ ମାଧ୍ୟମରେ ନିଜର ଅଭିଯୋଗ ପଞ୍ଜୀକରଣ କରିପାରିବେ । ଏହାଛଡ଼ା ବିଦ୍ୟୁତ କାଟ ଏବଂ ତାହା କେତେ ସମୟ ମଧ୍ୟରେ ଠିକ୍ ହେବ, ସେହି ସମ୍ପର୍କିତ ରିଅଲ-ଟାଇମ ଅପଡେଟ୍ ଏବଂ ଆନୁମାନିକ ସମୟସୀମା ବିଷୟରେ ଏସଏମଏସ, ହ୍ୱାଟ୍ସଆପ୍ ଏବଂ ସୋସିଆଲ ମିଡିଆ ପ୍ଲାଟଫର୍ମ ମାଧ୍ୟମରେ ଉପଭୋକ୍ତା ମାନଙ୍କୁ ଜଣାଇ ଦିଆଯାଉଛି । ଝଡ଼ବର୍ଷା ଏବଂ ଚରମ ପାଣିପାଗ ସମୟରେ ବିଦ୍ୟୁତ ଭିତ୍ତିଭୂମିକୁ ପ୍ରଭାବିତ କରୁଥିବା ଭାଙ୍ଗି ପଡ଼ିଥିବା ଗଛ ଏବଂ ଅନ୍ୟାନ୍ୟ ପ୍ରତିବନ୍ଧକ ଗୁଡ଼ିକୁ ଶୀଘ୍ର ହଟାଇବା ପାଇଁ ଡିସକମ୍ ଗୁଡ଼ିକ ଜିଲ୍ଲା ପ୍ରଶାସନ, ଅଗ୍ନିଶମ ସେବା, ଓଡ୍ରାଫ ଏବଂ ସ୍ଥାନୀୟ ପୌରସଂସ୍ଥା ଗୁଡ଼ିକ ସହିତ ମିଳିତ ଭାବେ ନିବିଡ଼ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରୁଛନ୍ତି । ଗ୍ରୀଷ୍ମ ଋତୁ ପୂର୍ବରୁ କରାଯାଇଥିବା ବ୍ୟାପକ ଆଗୁଆ ପ୍ରତିଷେଧକ ମୂଳକ ରକ୍ଷଣାବେକ୍ଷଣ ଏବଂ ନେଟୱର୍କ ସୁଦୃଢ଼ୀକରଣ କାର୍ଯ୍ୟ ଯୋଗୁଁ ଏହି ସବୁ ପ୍ରସ୍ତୁତି ପଦକ୍ଷେପ ସମ୍ଭବ ହୋଇପାରିଛି । ଓଡ଼ିଶାର ୫ କୋଟିରୁ ଅଧିକ ଲୋକଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ନିଶ୍ଚିତ କରିବା ପାଇଁ ଡିସକମ୍‌ର କର୍ମଚାରୀମାନେ ଦିନରାତି କାମ କରୁଛନ୍ତି । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଏବଂ ଦୀର୍ଘ ସମୟ ଧରି ବାହାରେ କାମ କରିବା ଯୋଗୁଁ ଅନେକ ଲାଇନ୍‌ମ୍ୟାନ ଏବଂ ଫିଲ୍ଡ କର୍ମଚାରୀ ମଧ୍ୟ ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ କରିବା ସମୟରେ ଡିହାଇଡ୍ରେସନ୍ ଏବଂ ହିଟ୍ ଷ୍ଟ୍ରେସ୍ ର ସମ୍ମୁଖୀନ ହେଉଛନ୍ତି । ଏହି ଆଗଧାଡ଼ିର କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ପାଇଁ, ଡିସକମ୍ ଗୁଡ଼ିକ ଓଆରଏସ ପ୍ୟାକେଟ୍ ବହନ କରିଛନ୍ତି ଏବଂ ଫିଲ୍ଡ କାର୍ଯ୍ୟ ସମୟରେ ଜଳାଭାବ ଓ ଅଂଶୁଘାତ ରୋକିବା ପାଇଁ ପ୍ରତିଷେଧକ ମୂଳକ ବ୍ୟବସ୍ଥା ଗ୍ରହଣ କରିଛନ୍ତି । ଅତ୍ୟଧିକ ଗରମ ଏବଂ ଅପ୍ରତ୍ୟାଶିତ ବିଦ୍ୟୁତ ଚାହିଦା ଯୋଗୁଁ ସୃଷ୍ଟି ହୋଇଥିବା ଜରୁରୀ ପରିସ୍ଥିତିକୁ ସମ୍ଭାଳିବା ପାଇଁ ଉପଭୋକ୍ତା ମାନେ କର୍ମଚାରୀମାନଙ୍କୁ ସହଯୋଗ କରନ୍ତୁ ଏବଂ ଧୈର୍ଯ୍ୟ ରଖନ୍ତୁ ବୋଲି ଡିସକମ୍ ଗୁଡ଼ିକ ପକ୍ଷରୁ ଅନୁରୋଧ କରାଯାଇଛି ।

# ବିଦ୍ୟୁତ୍ ଠିକା ଶ୍ରମିକଙ୍କ ଛଟେଇ ବନ୍ଦ ନହେଲେ ଆନ୍ଦୋଳନ ତୀବ୍ର

ଭୁବନେଶ୍ୱର(ସବ୍ୟୁ): ଟାଟା ପାୱାର ଅଧୀନସ୍ଥ ରାଜ୍ୟର ବିଦ୍ୟୁତ୍ ବିତରଣ କମ୍ପାନୀମାନେ ଖର୍ଚ୍ଚ କାଟ ଆଳରେ ନିୟୋଜିତ ଠିକା ଶ୍ରମିକମାନଙ୍କୁ ଛଟେଇ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ଆହୁରି ବହୁ ଶ୍ରମିକଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ଯୋଜନା ରଖିଛନ୍ତି । ଗତ କିଛିମାସ ତଳେ ମଧ୍ୟ ବିଭିନ୍ନ ବିତରଣ କମ୍ପାନୀମାନଙ୍କରୁ ଶତାଧିକ ଅସ୍ଥାୟୀ କର୍ମଚାରୀଙ୍କୁ ସମସ୍ତ ପ୍ରତିବାଦ ସତ୍ତ୍ୱେ ଛଟେଇ କରାଯାଇଥିଲା । ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ଖର୍ଚ୍ଚ ହ୍ରାସ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ଯାଇ ଠିକା ଶ୍ରମିକ କର୍ମଚାରୀଙ୍କୁ ଛଟେଇ କରାଯାଉଛି ବୋଲି ଟାଟା ପାୱାର କର୍ତ୍ତୃପକ୍ଷ ପ୍ରକାଶ କରୁଛନ୍ତି । ଖର୍ଚ୍ଚ ହ୍ରାସର ବହୁବିଧ ଅନ୍ୟ ଉପାୟ ରହିଥିବାବେଳେ ସେସବୁକୁ କାର୍ଯ୍ୟକାରୀ ନକରି ଦୀର୍ଘଦିନ ଧରି ସ୍ଥାୟୀ କାର୍ଯ୍ୟରେ ଅସ୍ଥାୟୀ ରୂପେ ଏବଂ ସର୍ବନିମ୍ନ ମଜୁରୀରେ କାର୍ଯ୍ୟରତ ଠିକା ଶ୍ରମିକ, କର୍ମଚାରୀମାନଙ୍କୁ ଟାଟା ପାଓ୍ୱାର କର୍ତ୍ତୃପକ୍ଷ ଚାକିରିରୁ ବିଦା କରିବା କେତେ ଦୂର ସମୀଚିନ, ତାହା ବିଚାର୍ଯ୍ୟ । ଛଟେଇ ବିରୁଦ୍ଧରେ ରାଜ୍ୟର ସମସ୍ତ ବିତରଣ କମ୍ପାନୀମାନଙ୍କରେ କାର୍ଯ୍ୟରତ ଠିକା ଶ୍ରମିକ/କର୍ମଚାରୀମାନେ ଗତ ଏକମାସ ଧରି ସମଗ୍ର ରାଜ୍ୟର ଟାଟା ପାୱାର କାର୍ଯ୍ୟାଳୟମାନଙ୍କ ସମ୍ମୁଖରେ ଧାରଣା ଇତ୍ୟାଦି ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଚାଲୁ ରଖିଛନ୍ତି । ଏଆଇଟିୟୁସି ସହ ଅନୁବନ୍ଧିତ ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ଫେଡେରେସନ୍ ଛଟେଇ ବନ୍ଦ ନିଷ୍ପତ୍ତି ପ୍ରତ୍ୟାହାର ସହ ଛଟେଇ କର୍ମଚାରୀଙ୍କୁ ପୁନଃନିଯୁକ୍ତି ଦାବିକୁ ନେଇ ବିଭିନ୍ନ ସ୍ତରରେ ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଏଣୁ ରାଜ୍ୟ ସରକାର ତଥା ବିଦ୍ୟୁତ୍ ନିୟାମକ ଆୟୋଗ ଏଥିରେ ହସ୍ତକ୍ଷେପ କରି ଉପରୋକ୍ତ ସମସ୍ୟାର ତୁରନ୍ତ ସମାଧାନ ନକଲେ ଚାଲିଥିବା ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ଏବଂ ବିଦ୍ୟୁତ୍ ଫେଡେରେସନ୍ ସାଧାରଣ ସମ୍ପାଦକ ସତ୍ୟବାଦୀ ବାଘ ଏକ ମିଳିତ ବିବୃତ୍ତିରେ ଜଣାଇଛନ୍ତି ।

### ୧୦୬ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

# ସଂଗ୍ରାମ, ସାହିତ୍ୟ ଓ ରାଜନୀତି ହିଁ ନୀଳମଣିଙ୍କ ପ୍ରକୃତ ପରିଚୟ

ଭୁବନେଶ୍ୱର, (ସବ୍ୟୁ) : ରାଜନୀତିରେ ସ୍ୱଚ୍ଛତା, ନିରପେକ୍ଷତାର ପ୍ରତୀକ ଥିଲେ ନୀଳମଣି ରାଉତରାୟ । ସ୍ରୋତ ବିରୋଧରେ ପହଁରିବାର କଳାର ଶିକ୍ଷା ସେ ଦେଇଥିଲେ । ଏକ ନିଷ୍କଳଙ୍କ ମଣିଷ ଓ କର୍ମଯୋଗୀ । ତାଙ୍କର ଜୀବନାଦର୍ଶ ବିଷୟରେ ଯୁବ ପୀଢ଼ି ଅନୁପ୍ରାଣିତ ହେବା ଆବଶ୍ୟକ । ରବିବାର ସ୍ଥାନୀୟ ଜୟଦେବ ଭବନରେ ଅନୁଷ୍ଠିତ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ୧୦୬ ତମ ରାଜ୍ୟସ୍ତରୀୟ ଜୟନ୍ତୀ ମହୋତ୍ସବରେ ଯୋଗଦେଇ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଗଭୀର ଶ୍ରଦ୍ଧାଞ୍ଜଳି ଦେଇ ଏହି ମତ ପ୍ରକାଶ କରିଛନ୍ତି । ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଅମୀୟ ଭୂଷଣ ତ୍ରିପାଠୀ କହିଛନ୍ତି ଯେ, ନୀଳମଣି ବାବୁଙ୍କ ଭଳି ବ୍ୟକ୍ତିତ୍ୱ ଆଉ ଜନ୍ମ ହେବେ ନାହିଁ । ତାଙ୍କର ଜୀବନାଦର୍ଶ ବିଷୟରେ



ଯୁବ ସମାଜ ଜାଣିବା ଉଚିତ । ସାରା ବର୍ଷ ତାଙ୍କର ଜୟନ୍ତୀ ପାଳନ ହେବା ଜରୁରୀ । ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ କହିଛନ୍ତି ଯେ, ନୀଳମଣି ବାବୁ ରାଜନୀତିରେ ଯେଉଁ ଛାପ ଛାଡି ଯାଇଛନ୍ତି, ତାହା ଅନନ୍ୟ । ଏବର କଳୁଷିତ ରାଜନୀତିକ ସ୍ଥିତିରେ ତାଙ୍କ ନୀତିରେ ପ୍ରାସଙ୍ଗିକତା ରହିଛି । ଆମ ଓଡ଼ିଶାର ଅଧକ୍ଷ ତଥା ସମ୍ବାଦର ପୂର୍ବତନ ସମ୍ପାଦକ ସୌମ୍ୟ ରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ନୀଳମଣି ବାବୁ ଜଣେ ସଫଳ ନାୟକ । ତାଙ୍କର ଜୀବନ ବେଶ ଘଟଣା ବହୁଳ । ସେ ଥିଲେ ପୂର୍ଣ୍ଣ ମଣିଷ । ସେ ରେଭେନ୍ସା କଲେଜରେ ପାଠ ପଢୁଥିଲାବେଳେ ପିଲାମାନଙ୍କୁ ଏକାଠି କରି ବ୍ରିଟିଶ ସରକାର ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ । ସେତେବେଳେ ରେଭେନ୍ସା ଥିଲା ଏକ ନେତା ତିଆରି କାରଖାନା । ନୀଳମଣିବାବୁଙ୍କ ଭଳି ବହୁ ଭଲ ନେତା ସୃଷ୍ଟି ହୋଇଥିଲେ । ତେଣୁ ପୁଣି ଥରେ କଲେଜ ଗୁଡିକରେ ଛାତ୍ର ରାଜନୀତି ଆରମ୍ଭ ହେଲେ ତାଙ୍କ ପ୍ରତି ହେବ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି । ପଶ୍ଚିମବଙ୍ଗର ପୂର୍ବତନ ମନ୍ତ୍ରୀ ସୂର୍ଯ୍ୟକାନ୍ତ ମିଶ୍ର କହିଛନ୍ତି ଯେ, ତାଙ୍କ ସହିତ ମୋର ବ୍ୟକ୍ତିଗତ ସମ୍ପର୍କ ଥିଲା । ଅତି ଭଲ ମଣିଷ । ସେ ଏପରି ବ୍ୟକ୍ତି ଥିଲେ ତାହା ଯୁବ ପିଢ଼ି ଜାଣିବା ଉଚିତ । ପୂର୍ବତନ ମନ୍ତ୍ରୀ ତଥା ଏବର ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ, ସେ ସ୍ରୋତ ବିରୋଧରେ ପହଁରିବାର କଳାର ଶିକ୍ଷା ଆମକୁ ଦେଇଥିଲେ । ସେଭଳି ବ୍ୟକ୍ତି ଓଡ଼ିଶାରେ ଆଉ ଥରେ ଜନ୍ମ ହେବା ଆବଶ୍ୟକ । ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ, ଆଜିର ରାଜନୀତି ବାତାବରଣ ବଦଳିଛି । ହଜିଯାଇଛି ମୂଲ୍ୟବୋଧ । ହେଲେ ନୀଳମଣି ବାବୁ ଥିଲେ ନିଆରା । ସେ ଥିଲେ ଏକ ନିଷ୍କଳଙ୍କ ମଣିଷ । କର୍ମଯୋଗୀ । ତାଙ୍କର ଜୀବନାଦର୍ଶ ବିଷୟରେ ଯୁବ ପୀଢ଼ି ଅନୁପ୍ରାଣିତ ହେବା ଆବଶ୍ୟକ । ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ଜେନା, ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ।

### ମିନାକ୍ଷୀ କୋଇଲା ଖଣି ଓ କିରିପସିରା ଗାଁରେ ଆଦିତ୍ୟ ବିର୍ଲା ଗ୍ରୁପ ପକ୍ଷରୁ

# ସୋଲାର ପାନୀୟ ଜଳ ପ୍ରକଳ୍ପ ପାଇଁ ଭୂମିପୂଜନ ଓ ସୌର ଷ୍ଟ୍ରିଟ୍ ଲାଇଟ୍ ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ) : ସୁନ୍ଦରଗଡ଼ ଜିଲ୍ଲା ହେମଗିରି ସ୍ଥିତ ମିନାକ୍ଷୀ କୋଇଲା ଖଣି, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ ୟୁନିଟକୁ ଗସ୍ତ କରିଛନ୍ତି ଆଦିତ୍ୟ ବିର୍ଲା ମାନବ ସମ୍ବଳ ନିର୍ଦ୍ଦେଶକ ଅଶୋକ ରାମଚନ୍ଦ୍ରନ, ଏଥିସହିତ ବିଏଚ୍ ମାଇନିଙ୍ଗ କୈଳାଶ ପାଣ୍ଡେ, କୋଇଲା ଓ ବକ୍ସାଇଟ୍ ଅଧକ୍ଷ ବିଜେଶ ଝାଙ୍କ ସମେତ ସମ୍ବଲପୁର କ୍ଲଷ୍ଟର ମାନବ ସମ୍ବଳ ବିଭାଗ ମୁଖ୍ୟ କ୍ରିଷ୍ଣା ପାଢ଼ୀ, ଏବଂ ରାଞ୍ଚି ସ୍ଥିତ ମାନବ ସମ୍ବଳ ମୁଖ୍ୟ ବିଶ୍ୱନାଥ ମୁଖର୍ଜୀ ସ୍ଥାନୀୟ କିରିପସିରା ଗ୍ରାମକୁ ପରିଦର୍ଶନ କରି ଗ୍ରାମବାସୀଙ୍କ ସହ ମିନାକ୍ଷୀ କୋଇଲା ଖଣି ଏହାର ସିଏସଆର ଅନ୍ତର୍ଗତ ଚାଲୁରହିଥିବା ବିଭିନ୍ନ ଉନ୍ନୟମୂଳକ ପ୍ରକଳ୍ପ ବିଷୟରେ ଆଲୋଚନା କରିଥିଲେ । ପରିଦର୍ଶନ ସମୟରେ ସେମାନେ ପ୍ରାକୃତିକ




ସିଲ୍କ ଫାଇବର କ୍ରାଫ୍ଟ ପ୍ରକଳ୍ପ ସହ ଜଡିତ ମହିଳା ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ ଏବଂ ଭାରତ ସରକାରଙ୍କ ପକ୍ଷରୁ ଜାରି ଅର୍ଟିଷ୍ଟିଆନ କାର୍ଡ ହିତିକାରୀଙ୍କୁ ବଣ୍ଟନ କରାଯାଇଥିଲା । ଏହି ଅବସରରେ ଅଶୋକ ରାମଚନ୍ଦ୍ରନ ଗ୍ରାମରେ ସୋଲାର ପାନୀୟ ଜଳ ପ୍ରକଳ୍ପର ଭୂମିପୂଜନ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଉକ୍ତ ଗ୍ରାମରେ ଅତିଥିଙ୍କ ଦ୍ୱାରା ସୋଲାର ଷ୍ଟ୍ରିଟ୍ ଲାଇଟ୍ ପ୍ରକଳ୍ପର ଉଦ୍‌ଘାଟନ ହୋଇଥିଲା ।

# ଯୁଦ୍ଧ ପରେ ହର୍ମୁଜ ଦେଇ ଭାରତକୁ ଆସିଲା ପ୍ରଥମ ଏଲଏନଜି ଜାହାଜ

ନୂଆଦିଲ୍ଲୀ: ଯୁଦ୍ଧ ପରେ ପ୍ରଥମ ଥର ପାଇଁ ମଧ୍ୟପ୍ରାଚ୍ୟରୁ ଭାରତ ଅଭିମୁଖେ ଏକ ଏଲ୍‌ଏନ୍‌ଜି (ତରଳୀକୃତ ପ୍ରାକୃତିକ ଗ୍ୟାସ୍) ଜାହାଜ ଆସିଛି। ଏହା ନିରାପଦ ଭାବେ ହର୍ମୁଜ ପ୍ରଣାଳୀ ଅତିକ୍ରମ କରି ଭାରତର ପଶ୍ଚିମ ଉପକୂଳ ଅଭିମୁଖେ ଅଗ୍ରସର ହୋଇଛି। ବ୍ଲୁମବର୍ଗର ଜାହାଜ ଟ୍ରାକିଂ ତଥ୍ୟରୁ ଜଣାଯାଇଛି ଯେ ଆଡନକ୍ ଲଜିଷ୍ଟିକ୍ସ ଆଣ୍ଡ ସର୍ଭିସେସ୍‌ର ଅଲ୍ ହମରା ନାମକ ଜାହାଜ ନିକଟରେ ଚିହ୍ନଟ ହୋଇଥିଲା। ସେଥିରେ ମାଲ ବୋଝେଇ ହୋଇଥିଲା ଏବଂ ତାହା ଭାରତ ଅଭିମୁଖେ ଆସୁଥିଲା। ଏହି ଜାହାଜ ଗତମାସ ପ୍ରାୟ ୧୯ ତାରିଖରୁ ସିଗ୍ନାଲ ଦେବା ବନ୍ଦ କରିଦେଇଥିଲା। କିନ୍ତୁ ସେହି ସମୟରେ ତାହା ଖାଲି ଥିଲା ଏବଂ ହର୍ମୁଜର ପୂର୍ବ ପ୍ରବେଶ ପଥ ନିକଟରେ ରହିଥିଲା।ଜାହାଜ ଚଳାଚଳ ତଥ୍ୟ ରଖୁଥିବା କମ୍ପାନି



କେପ୍ଲରର ତଥ୍ୟ ଅନୁଯାୟୀ, ଆବୁଧାବି ନ୍ୟାସନାଲ୍ ଅଏଲ୍ କମ୍ପାନି (ଆଡନକ୍)ର ଅଲ୍ ହମରା ଜାହାଜଟି ଦାସ୍ ଦ୍ୱୀପର ରପ୍ତାନି ପ୍ଲାଣ୍ଟରେ ଗ୍ୟାସ ବୋଝେଇ କରିଥିଲା। ସେହି ସମୟରେ ତାହା ସିଗନାଲ୍ ଦେଉ ନଥିଲା। କିନ୍ତୁ ଉପଗ୍ରହ ଚିତ୍ରରୁ ଜଣାଯାଇଛି ଯେ ଏଲ୍‌ଏନ୍‌ଜି ଜାହାଜ ଦାସ୍ ଦ୍ୱୀପରେ ରହିଥିଲା। ଏହା ପୂର୍ବରୁ ଆଡନକ୍ ଆଉ ଦୁଇଟି ଜାହାଜରେ ଏଲ୍‌ଏନ୍‌ଜି ଭର୍ତ୍ତି କରି ଗୋପନରେ ବାହାରକୁ ପଠାଇଛି। ସେଥିରୁ ଗୋଟିଏ ଜାପାନକୁ ଓ ଅନ୍ୟଟି ଚୀନକୁ ଯାଇଛି।ଇରାନ ଓ ଆମେରିକା ଯୁଦ୍ଧ ପାଇଁ ହର୍ମୁଜ ପ୍ରଣାଳୀ ପ୍ରାୟତଃ ବନ୍ଦ ରହିଛି। ଏହି ମାର୍ଗ ଦେଇ ଅନ୍ତର୍ଜାତୀୟ ବଜାରର ମୋଟ ଚାହିଦାର ୨୦ ପ୍ରତିଶତ ଏଲ୍‌ଏନ୍‌ଜି ଯୋଗାଣ ହୋଇଥାଏ। ସୁରକ୍ଷାଜନିତ ବିପଦ କାରଣରୁ ହର୍ମୁଜ ପାର ହେବା ସମୟରେ ଅଧିକାଂଶ ଜାହାଜ ସେମାନଙ୍କ ସିଗନାଲ ବା ଟ୍ରାନ୍ସପୋଣ୍ଡରକୁ ବନ୍ଦ କରି ଦେଉଛନ୍ତି। ତଥ୍ୟ ଅନୁଯାୟୀ, ଗତବର୍ଷ ଭାରତ କତର ଓ ସଂଯୁକ୍ତ ଆରବ ଏମିରେଟ୍ସରୁ ଏହାର ଆବଶ୍ୟକତାର ଅଧାରୁ ଅଧିକ ଏଲ୍‌ଏନ୍‌ଜି ସଂଗ୍ରହ କରିଥିଲା। କିନ୍ତୁ ଯୁଦ୍ଧ ପରେ ଏହାର ଯୋଗାଣ ବନ୍ଦ ହୋଇଯାଇଛି।ଏଥିପାଇଁ ଭାରତକୁ ବ୍ୟୟବହୁଳ ସ୍ପଟ ମାର୍କେଟରୁ ଏଲ୍‌ଏନ୍‌ଜି କିଣିବାକୁ ପଡୁଛି। ଏଥିସହିତ ଦେଶ ଭିତରେ ମଧ୍ୟ କେତେକ ଶିଳ୍ପକୁ ଏଲ୍‌ଏନ୍‌ଜି ଯୋଗାଣକୁ କମାଇ ଦିଆଯାଇଛି। ତଥ୍ୟ ଅନୁଯାୟୀ, ଆଡନକ୍ର ଜାହାଜଗୁଡ଼ିକ ହର୍ମୁଜ ପ୍ରଣାଳୀ ଏବଂ ପାରସ୍ୟ ଉପସାଗରରେ ଥିବା ସମୟରେ ସିଗନାଲ୍ ପ୍ରଦାନ ବନ୍ଦ କରି ଦେଉଛନ୍ତି। ଜାହାଜ ଏବଂ କର୍ମଚାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହା କରାଯାଉଛି। ଉଲ୍ଲେଖଯୋଗ୍ୟ, ଏଲ୍‌ଏନ୍‌ଜି ପ୍ରାକୃତିକ ଗ୍ୟାସର ଏକ ରୂପ। ଏହାକୁ ୟୁରିଆ ବା ସାର, ପେଟ୍ରୋରସାୟନ, ଇସ୍ପାତ, ସିମେଣ୍ଟ, କାଚ ଏବଂ ତୈଳ ବିଶୋଧାନଗାରଗୁଡ଼ିକରେ ଇନ୍ଧନ ଏବଂ କଞ୍ଚାମାଲ ଭାବେ ବ୍ୟବହାର କରାଯାଇଥାଏ।

# ପାକିସ୍ତାନରେ ଆତ୍ମଘାତୀ ବିସ୍ଫୋରଣରେ ୨୪ ମୃତ, ୫୦ରୁ ଅଧିକ ଆହତ

କରାଚୀ : ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶର ରାଜଧାନୀ କ୍ୱେଟାରେ ରବିବାର ଆତ୍ମଘାତୀ ବିସ୍ଫୋରଣରେ ୨୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫୦ରୁ ଅଧିକ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ତେଣୁ ମୃତ୍ୟୁ ସଂଖ୍ୟା ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି।କ୍ୱେଟାରେ ଚମନ ଫାଟକ ରେଳ ଷ୍ଟେସନ ନିକଟରେ ପାକିସ୍ତାନ ସେନାର ଯବାନଙ୍କୁ ନେଇ ଯାଉଥିବା ଏକ ଟ୍ରେନ୍‌କୁ ଲକ୍ଷ୍ୟ କରି ଏହି ଆତ୍ମଘାତୀ ବିସ୍ଫୋରଣ କରାଯାଇଥିଲା। ଟ୍ରେନ୍‌ଟି ଚମନ ଫାଟକ ରେଳ ଷ୍ଟେସନ ଅତିକ୍ରମ କରୁଥିବା ବେଳେ ଏକ ବିସ୍ଫୋରକ ଭର୍ତ୍ତି କାର ଏହାର ଏକ ବଗିକୁ ଧକ୍କା ଦେଇଥିଲା। ଏହି ଟ୍ରେନ୍‌ରେ ପାକିସ୍ତାନ ସେନାର ଯବାନଙ୍କ ସହିତ ସେମାନଙ୍କ ପରିବାର ଲୋକେ ଥିଲେ। ଟ୍ରେନ୍‌ଟି କ୍ୱେଟାରୁ ପେଶାୱର ଅଭିମୁଖେ ଯାଉଥିଲା। ଇଦ୍ ଛୁଟି ପାଇଁ ଯବାନମାନେ ସେମାନଙ୍କ ପରିବାର ସଦସ୍ୟଙ୍କୁ ଧରି ଏହି ଟ୍ରେନ୍‌ରେ ଯାତ୍ରା କରୁଥିବା ବେଳେ ବିସ୍ଫୋରଣ ହୋଇଥିଲା। ଫଳରେ ମୃତାହତଙ୍କ ମଧ୍ୟରେ ଯବାନମାନେ ମଧ୍ୟ ଅଛନ୍ତି। ବିସ୍ଫୋରଣ ପରେ ସୁରକ୍ଷାକର୍ମୀ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। କ୍ୱେଟା ଓ ଏହାର ଆଖପାଖରେ ଥିବା ଡାକ୍ତରଖାନାଗୁଡ଼ିକରେ ଜରୁରୀ ପରିସ୍ଥିତି ଜାରି କରାଯାଇଛି। ଆହତମାନଙ୍କ ଚିକିତ୍ସା ପାଇଁ ଅତିରିକ୍ତ ଡାକ୍ତର ଓ ପାରାମେଡିକାଲ କର୍ମଚାରୀଙ୍କୁ କ୍ୱେଟାକୁ ଡକରା ଯାଇଛି। ଏହି ବିସ୍ଫୋରଣ ପରେ ପେଶାୱର ଅଭିମୁଖେ ଯାଉଥିବା ଜାଫର ଏକ୍ସପ୍ରେସକୁ କ୍ୱେଟା ରେଳ ଷ୍ଟେସନରେ ଅଟକାଇ ଦିଆଯାଇଥିଲା। ସୁରକ୍ଷା ଦୃଷ୍ଟିକୋଣରୁ ଏହି ପଦକ୍ଷେପ ନିଆଯାଇଥିଲା। ଏହି ଆତ୍ମଘାତୀ ବିସ୍ଫୋରଣ ପାଇଁ ବେଲୁଚ୍ ଲିବରେସନ ଆର୍ମି (BLA) ନିଜକୁ ଦାୟୀ କରିଛି। ବିଏଲ୍‌ଏ ପକ୍ଷରୁ କୁହାଯାଇଛି, ଆଜି ସକାଳେ ବେଲୁଚ ଲିବରେସନ ଆର୍ମିର ବିଶେଷ ଆତ୍ମଘାତୀ ଟିମ୍ 'ମଜୀଦ ବ୍ରିଗେଡ୍' ପକ୍ଷରୁ ଏକ ଟ୍ରେନ୍‌କୁ ଲକ୍ଷ୍ୟ କରି ଆତ୍ମଘାତୀ ବିସ୍ଫୋରଣ କରାଯାଇଥିଲା, ଯେଉଁଥିରେ ପାକିସ୍ତାନ ସେନାର ଯବାନମାନେ ଥିଲେ। ଏହି ଯୋଜନାବଦ୍ଧ ଆତ୍ମଘାତୀ ବିସ୍ଫୋରଣ ପାଇଁ ବିଏଲ୍‌ଏ ନିଜକୁ ଦାୟୀ କରୁଛି।

# ମୀନାକ୍ଷି ପାଟନା ହାଇକୋର୍ଟର ପ୍ରଥମ ମହିଳା ମୁଖ୍ୟ ବିଚାରପତି

ପାଟନା: ପାଟନା ହାଇକୋର୍ଟକୁ ନୂଆ ମୁଖ୍ୟ ବିଚାରପତିମିଳିବାକୁ ଯାଉଛି। ସୁପ୍ରିମକୋର୍ଟ କଲେଜିୟମ୍ ସିକ୍କିମ ହାଇକୋର୍ଟର ବିଚାରପତି ଜଷ୍ଟିସ ମୀନାକ୍ଷି ମଦନ ରାୟଙ୍କୁ ଏହି ପଦରେ ନିଯୁକ୍ତି କରିବାକୁ ସୁପାରିସ କରିଛନ୍ତି। ବର୍ତ୍ତମାନର ମୁଖ୍ୟ ବିଚାରପତି ଜୁନ୍ ୪ ତାରିଖରେ ଅବସର ନେବେ। ଏହାପୂର୍ବରୁ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ମେ ୨୨ ତାରିଖରେ କଲେଜିୟମ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ଦିଲ୍ଲୀରେ ଆଇନ ପଢ଼ିବାଠାରୁ ଆରମ୍ଭ କରି ସିକ୍କିମରେ ସବୁଠୁ ବଡ଼ ମହିଳା ବିଚାରପତି ଓ ବର୍ତ୍ତମାନ ପାଟନା ହାଇକୋର୍ଟରେ ମୁଖ୍ୟ ବିଚାରପତି ହେବା ପର୍ଯ୍ୟନ୍ତ ତାଙ୍କ ଯାତ୍ରା ଯୁବ ମହିଳା ଓକିଲଙ୍କ ପାଇଁ ପ୍ରେରଣା ଦାୟକ। ଜଷ୍ଟିସ ମୀନାକ୍ଷି ମଦନ ରାୟ ୧୨ ଜୁଲାଇ ୧୯୬୪ରେ ସିକ୍କିମରେ ଗ୍ୟାଙ୍ଗଟକ୍‌ରେ ଜନ୍ମଗ୍ରହଣ କରିଥିଲେ। ମୀନାକ୍ଷି ସିକ୍କିମ ସରକାରର ପୂର୍ବତନ ଗୃହ ସଚିବ ସ୍ୱର୍ଗତ ମଦନ ମୋହନ ରସେଲି ଓ ପୂର୍ବ ଶିକ୍ଷୟିତ୍ରୀ ରବି ମାଲା ରସେଲିଙ୍କ ଝିଅ।ମୀନାକ୍ଷିଙ୍କ ପ୍ରାରମ୍ଭିକ ଶିକ୍ଷା ଗ୍ୟାଙ୍ଗଟକର ତାଥାଙ୍ଗଚେନ୍ ସ୍କୁଲ ଓ ପଶ୍ଚିମବଙ୍ଗର କୁର୍ସିୟାଙ୍ଗରେ ଏକ ସ୍କୁଲରେ ହୋଇଥିଲା। ସେ ୧୯୮୯ରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ ଲ ସେଣ୍ଟରରୁ ଏଲ୍‌ଏଲ୍‌ବି ଡିଗ୍ରି ହାସଲ କରିଥିଲେ। ୧୯୯୦ ମସିହାରେ ବାର୍ ଆସୋସିଏସନ୍ ଅଫ ଦିଲ୍ଲୀରେ ଜଣେ ଓକିଲ ଭାବେ ନିଜକୁ ପଞ୍ଜୀକରଣ କରିଥିଲେ ଓ ସୁପ୍ରିମକୋର୍ଟ ଓ ଦିଲ୍ଲୀ ହାଇକୋର୍ଟରେ ଜଣେ ଆଡଭୋକେଟ୍ ଅନ୍ ରେକର୍ଡ଼ ଭାବେ ଅଭ୍ୟାସ ଆରମ୍ଭ କରିଥିଲେ। ୧୯୯୦ ମସିହାରେ ସେ ସିକ୍କିମ ନ୍ୟାୟିକ ସେବାରେ ସାମିଲ ହୋଇଥିଲେ।

# ମେଖଲିଗଞ୍ଜରେ ବାଡ଼ ନିର୍ମାଣକୁ ବିରୋଧ କଲା ବିଜିବି

କୁଚବିହାର/ମେଖଲିଗଞ୍ଜ: ପାକିସ୍ତାନର ଅନୁପ୍ରେରଣାରେ ଭାରତ ବିରୋଧରେ ସୀମାପାର ଆତଙ୍କବାଦ ଏବଂ ଉତ୍ତେଜନା ବୃଦ୍ଧି କରିବା ପରେ ଏବେ ବାଂଲାଦେଶ ମଧ୍ୟ ସେହି ସମାନ ପଥ ଅନୁସରଣ କରି ଭାରତ ସହିତ ବିବାଦ ବଢ଼ାଇବାକୁ ଚେଷ୍ଟା କରୁଛି। ଗତ ମେ' ୨୨ ତାରିଖରେ ପଶ୍ଚିମବଙ୍ଗର ସୁଭେନ୍ଦୁ ସରକାର ସୀମାରେ କାଣ୍ଟାବାଡ଼ ନିର୍ମାଣ ପ୍ରକ୍ରିୟା ଆରମ୍ଭ କରିବା ନେଇ ନିଷ୍ପତ୍ତି ନେବାର ମାତ୍ର ୨୪ ଘଣ୍ଟା ମଧ୍ୟରେ ବାଂଲାଦେଶ ଏହାକୁ ତୀବ୍ର ବିରୋଧ କରିବା ଆରମ୍ଭ କରିଛି। ପଶ୍ଚିମବଙ୍ଗର ଅତି ସମ୍ବେଦନଶୀଳ ମେଖଲିଗଞ୍ଜ ସୀମାରେ ବିଏସଏଫ୍ ପକ୍ଷରୁ ବାଡ଼ ନିର୍ମାଣ ପାଇଁ ଜମି ମାପ ଚାଲିଥିବା ସମୟରେ ବାଂଲାଦେଶ ବର୍ଡର ଗାର୍ଡ (ବିଜିବି) ର ସୈନିକମାନେ ସେଠାରେ ପହଞ୍ଚି ଭାରତୀୟ ସୀମାରୁ ନିର୍ମାଣ ଦଳକୁ ହଟାଇବାକୁ ଏବଂ କାର୍ଯ୍ୟ ବନ୍ଦ କରିବାକୁ ଚେଷ୍ଟା କରିଥିଲେ।ଏହି ଘଟଣାର ଏକ ଭିଡିଓ ସୋସିଆଲ ମିଡିଆରେ ବ୍ୟାପକ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଦୁଇ ଦେଶର ସୀମାରକ୍ଷୀଙ୍କ ମଧ୍ୟରେ ବଢୁଥିବା ଉତ୍ତେଜନା ଦେଖି ସ୍ଥାନୀୟ ଲୋକଙ୍କର ପ୍ରବଳ ଭିଡ଼ ଜମିଥିବା ଦେଖିବାକୁ ମିଳିଛି। ପରିସ୍ଥିତି ଅଣାୟତ୍ତ ହେବା ଦେଖି ବିଏସଏଫର ବୀର ଯବାନମାନେ ତୁରନ୍ତ ନିଜର ରାଇଫଲ୍ ଧରି ଦୃଢ଼ତାର ସହ ଠିଆ ହୋଇଥିଲେ। ବିଏସଏଫ୍ ର ଏହି ଆକ୍ରମଣାତ୍ମକ ଏବଂ ଦୃଢ଼ ମନୋଭାବ ଦେଖି ବାଂଲାଦେଶୀ ସୈନିକମାନେ ପଛକୁ ହଟିବାକୁ ବାଧ ହୋଇଥିଲେ ଓ ଭାରତୀୟ ସେନା ସଫଳତାର ସହ ମାପ କାର୍ଯ୍ୟ ଶେଷ କରିଥିଲା। ମେଖଲିଗଞ୍ଜ ସୀମାରେ ବାଂଲାଦେଶ ପକ୍ଷରୁ ଲଗାତାର ଭାରତ ବିରୋଧୀ କାର୍ଯ୍ୟକଳାପ ଚାଲିଆସୁଛି, ଯେଉଁଠାରେ ଗତ ଏପ୍ରିଲ ୨୦୨୬ ରେ ଜଣେ ଭାରତୀୟ ଚାଷୀଙ୍କୁ ଅପହରଣ କରାଯାଇଥିଲା ଏବଂ ପୂର୍ବରୁ ଗୋରୁ ଚୋରା ଚାଲାଣକାରୀଙ୍କୁ ଅଟକାଇବା ବେଳେ ଭାରତୀୟ ସୈନ୍ୟଙ୍କ ଉପରକୁ ପଥରମାଡ଼ ମଧ୍ୟ ହୋଇଥିଲା। ସ୍ଥାନୀୟ ଭାରତୀୟ ନାଗରିକମାନେ ଅନୁପ୍ରବେଶ ରୋକିବା ପାଇଁ ସୀମାରେ ବାଡ଼ ନିର୍ମାଣକୁ ସମ୍ପୂର୍ଣ୍ଣ ସମର୍ଥନ କରୁଥିବାରୁ ବାଂଲାଦେଶର ଏହି କାର୍ଯ୍ୟ ସେମାନଙ୍କ ମଧ୍ୟରେ ପ୍ରବଳ ଆକ୍ରୋଶ ସୃଷ୍ଟି କରିଛି। ପ୍ରକୃତରେ, ଭାରତୀୟ ଅଞ୍ଚଳରେ ନିର୍ମାଣ ହେଉଥିବା ଏହି ବାଡ଼କୁ ନେଇ ବାଂଲାଦେଶୀ ସୀମାରକ୍ଷୀମାନେ ଏତେ ଚିନ୍ତିତ ହେବାର ଏକ ଅନ୍ଧକାର ଦିଗ ରହିଛି। ଅଭିଯୋଗ ଅନୁଯାୟୀ, ଏହି ସୀମା ଦେଇ ଡ୍ରଗ୍ସ ଏବଂ ବ୍ୟାପକ ପଶୁ ଚୋରା ଚାଲାଣ ହୋଇଥାଏ, ଯେଉଁଥିପାଇଁ ଚୋରାଚାଲାଣକାରୀମାନେ ସୀମା ପାର ହେବାକୁ ପ୍ରତି ପଶୁ ପିଛା ୫୦୦ ଟଙ୍କା ଲେଖାଏଁ ଲାଞ୍ଚ ବାଂଲାଦେଶୀ ସୈନିକମାନଙ୍କୁ ଦେଇଥାନ୍ତି। ଆଗକୁ ପବିତ୍ର ବକ୍ରୀଦ୍ ଉତ୍ସବ ଆସୁଥିବାରୁ ଏହି ବେଆଇନ କାରବାର ଓ ଲାଞ୍ଚ ମାଧ୍ୟମରେ ହେଉଥିବା କୋଟି କୋଟି ଟଙ୍କାର ରୋଜଗାର ସମ୍ପୂର୍ଣ୍ଣ ବନ୍ଦ ହୋଇଯିବା ଭୟରେ 'ବିଜିବି' ସୀମାରେ ଉତ୍ତେଜନା ସୃଷ୍ଟି କରୁଛି। ବାଂଲାଦେଶରେ ମହମ୍ମଦ ୟୁନୁସଙ୍କ ସରକାର କ୍ଷମତାଚ୍ୟୁତ ହୋଇଥିଲେ ମଧ୍ୟ ସେ ପଦ ଛାଡ଼ିବା ପୂର୍ବରୁ ସେଠାକାର ସମାଜରେ ମୌଳବାଦ ଓ ଭାରତ ବିରୋଧୀ ବିଷାକ୍ତ ଭାବନା ଭରିଦେଇଛନ୍ତି, ଯାହାଫଳରେ ଆଜି ସେଠାରେ ଭାରତର ନାମ ନେଲେ ମୁଣ୍ଡକାଟ କରିବାର ଖୋଲା ଧମକ ଦିଆଯାଉଛି। ବାଂଲାଦେଶର ଏହି ଆକ୍ରୋଶମୂଳକ ଚରିତ୍ର ଏବଂ କ୍ରମାଗତ ଅନୁପ୍ରବେଶକୁ ଦେଖି ଭାରତ ସରକାର ଏକ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସୀମାରେ ସମ୍ପୂର୍ଣ୍ଣ ବାଡ଼ ନିର୍ମାଣ ସହ ଅତ୍ୟାଧୁନିକ ସ୍ମାର୍ଟ ସର୍ଭେଲାନ୍ସ ଓ ନିରୀକ୍ଷଣ ଉପକରଣ ସ୍ଥାପନ କରିବାକୁ ଘୋଷଣା କରିଛନ୍ତି। ବର୍ତ୍ତମାନ ବାଂଲାଦେଶ ସରକାର କିମ୍ବା ତାଙ୍କର ଦୁର୍ନୀତିଗ୍ରସ୍ତ ସୀମାରକ୍ଷୀମାନେ ଯେତେ ଚେଷ୍ଟା କଲେ ମଧ୍ୟ ଭାରତୀୟ ସେନାର ଏହି ସୁରକ୍ଷା ବାଡ଼ ନିର୍ମାଣ କାର୍ଯ୍ୟକୁ ରୋକିବାରେ ସମ୍ପୂର୍ଣ୍ଣ ଅସମର୍ଥ ହେବେ।

# ଫାଲଟା ବିଧାନସଭା ଆସନ ଜିତିଲା ବିଜେପି ତୃଣମୂଳ ପ୍ରାର୍ଥୀ ଚତୁର୍ଥରେ

କୋଲକାତା: ପଶ୍ଚିମବଙ୍ଗର ଫାଲଟା ବିଧାନସଭା ଆସନରେ ବିଜେପି ପ୍ରାର୍ଥୀ ଦେବାଙ୍ଗସୁ ପଣ୍ଡା ବିଜୟୀ ହୋଇଛନ୍ତି। ଦେବାଙ୍ଗସୁ ନିଜ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୧ ଲକ୍ଷ ୯ ହଜାର ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ଅନ୍ୟପକ୍ଷରେ ତୃଣମୂଳ କଂଗ୍ରେସ ପ୍ରାର୍ଥୀ ଜାହାଙ୍ଗୀର ଖାନ୍ ପୁନଃ ନିର୍ବାଚନରେ ପ୍ରାର୍ଥୀତ୍ୱରୁ ହଟି ଯାଇଥିବାବେଳେ ଚତୁର୍ଥ ସ୍ଥାନରେ ରହିଛନ୍ତି। ବିଧାନସଭା ନିର୍ବାଚନରେ ବିଜେପିର ବିପୁଳ ବିଜୟ ଓ ସରକାର ଗଠନ ପରେ ଫାଲଟା ଆସନରେ ବିଜୟ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମ୍ସି ପାଇଁ ଶକ୍ତ ଧକ୍କା ପରି ହୋଇଛି।୨୨ ରାଉଣ୍ଡ ଭୋଟ ଗଣତି ପରେ ପଣ୍ଡା ୧,୪୯,୬୬୬ ଭୋଟ ପାଇଥିଲେ। ଦ୍ୱିତୀୟରେ ସିପିଆଇଏମର ପ୍ରାର୍ଥୀ ସମ୍ଭୁ ନାଥ



କୁର୍ମୀ ରହିଥିଲେ। ସମ୍ଭୁ ନାଥଙ୍କୁ ୪୦,୬୪୫ ଭୋଟ ମିଳିଥିଲା। କଂଗ୍ରେସ ପ୍ରାର୍ଥୀ ଅବଦୁର୍ ରଜାକ୍ ମୋଲ୍ଲା ୧୦,୦୮୪ ଭୋଟ ସହିତ ତୃତୀୟ ସ୍ଥାନରେ ରହିଥିଲେ। ଫାଲଟା ବିଧାନସଭା ପୁନଃନିର୍ବାଚନରୁ ଓହରି ଯାଇଥିଲେ ମଧ୍ୟ ଜାହାଙ୍ଗୀର ଖାନ୍‌ଙ୍କ ନାମ ଓ ଟିଏମ୍ସି ପ୍ରତୀକ ଇଭିଏମ୍ ମେସିନରୁ ହଟି ନଥିଲା। ନିଜକୁ 'ପୁଷ୍ପା' କହି ଚର୍ଚ୍ଚାକୁ ଆସିଥିବା ଜାହାଙ୍ଗୀର ମାତ୍ର ୭୭୮୩ ଭୋଟ ପାଇଥିଲେ। ମେ ୪ ତାରିଖରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଫଳାଫଳ ଆସିଥିବାବେଳେ ୨୯୩ ଆସନରୁ ବିଜେପି ୨୦୭ଟିରେ ବିଜୟୀ ହୋଇଥିଲା। ଫାଲଟା ବିଜେପିର ୨୦୮ ତମ ଆସନ ହୋଇଛି। ଚଳିତ ବିଧାନସଭା ନିର୍ବାଚନରେ ବ୍ୟାପକ ଅନିୟମିତତା ଯୋଗୁ ଫାଲଟାରେ ନିର୍ବାଚନ କମିସନ ମତଦାନ ବନ୍ଦ କରିଦେଇ ପୁନଃ ମତଦାନ କରିବାକୁ ଘୋଷଣା କରିଥିଲେ।

# ପଦ୍ମଶ୍ରୀ ପୁରସ୍କାର ପାଇବେ ଭାଷାବିତ୍ ମହେନ୍ଦ୍ର ମିଶ୍ର

ନୂଆଦିଲ୍ଲୀ : ଆସନ୍ତାକାଲି ରାଷ୍ଟ୍ରପତି ଭବନରେ ପ୍ରଥମ ପର୍ଯ୍ୟାୟ ବେସାମରିକ ସମ୍ମାନ ପ୍ରଦାନ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ୍ମ ପୁରସ୍କାର ପ୍ରଦାନ କରିବେ । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ କରିଥିବା ବ୍ୟକ୍ତିବିଶେଷମାନଙ୍କୁ ପଦ୍ମଶ୍ରୀ, ପଦ୍ମଭୂଷଣ ଏବଂ ପଦ୍ମବିଭୂଷଣ ସମ୍ମାନରେ ସମ୍ମାନିତ କରାଯିବ । ଓଡ଼ିଶାରୁ ବିଶିଷ୍ଟ ଶିକ୍ଷାବିତ, ଭାଷାବିତ୍ ତଥା ଲୋକକଥାକାର ଡକ୍ଟର ମହେନ୍ଦ୍ର ମିଶ୍ରଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯିବ । ଡକ୍ଟର ମିଶ୍ର ଚାରି ଦଶନ୍ଧିରୁ ଅଧିକ ସମୟ ଧରି ବିଲୁପ୍ତପ୍ରାୟ



ଆଦିବାସୀ ସ୍ୱରକୁ ଆଧୁନିକ ଶିକ୍ଷା ପ୍ରଣାଳୀରେ ସାମିଲ କରିବା ଏବଂ ସଂରକ୍ଷଣ କରିବା ପାଇଁ ସମର୍ପିତ ହୋଇ କାମ କରିଛନ୍ତି। ସେ ଭାରତର ଆଦିବାସୀ ଓ ଗ୍ରାମୀଣ ଜନସମାଜରେ ସନ୍ନିହିତ ଭାରତୀୟ ଜ୍ଞାନ ପ୍ରଣାଳୀକୁ ସ୍ୱର ଦେବା ପାଇଁ ବିଶ୍ୱବ୍ୟାପୀ ପ୍ରଶଂସା ହାସଲ କରିଛନ୍ତି। ସେ ଆଦିବାସୀଙ୍କ ବିକାଶ ସହିତ ଆଦିବାସୀ ଭାଷା, ସଂସ୍କୃତି ଏବଂ ଶିକ୍ଷାକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ଅନେକ ଆଦିବାସୀ ସଂଗଠନ ଏବଂ ଯୁବବର୍ଗଙ୍କୁ ପ୍ରୋତ୍ସାହିତ କରିଛନ୍ତି। ୧ ଏପ୍ରିଲ୍ ୧୯୫୨ ମସିହାରେ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା କଳାହାଣ୍ଡିରେ ଜନ୍ମଗ୍ରହଣ କରିଥିବା ଡକ୍ଟର ମିଶ୍ର ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପାଠପଢ଼ିଥିଲେ ଏବଂ ୧୯୮୭ ମସିହାରେ ପିଏଚଡି ଡିଗ୍ରୀ ହାସଲ କରିଥିଲେ। ସେ ଓଡ଼ିଶା ସରକାରଙ୍କ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟରେ ସହକାରୀ ନିର୍ଦ୍ଦେଶକ ଭାବରେ ଯୋଗ ଦେଇଥିଲେ। ସେ ଜନଜାତି ବହୁଭାଷୀ ଶିକ୍ଷା ଉପରେ ଧ୍ୟାନ ଦେଇ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଶିକ୍ଷା ପାଇଁ ରାଜ୍ୟ ସଂଯୋଜକ ଭାବରେ କାର୍ଯ୍ୟ କରିଥିଲେ।

# ତେଲ ସଞ୍ଚୟ କରିବାକୁ ମନ୍ତ୍ରଣାଳୟକୁ ପ୍ରସ୍ତାବ ମାଗିଲା ପିଏମଓ

ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟ ଯୁଦ୍ଧ ଦେଶର ଆମଦାନି ବିଲ୍‌କୁ ଅସହ୍ୟ ସ୍ତରରେ ପହଞ୍ଚାଇବା ପରେ କେନ୍ଦ୍ର ସରକାର ବେଶ୍ ଚିନ୍ତିତ ହୋଇପଡ଼ିଛନ୍ତି। କିଭଳି ତେଲ ଓ ବିଦେଶୀ ମୁଦ୍ରା ସଞ୍ଚୟ ହୋଇପାରିବ ତାହାର ବାଟ ଦେଖାଇବା ଲାଗି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ତରଫରୁ ଚାରିଟି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟକୁ କୁହାଯାଇଛି। ତେଲ ସଞ୍ଚୟ ସମ୍ପର୍କିତ ପ୍ରସ୍ତାବ ପଠାଇବାକୁ ସଡ଼କ ପରିବହନ ଓ ରାଜପଥ, ଶକ୍ତି, ଭାରି ଶିଳ୍ପ ଏବଂ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟକୁ ପିଏମ୍‌ଓ କହିଛି।ଯେଉଁ ସବୁ ଉପାୟରେ ତେଲ ଓ ବିଦେଶୀ ମୁଦ୍ରା ସଞ୍ଚୟ ହୋଇପାରିବ ତାହା ଜଣାଇବାକୁ ଏହି ମନ୍ତ୍ରଣାଳୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଯେତେ ଶୀଘ୍ର ଏହି କାମ ହେବ ତାହା ଦେଶ ପାଇଁ ସେତେ ଭଲ ହେବ ବୋଲି କୁହାଯାଇଛି। ଇଲେକ୍ଟ୍ରିକ ଯାନ (ଇଭି)ର ଗ୍ରହଣୀୟତା ବଢ଼ାଇବା ଓ ଫ୍ଲେକ୍ସ-ଫୁଏଲ୍ ଗାଡ଼ିଗୁଡ଼ିକର ଦାମ୍ କମ୍ କରିବା ପ୍ରସ୍ତାବ ଉପରେ ବିଚାର କରାଯାଉଛି। ଫ୍ଲେକ୍ସ ଫୁଏଲ୍ ଗାଡ଼ିରେ ଏବେ ଆକାର ଅନୁଯାୟୀ ୧୮ରୁ ୪୦ ପ୍ରତିଶତ ଜିଏସ୍ଟି ଆଦାୟ କରାଯାଉଛି। ସେହି ହାରକୁ ୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବା ଉପରେ ବିଚାରବିମର୍ଶ ଚାଲିଛି। ଏହା ବ୍ୟତୀତ କମ୍ ଦାମ୍ ବିଶିଷ୍ଟ ତଥା ଅଧିକ ମାଇଲେଜ୍ ଦେଉଥିବା ଛୋଟ ଗାଡ଼ି କିଭଳି ଅଧିକ ବିକ୍ରି ହୋଇପାରିବ, ସେବିଷୟରେ ମଧ୍ୟ ଚିନ୍ତା କରାଯାଉଛି। ଏହି ପ୍ରସ୍ତାବଗୁଡ଼ିକ ବିଷୟରେ ଜିଏସ୍ଟି ପରିଷଦର ଆସନ୍ତା ବୈଠକରେ ଆଲୋଚନା କରାଯିବ। ସରକାର ଛୋଟ କାର୍, ହାଇବ୍ରିଡ୍ କାର୍, ଇଲେକ୍ଟ୍ରିକ୍ କାର୍ ଓ ଫ୍ଲେକ୍ସ ଫୁଏଲ୍ ଇଞ୍ଜିନ ଥିବା କାର୍ ଆଦି ସବୁ ପ୍ରକାର ଅଧିକ ମାଇଲେଜ୍ ଓ କମ୍ ତେଲ ଖର୍ଚ୍ଚ ହେଉଥିବା ଗାଡ଼ିର ଗ୍ରହଣୀୟତା ବଢ଼ାଇବାକୁ ଚାହୁଁଛନ୍ତି। ଗାଡ଼ିରେ ତେଲ କମ୍ ଖର୍ଚ୍ଚ ହେଲେ ଆମଦାନି ମଧ୍ୟ କମ୍ ହୋଇପାରିବ ବୋଲି ସରକାର ଭାବୁଛନ୍ତି। ନିକଟରେ ସଡ଼କ ପରିବହନ ମନ୍ତ୍ରୀ ନିତୀନ ଗଡ଼କରୀ କହିଥିଲେ ଯେ ମାରୁତି ସୁଜୁକି ଏକ ୧୦୦ ପ୍ରତିଶତ ଇଥାନଲ୍‌ରେ ଚାଲୁଥିବା ଗାଡ଼ିକୁ ଆସନ୍ତା ଜୁନ୍ ୫ରେ ବିଶ୍ୱ ପରିବେଶ ଦିବସ ଅବସରରେ ଉନ୍ମୋଚନ କରିବ। ଭାରତରେ ଟୟୋଟା, ଟାଟା ମୋଟର୍ସ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଓ ସୁଜୁକି ଭଳି ୧୨ଟି କମ୍ପାନି ଫ୍ଲେକ୍ସ ଫୁଏଲ୍ ଗାଡ଼ି ଉନ୍ମୋଚନ କରିଥିବା ସେ ସୂଚନା ଦେଇଥିଲେ।

# ୟୁଏଇ ଦେଇ ଚୀନରୁ ସାଟେଲାଇଟ୍ କିଣିଥିଲା ଇରାନ

ନୂଆଦିଲ୍ଲୀ: ସଂଯୁକ୍ତ ଆରବ ଏମିରେଟ୍ସ ଏବଂ ଇରାନ ମଧ୍ୟରେ ଥିବା ରଣନୈତିକ ସମ୍ପର୍କକୁ ନେଇ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ପ୍ରସିଦ୍ଧ ଗଣମାଧ୍ୟମ 'ଫାଇନାନ୍ସିଆଲ୍ ଟାଇମ୍ସ' ର ଏକ ରିପୋର୍ଟ ଅନୁଯାୟୀ, ଇରାନର ଶୀର୍ଷ ସାମରିକ ସଂଗଠନ 'ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ' ୟୁଏଇର ଏକ ଗୁପ୍ତ ନେଟୱର୍କ ବ୍ୟବହାର କରି ଚୀନରୁ ଅତ୍ୟାଧୁନିକ ସାଟେଲାଇଟ୍ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା କିଣିଥିଲା। ଆଶ୍ଚର୍ଯ୍ୟର କଥା ହେଉଛି, ପରବର୍ତ୍ତୀ ସମୟରେ ଇରାନ ଏହି ପ୍ରଯୁକ୍ତିବିଦ୍ୟା ସାହାଯ୍ୟରେ ପ୍ରସ୍ତୁତ ଡ୍ରୋନ୍ ଓ ମିସାଇଲ୍ ଦ୍ୱାରା ୟୁଏଇର ରାଜଧାନୀ ଆବୁଧାବି ଉପରେ ହିଁ ଆକ୍ରମଣ କରିଥିଲା। ରିପୋର୍ଟ ଅନୁସାରେ, ଇରାନର ସାମରିକ ବାହିନୀ (IRGC) ଉପରେ ଆମେରିକା ଏବଂ ପାଶ୍ଚାତ୍ୟ ଦେଶଗୁଡ଼ିକ ଦ୍ୱାରା ଅନେକ କଠୋର ପ୍ରତିବନ୍ଧକ (Sanctions) ଲଗାଇଛନ୍ତି। ଏହି ପ୍ରତିବନ୍ଧକକୁ ଏଡ଼ାଇବା ପାଇଁ ଇରାନ ୟୁଏଇରେ ସକ୍ରିୟ ଥିବା ଏକ କମ୍ପାନୀର ସାହାଯ୍ୟ ନେଇଥିଲା। ଏହି ନେଟୱର୍କ ଜରିଆରେ ଚୀନରୁ ଅତ୍ୟାଧୁନିକ ସାଟେଲାଇଟ୍ କମ୍ୟୁନିକେସନ ଉପକରଣ କିଣାଯାଇଥିଲା, ଯାହା ସେମାନଙ୍କର ଡ୍ରୋନ୍ ଏବଂ ବାଲିଷ୍ଟିକ୍ ମିସାଇଲ୍ କାର୍ଯ୍ୟକ୍ରମ ପାଇଁ ଅତ୍ୟନ୍ତ ଜରୁରୀ । ଏହି ଘଟଣାର ସବୁଠାରୁ ବଡ଼ ଏବଂ ଚିନ୍ତାଜନକ ଦିଗ ହେଉଛି, ଯେଉଁ ୟୁଏଇର ମାଟିକୁ ବ୍ୟବହାର କରି ଇରାନ ଏହି ଗୁପ୍ତ ଜ୍ଞାନକୌଶଳ ହାସଲ କରିଥିଲା, ପରବର୍ତ୍ତୀ ସମୟରେ ସେହି ସାମଗ୍ରୀର ବ୍ୟବହାର ୟୁଏଇ ବିରୁଦ୍ଧରେ ହିଁ କରାଯାଇଛି। ଆମେରିକା ଓ ଇସ୍ରାଏଲର ଆକ୍ରମଣର ଜବାବ ଦେବା ବାହାନାରେ ଇରାନର ଆଇଆରଜିସି ୟୁଏଇ ଉପରକୁ ପ୍ରବଳ ମାତ୍ରାରେ ଡ୍ରୋନ୍ ଏବଂ ମିସାଇଲ୍ ମାଡ଼ କରିଥିଲା । ଇରାନ ବିରୋଧରେ ବର୍ଷ ବର୍ଷ ଧରି ପାଶ୍ଚାତ୍ୟ ଦେଶଗୁଡ଼ିକ ସାମରିକ କ୍ରୟ ଉପରେ କଟକଣା ଜାରି କରିଛନ୍ତି। କିନ୍ତୁ ଲିକ୍ ହୋଇଥିବା କାଗଜପତ୍ରରୁ ଜଣାପଡ଼ିଛି ଯେ, ଇରାନ ଅତି ଚତୁରତାର ସହ ନକଲି ଦସ୍ତାବିଜ ଏବଂ ମଧ୍ୟସ୍ଥି କମ୍ପାନୀଗୁଡ଼ିକର ସାହାଯ୍ୟ ନେଇଥିଲା । ଏହା ଅନ୍ତର୍ଜାତୀୟ ସୁରକ୍ଷା ଏବଂ ଯାଞ୍ଚ ବ୍ୟବସ୍ଥାର ଦୁର୍ବଳତାକୁ ପଦାରେ ପକାଇଛି। ପାଶ୍ଚାତ୍ୟ ଦେଶଗୁଡ଼ିକର କଡ଼ା ନଜର ଏବଂ ଆମେରିକାର କଟକଣା ଯୋଗୁଁ ଇରାନ ସିଧାସଳଖ କୌଣସି ଦେଶରୁ ଯୁଦ୍ଧ ଉପକରଣ କିଣିପାରିବ ନାହିଁ। ଏଥିପାଇଁ ଇରାନର ଆଇଆରଜିସି ବା ସାଧାରଣ ଦେଖାଯାଉଥିବା ନକଲି ବ୍ୟବସାୟିକ ପ୍ରତିଷ୍ଠାନ ୟୁଏଇରେ ଗଠନ କରିଥିଲା। ଚୀନରୁ କିଣାଯାଇଥିବା ଉଚ୍ଚ ସାଟେଲାଇଟ୍ ପ୍ରଯୁକ୍ତିବିଦ୍ୟାର କାଗଜପତ୍ରରେ ଦର୍ଶାଯାଇଥିଲା ଯେ, ଏହି ସାମଗ୍ରୀଗୁଡ଼ିକ ୟୁଏଇର ସ୍ଥାନୀୟ ବେସାମରିକ ବ୍ୟବହାର ପାଇଁ ଅଣାଯାଉଛି। ଦୁବାଇ ଏବଂ ଆବୁଧାବି ଭଳି ବାଣିଜ୍ୟିକ କେନ୍ଦ୍ରଗୁଡ଼ିକର ମୁକ୍ତ ବାଣିଜ୍ୟ ନୀତିର ଫାଇଦା ନେଇ ଏହି ସାମଗ୍ରୀଗୁଡ଼ିକୁ ପ୍ରଥମେ ୟୁଏଇ ଅଣାଗଲା ଏବଂ ପରେ ସେଠାରୁ ଛୋଟ ଜାହାଜ ସାହାଯ୍ୟରେ ସମୁଦ୍ର ପଥ ଦେଇ ଗୁପ୍ତରେ ଇରାନ ପଠାଇ ଦିଆଗଲା। ଇରାନ ଯେଉଁ ଉପକରଣଗୁଡ଼ିକ ଚୀନରୁ କିଣିଥିଲା, ତାହା କେବଳ ସାଧାରଣ ଯୋଗାଯୋଗ ପାଇଁ ନଥିଲା। ଏହା ବିଶେଷ କରି 'ଗାଇଡେଡ୍ ମିସାଇଲ୍ ପ୍ରଣାଳୀ' ଏବଂ ଲଙ୍ଗ-ରେଞ୍ଜ୍ ଆଟାକ୍ ଡ୍ରୋନ୍ ପାଇଁ ଡିଜାଇନ୍ କରାଯାଇଥିଲା। ସେପଟେ ଏହି ଖବର ସାମ୍ନାକୁ ଆସିବା ପରେ ୟୁଏଇ ନିଜର ସୁରକ୍ଷା ବ୍ୟବସ୍ଥା ଏବଂ ସ୍ଥାନୀୟ କମ୍ପାନୀଗୁଡ଼ିକ ଉପରେ ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି କରିଛି। ଚୀନ୍ ସାମରିକ ପ୍ରଯୁକ୍ତିବିଦ୍ୟାକୁ ବେଆଇନ ଭାବେ ଅନ୍ୟ ଦେଶକୁ ହସ୍ତାନ୍ତର କରୁଥିବାରୁ ବିଶ୍ୱସ୍ତରରେ ତା'ର ଭୂମିକାକୁ ନେଇ ପ୍ରଶ୍ନ ଉଠିଛି। ଆଗାମୀ ଦିନରେ ଆମେରିକା ଏବଂ ୟୁରୋପୀୟ ୟୁନିଅନ୍ ଏହି ସପ୍ଲାଇ ଚେନ ଜଡ଼ିତ ଥିବା ୟୁଏଇ ଓ ଚୀନର କମ୍ପାନୀଗୁଡ଼ିକ ଉପରେ ନୂଆ ଆର୍ଥିକ କଟକଣା ଲଗାଇପାରନ୍ତି।

# ଜିମଖାନା କ୍ଲବ ହଟାଇବା ନିଷ୍ପତ୍ତିକୁ କିରଣ ବେଦୀଙ୍କ ବିରୋଧ

ନୂଆଦିଲ୍ଲୀ : ପୂର୍ବତନ ଆଇପିଏସ୍ ଅଫିସର କିରଣ ବେଦୀ କେନ୍ଦ୍ର ସରକାରଙ୍କ ଏକ ନିଷ୍ପତ୍ତି କୁ ବିରୋଧ କରିଛନ୍ତି। ସେ ଦିଲ୍ଲୀ ଜିମଖାନା କ୍ଲବ ଖାଲି କରିବା ଲାଗି କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକୁ ଦୁର୍ଭାଗ୍ୟପୂର୍ଣ୍ଣ ଓ ଦୁଃଖଦ ବୋଲି କହିଛନ୍ତି। ସେ କହିଛନ୍ତି ଏହା କେବଳ ଏକ ସମ୍ପତ୍ତି ନୁହେଁ, ଏହା ଆମର ସଂସ୍ଥାଗତ ଓ କ୍ରିଡା ଐତିହ୍ୟର ଏକ ଅଂଶ ବିଶେଷ। ଏହି ସ୍ଥାନର ଇତିହାସ ବେଶ୍ ପ୍ରାଚୀନ, ଅନେକ ସ୍ମୃତି ଓ କେତେ ପିଢିର ଖେଳ ସମ୍ପର୍କିତ ଉପଲବ୍ଧି ଜଡିତ।

କେନ୍ଦ୍ର ସରକାର ଲୁଟିୟନସ୍ ଦିଲ୍ଲୀରେ ଥିବା ଜିମଖାନା କ୍ଲବକୁ ଜୁନ ୫ ତାରିଖ ସୁଦ୍ଧା ପରିସର ଖାଲି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କିରଣ ବେଦୀ କେନ୍ଦ୍ର ସରକାରଙ୍କ ଏହି ଆଦେଶକୁ ସମାଲୋଚନା କରିଛନ୍ତି। ଏ ନେଇ ବେଦୀ ଏକ୍ସ ରେ ଏକ ପୋଷ୍ଟ କରିଥିବା ବେଳେ ଏହା ଦୁର୍ଭାଗ୍ୟପୂର୍ଣ୍ଣ ଓ ଦୁଃଖଦ, ଆଶା କରୁଛି ଏହି ପ୍ରସ୍ତାବ ଉପରେ ପୁଣି ବିଚାର କରାଯିବ ବୋଲି ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ ଅରୁଣ ଜେଟଲୀ ତାଙ୍କ ଜୀବିତାବସ୍ଥାରେ ଏହି କ୍ଲବ ପରିସରରେ ଏକ ସ୍ୱିମିଂ ପୁଲ ନିର୍ମାଣ କରାଇଥିଲେ। ଏଠାରେ ଅନେକ ଭଲ ଟେନିସ୍ ମ୍ୟାଚ୍ ଖେଳା ଯାଇଛି। ବେଦୀ ଲେଖିଛନ୍ତି ଯେ ପରିବର୍ତ୍ତନ ଜରୁରି ହୋଇପାରେ। ହେଲେ ଇତିହାସ



ଓ ଐତିହ୍ୟକୁ ମଧ୍ୟ ରକ୍ଷା କରିବା ଉଚିତ। ଆମେ ସେଠାରେ ଆଉ କିଛି ନୂଆ ଯୋଡିବାକୁ ଯୋଜନା ବି କରିପାରିବା। ଆଦେଶ ଅନୁସାରେ ଭୂମି ଓ ବିକାଶ କାର୍ଯ୍ୟାଳୟ (ଏଲ ଆଣ୍ଡ ଡିଓ) ଜୁନ ୫ ତାରିଖରେ ପରିସରକୁ ନିଜ ନିୟନ୍ତ୍ରଣକୁ ନେବେ। ଆଦେଶରେ କୁହାଯାଇଛି ଯେ ଆପଣଙ୍କୁ ନିର୍ଦ୍ଦେଶ ଦିଆଯାଉଛି କି ନିର୍ଦ୍ଦେଶିତ ତାରିଖରେ କାର୍ଯ୍ୟାଳୟର ପ୍ରତିନିଧିଙ୍କୁ ପରିସରର ନିୟନ୍ତ୍ରଣ ପ୍ରଦାନ କରିବେ। ଯଦି ଆଦେଶର ପାଳନ ନହୁଏ ତେବେ ଆଇନ ଅନୁସାରେ ଏହାକୁ ଜବତ କରିନିଆଯିବ।

## କାହିଁକି ହଟାଇବାକୁ ଚାହୁଁଛନ୍ତି କେନ୍ଦ୍ର ସରକାର

କେନ୍ଦ୍ର ସରକାର ଲୁଟିୟନସ୍ ଦିଲ୍ଲୀ ସ୍ଥିତ ଦିଲ୍ଲୀ ଜିମଖାନା କ୍ଲବକୁ ଜୁନ ୫ ତାରିଖ ସୁଦ୍ଧା ପରିସର ହସ୍ତାନ୍ତର କରିବାକୁ କହିଛନ୍ତି। ସରକାର କହିଛନ୍ତି ଯେ ୨୭.୩ ଏକରର ଏହି ଭୂଖଣ୍ଡ ପ୍ରତିରକ୍ଷା ଭିତ୍ତିଭୂମି ସୁରକ୍ଷିତ କରିବା ପାଇଁ ଜରୁରି। ସରକାରଙ୍କ ଏହି ଆଦେଶ ପରେ ପାଖାପାଖି ୧୦୦ ବର୍ଷ ହେଲା ଦିଲ୍ଲୀର ପ୍ରଭାବଶାଳୀ ଓ ଆଭିଜାତ୍ୟ ବର୍ଗଙ୍କ ମିଳାମିଶାର କେନ୍ଦ୍ର ଥିବା ଏହି କ୍ଲବ ଉପରେ ଏବେ ବନ୍ଦ ହେବାର ବିପଦ ଘନେଇଛି। ଦିଲ୍ଲୀ ଲୁଟିୟନସ୍ ରୋଡର ମଝାମଝି ୨ ସଫଦରଜଙ୍ଗ ରୋଡରେ ଥିବା ଏହି ବିଶାଳ ଭୂ ଖଣ୍ଡକୁ ଲିଜରେ ଦିଆଯାଇଥିଲା। ଆସନ୍ତୁ ଜାଣିବା କେଉଁ ୩ଟି କାରଣରୁ ସରକାର ଏହି ଆଦେଶ ଜାରି କରିଛନ୍ତି।

### ୧-ବଡ଼ କାରଣ ସୁରକ୍ଷା

ଲୁଟିୟନସ୍ ଦିଲ୍ଲୀର କେନ୍ଦ୍ର ସ୍ଥଳରେ ଥିବା ବିଶାଳ ଦିଲ୍ଲୀ ଜିମଖାନା କ୍ଲବ୍ ଲୋକ କଲ୍ୟାଣ ମାର୍ଗରେ ପ୍ରଧାନମନ୍ତ୍ରୀଙ୍କ ବାସ ଭବନର ଖୁବ୍ ନିକଟରେ। ଏହା ସୁରକ୍ଷା ଦୃଷ୍ଟିରୁ ଅତ୍ୟନ୍ତ ସମ୍ବେଦନଶୀଳ। ଏଠାରେ ଅନେକ କେନ୍ଦ୍ର ସରକାରୀ ସଂସ୍ଥା ଓ ପ୍ରତିରକ୍ଷା ପ୍ରତିଷ୍ଠାନ ମଧ୍ୟ ରହିଛି।

### ୨- ସାର୍ବଜନିକ ହୀତ

ଲ୍ୟାଣ୍ଡ ଆଣ୍ଡ ଡେଭଲପମେଣ୍ଟ ଅଫିସ (ଏଲଏଣ୍ଡଡିଓ) ୨୨ ମେ ନୋଟିସ୍ ରେ କହିଛି ଯେ ୨, ସଫଦରଜଙ୍ଗ ରୋଡ ସ୍ଥିତ ପରିସର ମୂଳତଃ ଇମ୍ପେରିୟାଲ ଦିଲ୍ଲୀ ଜିମଖାନା କ୍ଲବ ଲିମିଟେଡକୁ ସାମାଜିକ ଓ ଖେଳ କ୍ଲବ ସଞ୍ଚାଳନ ଲାଗି ପଟ୍ଟାରେ ଦିଆଯାଇଥିଲା। ଏବେ ଆଖପାଖରେ ସରକାରୀ ଭୂମି ସମ୍ପର୍କିତ ବ୍ୟାପକ ଲୋକକଲ୍ୟାଣକାରୀ ପ୍ରକଳ୍ପର ନିର୍ମାଣ ନିମନ୍ତେ ଏବେ ଏହାର ଆବଶ୍ୟକତା ପଡୁଛି।

### ୩-କେନ୍ଦ୍ର ସରକାର ଜମି

କେନ୍ଦ୍ର ସରକାରଙ୍କ ହାଉସିଂ ଓ ଅର୍ବାନ ବ୍ୟାପାର ମନ୍ତ୍ରାଳୟ ଲୁଟିୟନସ୍ ଦିଲ୍ଲୀରେ ବିଭିନ୍ନ ସଂସ୍ଥାରୁ ପଟ୍ଟାରେ ଆବଣ୍ଟିତ ଅଧିକାଂଶ ଜମିର ମାଲିକ। ଆଦେଶରେ କୁହାଯାଇଛି ଯେ ଭାରତର ରାଷ୍ଟ୍ରପତି ପଟ୍ଟା ଆଇନର ଧାରା ୪ରେ ଭୂମି ଓ ବିକାଶ କାର୍ଯ୍ୟାଳୟ ମାଧ୍ୟମରେ ସେହି ଜମିର ପଟ୍ଟା ତତ୍କାଳ ପ୍ରଭାବରେ ସମାପ୍ତ କରିଛନ୍ତି ଓ ଏହାକୁ ପୁଣି ନିଜ ହାତକୁ ନେବାକୁ ଆଦେଶ ଦେଇଛନ୍ତି।

### ଏବେ କ'ଣ କହୁଛି କ୍ଲବ?

କ୍ଲବ ନିଜ ସଦସ୍ୟଙ୍କୁ ପଠାଇଥିବା ଏକ ଅଧିକାରୀକ ବାର୍ତ୍ତାରେ କହିଛି ଯେ ଅଚାନକ ଘଟଣାକ୍ରମ ଦୃଷ୍ଟିରୁ ଜିମଖାନା କ୍ଲବ ରବିବାର ଜରୁରି ବୈଠକ କରିଛି। ଏଥିରେ ବିସ୍ତୃତ ବିଚାର ବିମର୍ଷ ପରେ କ୍ଲବ ସଦସ୍ୟ ଓ କର୍ମଚାରୀଙ୍କ ହୀତରେ ଅନେକ ପ୍ରସଙ୍ଗରେ ସ୍ପଷ୍ଟିକରଣ ମାଗିବା ଲାଗି ଏଲ ଆଣ୍ଡ ଡିଓଙ୍କୁ ତତ୍କାଳ ଜବାବ ଦାଖଲ କରିବାକୁ ନିଷ୍ପତ୍ତି ନେଇଛି। ଏଥିରେ ଏହା ବି କୁହାଯାଇଛି ଯେ କ୍ଲବ ହାଉସିଂ ଓ ଅର୍ବାନ ବ୍ୟାପାର ମନ୍ତ୍ରାଳୟ ଅଧିକାରୀଙ୍କୁ ଭେଟିବାକୁ ସମୟ ମାଗିଛି। କ୍ଲବ ଏହା ବି କହିଛି ଯେ କ୍ଲବ ସଞ୍ଚାଳନ ବିନା କୌଣସି ବାଧାରେ ଜେପରି ଜାରି ରହେ ତାହା ସୁନିଶ୍ଚିତ କରିବା କ୍ଲବର ତତ୍କାଳ ପ୍ରାଥମିକତା। ମାମଲାରେ ସରକାରଙ୍କ ଉତ୍ତର ମିଳିବା ପରେ ପରବର୍ତ୍ତି ଘଟଣାକ୍ରମ ସମ୍ପର୍କରେ ଜଣାଇ ଦିଆଯିବ।

### ସମୀରଣ ସୁକୁମାର ସ୍ମାରକୀ ରାଜ୍ୟ ଓପନ ଚେସ

# ସଞ୍ଜୀବନ ବିଜେତା

ଭୁବନେଶ୍ୱର,୨୪।୫(ସବ୍ୟୁ): କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପ୍ରାଙ୍ଗଣରେ ଦ୍ୱିତୀୟ ସମିରଣ ସୁକୁମାର ନାୟକ ମେମୋରିଆଲ ଓପନ ଚେସ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଯାଜପୁରର ସଞ୍ଜିବନ ନାୟକ ସମସ୍ତ ୫ଟି ରାଉଣ୍ଡ ଜିତି ଚାମ୍ପିଅନ ହୋଇଛନ୍ତି । କନ୍ଧମାଳର ରୋଲେନ୍ସ ପ୍ରଧାନ ଦ୍ୱିତୀୟ, ଅଞ୍ଜଳୀ ମିଶ୍ର ତୃତୀୟ, ନଟବର ଦାସ ଚତୁର୍ଥ ମହେଶ ପ୍ରସାଦ ସେଠୀ ପଞ୍ଚମ, ସ୍ୱସ୍ତିକ ତ୍ରିପାଠୀ ଷଷ୍ଠ, ମନୀଷ ରଞ୍ଜନ ଦାସ ସପ୍ତମ ଏବଂ ଶୁଭେନ୍ଦୁ କୁମାର ପାତ୍ର ଅଷ୍ଟମ ସ୍ଥାନ ଅଧିକାର କରିଛନ୍ତି । ୮ ଜଣଙ୍କୁ ସ୍ୱତନ୍ତ୍ର ପୁରସ୍କାର ତଥା ବିଭିନ୍ନ ବୟସ ବର୍ଗର ପ୍ରଥମ ଓ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଉଦଯାପନୀ ଉତ୍ସବରେ ରୟାଲ ପବ୍ଲିକ ସ୍କୁଲର ଭାଇସ ପ୍ରିନ୍ସିପାଲ ପ୍ରଜ୍ଞାପରମିତା ସାହୁ, ସମୀରଣ ସୁକମାରଙ୍କ ମା ମଧୁସ୍ମିତା ନାୟକ, ଓଡ଼ିଶା ଚେସ ଆସୋସିଏସନର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଏବଂ ସମୀରଣଙ୍କ ଭଉଣୀ ଦୀପିକା ଦିପାନ୍ୱିତା ନାୟକ ଉପସ୍ଥିତ ରହି କୃତିପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।



# ଚତୁର୍ଥ ଦଳ ଭାବେ ପ୍ଲେ ଅଫରେ ରାଜସ୍ଥାନ

ମୁମ୍ବାଇ,୨୪।୫(ଏଜେନ୍ସି): କର ବା ମର ମୁକାବିଲାକୁ ଜିତି ନେଇଛି ରାଜସ୍ଥାନ । ବ୍ୟାଟରଙ୍କ ପରେ ଜୋଫ୍ରା ଆର୍ଚରଙ୍କ ଘାତକ ବୋଲିଂ ବଳରେ ରାଜସ୍ଥାନ ମୁମ୍ବାଇ ଇଣ୍ଡିଆନ୍ସକୁ ୩୦ ରନରେ ମାତ୍ ଦେଇଛି । ବିଜୟ ସହ ରାଜସ୍ଥାନ ଚତୁର୍ଥ ଦଳ ଭାବେ ଚଳିତ ସଂସ୍କରଣରେ ପ୍ଲେ ଅଫରେ ପ୍ରବେଶ କରିଛି । ମୁମ୍ବାଇ ପରାଜୟ ସହ ନିଜର ଅଭିଯାନ ଶେଷ କରିଛି । ରାଜସ୍ଥାନର ପ୍ଲେ ଅଫରେ ପ୍ରବେଶ ସହ ପଞ୍ଜାବ-କୋଲକାତା ବାହାରି ଯାଇଛନ୍ତି । ଆଇପିଏଲ୍ ୨୦୨୬ର ଶେଷ ଲିଗ୍ ମ୍ୟାଚ୍ କୋଲକାତା ନାଇଟ୍ ରାଇଡର୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚ୍ କେବଳ ଔପଚାରିକତା ରହିଛି ଯାଇଛି ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ବ୍ୟାଟରଙ୍କ ସାମୂହିକ ପ୍ରଦର୍ଶନ ବଳରେ ୮ ଓ୍ୱିକେଟ୍ ହରାଇ ୨୦୫ ରନ କରିଥିଲା । ଧ୍ରୁବ ଜୁରେଲ ୩୮ ରନ, ଜୋଫ୍ରା ଆର୍ଚରର ଦ୍ରୁତ ୩୨ ରନ ଓ ଦସନ ଶନକା ୨୯ ରନ କରିଥିଲେ । ଜବାବରେ ମୁମ୍ବାଇ ଇଣ୍ଡିଆନ୍ସ ୯ ଓ୍ୱିକେଟ୍ ହରାଇ ୧୭୫ ରନ କରିବାକୁ ସମର୍ଥ ହୋଇଥିଲା । ରାଜସ୍ଥାନ ୩୦ ରନ ବ୍ୟବଧାନରେ ଜିତିଛି । ସୂର୍ଯ୍ୟକୁମାର ଯାଦବ ୬୦ ରନ କରିଥିବା ବେଳେ ଓ୍ୱିଲ ଜ୍ୟାକ୍ସ ୩୩ ରନ ଓ ହାର୍ଦ୍ଦିକ ପାଣ୍ଡ୍ୟା ୩୪ ରନ କରିଥିଲେ । ବୋଲିଂରେ ଜୋଫ୍ରା ଆର୍ଚର ୧୭ ରନ ଦେଇ ୩ ଓ୍ୱିକେଟ୍ ଅକ୍ତିଆର କରି ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି ।



୨୦୬ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ମୁମ୍ବାଇ ଇଣ୍ଡିଆନ୍ସକୁ ଆରମ୍ଭରୁ ବଡ଼ ଝଟକା ଲାଗିଥିଲା । ଇମ୍ପାକ୍ଟ ଖେଳାଳି ଭାବେ ଖେଳିଥିବା ରୋହିତ ଶର୍ମା ଖାତା ବି ଖାଲି ପାରି ନ ଥିଲେ । ନମନ ଧୀର(୬ ରନ) ନିରାଶ କରିଥିଲେ । ପୁଣି ରିୟାନ ରିକେଲଟନର ୧୨ ରନ କରି ଆଉଟ୍ ହୋଇଥିଲେ । ତିଳକ ବର୍ମା(୩ ରନ) ବି କ୍ରିଜରେ ତିଷ୍ଠି ପାରି ନ ଥିଲେ । ୩୮ ରନରେ ୪ ଓ୍ୱିକେଟ୍ ହରାଇ ମୁସ୍କିଲ ସ୍ଥିତିରେ ପଡ଼ିଥିବା ମୁମ୍ବାଇ ଇନିଂସକୁ ସମ୍ଭାଳିଥିଲେ ସୂର୍ଯ୍ୟକୁମାର ଯାଦବ ଓ ଓ୍ୱିଲ ଜ୍ୟାକ୍ସ । ଦୁହେଁ ଦ୍ରୁତ ବ୍ୟାଟିଂ କରି ୩୮ ବଲରୁ ୬୩ ରନର ଭାଗିଦାରୀ କରି ମୁମ୍ବାଇ ପାଇଁ ବିଜୟ ଆଶା ବଳବତ୍ତର ରଖିଥିଲେ । ଓ୍ୱିଲ ଜ୍ୟାକ୍ସ ୩୩ ରନ କରି ଆଉଟ୍ ହେବା ମୁମ୍ବାଇକୁ ପୁଣି ବଡ଼ ଝଟକା ଦେଇଥିଲା । ତଥାପି ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା କ୍ରିଜକୁ ଆସିବା ମାତ୍ରେ ବିସ୍ଫୋରକ ବ୍ୟାଟିଂ କରିଥିଲେ । ହେଲେ ପାଣ୍ଡ୍ୟା ଆଉଟ୍ ହେବା ମୁମ୍ବାଇର ବିଜୟ ସମ୍ଭାବନାକୁ ହ୍ରାସ କରିଥିଲା । ସେ ୧୫ ବଲରୁ ୩୪ ରନ କରି ଆଉଟ୍ ହୋଇଥିଲେ । ଏକମାତ୍ର ଆଶା ଥିବା ସୂର୍ଯ୍ୟକୁମାର ଯାଦବ ଅର୍ଦ୍ଧଶତକ ହାସଲ କରିଥିଲେ ହେଁ ଦଳକୁ ପରାଜୟରୁ ବଞ୍ଚାଇ ପାରି ନ ଥିଲେ । ସେ ୪୨ ବଲରୁ ୬୦ ରନ କରି ଆଉଟ୍ ହେବା ସହ ମୁମ୍ବାଇର ପରାଜୟ ନିଶ୍ଚିତ ହୋଇ ଯାଇଥିଲା । ଶେଷରେ ପାଞ୍ଚ ଥରର ଚାମ୍ପିଅନ ମୁମ୍ବାଇ ମ୍ୟାଚରେ ୩୦ ରନରେ ପରାଜିତ ହୋଇଛି । ଦଳ ୯ ଓ୍ୱିକେଟ୍ ହରାଇ ୧୭୫ ରନ କରି ପାରିଛି ।

# ରାମେଶ୍ୱର କପ କ୍ରିକେଟ୍ ଉଦ୍‌ଘାଟିତ

ଭୁବନେଶ୍ୱର,୨୪।୫(ସବ୍ୟୁ) : ରାଜଧାନୀର ଅନ୍ୟତମ ଅଗ୍ରଣୀ କ୍ରିକେଟ କ୍ଲବ୍ ରାମେଶ୍ୱର ସ୍ପୋର୍ଟିଂ ପକ୍ଷରୁ ଚଳିତବର୍ଷ କନିଷ୍ଠ ବର୍ଗର ଖେଳାଳିଙ୍କ ପାଇଁ ସୀମିତ ଓଭର କ୍ରିକେଟ ପ୍ରତିଯୋଗିତା ଅଷ୍ଟମ ରାମେଶ୍ୱର କପ୍ ଜୁନିଅର ଲିଗ୍ ଆରମ୍ଭ ହୋଇଛି । ପ୍ରଥମ ଦିନ ୧୫ବର୍ଷରୁ କମ ବର୍ଗରେ ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ ସହୀଦ ସ୍ପୋର୍ଟିଂ ଏବଂ ରାମେଶ୍ୱର ସ୍ପୋର୍ଟିଂ ବିଜୟଲାଭ କରିଛି । ପ୍ରଥମ ମ୍ୟାଚ୍‌ରେ ସହୀଦ ସ୍ପୋର୍ଟିଂ ଓ ଫ୍ରେଣ୍ଡସ୍ କ୍ଲବ୍ ପରସ୍ପରକୁ ଭେଟିଥିଲେ । ସହୀଦ ସ୍ପୋର୍ଟିଂ ୨୫ ଓଭରରେ ୬ ୱିକେଟ ହରାଇ ୨୨୩ ରନ କରିଥିଲା । ଆଦିତ୍ୟ ମିଶ୍ର ସର୍ବାଧିକ ୭୪, ଓମ ନାୟକ ୫୬, ସୁରଜ ଧଳ ୪୪ ରନ କରିଥିଲେ । ଜବାବରେ ଫ୍ରେଣ୍ଡସ୍ କ୍ଲବ ୯.୨ ରନ କରି ଅଲଆଉଟ ହୋଇଥିଲା । ଦ୍ୱିତୀୟ ମ୍ୟାଚ୍‌ରେ ଗ୍ରୀନ୍ସ କ୍ରିକେଟ ଏକାଡେମୀ ଓ ରାମେଶ୍ୱର ସ୍ପୋର୍ଟିଂ ମୁହାଁମୁହିଁ ହୋଇଥିଲେ । ୨୫ ଓଭର ୭ ୱିକେଟ ହରାଇ ୧୨୫ ରନ କରିଥିଲା ଗ୍ରୀନ୍ସ ଏକାଡେମୀ । ଜବାବରେ ରାମେଶ୍ୱର ସ୍ପୋର୍ଟିଂ ୧୫ ଓଭରରେ ୪ ୱିକେଟ ହରାଇ ୧୨୮ ରନ କରି ଲକ୍ଷ୍ୟ ହାସଲ କରନେଇଥିଲା । ଲିଓନେଲ୍ ମେହେର ସର୍ବାଧିକ ୭୦ ରନ କରିଥିଲେ । ରଣଜୀ ଟ୍ରଫି ଖେଳାଳି ରାଜେଶ ମହାନ୍ତି ଅତିଥି ଭାବେ ଯୋଗଦେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଲିଓନେଲ ମେହେରଙ୍କୁ ପ୍ରଦାନ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ କ୍ରୀଡ଼ାମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଓଡ଼ିଶା ଅଲିମ୍ପିକ୍ସ ଆସୋସିଏସନ ସଭାପତି ସମୀର ମହାନ୍ତି, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନ ସମ୍ପାଦକ ସୌର୍ଯ୍ୟ ରଞ୍ଜନ ପରିଜା, କର୍ପୋରେଟର ଚନ୍ଦ୍ରଶେଖର ମଲିଆ, ପିଏଏ ଉପସଭାପତି ରାଧାନାଥ ମହାପାତ୍ର ତଥା ରାମେଶ୍ୱର ସ୍ପୋର୍ଟିଂର ସମସ୍ତ ସଦସ୍ୟ, ଦୀପକ ମଙ୍ଗରାଜ, ଯୁଗ୍ମ ସମ୍ପାଦକ ପ୍ରିୟବ୍ରତ ପ୍ରଧାନ, ପରେଶ ପଟେଲ, ଚନ୍ଦନ ନାୟକ, ଦେବୀପ୍ରସାଦ ମହାନ୍ତି ଓ ରାଜେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।



# ଅଳ୍ପକେ ସ୍ୱର୍ଣ୍ଣ ହାତଛଡା କଲେ ଅନିମେଶ

ଭୁବନେଶ୍ୱର,୨୪।୫(ସବ୍ୟୁ): ବିର୍ସା ମୁଣ୍ଡା ଷ୍ଟାଡିୟମରେ ଭାରତୀୟ ଆଥଲେଟିକ୍ସ ପାଇଁ ଐତିହାସିକ ଦିନ ଥିଲା । ପଞ୍ଜାବର ୨୫ ବର୍ଷୀୟ ଧାବକ ଗୁରୁନ୍ଦର ବୀରସିଂ ଆଥଲେଟିକ୍ ଫେଡେରେସନ୍ ପ୍ରତିଯୋଗିତାର ପୁରୁଷ ୧୦୦ ମିଟର ଦୌଡ଼ରେ ନୂତନ ଜାତୀୟ ରେକର୍ଡ ସ୍ଥାପନ କରିଛନ୍ତି । ଏହି ମୁକାବିଲାରେ ଅନିମେଶ କୁଜୁରଙ୍କ ସମସ୍ତଙ୍କ ମନ ଜିଣିଛି । ସେ ଅଳ୍ପକେ ସ୍ୱର୍ଣ୍ଣ ପଦକରୁ ବଞ୍ଚିତ ହୋଇଛନ୍ତି । ଗୁରୁନ୍ଦର ବୀର ସିଂ ୧୦.୧୦ ସେକେଣ୍ଡରେ ଦୌଡ଼ ସମ୍ପୂର୍ଣ୍ଣ କରିଥିଲେ । ସେ ପ୍ରଥମ ଭାରତୀୟ ଆଥଲେଟ ଭାବେ ଏହି ଟାଇମିଂ ସଫଳତା ହାସଲ କରିଥିଲେ । ଏତଦବ୍ୟତୀତ ସେ ରାଜ୍ୟଗୋଷ୍ଠୀ କ୍ରୀଡା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି । ଏସିଆର ଦ୍ରୁତତମ ଧାବକ ହୋଇଛନ୍ତି । ୫ ମିନିଟ ମିନିଟ ମଧ୍ୟରେ ଦୁଇଥର ଜାତୀୟ ରେକର୍ଡ ଭଙ୍ଗ ହୋଇଥିଲା । ଗୁରୁନ୍ଦର ସେମିଫାଇନାଲ ହିଟରେ ୧୦.୧୭ ସେକେଣ୍ଡ ସମୟରେ ଦୌଡ଼ ସମ୍ପୂର୍ଣ୍ଣ କରି ନୂତନ ଜାତୀୟ ରେକର୍ଡ ସ୍ଥାପନ କରିଥିଲେ । ଏହାର ୫ ମିନିଟ୍ ପରେ ଅନିମେସ ଦ୍ୱିତୀୟ ସେମିଫାଇନାଲରେ ୧୦.୧୫ ସେକେଣ୍ଡରେ ଆଉଥରେ ରେକର୍ଡ କରିଥିଲେ । ଫାଇନାଲରେ ପଞ୍ଜାବର ଉଦୀୟମାନ ତାରକା ସମସ୍ତଙ୍କୁ ପଛରେ ପକାଇ ବାଜି ମାରିଥିଲେ । ମାତ୍ର ୦.୧୧ ସେକେଣ୍ଡ ସମୟ ଯୋଗୁଁ ଅନୁମେସ ରୌପ୍ୟ ପଦକରେ ସମ୍ପୂର୍ଣ୍ଣ ହୋଇଛି । ବିଶାଳ ୪୦.୯୮ ସେକେଣ୍ଡ ସମୟ ନେଇ ନୂତନ ଜାତୀୟ ରେକର୍ଡ ସ୍ଥାପନ କରିଛନ୍ତି ।





# ଇତିହାସ ରଚିଲେ ପ୍ରଭସିମରନ ସିଂ

ନୂଆଦିଲ୍ଲୀ,୨୪।୫(ଏଜେନ୍ସି): ଆଇପିଏଲ୍ ୨୦୨୬ରେ ବଡ ରେକର୍ଡ ଦେଖିବାକୁ ମିଳିଛି । ପଞ୍ଜାବ କିଙ୍ଗସର ବିସ୍ଫୋରକ ଓପନର ପ୍ରଭସିମରନ ସିଂ ଇଣ୍ଡିଆନ ପ୍ରିମିୟର ଲିଗ୍ ଇତିହାସର ନିଜ ନାଁରେ ବଡ଼ ରେକର୍ଡ କରିଛନ୍ତି । ଲକ୍ଷ୍ନୌର ଏକାନା କ୍ରିକେଟ ଷ୍ଟାଡିୟମରେ ଖେଳାଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଲକ୍ଷ୍ନୌ ସୁପର ଜାଏଣ୍ଟସ ବିପକ୍ଷରେ ପଞ୍ଜାବର ୭ ଓ୍ୱିକେଟ୍ ବିଜୟରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ଏହି ଐତିହାସିକ ସଫଳତା ହାସଲ କରିଛନ୍ତି ।

ମ୍ୟାଚରେ ୧୯୭ ରନର ଏକ ବଡ଼ ଲକ୍ଷ୍ୟକୁ ପିଛା କରୁଥିବା ବେଳେ ପ୍ରଭସିମରନ ମାତ୍ର ୩୯ ବଲରୁ ୬୯ ରନର ଏକ ଦ୍ରୁତ ଇନିଂସ ଖେଳିଥିଲେ । ଏହି ମ୍ୟାଚ୍ ବିଜେତା ଇନିଂସ ବଳରେ ସେ ଚଳିତ ୨୦୨୬ ସିଜନରେ ୫୦୦ ରନ୍ ଅତିକ୍ରମ କରିଛନ୍ତି । ଏହାପୂର୍ବରୁ ଆଇପିଏଲ୍ ୨୦୨୫ରେ ମଧ୍ୟ ସେ ୫୪୯ ରନ୍ ସଂଗ୍ରହ କରିଥିଲେ ।

ଏହି ସଫଳତା ସହ ୨୫ ବର୍ଷୀୟ ପ୍ରଭସିମରନ ଆଇପିଏଲ୍ ଇତିହାସରେ ପ୍ରଥମ ଅନକ୍ୟାପ୍ଡ ଯିଏ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିନାହାନ୍ତି, ଭାରତୀୟ ଖେଳାଳି ଭାବେ ଏକାଧିକ ସିଜନରେ ୫୦୦ କିମ୍ବା ତାଠାରୁ ଅଧିକ ରନ୍ କରିବାର ଗୌରବ ଅର୍ଜନ କରିଛନ୍ତି ।

ଚଳିତ ସିଜନର ୧୪ଟି ମ୍ୟାଚରେ ୪୨.୫୦ହାର ଏବଂ ୧୬୮.୮୭ ପ୍ରଭାବଶାଳୀ ଷ୍ଟ୍ରାଇକ୍ ରେଟ୍ରେ ୬ଟି ଅର୍ଦ୍ଧଶତକ ସହ ଏପର୍ଯ୍ୟନ୍ତ ୫୧୦ ରନ୍ ସଂଗ୍ରହ କରିସାରିଛନ୍ତି । ପ୍ରଭସିମ୍ରନ ପଞ୍ଜାବ କିଙ୍ଗସ ବ୍ୟାଟିଂ ଲାଇନଅପ ଏକ ମୁଖ୍ୟ ସ୍ତମ୍ଭ ସାଜିଛନ୍ତି । ନିଜର ଆକ୍ରମଣାତ୍ମକ ବ୍ୟାଟିଂ ଶୈଳୀ ଏବଂ ଦଳକୁ ଏକ ବିସ୍ଫୋରକ ଆରମ୍ଭ ଦେବା ପାଇଁ ସେ ବେଶ୍ ଜଣାଶୁଣା । ବଡ଼ ବଡ଼ ଷ୍ଟାର୍ ଖେଳାଳିଙ୍କ ଭିତରେ ସେ ସେତେଟା ଚର୍ଚ୍ଚାକୁ ନଆସିଲେ ମଧ ତାଙ୍କର ଏହି ଲଗାତାର ଚମତ୍କାର ପ୍ରଦର୍ଶନ ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି । ଯେଉଁଭଳି ଭାବେ ସେ ରନ୍ ବର୍ଷା କରୁଛନ୍ତି, ତାହାକୁ ଦେଖିଲେ ଖୁବ୍ ଶୀଘ୍ର ତାଙ୍କୁ ଭାରତୀୟ ଜାତୀୟ ଦଳରେ ସ୍ଥାନ ମିଳିବା ନେଇ ସମ୍ଭାବନା ରହିଛି ।



# ୧୭ତମ କିଟ ଇଣ୍ଟରନ୍ୟାସନାଲ ଚେସ୍ ଫେଷ୍ଟିଭାଲ ଉଦଘାଟିତ

ଭୁବନେଶ୍ୱର,୨୪।୫(ସବ୍ୟୁ): କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ୧୭ତମ କିଟ ଇଣ୍ଟରନ୍ୟାସନାଲ ଚେସ ଫେଷ୍ଟିଭାଲ ଉଦଘାଟିତ ହୋଇଛି । ଏଥର ଚେସ ଫେଷ୍ଟିଭାଲରେ ୧.୩୧ କୋଟି ଟଙ୍କାରେ ପୁରସ୍କାର ରାଶି ପ୍ରଦାନ କରାଯିବ । ଆଗାମୀ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ମୋଟ୍ ୪୦ଟି ରାଷ୍ଟ୍ରର ୪୦୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଓ ଅଫିସିଆଲ ଅଂଶଗ୍ରହଣ କରିଛନ୍ତି । ୨୫ ଜଣ ଗ୍ରାଣ୍ଡମାଷ୍ଟର, ୫୦ ଜଣ ଇଣ୍ଟରନ୍ୟାସନାଲ ମାଷ୍ଟର୍ସ ଏତଦ ବ୍ୟତୀତ ୮୫ରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ଟାଇଟଲଧାରୀ ଅଂଶଗ୍ରହଣ କରିଛନ୍ତି । ଏହାଛଡା ପ୍ରଥମଥର ୨୦୦୦ରୁ ଊର୍ଦ୍ଧ୍ୱ ବାପା ମା ଏହି ମେଗା ପ୍ରତିଯୋଗିତାରେ ପିଲାଙ୍କ ସହ ଯୋଗ ଦେଇଛନ୍ତି ।

ଉଦ୍‌ଘାଟନୀ ଉତ୍ସବରେ କିଟ ଓ କିସ ପ୍ରତିଷ୍ଠାତ ପ୍ରଫେସର ଅଚ୍ୟୁତ ସାମନ୍ତ କହିଛନ୍ତି କିଟ ସର୍ବଦା କ୍ରୀଡାର ବିକାଶ ପାଇଁ ପ୍ରତିବଦ୍ଧ । ଆମେ ସର୍ବଦା ଚେସକୁ ସମର୍ଥନ ଦେବୁ । ଆଗାମୀ ଦିନରେ ମଧ ଚେସକୁ ଆହୁରି ବ୍ୟାପକ କରାଯିବ ବୋଲି ଶ୍ରୀ ସାମନ୍ତ କହିଛନ୍ତି । ଏତଦ୍‌ବ୍ୟତୀତ ଅନ୍ତର୍ଜାତୀୟ ଚେସ ମହାସଂଘ (ଫିଡେ), ସର୍ବଭାରତୀୟ ଚେସ ସଂଘ (ଏଆଇସିଏଫ) ଏବଂ ଓଡ଼ିଶା ଚେସ ଆସୋସିଏସନର ସମର୍ଥନ ଯୋଗୁଁ କିଟ ବିଶ୍ୱବିଦ୍ୟାଳୟ ପରିସରରେ ଏତେ ବଡ ଚେସ ପ୍ରତିଯୋଗିତା ଆୟୋଜନ ସମ୍ଭବ ହୋଇପାରିଛି ବୋଲି ପ୍ରଫେସର ଅଚ୍ୟୁତ ସାମନ୍ତ ସାଧୁବାଦୀ ଜଣାଇଛନ୍ତି । କିଟ ଚେସ ଫେଷ୍ଟିଭାଲରେ ଜଣେ ଗ୍ରାଣ୍ଡମାଷ୍ଟର ୧୭ଟି ସଂସ୍କରଣ ଖେଳି ଆସୁଛନ୍ତି । ଏହା ଏହି ପ୍ରତିଯୋଗିତାର ଗାରିମାକୁ ବଢ଼ାଇଛନ୍ତି ବୋଲି କହିଛନ୍ତି ।



### ମାଇକେଲ କିଣ୍ଡୋ ମେମୋରିଆଲ ହକି

# ସାଇ କୋଲକାତା, ସାଉଥ ଇଷ୍ଟର୍ଣ୍ଣ ରେଳବାଇ ବିଜୟୀ

ଭୁବନେଶ୍ୱର,୨୪।୫(ସବ୍ୟୁ): ରାଜ୍ୟର କିମ୍ବଦନ୍ତୀ ହକି ଖେଳାଳି ମାଇକେଲ କିଣ୍ଡୋଙ୍କ ସ୍ମୃତିରେ ଦ୍ୱିତୀୟ ସର୍ବଭାରତୀୟ ମାଇକେଲ କିଣ୍ଡୋ ମହିଳା ହକି ଚାମ୍ପିଅନସିପ୍‌ର ତୃତୀୟ ଦିନ ଅନୁଷ୍ଠିତ ମ୍ୟାଚ୍‌ରେ ସାଇ କୋଲକାତା, ସାଉଥ ଇଷ୍ଟର୍ଣ୍ଣ ରେଳବାଇ, ସ୍ପୋର୍ଟ୍ସ ହଷ୍ଟେଲ ସୁନ୍ଦରଗଡ଼, ସିଆଇଏସ୍‌ଏଫ୍ ବିଜୟୀ ହୋଇଛନ୍ତି । ପ୍ରଥମ ମ୍ୟାଚ୍‌ରେ ସାଇ କୋଲକାତା ୩-୧ ଗୋଲ୍‌ରେ ସ୍ପୋର୍ଟ୍ସ ହଷ୍ଟେଲ ରାଉରକେଲାକୁ ପରାଜିତ କରିଥିଲା । ଦ୍ୱିତୀୟ ମ୍ୟାଚ୍‌ରେ ସାଉଥ ଇଷ୍ଟର୍ଣ୍ଣ ରେଳବାଇ ୭-୦ ଗୋଲ୍‌ରେ ଭୁବନେଶ୍ୱର ହକି କ୍ଲବ୍ ଟ୍ରଷ୍ଟକୁ ପରାଜିତ କରିଛି । ତୃତୀୟ ମ୍ୟାଚ୍‌ରେ ସ୍ପୋର୍ଟ୍ସ ହଷ୍ଟେଲ ସୁନ୍ଦରଗଡ଼ ୬-୧ ଗୋଲ୍‌ରେ ଓଡ଼ିଶା ପୋଲିସକୁ ପରାଜିତ କରିଥିବାବେଳେ ଚତୁର୍ଥ ମ୍ୟାଚ୍‌ରେ ସିଆଇଏସ୍‌ଏଫ୍ ୨-୩ ଗୋଲ୍‌ରେ ହକି ସିମ୍‌ଡେଗାକୁ ଧରାଶାୟୀ କରିଥିଲା । ତୃତୀୟ ଦିନ ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀଙ୍କ ସମେତ ରତିକାନ୍ତ ନାୟକ (ଭୁବନେଶ୍ୱର ହକି କ୍ଲବ୍ ଟ୍ରଷ୍ଟ ଅଧକ୍ଷ), ବିଶ୍ୱ ବିଜୟ ସାହୁ (ସଭାପତି), ରଞ୍ଜନ କୁମାର ଦାସ (ସମ୍ପାଦକ) ଏବଂ ହକି ଆସୋସିଏସନ ଅଫ୍ ଓଡ଼ିଶାର ସାଧାରଣ ସମ୍ପାଦକ ସନାତନ ସାହୁ ଉପସ୍ଥିତ ଥିଲେ ।




ସୂଚନା

ସମୟ

BHIM BHARAT INTERFACE FOR MONEY

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


# ଆନ୍ତଃ ଜିଲ୍ଲା କ୍ରିକେଟ: ଭୁବନେଶ୍ୱର ଏ’, କୋରାପୁଟ, ଅନୁଗୁଳ, ଗଞ୍ଜାମ ବିଜୟୀ

ଭୁବନେଶ୍ୱର,୨୪।୫(ସବ୍ୟୁ): ୧୯ ବର୍ଷରୁ କମ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟ ପ୍ରିଲିମିନାରୀ ଲିଗର ଚତୁର୍ଥ ଦିନ ଅନୁଷ୍ଠିତ ମ୍ୟାଚ ଗୁଡିକରେ ଭୁବନେଶ୍ୱର ଏ’, କେରାପୁଟ, ଅନୁଗୁଳ, ଗଞ୍ଜାମ, ଝାରସୁଗୁଡା, ମାଲକାନାଗିରି, କଟକ ଏ’, ବାଲେଶ୍ୱର ଏବଂ ପୁରୀ ବିଜୟୀ ହୋଇଛନ୍ତି । ରେଭେନ୍ସା ନଂ.୨ ଗ୍ରାଉଣ୍ଡରେ ଭୁବନେଶ୍ୱର ଏ’ ୭ ୱିକେଟରେ ଢ଼େଙ୍କାନାଳକୁ ହରାଇଛି । ଏହି ମ୍ୟାଚରେ ଢ଼େଙ୍କାନାଳ ୨୮.୨ ଓଭରରେ ୧୦୬ ରନ କରି ଅଲଆଉଟ୍ ହୋଇଥିଲା । ଜବାବରେ ଭୁବନେଶ୍ୱର ଏ ୭.୩ ଓଭରରେ ୧୦୮/୩ ଲକ୍ଷ୍ୟ ହାସଲ କରିନେଇଥିଲା ।

ବିଡ଼ାନାସୀ ଗ୍ରାଉଣ୍ଡରେ କୋରାପୁଟ ୫ ୱିକେଟରେ ବରଗଡ଼କୁ ହରାଇଛି । ଏହି ମ୍ୟାଚରେ ବରଗଡ଼ ୨୬.୪ ଓଭରରେ ୧୩୪ ରନ୍ କରିଥିଲା । କୋରାପୁଟ ୨୩ ଓଭରରେ ୧୩୮/୫ ରନ କରି ବିଜୟୀ ହୋଇଥିଲା । ରେଳବାଇ ଗ୍ରାଉଣ୍ଡରେ ଅନୁଗୁଳ ୧୯ ରନ୍ ବ୍ୟବଧାନରେ ବଲାଙ୍ଗୀରକୁ ହରାଇଛି । ଅନୁଗୁଳ ୪୨ ଓଭରରେ ୨୨୨/୯ ରନ୍ କରିଥିଲା । ଜବାବରେ ବଲାଙ୍ଗୀର ୩୮.୪ ଓଭରରେ ୨୦୩ ରନ୍ କରି ଅଲଆଉଟ୍ ହୋଇଥିଲା । ଅଡଶପୁର ଗ୍ରାଉଣ୍ଡରେ ଗଞ୍ଜାମ ୧ ୱିକେଟରେ ଖୋର୍ଦ୍ଧାକୁ ହରାଇଛି । ଖୋର୍ଦ୍ଧା ୩୨.୨ ଓଭରରେ ୧୦୬ ରନ କରିଥିଲା । ଜବାବରେ ଗଞ୍ଜାମ ୩୦.୪ ଓଭରରେ ୧୦୭/୯ ରନ୍ କରି ଜିତିଥିଲା । ଡ୍ରିମ୍ସ ଗ୍ରାଉଣ୍ଡରେ ଝାରସୁଗୁଡା ୮୬ ରନ୍ ବ୍ୟବଧାନରେ ମୟୂରଭଞ୍ଜକୁ ହରାଇଛି । ଝାରସୁଗୁଡା ୪୨ ଓଭରରେ ୧୬୯ ରନ୍ କରିଥିଲା । ଜବାବରେ ମୟୂରଭଞ୍ଜ ୨୭ ଓଭରରେ ୮୩ ରନ୍ କରି ଅଲଆଉଟ୍ ହୋଇଥିଲା । ଖୋର୍ଦ୍ଧା ଗ୍ରାଉଣ୍ଡରେ ମାଲକାନାଗିରି ୨୦୩ ରନ ବ୍ୟବଧାନରେ ନୂଆପଡାକୁ ହରାଇଛି । ମାଲକାନଗିରି ୪୦ ଓଭରରେ ୮ ୱିକେଟ ହରାଇ ୨୯୮ ରନ୍ କରିଥିଲା । ଜବାବରେ ନୂଆପଡା ୨୨.୪ ଓଭରରେ ୯୫ ରନ କରି ଅଲଆଉଟ ହୋଇଥିଲା । ସନସାଇନ ଗ୍ରାଉଣ୍ଡରେ କଟକ ଏ ୧୯୯ ରନ ବ୍ୟବଧାନରେ ଜଗତସିଂହପୁରକୁ ହରାଇଛି । କଟକ ଏ’ ୪୭ ଓଭରରେ ୪ ୱିକେଟ ହରାଇ ୩୯୨ ରନ କରିଥିଲା । ବେଦାନ୍ତ ସର୍ବାଧିକ ୨୨୬ ରନର ଇନିଂସ ଖେଳିଥିଲେ । ଜବାବରେ ଜଗତସିଂହପୁର ୪୧.୩ ଓଭରରେ ୧୯୩ ରନ କରି ଅଲଆଉଟ୍ ହୋଇଥିଲା । ନିମପୁର ଗ୍ରାଉଣ୍ଡରେ ବାଲେଶ୍ୱର ୧୪୯ ରନ୍ ବ୍ୟବଧାନରେ କେନ୍ଦୁଝରକୁ ହରାଇଛି । ଏହି ମ୍ୟାଚରେ କେନ୍ଦୁଝର ୩୩.୫ ଓଭରରେ ୧୪୬ ରନ କରି ଅଲଆଉଟ୍ ହୋଇଥିଲା । ଜବାବରେ ବାଲେଶ୍ୱର ୩୧.୨ ଓଭରରେ ୧୪୯/୨ ରନ୍ କରି ବିଜୟୀ ହୋଇଛି । ରେଭେନ୍ସା ନଂ.୧ ଗ୍ରାଉଣ୍ଡରେ ପୁରୀ ୨ ୱିକେଟରେ ସୋନପୁରକୁ ହରାଇଛି । ପ୍ରଥମେ ବ୍ୟାଟିଂ କରି ସୋନପୁର ୩୬.୪ ଓଭରରେ ୧୪୪ ରନ୍ କରିଥିଲା । ଜବାବରେ ପୁରୀ ୩୦.୪ ଓଭରରେ ୧୪୫.୮ ରନ୍ କରି ବିଜୟୀ ହୋଇଥିଲା ।




ସମୟ ସମୟ LIVE

Check out this amazing Odia News app

ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର

Andriod IOS

Download Now:
https://play.google.com/
store/app/details/
id- com.samayalive.app



Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି